NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 8+16 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର୍' ସହ

SUNDAY
10 MAY 2026
ରବିବାର
୧୦ ମେ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 351 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ ● ସଂଖ୍ୟା ୩୫୧ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

## ରାଜା ସୁବ୍ରମଣି ନୂଆ ସିଡିଏସ୍

### ୩୦ରେ ସରିବ ଅନୀଲ ଚୌହ୍ୱାନଙ୍କ କାର୍ଯ୍ୟକାଳ

**ନୂଆଦିଲ୍ଲୀ,୯।୫/ଏନ୍ଏନ୍ଏସ୍:**



କେନ୍ଦ୍ର ସରକାର ଦେଶର ନୂଆ ନୂଆ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍)ଭାବେ ଲେଫ୍ଟନାଣ୍ଟ ଜେନେରାଲ୍ ଏନ୍.ଏସ୍ ରାଜା ସୁବ୍ରମଣିଙ୍କୁ ନିଯୁକ୍ତ କରିଛନ୍ତି। ଯାହାଙ୍କ ହାତରେ ରହିବ ତିନୋଟି ସେନାର କମାଣ୍ଡ। ବର୍ତ୍ତମାନର ସିଡିଏସ୍ ଅନିଲ ଚୌହ୍ୱାନଙ୍କ ସ୍ଥାନ ନେବେ ସୁବ୍ରମଣି। ସିଡିଏସ୍ ସହ ସାମରିକ ବ୍ୟାପାର ବିଭାଗର ସଚିବ ଭାବେ ମଧ୍ୟ ତାଙ୍କୁ କେନ୍ଦ୍ର ସରକାର ଦାୟିତ୍ୱ ଦେଇଛନ୍ତି। ବର୍ତ୍ତମାନର ସିଡିଏସ୍ ▶▶ ୬

## ପୃଥକ୍ ଦୁର୍ଘଟଣାରେ ୪ ମୃତ

**ରାୟଗଡ଼ା,ମାଲକାନଗିରି, ୯।୫/ଏନ୍ଏନ୍ଏସ୍:**

**ବାଇକ୍‌କୁ ଧକ୍କା ଦେଲା କାର୍, ଦମ୍ପତି ମୃତ**

**ଟ୍ରକ୍‌କୁ ପିଟିଲା କାର୍: ବାପା, ପୁଅ ମୃତ**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ କୃଷ୍ଣନଗର ନିକଟରେ ଏବଂ ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ମାଥିଲି ଥାନା ନିକଟରେ ଦୁଇଟି ପୃଥକ ସଡ଼କ ଦୁର୍ଘଟଣା ଘଟି ମୋଟ୍ ୪ଜଣଙ୍କ ମୃତ୍ୟୁ ହୋଇଛି। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ କୃଷ୍ଣନଗର ନିକଟରେ ଦ୍ରୁତ ଗତିରେ ଆସୁଥିବା କାର୍ ଏକ ବାଇକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତକ ଦମ୍ପତି ହେଲେ ଦେବ ଭତ୍ରା ଓ ଶକୁନ୍ତଳା ଭତ୍ରା। ଉଭୟ ସ୍ୱାମୀ-ସ୍ତ୍ରୀ କୌଣସି କାମରେ ▶▶ ୬

## କ୍ରିଷ୍ଣା ସ୍ୱାମୀନାଥନ୍ ନୌସେନା ମୁଖ୍ୟ

### ୩୧ ତାରିଖରେ ନେବେ ଦାୟିତ୍ୱ

**ନୂଆଦିଲ୍ଲୀ,୯।୫/ଏଜେନ୍ସି:**



ଭାଇସ୍ ଆଡମିରାଲ୍ କ୍ରିଷ୍ଣା ସ୍ୱାମୀନାଥନ ହେବାକୁ ଯାଉଛନ୍ତି ଭାରତୀୟ ନୌସେନାର ପରବର୍ତ୍ତୀ ମୁଖ୍ୟ। ଭାରତ ସରକାର ଭାଇସ୍ ତାଙ୍କୁ ନୌସେନାର ପରବର୍ତ୍ତୀ ମୁଖ୍ୟ ଭାବେ ନିଯୁକ୍ତ କରିଛନ୍ତି। ବର୍ତ୍ତମାନର ନୌସେନା ମୁଖ୍ୟଙ୍କ କାର୍ଯ୍ୟକାଳ ସରିବା ପରେ ଆସନ୍ତା ୩୧ ତାରିଖରେ ସେ ବିଧିବଦ୍ଧ ଭାବେ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିବେ। ଜଣେ ଦକ୍ଷ ଏବଂ ଅଭିଜ୍ଞ ଅଧିକାରୀ ଭାବେ ସ୍ୱାମୀନାଥନଙ୍କର ସାରା ଦେଶରେ ସୁଖ୍ୟାତି ରହିଛି। ସେ ୨୦୨୮ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଏହି ପଦବୀରେ ରହି ଦେଶ ସେବା କରିବେ। ବର୍ତ୍ତମାନ ମୁମ୍ବାଇରେ ୱେଷ୍ଟର୍ଣ୍ଣ ନୌସେନା କମାଣ୍ଡର ଭାବେ କାର୍ଯ୍ୟରତ ଅଛନ୍ତି ସ୍ୱାମୀନାଥନ। ସେ ଜଣେ କମ୍ୟୁନିକେସନ ଏବଂ ଇଲେକ୍ଟ୍ରୋନିକ ୱାରଫେୟାର ଏକ୍ସପର୍ଟ ▶▶ ୬

## 'ଅଗ୍ନି'ର ସଫଳ ପରୀକ୍ଷଣ

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:**

ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଯୋଡ଼ି ହୋଇଛି ଏକ ନୂଆ ସଫଳତା। ଓଡ଼ିଶା ଉପକୂଳରୁ ଅତ୍ୟାଧୁନିକ 'ଅଗ୍ନି' ମିସାଇଲର ସଫଳ ପରୀକ୍ଷଣ କରାଯାଇଛି। ଏହି ମିସାଇଲର ବିଶେଷତ୍ୱ ହେଉଛି, ଏହା ଏକାସାଙ୍ଗରେ ବିଭିନ୍ନ ସ୍ଥାନରେ ଥିବା ଏକାଧିକ ଶତ୍ରୁ ଶିବିରକୁ ଧ୍ୱଂସ କରିବାର କ୍ଷମତା ରଖିଛି। ଶୁକ୍ରବାର ଓଡ଼ିଶାର ଅବଦୁଲ କଲାମ ଦ୍ୱୀପରୁ ଏହି ଅତ୍ୟାଧୁନିକ ଅଗ୍ନି ମିସାଇଲର ଉତକ୍ଷେପଣ କରାଯାଇଥିଲା। ଏଥିରେ ଏମ୍ଆଇଆର୍‌ଭି (ମଲଟିପଲ୍ ଇଣ୍ଡିପେଣ୍ଡେଣ୍ଟଲି ଟାର୍ଗେଟେଡ ରି-ଏଣ୍ଟ୍ରି ଭେଇକିଲ୍ ) ଟେକ୍ନୋଲୋଜି ବ୍ୟବହାର କରାଯାଇଛି।



ପରୀକ୍ଷଣ ସମୟରେ ଏହି ମିସାଇଲ୍ ଭାରତ ମହାସାଗର ଅଞ୍ଚଳରେ ଅଲଗା ଅଲଗା ସ୍ଥାନରେ ଥିବା ଏକାଧିକ ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଛି। ଏହି ଶକ୍ତିଶାଳୀ କ୍ଷେପଣାସ୍ତ୍ରକୁ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ ବା ଡିଆରଡିଓ ବିକଶିତ କରିଛି। ମିସାଇଲର ଗତିପଥ ଏବଂ ଲକ୍ଷ୍ୟଭେଦକୁ ଭୂମି ଓ ଜାହାଜରେ ଥିବା ଟ୍ରାକିଂ ସିଷ୍ଟମ ଜରିଆରେ ନଜର ରଖାଯାଇଥିଲା। ସମସ୍ତ ମିଶନ ଉଦ୍ଦେଶ୍ୟ ସଫଳତାର ସହ ପୂରଣ ହୋଇଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହି ସଫଳ ପରୀକ୍ଷଣ ଦ୍ୱାରା ଦେଶର ପ୍ରତିରକ୍ଷା ପ୍ରସ୍ତୁତି ଆହୁରି ମଜବୁତ ହୋଇଛି। ବଢୁଥିବା ବିପଦକୁ ଦୃଷ୍ଟିରେ ରଖି ଏହି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଭାରତକୁ ଏକ ଅଦ୍ଭୁତ ଶକ୍ତି ପ୍ରଦାନ କରିବ ବୋଲି ରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି। ଏହି ଗୋଟିଏ ମିସାଇଲ ସାହାଯ୍ୟରେ ବିଭିନ୍ନ ଭୌଗୋଳିକ ଅଞ୍ଚଳରେ ଥିବା ଏକାଧିକ ରଣନୈତିକ ଲକ୍ଷ୍ୟକୁ ଟାର୍ଗେଟ୍ କରିପାରିବ। ଶତ୍ରୁ ପକ୍ଷର ଆଣ୍ଟି-ମିସାଇଲ୍ ସିଷ୍ଟମକୁ ଚକମା ଦେବାରେ ଏହା ବେଶ୍ ସହାୟକ ହେବ। ଏହି ସଫଳତା ସହ ଭାରତ ଏବେ ବିଶ୍ୱର ସେହି ସୀମିତ ଦେଶଙ୍କ ତାଲିକାରେ ସାମିଲ ହୋଇଛି, ଯାହାଙ୍କ ପାଖରେ ଏମ୍ଆଇଆର୍‌ଭି ଟେକ୍ନୋଲୋଜି ରହିଛି।

# ପଶ୍ଚିମବଙ୍ଗରେ ଶୁଭେନ୍ଦୁ ସରକାର

## ୫ ମନ୍ତ୍ରୀଙ୍କ ସହ ନେଲେ ଶପଥ, 'ସୋନାର ବାଂଲା'ର ନେଲେ ଦାୟିତ୍ୱ

**କୋଲକାତା, ୯।୫/ଏଜେନ୍ସି:**

ପଶ୍ଚିମବଙ୍ଗରେ ପୂରଣ ହେଲା ପଣ୍ଡିତ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସ୍ୱପ୍ନ। ପ୍ରଥମ ଥର ପାଇଁ ରାଜ୍ୟରେ ଦାୟିତ୍ୱ ନେଇଛି ବିଜେପି ସରକାର। ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥଗ୍ରହଣ କରିଛନ୍ତି। ଏଥିସହ ସେ ପଶ୍ଚିମବଙ୍ଗରେ ବିଜେପିର ପ୍ରଥମ ମୁଖ୍ୟମନ୍ତ୍ରୀ ହେବାର ମଧ୍ୟ ସୌଭାଗ୍ୟ ଅର୍ଜନ କରିଛନ୍ତି। ଶୁଭେନ୍ଦୁଙ୍କ ସହ ଦିଲୀପ ଘୋଷ, ଅଗ୍ନିମିତ୍ରା ପଲ୍, ଅଶୋକ କୀର୍ତ୍ତନିୟା, ଖୁଦିରାମ ଟୁଡୁ, ନିଶିଥ ପ୍ରାମାଣିକ ପ୍ରମୁଖ ୫ଜଣ ମଧ୍ୟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଶୁଭେନ୍ଦୁଙ୍କ ସମେତ ସମସ୍ତ ମନ୍ତ୍ରୀ ମାତୃଭାଷା 'ବାଂଲା'ରେ ଈଶ୍ୱରଙ୍କ ନାମରେ ଶପଥ ଗ୍ରହଣ କରିବା ଦେଖିବାକୁ ମିଳିଥିଲା। ରାଜ୍ୟପାଳ ଆର୍ ଏନ୍ ରବି ନୂଆ ମୁଖ୍ୟମନ୍ତ୍ରୀ ତଥା ମନ୍ତ୍ରୀମାନଙ୍କୁ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। କୋଲକାତାର ଐତିହାସିକ ବ୍ରିଗେଡ୍ ପ୍ୟାରେଡ୍ ଗ୍ରାଉଣ୍ଡରେ ଏହି ଶପଥ ସମାରୋହ ଅନୁଷ୍ଠିତ ହୋଇଥିଲା।ପିଏମ୍ ମୋଦୀ ଓ ଗୃହମନ୍ତ୍ରୀ ଶାହଙ୍କ ସହ ୨୦ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ-ଉପମୁଖ୍ୟମନ୍ତ୍ରୀ ଐତିହାସିକ ବିଜେପି ସରକାରର ସାକ୍ଷୀ ରହିଛନ୍ତି।





**ବଙ୍ଗଳାକୁ ମିଳିଲା ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ**

**ମଞ୍ଚରେ ଆଣ୍ଠୁମାଡ଼ି ବଙ୍ଗବାସୀଙ୍କୁ ପ୍ରଣାମ କଲେ ପ୍ରଧାନମନ୍ତ୍ରୀ**

ଶପଥ ପାଠ ପରେ ଶୁଭେନ୍ଦୁ, କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କରିଥିଲେ। ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟବାସୀଙ୍କୁ ସମ୍ବୋଧିତ କରିବାକୁ ଯାଇ ସେ କହିଛନ୍ତି, ତାଙ୍କ ସରକାରର ପ୍ରଥମ ଲକ୍ଷ୍ୟ ହେଉଛି ବଙ୍ଗଳାରେ ଆଇନ ଶୃଙ୍ଖଳା ସ୍ଥିତି ସୁଧାରିବା ଏବଂ କେନ୍ଦ୍ରୀୟ ଯୋଜନାଗୁଡ଼ିକୁ (ଯେମିତିକି ଆୟୁଷ୍ମାନ ଭାରତ ଓ କିଷାନ ସମ୍ମାନ ନିଧି) ରାଜ୍ୟରେ ଶୀଘ୍ର ଲାଗୁ କରିବା। ତେବେ ଆଜିର ଦିନ ପଶ୍ଚିମବଙ୍ଗ ପାଇଁ ଏକ ନୂଆ ଆରମ୍ଭ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ଆଜିର ଏହି ଶପଥ ସମାରୋହ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ରାଜନାଥ ସିଂ, ନିତିନ ଗଡ଼କରୀ, ଶିବରାଜ ସିଂ ଚୌହାନଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ଥିଲେ। ଏଥିସହ ଏନ୍‌ଡିଏ ଏବଂ ବିଜେପି ଶାସିତ ରାଜ୍ୟର ୨୦ ଜଣ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ଏକ ରୋଡ୍ ଶୋ' କରି କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚିଥିଲେ ଏବଂ ମଞ୍ଚରେ ରବୀନ୍ଦ୍ରନାଥ ଟାଗୋରଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ପ୍ରଧାନମନ୍ତ୍ରୀ ବିଜେପିର ୯୮ ବର୍ଷୀୟ ବୟସ୍କ କର୍ମକର୍ତ୍ତା ମାଖନଲାଲ ସରକାରଙ୍କ ପାଖକୁ ଯାଇ ତାଙ୍କୁ ଶାଲ୍ ଉଢ଼ାଇବା ସହ ତାଙ୍କ ପାଦ ଛୁଇଁ ସମ୍ମାନ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କ ଶପଥ ପାଠ ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ମୋଦୀ ମଞ୍ଚରୁ ଆଣ୍ଠୁ ମାଡ଼ି ବସି ବଙ୍ଗଳାର ଜନସାଧାରଣଙ୍କୁ ପ୍ରଣାମ କରିଥିଲେ।

ଦୀର୍ଘ ଦଶନ୍ଧି ଧରି ବାମପନ୍ଥୀ ଏବଂ ▶▶ ୬

### ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୫ ଘୋଷଣା

## ୫ ବର୍ଗରେ ପୁରସ୍କାର ପାଇବ ଓଡ଼ିଶା

**ନୂଆଦିଲ୍ଲୀ,୯।୫/ଏଜେନ୍ସି:**

ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୫ ଘୋଷଣା କରାଯାଇଛି। ବିଭିନ୍ନ ବର୍ଗରେ ପୁରସ୍କାର ପାଇଁ ଦେଶର ୪୨ଟି ପଞ୍ଚାୟତକୁ ମନୋନୀତ କରାଯାଇଛି। ଆସନ୍ତା ଜୁନ୍ ୩ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସମାରୋହରେ ପୁରସ୍କାର ବିତରଣ କରାଯିବ। ୯ଟି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ ଦିଗରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ମନୋନୀତ ପଞ୍ଚାୟତଗୁଡ଼ିକୁ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ବିକାଶ ପୁରସ୍କାର ଦିଆଯିବ। ୧୭ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ୩୪ଟି ପଞ୍ଚାୟତକୁ ତିନୋଟି ବର୍ଗରେ ଏହି ପୁରସ୍କାର ଦିଆଯିବ। ସେହିପରି ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ, ଶ୍ରେଷ୍ଠ ବ୍ଲକ୍ ପଞ୍ଚାୟତ ଏବଂ ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ବର୍ଗରେ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବିଜେତା ପଞ୍ଚାୟତଗୁଡ଼ିକୁ ପୁରସ୍କାର ରାଶି ସ୍ୱରୂପ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶି ପ୍ରଦାନ କରାଯିବ। ଜାତୀୟ ପଞ୍ଚାୟତ ପୁରସ୍କାରରେ କର୍ଣ୍ଣାଟକ ସର୍ବାଧିକ ୬ଟି ପୁରସ୍କାର ପାଇବାକୁ ଯାଉଥିବା ବେଳେ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ୫ଟି ଲେଖାଏଁ ବର୍ଗରେ ପୁରସ୍କୃତ ହେବେ। ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ ପୋଟଲମପୁର

**ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ପୁରସ୍କାର ବର୍ଗରେ ଗଞ୍ଜାମ**

ପଞ୍ଚାୟତ ସୁସ୍ଥ ପଞ୍ଚାୟତ ଭାବେ ପୁରସ୍କୃତ ହେବାକୁ ମନୋନୀତ ହୋଇଛି। ଏହି ପଞ୍ଚାୟତକୁ ତୃତୀୟ ବର୍ଗରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିବ। ଜଳ ସ୍ୱଚ୍ଛଳତା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକର ପଡୁଆ ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯିବ। ସ୍ୱଚ୍ଛ ଏବଂ ସବୁଜ ପଞ୍ଚାୟତ ବର୍ଗରେ ତୃତୀୟ ସ୍ଥାନ ହାସଲ କରିଥିବା ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକର ହାତୀବନ୍ଧ ପଞ୍ଚାୟତକୁ ୩୭ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ମିଳିବ। ଅନ୍ୟପଟେ ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକର ମଦାର ପଞ୍ଚାୟତ ସାମାଜିକ ନ୍ୟାୟ ଏବଂ ସାମାଜିକ ଦୃଷ୍ଟିରୁ ସୁରକ୍ଷିତ ପଞ୍ଚାୟତ ଭାବେ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଏହି ପଞ୍ଚାୟତକୁ ମଧ୍ୟ ୩୭ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯିବ। ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ବର୍ଗରେ ଗଞ୍ଜାମ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହି ପୁରସ୍କାର ବାବଦରେ ଗଞ୍ଜାମକୁ ୩ କୋଟି ଟଙ୍କାର ପୁରସ୍କାର ମିଳିବ। ଦେଶର ଗ୍ରାମାଞ୍ଚଳରେ ସମାବେଶୀ, ଅନ୍ତର୍ଭୁକ୍ତିମୂଳକ ଏବଂ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଦେବା ଲାଗି ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ଏହି ପୁରସ୍କାର ଜରିଆରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ପଞ୍ଚାୟତଗୁଡ଼ିକୁ ଜାତୀୟ ସ୍ତରର ମାନ୍ୟତା ଏବଂ ଆର୍ଥିକ ପ୍ରୋତ୍ସାହନ ମିଳିଥାଏ ।

### ବାଲିଅନ୍ତା ମବ୍ ଲିଞ୍ଚିଙ୍ଗ୍ ଘଟଣା

## କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:**



ଭୁବନେଶ୍ୱର ବାଲିଅନ୍ତା ଅଞ୍ଚଳରେ ଘଟିଥିବା ଭିଡ଼ ହତ୍ୟା(ମବ୍ ଲିଞ୍ଚିଙ୍ଗ୍) ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତ୍ୟନ୍ତ କ୍ଷୁବ୍ଧ ହୋଇଛନ୍ତି।

**ଘଟଣାର ପୁନରାବୃତ୍ତି ନହେବା ପାଇଁ ଡିଜିପିଙ୍କୁ ତାଗିଦ୍**

**ଗିରଫ ସଂଖ୍ୟା ୧୧କୁ ବୃଦ୍ଧି**

ଏହି ଅମାନୁଷିକ କାଣ୍ଡର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ କ୍ରାଇମବ୍ରାଞ୍ଚକୁ ଦାୟିତ୍ୱ ଦେଇଥିବା ବେଳେ ପୁଲିସ ପ୍ରଶାସନକୁ କଡ଼ା ଚେତାବନୀ ଦେଇଛନ୍ତି।

ଶନିବାର ସନ୍ଧ୍ୟାରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଅଧ୍ୟକ୍ଷତାରେ ବାଲିଅନ୍ତା ମବ୍ ଲିଞ୍ଚିଙ୍ଗ୍ ଘଟଣା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଘଟଣା ସମ୍ପର୍କରେ ସବିସ୍ତୃତ ଆଲୋଚନା କରିବା ପରେ କ୍ରାଇମ୍‌ବ୍ରାଞ୍ଚ୍ ଦ୍ୱାରା ଏହି ଘଟଣାର ସଠିକ୍ ଓ ପୁଙ୍ଖାନୁପୁଙ୍ଖ ଯାଞ୍ଚ୍ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ହୁଏ, ସେଥିପାଇଁ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆଙ୍କୁ ସତର୍କ ଓ ସଜାଗ ରହିବା ପାଇଁ ମୁଖ୍ୟମନ୍ତ୍ରୀ ତାଗିଦ୍ କରିଥିଲେ। ଅପରାଧ ବିରୁଦ୍ଧରେ ଜିରୋ ଟଲେରାନ୍ସ ▶▶ ୬

## ୧୧ରୁ ପୁଣି ଭିତର ରତ୍ନଭଣ୍ଡାର ଗଣତିମଣତି

**ପୁରୀ,୯।୫/ଏନ୍ଏନ୍ଏସ୍:**

ଦୀର୍ଘ ଦିନର ବିରତି ପରେ ଆସନ୍ତା ୧୧ ତାରିଖରୁ ପୁଣି ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ ଆରମ୍ଭ ହେବ। ଆସନ୍ତା ୧୧ ଓ ୧୨ ତାରିଖ ଦୁଇଦିନ ଧରି ରତ୍ନ ଅଳଙ୍କାର ଗଣତି ମଣତି କାର୍ଯ୍ୟ କରାଯିବ ବୋଲି ଶନିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି । ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ପାଇଁ ଗଣତି ମଣତି କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ଶନିବାର ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ବାହାର ଚନ୍ଦନ ଯାତ୍ରାର ଅନ୍ତିମ ଦିବସ ଥିବାବେଳେ ରବିବାର ଅର୍ଥାତ ଆସନ୍ତାକାଲି ଠାକୁରଙ୍କ ହଳଦୀ ପାଣି ନୀତି ରହିଛି । ଏଣୁ ଠାକୁରଙ୍କ ନୀତି କାନ୍ତିରେ ଯେଭଳି କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ ସେଥିପାଇଁ ଗଣତି ମଣତି କାର୍ଯ୍ୟ ବନ୍ଦ ରଖାଯାଇଛି। ରାଜ୍ୟ ସରକାରଙ୍କ ଏସଓପି ଅନୁଯାୟୀ ଆସନ୍ତା ୧୧ ତାରିଖରୁ ଗଣତି ମଣତି କାର୍ଯ୍ୟ ଆରମ୍ଭ ହେବ। ଏହି କାର୍ଯ୍ୟ କେବେ ସରିବ ଏବେ କହିବା ସମ୍ଭବ ନୁହେଁ । ସମସ୍ତ କାର୍ଯ୍ୟ ରାଜ୍ୟ ସରକାରଙ୍କ ▶▶ ୬

### ହଟିଲା ତାମିଲନାଡୁରେ ସରକାର ଗଠନ ସସ୍‌ପେନ୍ସ

# ବିଜୟ ହେବେ ନୂଆ ମୁଖ୍ୟମନ୍ତ୍ରୀ

**ଚେନ୍ନାଇ,୯।୫/ଏଜେନ୍ସି:**

ତାମିଲନାଡୁରେ ସରକାର ଗଠନ ପ୍ରକ୍ରିୟା ନେଇ ଯେଉଁ ଡ୍ରାମା ଗତ ୪ ଦିନ ଧରି ଚାଲିଥିଲା ସେଥିରେ ଯବନିକା ପଡ଼ିଛି। ୧୦୮ ଜିତି ସଂଖ୍ୟା ଗରିଷ୍ଠ ଦଳ ଭାବେ ଉଭା ହୋଇଥିବା ଟିଭିକେ ହିଁ ସରକାର ଗଠନ କରିବା ଆଜି ବିଳମ୍ବିତ ରାତି ସୁଦ୍ଧା ଚୂଡାନ୍ତ ହୋଇଯାଇଛି। ଟିଭିକେ ମୁଖ୍ୟ ତଥା ଅଭିନେତା ଥଲାପତି ସି. ଜୋସେଫ୍ ବିଜୟ ହିଁ ଆସନ୍ତା କାଲି ଅର୍ଥାତ୍ ରବିବାର ରାଜ୍ୟର ୯ମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ଚେନ୍ନାଇର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ନୂତନ ସରକାରଙ୍କ ଶପଥ ଗ୍ରହଣ ସମାରୋହ ସକାଳ ୧୦ଟାରୁ ଅନୁଷ୍ଠିତ ହେବ। ସେହିପରି ଆସନ୍ତା ବୁଧବାର ରାଜ୍ୟ ବିଧାନସଭାରେ ମଧ୍ୟ ବିଜୟଙ୍କୁ ସଂଖ୍ୟା ଗରିଷ୍ଠତାର ପ୍ରମାଣ ଦେବାକୁ ହେବ। ଯଦିଓ ସବୁକିଛି ସ୍ପଷ୍ଟ ହୋଇସାରିଛି ତଥାପି ବିଧାନସଭାରେ ସଂଖ୍ୟା ଗରିଷ୍ଠତାର ପ୍ରମାଣ ଦେବା ବିଜୟ ପାଇଁ ଅଗ୍ନିପରୀକ୍ଷା ହେବ।




ବିଜୟ ଶନିବାର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ରାଜଭବନରେ ଭେଟି ସରକାର ଗଠନ ପାଇଁ ୧୨୦ ବିଧାୟକଙ୍କ ସମର୍ଥନ ପତ୍ର ପ୍ରଦାନ କରିଛନ୍ତି ଯାହାକି ସରକାର ଗଢ଼ିବା ପାଇଁ ଯଥେଷ୍ଟ। ପ୍ରକାଶ, ବିଜୟଙ୍କୁ ବହୁମତ ପ୍ରମାଣ କରିବା ପାଇଁ ୧୧୮ ଜଣ ବିଧାୟକଙ୍କ ଆବଶ୍ୟକତା ଥିଲା। ତେବେ ଗତ କାଲି ସୁଦ୍ଧା ବିଜୟ ନିଜ ଦଳର ୧୦୭ ବିଧାୟକଙ୍କ ସହ କଂଗ୍ରେସର ୫, ସିପିଆଇ, ସିପିଆଇ(ଏମ୍)ର ୨ ଲେଖାଏ ବିଧାୟକଙ୍କୁ ମିଶାଇ ମୋଟ୍ ୧୧୬ ବିଧାୟକଙ୍କ ସମର୍ଥନ ହାସଲ କରିବାରେ ସଫଳ ହୋଇଥିଲେ। ତେବେ ଶନିବାର ଭିସିକେ ଏବଂ ଆଇୟୁଏମ୍ଏଲ୍ ମଧ୍ୟ ଟିଭିକେ ପ୍ରତି ସମର୍ଥନ ବ୍ୟକ୍ତ କରିଛନ୍ତି। ଏହି ଦୁଇ ଦଳରୁ ୨-୨ ଲେଖାଏ ବିଧାୟକ ଅର୍ଥାତ୍ ୪ ବିଧାୟକଙ୍କ ସମର୍ଥନ ମିଳିବା ପରେ ବିଜୟଙ୍କ ପାଖରେ ଏବେ ମୋଟ୍ ୧୨୦ ବିଧାୟକଙ୍କ ସମର୍ଥନ ହୋଇଯାଇଛି।

**ସମର୍ଥନ ଦେଲେ କଂଗ୍ରେସ ସମେତ ୫ ଦଳ**

**ଆଜି ଶପଥ ଗ୍ରହଣ ସମାରୋହ**

ପ୍ରକାଶ, ବିଜୟଙ୍କ ଦଳ ୧୦୮ ଆସନ ଜିତିଥିଲେ ମଧ୍ୟ ଏଥିମଧ୍ୟରୁ ବିଜୟ ଦୁଇଟି ଆସନରୁ ବିଜୟ ହୋଇଥିବାରୁ ଗୋଟିଏକୁ ଛାଡିବାକୁ ହେବ। ସୁତରାଂ ଟିଭିକେ ପାଖରେ ୧୦୭ ବିଧାୟକଙ୍କ ସମର୍ଥନ ହିଁ ରହିଥିଲା। ମେ ୪ ତାରିଖରେ ▶▶ ୬

### ରାଜଧାନୀରେ ମର୍ମନ୍ତୁଦ ଦୁର୍ଘଟଣା

## ଚାଲିଗଲା ୩ ଜୀବନ

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:**

ଶନିବାର ଭୁବନେଶ୍ୱର ବରମୁଣ୍ଡା ଓଭରବ୍ରିଜରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଟ୍ରକ ଦୁଇଟି ଗାଡ଼ି(ସ୍କୁଟି, ବାଇକ) ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ଯୁବତୀ ଅଛନ୍ତି। ଏଥିସହ ଜଣେ ଗୁରୁତର ହୋଇଛନ୍ତି। ଘଟଣା ସ୍ଥଳରେ ଖଣ୍ଡଗିରି ଥାନା ପୁଲିସ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ମେଡିକାଲ୍ ପଠାଇଥିଲା। ଦୁର୍ଘଟଣା ପରେ ଓଭରବ୍ରିଜରେ ଟ୍ରାଫିକ ଜାମ୍ ହୋଇଥିବାବେଳେ ଟ୍ରାଫିକ ପୁଲିସ ଏବଂ ଆଇଆରବି ଫୋର୍ସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିଥିଲେ।

ଭୁବନେଶ୍ୱର ରସୁଲଗଡ଼ ପଟୁ ଗୋଟିଏ ସ୍କୁଟି ଏବଂ ଅନ୍ୟ ଏକ ବାଇକ୍‌ରେ ୪ଜଣ ଆସୁଥିଲେ। ଫାୟାର ଷ୍ଟେସନ ସମ୍ମୁଖ ଓଭର ବ୍ରିଜ୍ ଉପରେ ପଛପଟରୁ ଆସୁଥିବା ଏକ ଟ୍ରକ୍ ଉଭୟ ବାଇକ୍ ଏବଂ ସ୍କୁଟିକୁ ଧକ୍କା ଦେଇଥିଲା। ଟ୍ରକଟି ୨ ଟି ଗାଡ଼ିକୁ ଏତେ ଜୋରରେ ଧକ୍କା ଦେଇଥିଲା ଯେ ବାଇକ୍ ଓ ସ୍କୁଟି ଆରୋହୀ ୩ ଜଣଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଟ୍ରକଟି ଦ୍ରୁତ ଗତିରେ ଫେରାର ହୋଇଯାଇଛି। ଅଗ୍ନିଶମ ବାହିନୀ ଏବଂ ପୁଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଗୁରୁତରଙ୍କର ଚିକିତ୍ସା ଜାରି ରହିଛି। ତେବେ ଦୁର୍ଘଟଣା ▶▶ ୬

# ‘ଜୁଭେଣ୍ଟିକା’ କାର୍ଯ୍ୟକ୍ରମ: କିଶୋରୀ ଓ ଶିଶୁଙ୍କୁ ମିଳିଲା ସାଇବର୍ ସୁରକ୍ଷାର ଗୁରୁମନ୍ତ୍ର



**ପୁରୁଷୋତ୍ତମପୁର,୯।୫/ଏନ୍‌ଏନ୍‌ଏସ୍:** ଓଡ଼ିଶା ପୁଲିସ ପକ୍ଷରୁ ସମଗ୍ର ରାଜ୍ୟର ୫୭୮ ଥାନାରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶରେ ପୁରୁଷୋତ୍ତମପୁର ଥାନାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଥାନା ଅଧିକାରୀ କୁଳମଣୀ ସେଠୀଙ୍କ ତତ୍ତ୍ୱାବଧାନ ଏବଂ ମହିଳା ଓ ଶିଶୁ ଡେସ୍କ ଅଧିକାରୀ ସୁଶାନ୍ତ କୁମାର ମିଶ୍ରଙ୍କ ସଂଯୋଜନାରେ ଏହା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ପିଙ୍କି ବେହେରା ଯୋଗ ଦେଇଥିଲା ବେଳେ ଶିଶୁ ବିକାଶ ଅଧିକାରିଣୀ ଲଳିତା ମଲ୍ଲିକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସୁପରଭାଇଜର୍, କିଶୋରୀ ବାଳିକା, ଅଙ୍ଗନବାଡ଼ି କର୍ମୀ, ଅଙ୍ଗନବାଡ଼ି ଶିଶୁଙ୍କ ସମେତ ଅଧକ୍ଷା ପ୍ରତିନିଧି ଜଗତବନ୍ଧୁ ପଣ୍ଡା, ଜାମୁନି ସରପଞ୍ଚ ଇନ୍ଦ୍ରଜିତ ନାୟକ, ଥାନାର ପୁରୁଷ ଓ ମହିଳା ଷ୍ଟାଫ୍ ଓ କିଛି ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। କିଶୋରୀ ବାଳିକା, ଶିଶୁମାନଙ୍କ ମନରୁ ଭୟ ଦୂର କରିବା ସହ ଜୁଭେଣ୍ଟିକା ମାଧ୍ୟମରେ ଶିଶୁମାନଙ୍କ ଡିଜିଟାଲ ଅଧିକାର ଓ ଅନ୍‌ଲାଇନ୍ ସୁରକ୍ଷାକୁ ନେଇ ସଚେତନତା, ପୁଲିସ ଥାନାରେ ସୁରକ୍ଷିତ ଏବଂ ଭୟମୁକ୍ତ ପରିବେଶ ସୃଷ୍ଟି କରିବା, ସାଇବର ଅପରାଧ ନେଇ ସଚେତନତା, ସୋସିଆଲ ମିଡିଆର ସୁରକ୍ଷିତ ବ୍ୟବହାର ପ୍ରଭୃତି ବିଷୟ ଉପରେ ସଚେତନ କରାଯାଇଥିଲା। ଏହି ଅବସରରେ ଆଇଆଇସି ଶ୍ରୀ ସେଠୀ କିଭଳି ପୁଲିସ ଆଉ ମହିଳା ଓ ଶିଶୁମାନଙ୍କ ମଧ୍ୟରେ ସୁସମ୍ପର୍କ ରହିପାରିବ, ପୁଲିସକୁ କେହି ଭୟ କରିବେ ନାହିଁ, ନିଜର ବନ୍ଧୁ, ବଡ଼ ଭାଇ ଭାବି ନିଜ ଅସୁବିଧା ଓ ସମସ୍ୟାକୁ ନିର୍ଦ୍ୱନ୍ଦ୍ୱରେ ଥାନାକୁ ଆସି ପ୍ରକାଶ କରିବାକୁ କହିଥିଲେ।

## ଲୋକ ଅଦାଲତରେ ସମାଧାନ ହେଲା ୨୭,୪୩୨ ମାମଲା

# ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

**ବ୍ରହ୍ମପୁର,୯।୫/ଏନ୍‌ଏନ୍‌ଏସ୍:** ବ୍ରହ୍ମପୁର ସମେତ ଜିଲ୍ଲାର ସମସ୍ତ ଅଦାଲତରେ ୨୦୨୬ ମସିହାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଲୋକ ଅଦାଲତରେ ମୋଟ ୨୭,୪୩୨ଟି ମାମଲାର ଆପୋଷ ସମାଧାନ କରାଯାଇଥିଲା। ସମୁଦାୟ ୩,୩୫,୦୭,୫୭୮ ଟଙ୍କା ପ୍ରଦାନ ପାଇଁ ଆଦେଶ ହୋଇଥିଲା। ଜାତୀୟ ଆଇନ୍ ସେବା ପ୍ରାକରଣଙ୍କ ନିର୍ଦ୍ଦେଶ କ୍ରମେ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ସମନ୍ୱୟରେ ଗଞ୍ଜାମ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଏହି ଲୋକ ଅଦାଲତ ଆୟୋଜିତ ହୋଇଥିଲା। ପକ୍ଷମାନଙ୍କ ବ୍ୟକ୍ତିଗତ ଉପସ୍ଥିତିରେ ମାମଲାଗୁଡ଼ିକର ସମାଧାନ କରାଯାଇଥିଲା। ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଲୋକ ଅଦାଲତ ପାଇଁ ବିଭିନ୍ନ ନ୍ୟାୟାଳୟରେ ୧୨ଟି ବେଞ୍ଚ ଗଠନ କରାଯାଇଥିଲା। ପ୍ରତ୍ୟେକ ବେଞ୍ଚରେ ଜଣେ ନ୍ୟାୟିକ ଅଧିକାରୀଙ୍କ ସହ ଜଣେ ଆଇନଜୀବୀ ଓ ସମାଜସେବୀଙ୍କୁ ସାମିଲ କରାଯାଇଥିଲା। ମିଳିତ ଭାବେ ମାମଲାଗୁଡ଼ିକର ଆପୋଷ ସମାଧାନ କରିଥିଲେ। ଲୋକ ଅଦାଲତରେ ଫୌଜଦାରୀ ଆପୋଷଯୋଗ୍ୟ ୧୩ଟି ମାମଲାର ସମାଧାନ କରାଯାଇଥିଲା। ନେଗୋସିଏବଲ ଇନଷ୍ଟ୍ରମେଣ୍ଟ ଆଇନ ଧାରା ୧୩୮ ଅନୁସାରେ ୧୫ଟି ମାମଲାର ସମାଧାନ ହୋଇ ୫୬,୭୪,୦୪୪ ଟଙ୍କା ଆଦାୟ ହୋଇଥିଲା। ବ୍ୟାଙ୍କ ଋଣ ଆଦାୟ ସମ୍ବନ୍ଧୀୟ ୯୫ଟି ମାମଲାରେ ୧,୪୨,୯୨,୪୧୩ ଟଙ୍କାର ସମାଧାନ କରାଯାଇଥିଲା। ମୋଟର ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ(ଏମ୍‌ଏସିଟି) ସମ୍ବନ୍ଧୀୟ ୧୧ଟି ମାମଲାର ସମାଧାନ କରାଯାଇ ୮୦,୭୫,୦୦୦ ଟଙ୍କା କ୍ଷତିପୂରଣ ନିର୍ଦ୍ଧାରଣ ହୋଇଥିଲା। ଏହା ସହ ମୋଟର ଯାନ ଆଇନ୍ ଅନୁସାରେ ଟ୍ରାଫିକ ଚାଲାଣ



ସମ୍ବନ୍ଧୀୟ ୨୩୯ଟି ମାମଲାରେ ୫,୮୦,୬୪୭ ଆଦାୟ ହୋଇଥିଲା। ଶ୍ରମ ବିବାଦ ସମ୍ବନ୍ଧୀୟ ୧୮ଟି ମାମଲା, ରେଭେନ୍ୟୁ ସମ୍ବନ୍ଧୀୟ ୨୬,୦୭୩ଟି ମାମଲାର ସମାଧାନ ସହ ୨୯,୫୦, ୪୭୪ ଟଙ୍କା ଆଦାୟ କରାଯାଇଥିଲା। ସ୍ଥାୟୀ ଲୋକ ଅଦାଲତ (ଜନସେବା ସମ୍ବନ୍ଧୀୟ)ର ୪୧ଟି ମାମଲା, ବୈବାହିକ ବିବାଦ ସମ୍ବନ୍ଧୀୟ ୨୭ଟି ମାମଲା ଏବଂ ସିଭିଲ ମାମଲାର ୪୩ଟି ମାମଲାର ସମାଧାନ ହୋଇ ୧୯,୪୫,୦୦୦ ଟଙ୍କାର ନିଷ୍ପତ୍ତି ହୋଇଥିଲା। ଏହା ବ୍ୟତୀତ ମଧ୍ୟସ୍ଥତା ଓ ଆପୋଷ ଯୋଗ୍ୟ ଅନ୍ୟାନ୍ୟ ୮୫୭ଟି ମାମଲାର ମଧ୍ୟ ସମାଧାନ କରାଯାଇଥିଲା।

ଉକ୍ତ ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅଶାନ୍ତ କୁମାର ଦାସ, ୨ୟ ଏମ୍‌ଏସିଟି ମେମ୍ବର ବିଶ୍ୱଜିତ ଦାଶ, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ନରେଶ ମହାନ୍ତି, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଲଳିତା ମଞ୍ଜରୀ ପଟ୍ଟନାୟକ ଓ ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ବିବସ୍ୱତ ଗୌତମ ମୋଟର ଦୁର୍ଘଟଣା ସମ୍ବନ୍ଧୀୟ ମାମଲାର ସମାଧାନରେ ଅଂଶଗ୍ରହଣ କରିଥିଲେ। ଗଞ୍ଜାମ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକ ସମଗ୍ର ଲୋକ ଅଦାଲତର ସୁପରିଚାଳନା କରିଥିଲେ। ଉକ୍ତ ଲୋକ ଅଦାଲତରେ ଜିଲ୍ଲାର ସମସ୍ତ ବିଚାରପତି, ଆଇନଜୀବୀ, ବ୍ୟାଙ୍କ ଅଧିକାରୀ, କୋର୍ଟ କର୍ମଚାରୀ ଓ ସାଧାରଣ ଜନସାଧାରଣ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୩୭୦୦ରୁ ଊର୍ଦ୍ଧ୍ୱ ମାମଲାର ସମାଧାନ

**ଫୁଲବାଣୀ,୯।୫/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା କୋର୍ଟ ପରିସର ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଶନିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି ଅଦାଲତରେ ପ୍ରାକ ମକଦ୍ଦମା ଓ ବିଚାରାଧୀନ ମାମଲାଗୁଡ଼ିକୁ ମିଶାଇ ସର୍ବମୋଟ ୩୭୩୩ଟି ମାମଲାର ସଫଳ ସମାଧାନ କରାଯାଇଛି।

ଲୋକ ଅଦାଲତରେ ପ୍ରାକ ମକଦ୍ଦମାଗୁଡ଼ିକ ମଧ୍ୟରୁ ୧୧ଟି ଅର୍ଥ ଅସୁଲି ମାମଲାରେ ୭ ଲକ୍ଷ ୩୫ ହଜାର ୪୬୨ ଟଙ୍କା, ୯୯୮ଟି ଟ୍ରାଫିକ ଚାଲାଣ ମାମଲାରେ ୩୪ ଲକ୍ଷ ୯୪ ହଜାର ୩୭ ଟଙ୍କା ଏବଂ ଗୋଟିଏ ଶ୍ରମ ବିବାଦ ମାମଲାରେ ୨୧ ଲକ୍ଷ ୮୯ ହଜାର ୪୦୦ ଟଙ୍କା ଆଦାୟ କରାଯାଇଛି। ସେହିପରି ୬ଟି ବିଦ୍ୟୁତ ମାମଲାରେ ୧ ଲକ୍ଷ ୩୭ ହଜାର ୬୫୯ ଟଙ୍କା ଓ ୧୪ଟି ବିଏସଏନଏଲ ମାମଲାରେ ୨୪ ହଜାର ୬୨୦ ଟଙ୍କା ଆଦାୟ ହେବା ସହ ୫ଟି ସ୍ଥାୟୀ ଲୋକ ଅଦାଲତର ସେବା ସମ୍ବନ୍ଧୀୟ ମାମଲାର ବିଚାର କରାଯାଇଛି। ଅଦାଲତରେ ବିଚାରଧୀନ ମାମଲାଗୁଡ଼ିକ ମଧ୍ୟରେ ଗୋଟିଏ ମୋଟରଯାନ ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାରେ ୧୦ ଲକ୍ଷ ଟଙ୍କା ଏବଂ ୨୨ଟି ଖାଉଟି ବିବାଦ ମାମଲାରେ ସର୍ବାଧିକ ୪୭ ଲକ୍ଷ ୪୨ ହଜାର ୫୯୧ ଟଙ୍କା ଆଦାୟ କରାଯାଇଛି। ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ରାମ ଶଙ୍କର ହୋତାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବାର ଅଦାଲତ ବିଚାରପତି ଶ୍ରୀମତୀ ରୂପଶ୍ରୀ ଚୌଧୁରୀ, ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଦୋଳଗୋବିନ୍ଦ ବାରିକ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ବନାଲି ତ୍ରିପାଠୀ, ମହିଳା ଅଦାଲତ ବିଚାରପତି ସ୍ୱପ୍ନା ସାଗରିକା ମିଶ୍ର, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ରମାକାନ୍ତ ମହାନ୍ତି, ଏସଡିଜେଏମ୍ ସୌମ୍ୟା ସୋନାଲିକା ଏବଂ ଜେଏମଏଫ୍‌ସି ବଦ୍ରିନାରାୟଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ମାମଲା ଗୁଡ଼ିକର ବିଚାର କରିଥିଲେ।

# ବସ୍-ଟ୍ରକ୍ ମୁହାଁମୁହିଁ, ଜଣେ ମୃତ



**ବ୍ରହ୍ମପୁର,୯।୫/ଏନ୍‌ଏନ୍‌ଏସ୍:** ବେଗୁନିଆପଡ଼ା ନିକଟରେ ଆଜି ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ୍ ଓ ମୃଦୁ ପାନୀୟ ଜଳ ବୋଝେଇ ଆସୁଥିବା ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ବସ୍‌ରେ ଥିବା ୧୫ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ସୂଚନାନୁସାରେ ପୋଲସରାରୁ ପୁରୀ ଅଭିମୁଖେ ଯାଉଥିବା ‘ଦୁର୍ଗା ମାଧବ’ ନାମକ ଏକ ଘରୋଇ ବସ୍ ସହ କଟକରୁ କୋଦଳା ଅଭିମୁଖେ ଆସୁଥିବା ଟ୍ରକ୍ ବାଲି ଢାବା ନିକଟସ୍ଥ ମୁଖ୍ୟ ରାସ୍ତାରେ ମୁହାଁମୁହିଁ ଧକ୍କା ହୋଇଥିଲା। ବସ୍‌ରେ ଥିବା ଯାତ୍ରୀମାନେ ଆହତ ହୋଇଥିବା ବେଳେ ଟ୍ରକ୍ ଡ୍ରାଇଭର ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଆହତମାନଙ୍କ ମଧ୍ୟରୁ ପ୍ରମିତ କୁଣ୍ଡୁ ନାମକ ୭ ବର୍ଷର ଜଣେ ନାବାଳକଙ୍କ ଅବସ୍ଥା ଗୁରୁତର ରହିଛି ଓ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ କୋଦଳା ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ଦଳ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲେ। ଅନ୍ୟାନ୍ୟ ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ଛଡ଼ାଯାଇଛି।

# ଜଳ ଯୋଗାଣ ବନ୍ଦ, ବାଣନଈ ଗ୍ରାମବାସୀଙ୍କ ରାସ୍ତାରୋକ୍

**ପୁରୁଷୋତ୍ତମପୁର,୯।୫/ଏନ୍‌ଏନ୍‌ଏସ୍:** ଦୀର୍ଘ ଦୁଇମାସ ହେଲା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ବଡ଼ ଖରିଡା ପଞ୍ଚାୟତ ବାଣନଈ ଗ୍ରାମବାସୀ ପାଣି ସମସ୍ୟାରେ ଘାଣ୍ଟି ହେଉଛନ୍ତି। ଯାହାକୁ ନେଇ ଆଜି ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ପ୍ରଶାସନିକ ଅଧିକାରୀ ପ୍ରତିକାର କରୁନଥିବା ପ୍ରତିବାଦରେ ଆଜି ପୁରୁଷୋତ୍ତମପୁର, ଆସ୍କା ରାସ୍ତାକୁ ଅବରୋଧ କରିଥିଲେ। ରାସ୍ତା ଉପରେ ଗରା, ବାଲଟି ମାଠିଆ ଧରି ବସିଥିଲେ। ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଏ ବିଷୟରେ ଦାବି ଜଣାଇଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ସେମାନେ ଆନ୍ଦୋଳନ କରିଥିବା କହିଥିଲେ। ବର୍ତ୍ତମାନ ପ୍ରଚଣ୍ଡ ରୌଦ୍ର ତାପ ସହିତ ପାଣିର ସଙ୍କଟ ଯୋଗୁଁ ଦୀର୍ଘ ଦୁଇମାସ ହେଲା ବାଣନଈ ଗ୍ରାମର ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଇପ୍ ଯୋଗେ ପାଣି ମିଳୁନଥିବାରୁ ପୋଖରୀର ନେଳିଆ, ଅପରିଷ୍କାର ପାଣି ନେଇ ପିଉଛନ୍ତି। ଟ୍ୟୁବ୍‌ୱେଲ୍‌ଗୁଡ଼ିକରେ ଜଳସ୍ତର କମି ଯିବାରୁ ପାଣି ଆସୁନାହିଁ, ବାରମ୍ବାର ମାରିଲେ ଜଙ୍କ ପାଣି ଆସୁଛି। ଏହା ଉପରେ ବହୁତ ଥର ପାନୀୟ ଜଳ- ଯୋଗାଣ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନି।



ଗ୍ରାମରେ ଦୁଇଟି ନଳକୂପ ଖରାପ ନେଇ ସରପଞ୍ଚ ପ୍ରତିନିଧି ବିଭାଗୀୟ ଯନ୍ତ୍ରୀ ଓ ବିଧାୟକଙ୍କୁ ଅବଗତ କରାଇଥିବା କହିଛନ୍ତି। ରାସ୍ତା ରୋକ ଖବର ପାଇ କବିସୂର୍ଯ୍ୟନଗର ଥାନାର ପ୍ରୋବେସ୍‌ନାରି ଆଇପିଏସ୍ ଅଧିକାରୀ, ଆଇଆଇସି, ପୁଲିସ ଷ୍ଟାଫ୍‌ଙ୍କ ସହିତ ପୁରୁଷୋତ୍ତମପୁର ଥାନା ଅଧିକାରୀ କୁଳମଣୀ ସେଠୀ, ଏସ୍‌ଆଇ ସୁଶାନ୍ତ କୁମାର ମିଶ୍ର ଏବଂ ଏସଡ଼ିପିଓ ସୁଜିତ କୁମାର ନାୟକ, ତହସିଲଦାର ବିନୋଦ କୁମାର ବେହେରା, ଜନସ୍ୱାସ୍ଥ୍ୟ ବିଭାଗର ଏସଡିଓ ପ୍ରଦୀପ କୁମାର ତ୍ରିପାଠୀ, ବିଭାଗୀୟ ଯନ୍ତ୍ରୀ ସଂଗ୍ରାମ କୁମାର ସ୍ୱାଇଁ, ସରପଞ୍ଚ ପ୍ରତିନିଧି ରମେଶ ଦଳେଇ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଯେତେ ଦିନ ପର୍ଯ୍ୟନ୍ତ ଗ୍ରାମକୁ ପାଣି ଆସିବନି ସେତେଦିନ ପର୍ଯ୍ୟନ୍ତ ରାସ୍ତା ରୋକ ଜାରି ରହିବ ବୋଲି ଗ୍ରାମବାସୀ ଚେତାଇ ଦେଇଥିଲେ। ବିଧାୟକ ଗ୍ରାମକୁ ଗୋଟିଏ ଦିନ ମଧ୍ୟ ଆସି ନାହାନ୍ତି ବୋଲି ଗ୍ରାମବାସୀ କହିଥିଲେ। ତେବେ ବିଭାଗୀୟ ଅଧିକାରୀ ଓ ବିଧାୟକଙ୍କ ନିର୍ଦ୍ଦେଶରେ ଏକ ଗାଡ଼ି ଆସି ବୋରୱେଲ ଖୋଳିବାକୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତାରୋକରୁ ଉଠିଥିଲେ। ଫଳରେ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଗାଡ଼ି ମୋଟର ଅଟକି ରହିଥିଲା।

## ବିଭିନ୍ନ ଥାନାରେ ‘ଜୁଭେଣ୍ଟିକା’ କାର୍ଯ୍ୟକ୍ରମ

# ସାଇବର୍ ସୁରକ୍ଷା ଓ ଶିଶୁ ଅଧିକାର ସଚେତନତା

**ଫୁଲବାଣୀ,୯।୫/ଏନ୍‌ଏନ୍‌ଏସ୍:** ରାଜ୍ୟ ପୁଲିସ ପକ୍ଷରୁ ଆଜି ବିଭିନ୍ନ ଥାନାରେ ‘ଜୁଭେଣ୍ଟିକା’ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଓଡ଼ିଶା ପୁଲିସର ମହିଳା ଓ ଶିଶୁ ଅପରାଧ ନିରୋଧ ଶାଖା ଆନୁକୂଲ୍ୟରେ ଏବଂ ୟୁନିସେଫ୍ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ ଆଭାସି ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମସ୍ତ ଥାନାରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ବିଶେଷ କରି କିଶୋରୀମାନଙ୍କୁ ଥାନାର କାର୍ଯ୍ୟଶୈଳୀ ସହ ପରିଚିତ କରାଇବା ଏବଂ ସାଇବର ଅପରାଧ ସମ୍ପର୍କରେ ସଚେତନ କରାଇବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି। ଫୁଲବାଣୀ ସଦର ଥାନାରେ ଥାନା ଅଧିକାରୀ ପ୍ରଦୀପ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ରାଇମ ଡିଏସ୍‌ପି ସର୍ବେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ସବ୍ ଇନ୍ସପେକ୍ଟର ସସ୍ମିତ ବେହେରା, ଲକ୍ଷ୍ମୀ ଖୁଣ୍ଟିଆ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିଭଳି ଫିରିଙ୍ଗିଆ ଥାନାରେ ଥାନା ଅଧିକାରୀ ମୁରଲୀଧର ସାହୁ ଓ ସବ୍ ଇନ୍ସପେକ୍ଟର ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଥାନାର ସମସ୍ତ ଅଧିକାରୀ, କର୍ମଚାରୀ ଓ ଅଙ୍ଗନବାଡ଼ି କର୍ମୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଏଏସ୍‌ଆଇ ମଞ୍ଜୁଲତା ବେହେରା ପରିଚାଳନା କରିଥିଲେ। ଅନ୍ୟପଟେ ଗୋଛାପଡ଼ା ଥାନାରେ ମଧ୍ୟ ଥାନା ଅଧିକାରୀ ସଞ୍ଜିତ ବେହେରା ଓ ସବ୍‌ଇନ୍ସପେକ୍ଟର ଅନନ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। କିଶୋରୀମାନେ କିଭଳି ନିଜକୁ ସୁରକ୍ଷିତ ରଖିପାରିବେ, ସେ ନେଇ ଏହି ଶିବିରମାନଙ୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ବିଜେପି କୃଷକ ମୋର୍ଚ୍ଚା କର୍ମକର୍ତ୍ତାଙ୍କ ନାମ ଘୋଷିତ

**ବ୍ରହ୍ମପୁର,୯।୫/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଷ୍ଟେସନ ରୋଡ୍ ନେହରୁ ପାର୍କ ନିକଟ ବିଜେପି ଜିଲ୍ଲା କାର୍ଯ୍ୟାଳୟଠାରେ ଗଞ୍ଜାମ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚାର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷିତ ହୋଇଛି। ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ସମେତ ଜିଲ୍ଲାର ସମସ୍ତ ବିଧାୟକଙ୍କ ଅନୁମୋଦନ କ୍ରମେ କୃଷକ ମୋର୍ଚ୍ଚାର ସଭାପତି ସୂର୍ଯ୍ୟ ନାରାୟଣ ଦାସ ଜିଲ୍ଲା କମିଟି ନାମ ଘୋଷଣା କରିଛନ୍ତି। ଏଥିରେ ୬ ଜଣଙ୍କୁ ଉପସଭାପତି ରୂପେ ଘୋଷିତ ହୋଇଛି। ସେମାନଙ୍କ ମଧ୍ୟରେ ପ୍ରଦୀପ କୁମାର ପଟ୍ଟନାୟକ, ରଘୁନାଥ ସାହୁ, ଅହିଂସା ସାହୁ, ଅଜିତ ପ୍ରଧାନ, ରଜତ କୁମାର ପଣ୍ଡିତ ଓ ଇନ୍ଦିରାମଣି ପଟ୍ଟନାୟକ ଏବଂ ୨ ଜଣ ସାଧାରଣ ସମ୍ପାଦକ ବିଜୟ କୁମାର ମୁଦୁଲି ଓ ବଦ୍ରିନାଥ ସାବତ, ୬ ଜଣ ସମ୍ପାଦକ ରଘୁନାଥ ସାମନ୍ତରା, ଅରବିନ୍ଦ ମଣ୍ଡଳ, ତ୍ରିନାଥ ମହାପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ଲକ୍ଷ୍ମୀ ବେହେରା ଏବଂ ଚନ୍ଦନ ମହାରଣା, ଜଣେ କୋଷାଧ୍ୟକ୍ଷ ଅଶ୍ୱିନୀରଥ, ଜିଲ୍ଲା ଗଣମାଧ୍ୟମ ପ୍ରଭାରୀ ନିମାଇଁ ଚରଣ ପଣ୍ଡା, ଜିଲ୍ଲା ସାମାଜିକ ଗଣମାଧ୍ୟମ ପ୍ରଭାରୀ ସୁରେଶ ତ୍ରିପାଠୀ ଓ ୧୬ ଜଣ କାର୍ଯ୍ୟକାରୀ ସଦସ୍ୟ ସିଦ୍ଧାର୍ଥ ପଣ୍ଡା, ତ୍ରିଲୋଚନ ସାହୁ, ସାଗର ପାତ୍ର, ସସ୍ମିତ ମିଶ୍ର, ରଞ୍ଜିତ ପ୍ରଧାନ, କେଦାର ମହାନ୍ତି, ବିନୋଦ ସିଂ, ହେମନ୍ତ



ପାତ୍ର, ବିନୋଦ ସିହ୍ନା, ପି. ରଘୁନାଥ ରେଡ୍ଡୀ, ଦୁର୍ଲଭ ବେହେରା, ଦୁର୍ଗା ଖୁଣ୍ଟିଆ, କାନକାୟା ରେଡ୍ଡୀ, ସଞ୍ଜୟ ପାତ୍ର, କିଶୋରୁ ମାଳୀ, ବାସୁଦେବ ମାଳୀ, ମୃତ୍ୟୁଞ୍ଜୟ ପଣ୍ଡାଙ୍କ ନାମ ଘୋଷଣା ହୋଇଥିଲା। ନିମନ୍ତ୍ରିତ ଅତିଥି ଭାବେ ଅରବିନ୍ଦ ମଣ୍ଡଳ, ବିଶ୍ୱଦେବ, ବାସୁଦେବ ସାଉକାର ଓ ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତିଙ୍କ ଉପସ୍ଥିତିରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସୂର୍ଯ୍ୟ ନାରାୟଣ ଦାସ ନାମ ଘୋଷଣା କରିଥିଲେ। ଏଥିରେ ଜିଲ୍ଲାର ବହୁ ବିଜେପି ପଦାଧିକାରୀ ଉପସ୍ଥିତ ଥିଲେ। ନିମନ୍ତ୍ରିତ ଅତିଥିଙ୍କ ମଧ୍ୟରେ ରାଜ୍ୟ ପ୍ରବକ୍ତା ଟି. ଗୋପି, ବିଜେପି ନେତ୍ରୀ ସବିତା ସୁଆର, ଦିଗପହଣ୍ଡି ଶ୍ରୀମା ଆଶ୍ରମର ଦେବଦତ୍ତ ମହାରାଜ, ବିଶ୍ୱଦେବ, ବିଧାୟକ ପ୍ରତିନିଧି ପ୍ରଦୀପ ନାୟକ, ବିଧାୟକଙ୍କ ପ୍ରତିନିଧି ଶିବ ପ୍ରସାଦ ଦାସ, ଜିଲ୍ଲା ପଦାଧିକାରୀଙ୍କ ମଧ୍ୟରେ ପ୍ରଭାତ ଷଡ଼ଙ୍ଗୀ, ପ୍ରବୀର ପାତ୍ର, ସିଦ୍ଧାନ୍ତ ଗଙ୍ଗଦେବ, ଗୌରୀ ସାମନ୍ତରାୟ, ବନମାଳୀ ସେଠୀ ଓ ବାଳକୃଷ୍ଣ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ବିଶ୍ୱ ମାତୃ ଦିବସ: ମା’ଙ୍କ ସେବା ହିଁ ପ୍ରକୃତ ପୂଜା

**ଆସିକା,୯।୫/ଏନ୍‌ଏନ୍‌ଏସ୍:** ନିଜ ସନ୍ତାନସନ୍ତତିଙ୍କ ମୁହଁରେ ହସ ଫୁଟାଇବାକୁ ମା’ର ମନ ସବୁବେଳେ ବ୍ୟାକୁଳ ହୋଇଥାଏ। ମା’ ହେଉଛି ଏମିତି ଏକ ମଣିଷ ଯାହାର ତୁଳନା କରିବା ଅସମ୍ଭବ। ସନ୍ତାନକୁ ଜନ୍ମ ଦେବା ସହ ଭଲ ମଣିଷ କରି ଗଢ଼ିବାକୁ ପ୍ରଥମ ଗୁରୁ ବି ସାଜି ଆଗକୁ ସଫଳ ହେବା ପାଇଁ ପ୍ରେରଣା ଓ ମାର୍ଗଦର୍ଶନ ଦେଇଚାଲିଛି ସେହି ମା’। ନିଜେ ନ ଖାଇ, ନ ପିଇ, ନ ଶୋଇ ରାତି ଦିନ ସନ୍ତାନଙ୍କ ଚିନ୍ତାରେ ଥାଏ ମା’। ସେହି ମା’ଙ୍କ ପ୍ରତି ସମ୍ମାନ ଓ ଶ୍ରଦ୍ଧା ଜଣାଇ ତାଙ୍କର ଦୀର୍ଘାୟୁ କାମନା କରିବା, ତାଙ୍କର ସେବା, ଯତ୍ନ ପାଇଁ ଜୀବନ ସମର୍ପି ଦେବା ହେଉଛି ଏହି ବିଶ୍ୱ ମାତୃ ଦିବସର ସଂକଳ୍ପ। ବିଶ୍ୱରେ ମା’ଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ’ ମାସ ଦ୍ୱିତୀୟ ରବିବାରକୁ ମଦର୍ସ ଡେ ବା ବିଶ୍ୱ ମାତୃ ଦିବସ ଭାବେ ପାଳନ କରାଯାଇଥାଏ। ମାତୃତ୍ୱ, ମାତୃ ବନ୍ଧନ ଓ ସମାଜରେ ମା’ଙ୍କ ଭୂମିକାକୁ ସମ୍ମାନ ଜଣାଇବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଆସନ୍ତାକାଲି ଅର୍ଥାତ ରବିବାର ପାଳିତ ହେବ ବିଶ୍ୱ ମାତୃ ଦିବସ।

ପାଶ୍ଚାତ୍ୟ ଦେଶରେ ମା’ଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ମେ ମାସ ଦ୍ୱିତୀୟ ରବିବାରକୁ ମଦର୍ସଡେ ବା ମାତୃ ଦିବସ ଭାବେ ପାଳନ କରାଯାଇଥାଏ। ଏବେ ଲୋକେ ଆମ ଦେଶରେ ମଧ୍ୟ ଏହି ଦିବସ ପାଳନ କଲେଣି। ହେଲେ ଅନେକେ ବର୍ତ୍ତମାନ ସୁଦ୍ଧା ଏହି ଦିବସ ପାଳନ ସମ୍ପର୍କରେ ଅଜ୍ଞ ଥିବା ଏକ ଅନୁସନ୍ଧାନରୁ ଜଣାପଡ଼ିଛି। ବିଶେଷ କରି ସୋସିଆଲ ମିଡିଆର ବ୍ୟାପକ ପ୍ରଚାର ଓ ପ୍ରସାର ଫଳରେ ଏହି ଦିବସ ବହୁଳ ଭାବେ ପାଳିତ ହେଉଛି। ବିଶ୍ୱ ମାତୃ ଦିବସରେ କେହି ନିଜର ପିଲାଙ୍କ ସହ ସାଥିରେ ରହି ମଜା କରି ଏହି ଦିବସ ପାଳନ କରିଥାଏ ତ ଆଉ କେହି ନିଜର ମନର କୋହକୁ ସମ୍ଭରଣ କରି ନ ପାରି କିଛି ଅକୁହା କଥା କହିଥାଏ। ମା’ର ସ୍ନେହର କୌଣସି ପଟ୍ଟାନ୍ତର ନାହିଁ। ମା’ ପାଖରେ ଥିଲେ ସନ୍ତାନର ଡର ଭୟ କିଛି ନଥାଏ। ଆସନ୍ତୁ ଏହି ଦିବସରେ ମାଙ୍କ ପ୍ରତି ଥିବା ଶ୍ରଦ୍ଧାକୁ ସମ୍ମାନ ଜଣାଇ ତାଙ୍କର ଦୀର୍ଘାୟୁ କାମନା କରି ସେବା ଓ ଯତ୍ନ ପାଇଁ ଜୀବନ ସମର୍ପି ଦେବା ହେଉ ଏକ ସଙ୍କଳ୍ପ। ମା’ର ମମତାର ତୁଳନା ନାହିଁ। ମା’ ତ୍ୟାଗ, ସନ୍ତାନ ପ୍ରତି ଉତ୍ସର୍ଗୀକୃତ ଭାବ ଆଗରେ ସମାଜ ସର୍ବଦା ନତମସ୍ତକ ହୋଇ ରହିଛି। ଆସିକା ସହର ତଥା ଏହାର ଆଖପାଖ କେତେକ ଅଞ୍ଚଳରେ ବିଗତ କିଛି ବର୍ଷ ହେଲା ମାତୃ ଦିବସ ପାଳନକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହେଉଛି। ମଦର୍ସ ଡେ’ ପାଳନ ଅବସରରେ ପିଲାମାନେ ସକାଳୁ ଉଠି ମା’ଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥାନ୍ତି। ନୂଆ ଟ୍ରେଣ୍ଡ ଅନୁସାରେ ମଦର୍ସ ଡେ’ରେ ଏବେ ପିଲାମାନେ ମା’ଙ୍କ ସହ ସେଲ୍‌ଫି ଉଠାଇ ବିଭିନ୍ନ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରମ୍ପରା ଆରମ୍ଭ ହୋଇଯାଇଥିବା ଦେଖିବାକୁ ମିଳୁଛି।

### ସେମାନେ ଯାହା କୁହନ୍ତି:



**କେ.ଶ୍ରୀତମ୍ ପାତ୍ର (କଳିଙ୍ଗ ରୋଡ, ସ୍ୱସ୍ତିକ୍ ମେଡିକାଲ୍ ଷ୍ଟୋର୍)**

ସମାଜରେ ସଂସ୍କୃତି ଓ ପରମ୍ପରାକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବାରେ ମା’ର ଭୂମିକା ଅତୁଳନୀୟ। ତେଣୁ ମା’ ସର୍ବଦା ପୂଜନୀୟା।



ମୋ ମା’ ମୋ ପାଇଁ ସବୁ କିଛି। ତାଙ୍କର ତୁଳନା ନାହିଁ। ମୋ ମା ସବୁଠୁ ଭଲ। ମୁଁ ତାଙ୍କୁ ବହୁତ ଭଲପାଏ। ମୋର ଯାହା ଦରକାର ମୋର ମା’ଙ୍କୁ କହିଥାଏ। ତାଙ୍କୁ ଛାଡ଼ି ମୁଁ ରହି ପାରିବି ନାହିଁ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମୋ ମା’ ସହିତ ସମୟ ବିତାଇବାକୁ ଭଲ ଲାଗେ। ସମସ୍ତଙ୍କୁ ହାପି ମଦର୍ସଡେ, ବିଶ୍ୱ ମାତୃ ଦିବସର ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା।

**ଚନ୍ଦ୍ରଶେଖର ଜେନା (ନିରଞ୍ଜନ ନଗର)**



ବିଶ୍ୱ ମାତୃତ୍ୱ ଦିବସ ଅବସରରେ ସମସ୍ତ ମା’ମାନଙ୍କୁ ଶୁଭେଚ୍ଛା, ଅଭିନନ୍ଦନ ଓ ପ୍ରଣାମ ଜଣାଇବା ସହ ନିରାମୟ ଜୀବନ କାମନା କରୁଛି।

**ଶ୍ୱେତାଲିନା ପାଳ (ସୁନାମ୍ବ ବଡ଼ଦାଣ୍ଡ ସାହି)**



ଏହି ଦୁନିଆରେ ବିନା ସ୍ୱାର୍ଥରେ ଯଦି କିଏ ଜୀବନ ଦେଇ ଭଲ ପାଉଛି ତାହାହେଲେ ସେ ହେଉଛି କେବଳ ମାଆ।

**ଯୁଗଳ ଶରଣ ଦାଶ (ଆର୍ବନ ବ୍ୟାଙ୍କ ରୋଡ୍)**



ମାଆ ବୋଲି ଗୋଟିଏ ଅକ୍ଷର ଦୁନିଆରେ ସବୁଠୁ ଅତି ମଧୁର।

**ଚନ୍ଦନା ଦାଶ (ନିରଞ୍ଜନ ନଗର)**



ନିଜେ ଦୁଃଖ କଷ୍ଟରେ ରହି ମତେ ସବୁବେଳେ ହସାଏ ସେ ହେଉଛି ମୋର ମାଆ।

**ନମନ ଦାଶ (ଆର୍ବନ ବ୍ୟାଙ୍କ ରୋଡ୍)**



ଦୁନିଆରେ ମା’ ହେଉଛି ଜଣେ ଯିଏ ଆମକୁ କେବେହେଲେ ଏକୁଟିଆ ଛାଡେ ନାହିଁ। ସମାଜରେ ମା’ର ଯେଉଁ ଭୂମିକା ରହିଛି ତାକୁ ସଦାସର୍ବଦା ସମ୍ମାନ ଦେବା ଉଚିତ। ମୁଁ ଭୁଲ କଲେ ଯିଏ କ୍ଷମା କରିଥାଏ, ମୁଁ ଭୁଲ ବାଟରେ ଗଲେ ଯିଏ ରାସ୍ତା ଦେଖାଇଥାଏ, ମୋ ସୁଖ ଦୁଃଖରେ ସବୁବେଳେ ସାଥୀରେ ରହିଥାଏ ସେ ହେଉଛି ମୋର ମାଆ। ନିଜ ସନ୍ତାନର ମଙ୍ଗଳ, ସୁଖ ସମୃଦ୍ଧି, ନିରାମୟ ଜୀବନ ଯାପନ ପାଇଁ ସବୁବେଳେ ଠାକୁରଙ୍କ ନିକଟରେ ପ୍ରାର୍ଥନା କରିଥାଏ ମମତାମୟୀ ମାଆ। ତେଣୁ ତାଙ୍କର ତ୍ୟାଗର ପଟ୍ଟାନ୍ତର ନାହିଁ। ମୋ ମାଆ ମୋର ସବୁଦିନର ସର୍ବୋତ୍ତମ ବନ୍ଧୁ। ତେଣୁ ପବିତ୍ର ବିଶ୍ୱ ମାତୃ ଦିବସ ଅବସରରେ ମୋର ମାଆଙ୍କୁ କୋଟି କୋଟି ଭୂମିଷ୍ଠ ପ୍ରଣାମ ଜଣାଉଛି।

**ସନ୍ତୋଷ କୁମାର ଦାଶ (ଇଞ୍ଜିନିୟରିଂ ଛାତ୍ର)**



ଏହି ବିଶ୍ୱରେ ମୋ ମାଆର ସ୍ନେହ ଓ ମମତା ମୋତେ କେହି ଦେଇପାରିବେ ନାହିଁ।

**ଆଦ୍ୟାଶା ପାଢ଼ୀ (ରାଜେନ୍ଦ୍ର ନଗର)**

# ବାଇକ୍ ଚୋରି ଘଟଣାର ୧୦ ମାସ ପରେ ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୯।୫/ଏନ୍‌ଏନ୍‌ଏସ୍:** ଦିଗପହଣ୍ଡି ଥାନା ବନ୍ଥପଲ୍ଲୀ ଗାଁ ଛକରୁ ଗତ ୨୦୨୫ ଜୁଲାଇ ୩୧ ତାରିଖରେ ଏକ କେଟିଏମ୍ ବାଇକ୍ ଚୋରି ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ୧୦ ମାସ ପରେ ଗିରଫ କରିଛି। ଅଭିଯୁକ୍ତ ଜଣକ ବ୍ରହ୍ମପୁର ସଦର ଥାନା ଲାଠି ଗ୍ରାମର ସାଇ କିରଣ ଗୌଡ଼(୨୬)। ବନ୍ଥପଲ୍ଲୀ ଗ୍ରାମର ଧର୍ମପଦ ଭୂୟାଁ ତାଙ୍କ କେଟିଏମ୍ ବାଇକ ନଂ(ଓଡି ୦୭ ଏଏଲ- ୭୯୭୩) ନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ତତ୍କାଳୀନ ଥାନା ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ମାମଲ ନଂ. ୨୭୬/୨୫ ଅନୁଯାୟୀ ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲେ। ଘଟଣା ପରଠାରୁ ଅଭିଯୁକ୍ତ ଜଣକ ବାଇକ ସହ ଫେରାର ଥିଲେ। ଗୁରୁବାର ସେ ଗ୍ରାମକୁ ଆସିଥିବା ପୁଲିସ ଖବର ପାଇ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ତାଙ୍କ ନିକଟରୁ ବାଇକ ଜବତ ହୋଇପାରିନଥିବା ବେଳେ ଶୁକ୍ରବାର ଅପରାହ୍ଣରେ ତାଙ୍କୁ ବ୍ରହ୍ମପୁର ସଦର କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି।

ପଶ୍ଚିମବଙ୍ଗରେ ବିଜେପିର ଐତିହାସିକ ବିଜୟ ପ୍ରସଙ୍ଗ

# 'ବଙ୍ଗଭଙ୍ଗ ସମୟରୁ ଜନମାନସରେ ଥିବା ଅସନ୍ତୋଷର ଦୃଢ଼ ପ୍ରତିଜବାବ'



**ସମ୍ବଲପୁର,୯।୫/ଏନ୍ଏନ୍ଏସ୍:** ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟିର ବିଜୟ କେବଳ ଏକ ରାଜନୈତିକ ସଫଳତା ନୁହେଁ, ବରଂ ଏହା ୧୯୦୫ ମସିହାର ବଙ୍ଗଭଙ୍ଗ ସମୟରୁ ଜନମାନସରେ ଥିବା ବେଦନା ଓ ଅସନ୍ତୋଷର ଏକ ଦୃଢ଼ ପ୍ରତିଜବାବ ବୋଲି ଗଣମାଧ୍ୟମକୁ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ବିଗତ ପ୍ରାୟ ୧୨୦ ବର୍ଷ ଧରି ବହୁସଂଖ୍ୟକ ସମାଜ ଯେଉଁ ଅଣଦେଖାର ଶିକାର ହୋଇଥିଲା, ଆଜି ସେହି ସମାଜ ନିଜର ମନକଥା ପ୍ରକାଶ କରିଛି। ପଶ୍ଚିମବଙ୍ଗର ଜନସାଧାରଣ ଅନୁପ୍ରବେଶକାରୀ, ବେରୋଜଗାରୀ ଏବଂ ମହିଳା ଅସୁରକ୍ଷିତତା ବିରୁଦ୍ଧରେ ମତ ଦେବା ସହ ସ୍ୱାବଲମ୍ବନ ଓ ବିକାଶ ସପକ୍ଷରେ ନିଷ୍ପତ୍ତି ନେଇଛନ୍ତି। ଭାରତୀୟ ଜନତା ପାର୍ଟିର ମୂଳ ବିଚାରକ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବିଚାରଧାରା ଆଜି ତାଙ୍କ ନିଜ ମାତୃଭୂମିରେ ସେବା କରିବାର ସୁଯୋଗ ପାଇଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ 'ଡବଲ୍ ଇଞ୍ଜିନ' ସରକାର ଏବେ ବଙ୍ଗଳାରେ ବିକାଶର ଗତିକୁ ତ୍ୱରାନ୍ୱିତ କରିବ। ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମ ଜୟନ୍ତୀ ଭଳି ଏକ ପବିତ୍ର ସାଂସ୍କୃତିକ ଅବସରରେ ଏହି ନୂତନ ସରକାରର ଗଠନ ବଙ୍ଗଳା ପାଇଁ ଏକ ଶୁଭ ସଂକେତ। ଶୁଭେନ୍ଦୁ ଅଧିକାରୀଙ୍କୁ ଜଣେ ତୃଣମୂଳ ସ୍ତରର ଜନନେତା ଭାବେ ବର୍ଣ୍ଣନା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ତାଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗ ପୁନର୍ବାର ବୌଦ୍ଧିକ ଓ ସାଂସ୍କୃତିକ କେନ୍ଦ୍ର ଭାବେ ବିଶ୍ୱ ଦରବାରରେ ପ୍ରତିଷ୍ଠିତ ହେବ। ଶିକ୍ଷା, ନବସୃଜନ ଏବଂ ଯୁବ ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟ ନୂତନ କୀର୍ତ୍ତିମାନ ସ୍ଥାପନ କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ସୂଚନାଯୋଗ୍ୟ, ଆଜି କୋଲକାତା ଠାରେ ଅନୁଷ୍ଠିତ ଏହି ଭବ୍ୟ ଶପଥ ଗ୍ରହଣ ସମାରୋହରେ ଧର୍ମେନ୍ଦ୍ର ପ୍ରଧାନ ନିଜେ ସାମିଲ ହୋଇଥିଲେ।

# ପ୍ରତିଷ୍ଠା ହେବ ୭ ମହିଳା ଫାଷ୍ଟଟ୍ରାକ୍, ୫ ସ୍ୱତନ୍ତ୍ର ସାଇବର୍ କୋର୍ଟ

## ପରିବର୍ତ୍ତିତ ଜନସାଂଖ୍ୟିକ ପରସ୍ଥିତି ସହ ଆଇନ ବ୍ୟବସ୍ଥାକୁ ସମଯୋପଯୋଗୀ କରିବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ମହିଳାମାନଙ୍କୁ ଗୁରୁତ୍ୱ ଦେଇ ୭ଟି ମହିଳା ଫାଷ୍ଟ ଟ୍ରାକ୍ କୋର୍ଟ ସହ ସାଇବର ଅପରାଧକୁ ରୋକିବା ଏବଂ ତୁରନ୍ତ ଦଣ୍ଡବିଧାନ ନିମିତ୍ତ ରାଜ୍ୟରେ ୫ଟି ସ୍ୱତନ୍ତ୍ର ସାଇବର କୋର୍ଟ ଖୋଲିବା ନେଇ ରାଜ୍ୟ ସରକାର ବିଚାର କରୁଛନ୍ତି। ତେଣୁ କେବଳ ଅର୍ଥନୈତିକ ବିକାଶ ନୁହେଁ, ବରଂ ସାମଗ୍ରିକ ବିକାଶ ନେଇ ରାଜ୍ୟ ସରକାର ଏକ ବିସ୍ତୃତ ରୋଡ୍‌ମ୍ୟାପ୍‌କୁ ନେଇ କାର୍ଯ୍ୟ କରୁଛନ୍ତି ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଶନିବାର ଆଇନ ବିଭାଗ ଓ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍ଏଫ୍ପିଏ)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ 'ଜନସାଂଖ୍ୟିକ ପରିବର୍ତ୍ତନ ଓ ଆଇନ ବ୍ୟବସ୍ଥା: ଉଦୟମାନ ମାନବୀୟ ଭବିଷ୍ୟତ ପାଇଁ ପ୍ରସ୍ତୁତି' ଶୀର୍ଷକ କର୍ମଶାଳାରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହା କହିଛନ୍ତି।

ରାଜ୍ୟ, ଦେଶ ତଥା ବିଶ୍ୱ ଦୃଷ୍ଟିକୋଣରୁ ଅବଲୋକନ କଲେ ଜନସଂଖ୍ୟା ସହ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଘଟୁଛି। ବର୍ତ୍ତମାନ ଜନସଂଖ୍ୟା ଦୃଷ୍ଟିରୁ ରାଜ୍ୟ ତଥା ଦେଶରେ ଯୁବପିଢ଼ିଙ୍କ ସଂଖ୍ୟା ସମୁଦାୟ ଲୋକସଂଖ୍ୟାର ୫୦ ଭାଗରୁ ଅଧିକ ରହିଛି । ତେବେ ଆଗାମୀ ଦିନରେ ଏହି ସଂଖ୍ୟାରେ ପରିବର୍ତ୍ତନ ସହ ବୟସ୍କଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଯାଉଛି। ଏଣୁ ଆମକୁ ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି।



ସେ ଆହୁରି କହିଛନ୍ତି ଯେ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ନେଇ ଆମ ବିଧି ବ୍ୟବସ୍ଥାରେ ଅନେକ ସୁଧାର ଆଣିବାକୁ ପଡ଼ିବ। ଏଥିପାଇଁ ଗ୍ରାମାଞ୍ଚଳରେ ବସବାସ କରୁଥିବା ସାଧାରଣ ଜନତା, ୬୨ ଜନଜାତି ସମୁଦାୟ, ୧୩ଟି ପିଭିଟିଜି ବର୍ଗଙ୍କ ସ୍ଥିତିକୁ ନଜରକୁ ନେବାକୁ ପଡ଼ିବ। ତେଣୁ ଜନସଂଖ୍ୟା ଦୃଷ୍ଟିରୁ ସବୁ ଜିଲ୍ଲା, ସବୁ ଅଞ୍ଚଳ ଏବଂ ସବୁ ସମୁଦାୟଙ୍କୁ ଅନୁଶୀଳନ କରି ଯୋଜନା ପ୍ରସ୍ତୁତି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସ୍ଥାନୀୟ ଭାଷାରେ ନିଜ ଅଧିକାର ସହ ଆଇନଗତ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଯୁବକୈନ୍ଦ୍ରିକ ନୀତି ପ୍ରଣୟନ ଉପରେ ସରକାର ବିଚାର କରୁଛନ୍ତି।

ଏହି ଅବସରରେ ଆଇନ ଆୟୋଗର ଅଧକ୍ଷ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ପରିବର୍ତ୍ତିତ ସାମାଜିକ ପରିସ୍ଥିତି ସହ ଆଇନ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ସହ ସଂଖ୍ୟାଗତ ହାର, ଅର୍ଥନୈତିକ ଅଭିବୃଦ୍ଧି, ସମାଧାନ ସମାରୋହ ମାଧ୍ୟମରେ ସମସ୍ୟାର ସମାଧାନ ଆଦି ବିଷୟରେ ନିଜର ମତ ରଖିଥିଲେ।

ମୁଖ୍ୟ ଶାସନ ସଚିବଅନୁ ଗର୍ଗ ରୋଡ୍ ନେଟ୍‌ୱାର୍କ, ପର୍ଯ୍ୟଟନ, ଆଇଟି କ୍ଷେତ୍ର, ଶିକ୍ଷା, ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ରାଜ୍ୟର ଅଭିବୃଦ୍ଧି ବର୍ଣ୍ଣନା କରିବା ସହ ଜନସାଂଖ୍ୟିକ ପରିବର୍ତ୍ତନ କେବଳ ଜନସଂଖ୍ୟା ନୁହେଁ, ଏହା ପରିବାର, ସାମାଜିକ ସୁରକ୍ଷା, ନ୍ୟାୟ ବ୍ୟବସ୍ଥା ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ତେଣୁ ଭବିଷ୍ୟତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ।

ଅନ୍ୟପକ୍ଷରେ ଆଡ୍‌ଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ କହିଥିଲେ ଯେ ଆଜିର ସମାଜରେ ପରିବର୍ତ୍ତିତ ପରିବାର ବ୍ୟବସ୍ଥା, ଦାୟିତ୍ୱ ଓ ସାମାଜିକ ପରିସ୍ଥିତି ଯୋଗୁଁ ଅଦାଲତରେ ମାମଲା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଆଇନର ବ୍ୟାଖ୍ୟା ପରିବର୍ତ୍ତିତ ପରିସ୍ଥିତି ପ୍ରତି ସମ୍ବେଦନଶୀଳ ହେବା ଆବଶ୍ୟକ ଏବଂ ସାଧାରଣ ଲୋକ ବୁଝିବା ଭଳି ଆଇନ ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ।ୟୁଏନ୍ଏଫ୍ପିଏର ଓଡ଼ିଶା ମୁଖ୍ୟ ନଦୀମ୍ ନୁର୍ ଜନସାଂଖ୍ୟିକ ପରିବର୍ତ୍ତନରେ ସାମାଜିକ କାର୍ଯ୍ୟପ୍ରଣାଳୀ ଏବଂ ନ୍ୟାୟ ବ୍ୟବସ୍ଥାରେ ଏହାର ପ୍ରତିଫଳନ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ ୟୁଏନ୍ଏଫ୍ପିଏର ସୂର୍ଯ୍ୟପ୍ରକାଶ ଧନ୍ୟବାଦ ଦେଇଥିଲେ।

ପରେ ତିନୋଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ସାଂସଦ ଅମର ପଟ୍ଟନାୟକଙ୍କ ସମେତ ବହୁ ବିଶେଷଜ୍ଞ ଜନସାଂଖ୍ୟିକ ପରିବର୍ତ୍ତନ ନେଇ ଆୟୋଜିତ ବିଭିନ୍ନ ବିଷୟରେ ସେମାନଙ୍କର ସୁଚିନ୍ତିତ ମତ ରଖିଥିଲେ। କାର୍ଯ୍ୟକ୍ରମରେ ବୃଦ୍ଧାବସ୍ଥା, ପରିବର୍ତ୍ତିତ ପରିବାର ବ୍ୟବସ୍ଥା, କିଶୋର ଅବସ୍ଥା, ସହାୟକ ପ୍ରଜନନ ପ୍ରଯୁକ୍ତି, ଯତ୍ନ, ଦାୟିତ୍ୱ ଓ ପ୍ରତିଷ୍ଠାନଗତ ପ୍ରତିକ୍ରିୟା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା ।

ଭଉଁରୀ ଉତ୍ସବରେ ରଥର ଚକ-ଅଖ ଡେରା ବିଧି ସମ୍ପନ

# ୩ ରଥର ଚକ ସହ ଅଖ ସଂଯୋଗ





**ପୁରୀ,୯।୫/ଏନ୍ଏନ୍ଏସ୍:** ବଡ଼ଦାଣ୍ଡରେ ଚଳଚଞ୍ଚଳ ରଥ ଖଳା। ଜୋରସୋର ଆଗେଇ ଚାଲିଛି ବିଶ୍ୱ ନିଅନ୍ତାଙ୍କ ରଥ ନିର୍ମାଣ। ତେବେ ଶନିବାର ଭଉଁରୀ ଉତ୍ସବରେ ରଥର ଚକ-ଅଖ ଡେରା ବିଧି ସମ୍ପନ୍ନ ହୋଇଛି। ଏହି ଅବସରରେ ତିନି ରଥର ଛଅଟି ନାହାକ ଚକ ସହ ତିନୋଟି ଅଖ ସଂଯୋଗର ଶୁଭ ଅନୁକୂଳ କରାଯାଇଛି। ଶ୍ରୀମନ୍ଦିରରୁ ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ଆଜ୍ଞାମାଳ ଅଣାଯିବା ପରେ ବିଶ୍ୱକର୍ମା ଓ ଭୋଇ ସେବକଙ୍କ ସହାୟତାରେ ଏହି ଚକ ଅଖ ସଂଯୋଗ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ପ୍ରତ୍ୟେକ ରଥର ୨ଟି ଲେଖାଏଁ ଚକରେ ଗୋଟିଏ ଲେଖାଏଁ ଅଖ ସଂଯୋଗ କରାଯାଇଥିବା ବେଳେ ଆଗକୁ ସମୁଦାୟ ୪୨ଟି ଚକ ଓ ୨୧ଟି ଅଖର କାର୍ଯ୍ୟ ଆରମ୍ଭ କରାଯିବ।

ଆରମ୍ଭ ହୋଇଛି ରଥ ନିର୍ମାଣର ଆଉ ଏକ ପର୍ଯ୍ୟାୟ କାର୍ଯ୍ୟ। ଅକ୍ଷୟ ତୃତୀୟା ଅବସରରେ ରଥ ନିର୍ମାଣ ଅନୁକୂଳ କରାଯାଇଥିବା ବେଳେ ଆଜି ପବିତ୍ର ଭଉଁରୀରେ ତିନି ରଥର ଚକ ଓ ଅଖ ସଂଯୋଗର ଅନୁକୂଳ କରାଯାଇଛି। ପରମ୍ପରା ଅନୁଯାୟୀ ଆଜି ଭଉଁରୀ ଅବସରରେ ଶ୍ରୀମନ୍ଦିରରେ ସକାଳ ଧୂପ ଶେଷ ହେବା ପରେ ପୂଜାପଣ୍ଡା ସେବକମାନେ ତିନିରଥ ପାଇଁ ଆଜ୍ଞାମାଳ ଆଣି ରଥଖଳାରେ ପହଞ୍ଚିଥିଲେ। ବିଶ୍ୱକର୍ମା ମହାରଣା ମାନେ ନିର୍ମାଣ କରିଥିବା ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଚକ ସହ ଅଖର ସଂଯୋଗ କରିଥିଲେ ଭୋଇ ସେବକ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସପି ପ୍ରତୀକ ସିଂ, ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ଉପସ୍ଥିତିରେ ଏହି ଅନୁକୂଳ କାର୍ଯ୍ୟ ବେଶ୍ ସୁରୁଖୁରୁରେ ସଂପନ୍ନ ହୋଇଥିଲା। ମହାପ୍ରଭୁଙ୍କ ରଥ ନିର୍ମାଣ ଓ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଚଳିତ ବର୍ଷ ଭକ୍ତଙ୍କ ଗହଣରେ ଶୃଙ୍ଖଳିତ ଭାବେ ହେବା ନେଇ ମହାପ୍ରଭୁଙ୍କ ପାଖରେ ସଭିଏଁ ପ୍ରାର୍ଥନା କରିଛନ୍ତି। ନନ୍ଦୀଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର ନିଜ ପ୍ରତିକ୍ରିୟାରେ କହିଥିଲେ, ଆଜି ପବିତ୍ର ଭଉଁରୀ ତିଥିରେ ମହାପ୍ରଭୁଙ୍କ ଆଜ୍ଞାମାଳ ଆସିବା ପରେ ତିନି ରଥର ଚକ ଅଖ ଡେରା ନୀତି ଅନୁଷ୍ଠିତ ହୋଇଛି। ରଥ ନିର୍ମାଣ ପାଇଁ ମହାପ୍ରଭୁଙ୍କ ଠାରୁ ମୋଟ ୪ଟି ଆଜ୍ଞାମାଳ ଆସିଥିଲା। ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ପାଇଁ, ଭଉଁରୀ ତିଥିରେ ଚକ ଅଖ ଡେରା ନୀତି ପାଇଁ, ନେତ୍ରୋତ୍ସବ ଓ ରଥ ଦକ୍ଷିଣ ମୋଡ଼ ପାଇଁ ମୋଟ ୪ଟି ଆଜ୍ଞା ମାଳ ମହାପ୍ରଭୁଙ୍କ ନିକଟରୁ ଆସିଥାଏ। ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ରଥ ପାଇଁ ପରେ ମହାପ୍ରଭୁ ଜଗନ୍ନାଥଙ୍କ ରଥ ପାଇଁ ଶେଷରେ ଦେବୀ ସୁଭଦ୍ରାଙ୍କ ରଥ ପାଇଁ ଚକ ଅଖ ଡେରା ନୀତି ପାଇଁ ଆଜ୍ଞା ମାଳ ପ୍ରଦାନ କରାଯାଇଥିଲା। ତିନି ରଥର ମୁଖ୍ୟ ବିଶ୍ୱକର୍ମାମାନେ ଏହି ଆଜ୍ଞା ମାଳ ନେଇ ନଡ଼ିଆ ବାଡେଇ ଅନୁକୂଳ କରିଥିଲେ। ବରିଷ୍ଠ ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ ନିଜ ପ୍ରତିକ୍ରିୟାରେ କହିଥିଲେ, 'ପବିତ୍ର ଭଉଁରୀ ଅବସରରେ ମହାପ୍ରଭୁଙ୍କ ପ୍ରଥମ ଧୂପ ନୀତି ଶେଷ ପରେ ରଥ ଖଳାକୁ ଆଜ୍ଞା ମାଳ ବିଜେ କରିଥିଲା। ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତିକୁ ସଠିକ୍ ସମୟରେ ଆଗେଇ ନେବାକୁ ଏହି ଆଜ୍ଞା ମାଳ ମହାପ୍ରଭୁ ଦେଇଥାନ୍ତି। ପୂଜାପଣ୍ଡା ସେବକ ମାନେ ମହାପ୍ରଭୁଙ୍କ ଏହି ଆଜ୍ଞା ମାଳ ଆଣି ଚକ ଅଖ ଉପରେ ରଖିଥାନ୍ତି। ପ୍ରତ୍ୟେକ ରଥର ଦୁଇଟି ଚକ ସହିତ ଅଖ ସଂଯୋଗ ପରେ ଏବେ ରଥର ସମୁଦାୟ ୪୨ ଟି ଚକ ଓ ୨୧ ଟି ଅଖ କାର୍ଯ୍ୟ ଜୋର ସୋରରେ ଆରମ୍ଭ କରାଯାଇଛି। ଏହାଛଡ଼ା ତିଆରି ସରିଥିବା ସମସ୍ତ ୪୨ ଟି ତୁମ୍ବରେ ଅର ଓ ପହି ଯୋଡ଼ିବା କାର୍ଯ୍ୟ ମଧ୍ୟ ସଂପନ୍ନ କରାଯିବ। ଆସନ୍ତା ଶୀତଳ ଷଷ୍ଠୀ ପରଦିନ ୩ଟି ଯାକ ରଥର ସମସ୍ତ ୪୨ଟି ଚକ ସଂପନ୍ନ କରାଯିବାର ବିଧି ରହିଛି। ଏଣୁ ଏହାକୁ ଦୃଷ୍ଟିରେ ରଖି ୩ ରଥର ସମସ୍ତ ମହାରଣା ମାନେ ଚକ ଓ ଅଖ ପ୍ରସ୍ତୁତ କରୁଛନ୍ତି। ତିନି ରଥର ମୋଟ ୧୯ ଗୋଟି ଚକ ନିର୍ମାଣ ଶେଷ ହୋଇଛି। ଏଥିସହ ରଥ ଅମିନ ତିନିରଥର ମୁହାଣ୍ଟ ଏବଂ ଜୋକା ନିର୍ମାଣ ପାଇଁ ମୁହାଣ୍ଟ ପାଇଁ ୪ ଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଏବଂ ଯୋକା ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୫ ଟି ଲେଖାଏଁ ୧୨ ଫୁଟିଆ ଧଉରା କାଠ ଭୋଇସେବକଙ୍କ ମାଧ୍ୟମରେ ତିନି ରଥ ଚାଲିକୁ ଯୋଗାଇ ଦେବାପରେ, ତିନିରଥର ମହାରଣା ସେବକ ମାନେ ଉକ୍ତ ୫ଟି ଲେଖାଏଁ ଯୋକା ଏବଂ ୪ଟି ଲେଖାଏଁ ମୁହାଣ୍ଟ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଏଥିସହ ଦୁଇଟି ଲେଖାଏଁ ତୁମ୍ବରେ ଅର ସଂଯୋଗ ପୂର୍ବକ ଯନ୍ତା ଗାଡ଼ ଠାରେ ତୁମ୍ବ ଅରରେ କଣ୍ଟା ଖଡ଼ିଆ ବା ସିଙ୍ଗଡ଼ା ବାଡିଆ କାର୍ଯ୍ୟ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ଶେଷ କରି ଅଖ ବିନ୍ଧ ପାଇଁ ରଥ ଚାଲିକୁ ଯୋଗାଇଛନ୍ତି। ଏଥିସହ ଆଜି ସୁଦ୍ଧା ତିନି ରଥର ସମସ୍ତ ସାଲ ଗୁଜ, ତୀଖଗୁଜ, ଜଳ ଯନ୍ତ୍ର, କୁତୁକା, ଓରା, ଏବଂ ଗୋଟିଏ ଲେଖାଏଁ ସିଂହାସନ ନିର୍ମାଣ ସହ ସେଥିରେ ତିନି ଥାକିଆ ରାହା କଟା ଶେଷ କରିଛନ୍ତି। ଏଥିସହ ତିନି ରଥର ଗୋଟିଏ ଗୋଟିଏ ପ୍ରଭା ଅପସରା ଚଉପଟ କାର୍ଯ୍ୟ ଶେଷ ହୋଇଛି। ଏହା ଶ୍ରୀବିଗ୍ରହଙ୍କ ଆସ୍ଥାନ ପଛପର୍ଶ୍ୱରେ ଠାକୁରଙ୍କ ପ୍ରଭା ଫିଟିଂ ପାଇଁ ଲାଗିଥାଏ। ରୂପକାର ସେବକ ମାନେ ତିନିରଥର ୧୧ଟି ଲେଖାଏଁ ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିବା ସହ ଶେଷ ହୋଇଥିବା ରୂପ ଗୁଡ଼ିକର ପଲିସ୍ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳ ବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକ ମାନେ ତିନିରଥର ବାକି ଚକ ନିର୍ମାଣ ପାଇଁ ଆବଶ୍ୟକ ଅରକଣ୍ଟା, ପଦାରି, ତୁମ୍ବ ବଳା, ପଦାରି ଚାବି ନିର୍ମାଣ ଜାରି ରଖିଛନ୍ତି।

ଡାବୁଗାଁ ହାଜତ ମୃତ୍ୟୁ ମାମଲା

# ଥାନା ଅଧିକାରୀ ନିଲମ୍ବିତ

**ନବରଙ୍ଗପୁର,୯।୫/ଏନ୍ଏନ୍ଏସ୍:** ଗତ ୨୮ତାରିଖ ଅର୍ଦ୍ଧରାତ୍ରରେ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ହାଜତ ମଧ୍ୟରେ ଥିବା ଶୌଚାଳୟରେ ବେକରେ ଚାଦର ଲଗାଇ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ଅଭିଯୁକ୍ତ ଡାବୁଗାଁ ଥାନା ଅଞ୍ଚଳା ଗ୍ରାମର ପୂର୍ଣ୍ଣ କଲାର (୨୩) ଆତ୍ମହତ୍ୟା କରିଥିଲେ। ଘଟଣାକୁ ନେଇ ରାସ୍ତାରୋକ ସହ ଥାନା ଉପରକୁ ପଥର ମାଡ଼ ହୋଇଥିଲା। ଏହି ମାମଲାକୁ ନେଇ ଏସପି ମଡକର ସନ୍ଦୀପ ସମ୍ପତ ପୂର୍ବରୁ ଡିସିଓ ବିକ୍ରମ ସାହୁ, ଓଏପିଏଫ୍ ବୁଧୁରାମ ମାଝୀ, କର୍ଣ୍ଣ ପୂଜାରୀଙ୍କୁ ନିଲମ୍ବିତ କରିଥିଲେ। ଏହି ମାମଲାରେ ଏବେ ପୁଲିସ ଡିଜି ୱାଇବି ଖୁରାନିଆ ଥାନା ଅଧିକାରୀ ରଘୁନାଥ ମାଝୀଙ୍କୁ ନିଲମ୍ବିତ କରିଛନ୍ତି। ଶ୍ରୀ ମାଝୀ କର୍ତ୍ତବ୍ୟରେ ଅବହେଳା ପାଇଁ ଏବଂ ଅଧିକ ତଦନ୍ତ ପାଇଁ ଏକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚିନ୍ତା କରାଯାଉଛି ବୋଲି ଡିଜିପିଙ୍କ ଚିଠିରେ ଉଲ୍ଲେଖ ରହିଛି। ଜନସେବାର ସ୍ୱାର୍ଥ ପାଇଁ ସମୀଚୀନ ବୋଲି ବିବେଚନା କରାଯାଉଛି। ତେଣୁ ଡିଜିପି ପିଏମଆର-୧୯୪୦ ନିୟମ ୮୪୦ ଅନୁଯାୟୀ ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି ନିଲମ୍ବନ କରିଥିବା ଦର୍ଶାଇଛନ୍ତି। ଆଦେଶ ବଳବତ୍ତର ରହିବା ପର୍ଯ୍ୟନ୍ତ, ସେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କୋରାପୁଟଙ୍କ ନିକଟରେ ଶୃଙ୍ଖଳାଗତ ନିୟନ୍ତ୍ରଣରେ ରହିବେ ବୋଲି ଦର୍ଶାଯାଇଛି।

# ୧୧ ବେଳକୁ ଲଘୁଚାପ !

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ଗରମ ଗୁଳୁଗୁଳି ଭିତରେ ଆସୁଛି ବର୍ଷା । ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସମ୍ଭାବନା ରହିଛି। ୧୧ ତାରିଖ ବେଳକୁ ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ଲଘୁଚାପ। ତେବେ ଏହା କେଉଁ ଦିଗରେ ଗତି କରିବ ଓ ପ୍ରଭାବ କ'ଣ ରହିବ ତାହା ଏଯାଏ ସ୍ପଷ୍ଟ ହୋଇନି।

ଅନ୍ୟପଟେ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଲଘୁଚାପ ନେଇ ଭିନ୍ନ ଭିନ୍ନ ମଡେଲ ଆକଳନ କରିଛନ୍ତି। ଏହା ଭିତରେ ମନ୍ନାର ଉପସାଗର ଏବଂ ସମୀବର୍ତ୍ତୀ ଶ୍ରୀଲଙ୍କା ଉପକୂଳରେ ପ୍ରାୟ ୫.୮ କି.ମି. ଉଚ୍ଚତା ପର୍ଯ୍ୟନ୍ତ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏପଟେ ଆଜି ବି ରାଜ୍ୟରେ ତାଉ ଦେଖାଇଛି ତାତି। ଖରା ସାଙ୍ଗକୁ ଗୁଳିଗୁଳିରେ ଘାଣ୍ଟି ହେଉଛନ୍ତି ଲୋକେ।

ଅନ୍ୟପଟେ ରାଜ୍ୟରେ ଏବେ ଟ୍ରଫ୍‌ଲାଇନ୍ ପ୍ରଭାବ ରହିଛି। ଯାହାକି ୧୧ ତାରିଖ ପର୍ଯ୍ୟନ୍ତ ରହିବ। ଏହା ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ପାଇଁ ୨୦ ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ଘଣ୍ଟାପ୍ରତି ୩୦ ରୁ ୫୦ କିମି ପବନ ବହିବାର ସମ୍ଭାବନା ରହିଛି। ଏନେଇ ୟେଲୋ ୱାର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ ବିଭାଗ।

ୱାଟ୍‌କୋର ଐତିହାସିକ ସଫଳତା

# ସମସ୍ତ ୨୯ ସହରାଞ୍ଚଳରେ ୧୦୦% ଜଳ ଯୋଗାଣ ସୁନିଶ୍ଚିତ

## ୨୦୨୬-୨୭ରେ ଜଳ ଓ ସ୍ୱେରେଜ୍ ଭିତ୍ତିଭୂମି ପାଇଁ ବୃହତ୍ ପୁଞ୍ଜିନିବେଶ

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ଓଡ଼ିଶା ଜଳ ନିଗମ (ୱାଟକୋ) ସହରାଞ୍ଚଳ ନାଗରିକ ସେବା କ୍ଷେତ୍ରରେ ଏକ ଐତିହାସିକ ମାଇଲଷ୍ଟୋନ୍ ଅର୍ଜନ କରିଛି। ନିଗମ ନିଜ ଅଧୀନରେ ଥିବା ସମସ୍ତ ୨୯ଟି ସହରାଞ୍ଚଳରେ ଶତପ୍ରତିଶତ ଘରୋଇ ପାଇପ୍ ଜଳ ସଂଯୋଗ ସୁନିଶ୍ଚିତ କରି ସାର୍ବଜନୀନ ଜଳ ଯୋଗାଣ ଲକ୍ଷ୍ୟ ପୂରଣ କରିଛି। ଏହି ସଫଳତା ସହ ରାଜ୍ୟର ସହରାଞ୍ଚଳ ଜଳ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟମାନଙ୍କ ମଧ୍ୟରେ ସ୍ଥାନ ସୁଦୃଢ଼ କରିଛି। ନିକଟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ୱାଟକୋର ଏହି ସଫଳତା ସହିତ ଆଗାମୀ ଜଳ ଓ ସ୍ୱେରେଜ୍ ଭିତ୍ତିଭୂମି ବିକାଶ ରୋଡମ୍ୟାପ୍ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

୨୦୨୬ ମାର୍ଚ୍ଚ ସୁଦ୍ଧା ୱାଟକୋ ପ୍ରାୟ ୭,୬୩,୦୮୨ଟି ଘରୋଇ ସଂଯୋଗ ମାଧ୍ୟମରେ ୪.୯୧ ନିୟୁତରୁ ଅଧିକ ସହରବାସୀଙ୍କୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଆସୁଛି। "ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍" ଅଭିଯାନ ଏହି ପ୍ରୟାସକୁ ଅଧିକ ଗତିଶୀଳ କରିଛି। ବର୍ତ୍ତମାନ ୧୧ଟି ସହରାଞ୍ଚଳରେ ୨୪ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସଫଳତାର ସହ ଚାଲିଥିବାବେଳେ, ଅନ୍ୟ ୧୭ଟି ସହରରେ ଏହାର ସମ୍ପ୍ରସାରଣ କାର୍ଯ୍ୟ ଜୋରଦାର ଭାବେ ଅଗ୍ରସର ହେଉଛି। ୱାଟକୋର ବର୍ତ୍ତମାନ ମୋଟ ଜଳ ଯୋଗାଣ କ୍ଷମତା ୯୮୮.୮୯ ଏମ୍ ଏଲ୍ ଡିରେ ପହଞ୍ଚିଥିବାବେଳେ ସହରାଞ୍ଚଳର ବର୍ତ୍ତମାନ ଚାହିଦା ୭୦୦.୬୭ ଏମ୍ ଏଲ୍ ଡି ରହିଛି। ଏହି ଅତିରିକ୍ତ କ୍ଷମତା ଆଗାମୀ ଦିନରେ ରାଜ୍ୟର ଦୀର୍ଘମିଆଦି ଜଳ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ। ୨୦୨୫-୨୬ ଆର୍ଥିକ ବର୍ଷରେ ୱାଟକୋ ନିଜର ୯୧୨ କୋଟି ଟଙ୍କାର ବଜେଟକୁ ଶତପ୍ରତିଶତ ବ୍ୟୟ କରିଥିବା ସହିତ ଅମୃତ ଏବଂ ଓଏମବିଏଡିସି ପରି ଯୋଜନା ମାଧ୍ୟମରେ ଅତିରିକ୍ତ ୫୦୦ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ କରି ଜଳ ଭିତ୍ତିଭୂମିକୁ ସୁଦୃଢ଼ କରିଛି। ଏହି ଧାରାକୁ ଜାରି ରଖି ୨୦୨୬-୨୭ ପାଇଁ ୯୨୦ କୋଟି ଟଙ୍କାର ଏକ ମହତ୍ୱାକାଂକ୍ଷୀ କାର୍ଯ୍ୟଯୋଜନା ପ୍ରସ୍ତୁତ ହୋଇଛି, ଯେଉଁଥିରେ ସ୍ୱେରେଜ୍ ଭିତ୍ତିଭୂମି ବିକାଶ ପାଇଁ ୨୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଗତ ଏକ ବର୍ଷ ମଧ୍ୟରେ ୱାଟ୍‌କୋ ୩ଟି ନୂତନ ଜଳ ବିଶୋଧନ ପ୍ଲାଣ୍ଟ ଓ ୫୮ଟି ଉଚ୍ଚକ୍ଷମତାସମ୍ପନ୍ନ ଜଳାଶୟ ନିର୍ମାଣ କରିଛି। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୨,୬୫୮.୪୭ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଅବସ୍ଥାରେ ରହିଛି।



ଏଥିରେ ଭୁବନେଶ୍ୱର ପାଇଁ ୧୩୦ ଏମ୍ ଏଲ୍ ଡି କ୍ଷମତା ବିଶିଷ୍ଟ ବୃହତ୍ ଜଳ ବିଶୋଧନ ପ୍ଲାଣ୍ଟ ଏବଂ ସହରର ବସ୍ତି ଓ ଅଣ-ବସ୍ତି ଅଞ୍ଚଳରେ ସ୍ୱେରେଜ୍ ନେଟ୍‌ୱାର୍କ ସମ୍ପ୍ରସାରଣ ପରି ପ୍ରକଳ୍ପ ଅନ୍ତର୍ଭୁକ୍ତ ଅଛି। ଆଗାମୀ ପର୍ଯ୍ୟାୟରେ ୱାଟକୋ ୬,୧୨୯ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବୃହତ୍ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛି। ସେଥିରେ ସମ୍ବଲପୁର ପାଇଁ ୧,୬୮୨ କୋଟି ଟଙ୍କା ଓ ବାରିପଦା ପାଇଁ ୮୩୦.୯୭ କୋଟି ଟଙ୍କାର ସ୍ୱେରେଜ୍ ପ୍ରକଳ୍ପ ବିଶେଷ ଗୁରୁତ୍ୱ ବହନ କରୁଛି। ଡିଜିଟାଲ୍ ଓ ସ୍ମାର୍ଟ ଜଳ ପରିଚାଳନାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଭୁବନେଶ୍ୱର, ପୁରୀ, କଟକ, ରାଉରକେଲା ଓ ବ୍ରହ୍ମପୁରରେ ୫୦ ହଜାର ସ୍ମାର୍ଟ ୱାଟର ମିଟର ସ୍ଥାପନ କାର୍ଯ୍ୟ ଚାଲିଛି। ଏହାଦ୍ୱାରା ବିଲିଂ ବ୍ୟବସ୍ଥା, ଜଳ ବ୍ୟବହାର ନିରୀକ୍ଷଣ ଓ ସମ୍ବଳ ପରିଚାଳନାରେ ଆଧୁନିକତା ଆସିବ। ଜଳର ଗୁଣବତ୍ତା ଓ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ୱାଟ୍‌କୋ ରାଜ୍ୟରେ ୧୪ଟି ଆଧୁନିକ ପରୀକ୍ଷାଗାର ପରିଚାଳନା କରୁଛି। ଏହା ସହ ଆଇଆଇଟି ଭୁବନେଶ୍ୱର ସହ ବୈଷୟିକ ସହଯୋଗ ମାଧ୍ୟମରେ ଜଳ ପରିଚାଳନାରେ ନୂତନ ପ୍ରଯୁକ୍ତିର ପ୍ରୟୋଗକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ୱାଟ୍‌କୋର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି କହିଛନ୍ତି ଯେ, ଆଧୁନିକ ପ୍ରଯୁକ୍ତି, ଦୃଢ଼ ଭିତ୍ତିଭୂମି ଏବଂ ସୁସ୍ଥିର ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ଓଡ଼ିଶାର ସହରାଞ୍ଚଳରେ ବିଶ୍ୱସ୍ତରୀୟ ନାଗରିକ ସେବା ପ୍ରଦାନ ପାଇଁ ୱାଟ୍‌କୋ ନିରନ୍ତର କାର୍ଯ୍ୟ କରୁଛି।

ସରକାରଙ୍କୁ ବିଜେଡିର ଟାର୍ଗେଟ

# ଅରାଜକତା ଆଡ଼କୁ ଗତି କରୁଛି ଓଡ଼ିଶା



**ମହିଳା ବିରୋଧୀ ଅପରାଧକୁ ରୋକିବାରେ ବିଫଳ**

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ରାଜ୍ୟରେ ଦିନକୁ ଦିନ ହିଂସାକାଣ୍ଡ ବୃଦ୍ଧି ପାଇବାରେ ଲାଗିଛି। ଗତ ୧୦ ଦିନର ଘଟଣାକୁ ଅନୁଧ୍ୟାନ କଲେ,ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ୟୁପି, ବିହାରକୁ ଟପିଗଲାଣି କହି ବିଜେପି ସରକାରକୁ କଡ଼ା ସମାଲୋଚନା କରିଛି ବିଜେଡି। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଗତ ୧୦ ଦିନ ଭିତରେ ରାଜ୍ୟରେ ଘଟିଥିବା ହତ୍ୟା ଓ ହିଂସାକାଣ୍ଡ ଘଟଣାରୁ ସ୍ପଷ୍ଟ ପ୍ରତୀୟମାନ ରାଜ୍ୟରେ ସତେ ଯେମିତି ଆଇନର ଶାସନ ନଥିବା ଭଳି ସାଧାରଣ ଜନତା ଅନୁଭବ କରୁଛନ୍ତି। ଢେଙ୍କାନାଳରେ ଦଳିତ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଉଦ୍ୟମ, ହିଞ୍ଜିଳିରେ ୩ ବର୍ଷର ଝିଅ ସାମ୍ନାରେ ତାର ଗର୍ଭବତୀ ମାଆକୁ ହତ୍ୟା, କଣାସରେ ଯୁବକଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା ଉଦ୍ୟମ, ନିକଟରେ ବାଲିଅନ୍ତାରେ ଜିଆରପି କନଷ୍ଟେବଳ ସୌମ୍ୟ ସ୍ୱାଇଁଙ୍କୁ ହତ୍ୟା ଘଟଣା ସୂଚାଉଛି, ଏହି ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡ଼ ସାମନ୍ତସିଂହାର ଆହୁରି କହିଥିଲେ ଯେ, ଗତକାଲି ମାତ୍ର ୨୦ ହଜାର ଟଙ୍କା ପାଇଁ ବାଲିପାଟଣା ଅଞ୍ଚଳରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ଏ ସମସ୍ତ ଅପରାଧରେ ସଂଶ୍ଳିଷ୍ଟ ଥିବା ମୁଖ୍ୟ ଆସାମୀ ମାନଙ୍କୁ ଏ ପର୍ଯ୍ୟନ୍ତ ପୁଲିସ୍ ଗିରଫ କରିବାରେ ବିଫଳ ହୋଇଛି। ଯେଉଁ ରାଜ୍ୟ ଶାନ୍ତିପ୍ରିୟ ରାଜ୍ୟ ଭାବେ ସମଗ୍ର ଭାରତବର୍ଷରେ ସୁନାମ ଅର୍ଜନ କରିଥିଲା, ବିଜେପି କ୍ଷମତାକୁ ଆସିବା ପରେ ସେହି ରାଜ୍ୟ ଅଶାନ୍ତରେ ପରିଣତ ହେବା ସହିତ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହୋଇଛି। ଆମେରିକା ଭଳି ରାଷ୍ଟ୍ର ତାଙ୍କ ନାଗରିକ ମାନଙ୍କୁ ଆଡ଼ଭାଇଜରୀ ଜାରି କରି ଓଡ଼ିଶାକୁ ନ ଯିବା ପାଇଁ ମନା କରୁଛନ୍ତି।

ଜଗତସିଂହପୁର ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀଲୋରା ମହାପାତ୍ର କହିଛନ୍ତି ଯେ, ରାଜ୍ୟରେ ବଢ଼ିଚାଲିଥିବା ହିଂସା ଓ ନାରୀ ନିର୍ଯାତନା ରୋକିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଭାରତୀୟ ଜନତା ପାର୍ଟି ସରକାରଙ୍କ ଅପାରଗତାକୁ ଲୁଚାଇବା ପାଇଁ ରାଜନୈତିକ ବୟାନବାଜି ବନ୍ଦ କରନ୍ତୁ ବୋଲି ସେ କହିଛନ୍ତି।

# ‘ସେବା ଭାରତୀ’ ନିଃସ୍ୱାର୍ଥପର ମାନବସେବାର ଜ୍ୱଳନ୍ତ ଉଦାହରଣ: ଧର୍ମେନ୍ଦ୍ର



**ଭୁବନେଶ୍ୱର,ସମ୍ବଲପୁର,୯।୫/ଏନ୍ଏନ୍ଏସ୍:** ସେବା ଭାରତୀ କେବଳ ଏକ ସଂଗଠନର ନାମ ନୁହେଁ, ବରଂ ଏହା ନିଃସ୍ୱାର୍ଥପର ସେବାର ଏକ ଅନନ୍ୟ ପ୍ରତୀକ ବୋଲି ଶନିବାର ସମ୍ବଲପୁର ଠାରେ ଆୟୋଜିତ ‘ସେବା ଭାରତୀ’ ଓଡ଼ିଶା ପଶ୍ଚିମ ପ୍ରାନ୍ତର ବାର୍ଷିକ ଉତ୍ସବରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ କହିଛନ୍ତି ଯେ, ‘ସେବା ହିଁ ଭଗବାନ’ ମନ୍ତ୍ରକୁ ପାଥେୟ କରି ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସଂସ୍କାର ଏବଂ ବିପର୍ଯ୍ୟୟ ପରିଚାଳନା ଭଳି ପ୍ରତିଟି କ୍ଷେତ୍ରରେ ଏହି ଅନୁଷ୍ଠାନର ସମର୍ପିତ କାର୍ଯ୍ୟଧାରା ଅତ୍ୟନ୍ତ ପ୍ରଶଂସନୀୟ। ସମାଜର ଅବହେଳିତ ଓ ବଞ୍ଚିତ ବ୍ୟକ୍ତିଙ୍କ ମୁହଁରେ ହସ ଫୁଟାଇବା ପାଇଁ ସେବା ଭାରତୀ ଯେଉଁ ସଂକଳ୍ପ ନେଇଛି, ତାହା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ। ଆମେ କାହାକୁ ଦୟା କରିବା ଉଚିତ ନୁହେଁ, କାହାକୁ ଅନୁକମ୍ପା ଦେଖେଇବା ଉଚିତ ନୁହେଁ, ଆମେ ଆମର ନିଜର କର୍ତ୍ତବ୍ୟ କରିବା ଉଚିତ। କର୍ତ୍ତବ୍ୟଟା ଆମର ସମାଜର ସଂସ୍କାର।

ସ୍ଥାନୀୟ ପ୍ରସଙ୍ଗ ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେବା ଭାରତୀ ସଦାସର୍ବଦା ନିଜକୁ ସମାଜ ସହ ଯୋଡ଼ି ରଖିଛି। ସାମାଜିକ ସ୍ୱାବଲମ୍ବନ ସହ ପାରମ୍ପାରିକ କାର୍ଯ୍ୟକ୍ରମ ଏବଂ ପାନୀୟ ଜଳ ବ୍ୟବସ୍ଥା ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ମଧ୍ୟରେ ଏକ ଆତ୍ମୀୟତା ଓ ସାମୂହିକ ସଦଭାବ ସୃଷ୍ଟି କରିବାରେ ଏହି ସଂଗଠନ ସଫଳ ହୋଇଛି। ତେବେ ଆଜି ଜିଲ୍ଲା ପ୍ରଶାସନ ପ୍ରଦାନ କରାଯାଇଥିବା ଆମ୍ବୁଲାନ୍ସ ସେବା ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ଆହୁରି ତ୍ୱରାନ୍ୱିତ କରିବ। ସେହିପରି ସ୍ଥାନୀୟ ଅଞ୍ଚଳରେ ଚାଲୁଥିବା ଗୋଶାଳା ଓ ଚିକିତ୍ସା ଶିବିର କାର୍ଯ୍ୟରେ ସେବା ଭାରତୀ ସହ ସମାଜର ପ୍ରତିଟି ବ୍ୟକ୍ତି ମଧ୍ୟ ମିଳିତ ଭାବେ ଦାୟିତ୍ୱ ନେବା ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି। ଆଜିର ସମୟରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣକୁ ଏକ ଚିନ୍ତାଜନକ ବିଷୟ ଭାବେ ଦର୍ଶାଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଗାମୀ ପିଢ଼ିକୁ ସୁସ୍ଥ ଓ ଶିକ୍ଷିତ କରି ଗଢ଼ିତୋଳିବା ଆମ ସମସ୍ତଙ୍କର ମିଳିତ କର୍ତ୍ତବ୍ୟ। ଏହା ସହ ବଢୁଥିବା ତାପମାତ୍ରାର ମୁକାବିଲା ପାଇଁ ବ୍ୟାପକ ବୃକ୍ଷରୋପଣ ଏବଂ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକର ବ୍ୟବହାର ସମ୍ପୂର୍ଣ୍ଣ ବର୍ଜନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ‘ଯେତେବେଳେ ଆମେ ସମାଜକୁ ନିଜର ପରିବାର ଭାବେ ଗ୍ରହଣ କରିବା, ସେତେବେଳେ ଯାଇ ଏକ ସୁସ୍ଥ ଓ ସୁବ୍ୟବସ୍ଥିତ ସମାଜ ଗଠନ ସମ୍ଭବ ହେବ।’ ଏହି ବାର୍ଷିକ ଉତ୍ସବରେ ଓଡ଼ିଶାର ପଞ୍ଚାୟତିରାଜ, ଗ୍ରାମୀଣ ବିକାଶ ଏବଂ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକଙ୍କ ସମେତ ସମ୍ବଲପୁର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର ଏବଂ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ସମସ୍ତ ବର୍ଗଙ୍କୁ ସାଥିରେ ନେଇ ସେବା ଭାରତୀ ଏହି ମହତ ସେବା ଜାରି ରଖିଥିବାରୁ ଶ୍ରୀ ପ୍ରଧାନ ସଂଗଠନକୁ ସାଧୁବାଦ ଜଣାଇଛନ୍ତି।

### ପ୍ରଦେଶ କଂଗ୍ରେସର ପ୍ରଶିକ୍ଷଣ ଶିବିର

# ଭୋଟରଙ୍କ ଅଧିକାର ସୁରକ୍ଷା ପାଇଁ କର୍ମୀଙ୍କୁ ଭକ୍ତଙ୍କ ଆହ୍ୱାନ



**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଶନିବାର ଧଉଳି ନିକଟସ୍ଥ ପୁଷ୍ପକ କନଭେନସନଠାରେ ଜିଲ୍ଲା କଂଗ୍ରେସ ସଭାପତି ଓ କଂଗ୍ରେସ ବିଏଲଏ-୧ ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ ଏସ.ଆଇ.ଆର ଷ୍ଟିଅରିଂ କମିଟିର ଅଧ୍ୟକ୍ଷ ଶ୍ରୀ ସନ୍ତୋଷ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଭୋଟରଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ଶିବିରରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ଏସଆଇଆର ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଜିଲ୍ଲା କଂଗ୍ରେସ ସଭାପତି ଓ ବିଏଲଏ-୧ ମାନଙ୍କର ପ୍ରମୁଖ ଭୂମିକା ରହିଛି। ବିହାର, ପଶ୍ଚିମବଙ୍ଗ ଓ ତାମିଲନାଡୁ ଭଳି ରାଜ୍ୟର ନିର୍ବାଚନରେ ଏହି ପ୍ରକ୍ରିୟା ଯେଉଁଭଳି ଭାବେ ଅଣ-ବିଜେପି ଦଳମାନଙ୍କୁ ପ୍ରଭାବିତ କରିଛି, ତାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ବୁଥ୍ ସ୍ତରରେ ଭୋଟରମାନଙ୍କୁ ନିର୍ବାଚନୀ ବ୍ୟବସ୍ଥାରୁ ଦୂରେଇ ରଖିବା ପାଇଁ ହେଉଥିବା ଷଡ଼ଯନ୍ତ୍ରକୁ ପଣ୍ଡ କରିବାକୁ ସେ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଭୋଟରଙ୍କ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ଅବିଶ୍ରାନ୍ତ କାର୍ଯ୍ୟ କରିବାକୁ ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି। ଏଆଇସିସି କ୍ଲଷ୍ଟର ପ୍ରତିନିଧି ରାଜେଶ ସେରସିଆ ଏବଂ ଅନ୍ୟ ପ୍ରଶିକ୍ଷକମାନେ ଉପସ୍ଥିତ ରହି ଜିଲ୍ଲା ସଭାପତି, ବିଏଲଏ-୧ ଓ ବିଏଲଏ-୨ ମାନଙ୍କର ଦାୟିତ୍ୱ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପିସିସି ମିଡିଆ ଅଧ୍ୟକ୍ଷ ଶ୍ରୀ ଅରବିନ୍ଦ ଦାସ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପିସିସି ଉପସଭାପତି ସସ୍ମିତା ବେହେରା, ଲଲାଟେନ୍ଦୁ ମହାପାତ୍ର, ସେବାଦଳ ମୁଖ୍ୟ ଶୁଭେନ୍ଦୁ ମହାନ୍ତି, ସୋସିଆଲ ମିଡିଆ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନାଙ୍କ ସମେତ ସମସ୍ତ ଜିଲ୍ଲା କଂଗ୍ରେସ ସଭାପତି, ପିସିସି ଏସଆଇଆର ଷ୍ଟିଅରିଂ କମିଟି ଓ ଆଡଭାଇଜରି କମିଟିର ସଭ୍ୟ, ପିସିସି ଲିଗାଲ ସେଲ ଅଧ୍ୟକ୍ଷ ଓ ସଭ୍ୟ ଏବଂ ୱାର ରୁମ୍ କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ।

# ମହତ୍ କର୍ମ ପାଇଁ କିଶୋର ସାମଲ ସ୍ମରଣୀୟ ରହିବେ

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ନିଷ୍କପଟ ହୃଦୟରେ ସତ୍ୟନିଷ୍ଠ ଭାବେ ଗରିବ ଓ ଅସହାୟ ଲୋକମାନଙ୍କ ସେବା କରିବା ଭଳି ମହତ୍ କର୍ମ ଦ୍ୱାରା ଯୁବ ସମାଜସେବୀ କିଶୋର ସାମଲ ଆଜି ସ୍ମରଣୀୟ ହୋଇପାରିଛନ୍ତି। ଆଞ୍ଚଳିକସ୍ତରରେ ବିଭିନ୍ନ ସମସ୍ୟା, ବିଶେଷକରି ଶିକ୍ଷା କ୍ଷେତ୍ରରେ ସମସ୍ୟାର ସମାଧାନ ନିମନ୍ତେ ଉପଯୁକ୍ତ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ନିକଟରେ ନ୍ୟାୟୋଚିତ ଦାବି ଉପସ୍ଥାପନ କରିବାରେ ତାଙ୍କର ସକରାତ୍ମକ ଆଭିମୁଖ୍ୟ ତାଙ୍କୁ ଲୋକପ୍ରିୟ କରିପାରିଛି ବୋଲି ବହୁ ବିଶିଷ୍ଟ ବକ୍ତା ମତ ପ୍ରକାଶ କରିଛନ୍ତି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ସ୍ୱର୍ଗୀୟ ପୂର୍ଣ୍ଣାନନ୍ଦ ସାମଲଙ୍କ ସୁପୁତ୍ର, ଦକ୍ଷ ସଂଗଠକ ତଥା ପୂର୍ବତନ କାଉନସିଲର କିଶୋର ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଚୌଦ୍ୱାର କଲେଜ ପୁରାତନ ଛାତ୍ର ସଂସଦ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଦୋଳଯାତ୍ରା ପଡ଼ିଆ ସମ୍ମୁଖସ୍ଥ କଳାନିକେତନ କ୍ଲବ ପ୍ରେକ୍ଷାଳୟରେ ଆୟୋଜିତ ଏହି ସଭାରେ ପୁରାତନ ଛାତ୍ର ସଂସଦର ସଭାପତି ତଥା ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା ସଭାପତିତ୍ୱ କରିଥିଲେ। ଏହି ସ୍ମୃତିସଭାରେ କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ ଚେୟାରମ୍ୟାନ ପ୍ରେମଚାନ୍ଦ ନାୟକ, ଚୌଦ୍ୱାର ମ୍ୟୁନିସିପାଲିଟିର ଭାଇସ ଚେୟାରମ୍ୟାନ ଶୁଭେନ୍ଦୁ ସାମଲ ଏବଂ ନଗର କଂଗ୍ରେସ ସଭାପତି ହରିହର ପରିଡ଼ା ପ୍ରମୁଖ ଯୋଗଦେଇ ସ୍ୱର୍ଗୀୟ ସାମଲଙ୍କ ବହୁମୁଖୀ ପ୍ରତିଭା ଓ ସାମାଜିକ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ସଂସଦ ସମ୍ପାଦକ କେଶବ ଚନ୍ଦ୍ର ସାହୁ, ବରିଷ୍ଠ କର୍ମକର୍ତ୍ତା କ୍ଷୀରୋଦ ବେହେରା, ବିଭୂତି ଭୂଷଣ ସାହୁ, ବିଚିତ୍ରାନନ୍ଦ ସାହୁ, ସୌମିତ୍ର ସ୍ୱାଇଁ, ମୁରଲୀଧର ବେହୁରା, ରବୀନ୍ଦ୍ର କୁମାର ମହାପାତ୍ର, ଯୁବ କଂଗ୍ରେସ ନେତା ବିଜୟ ବେହେରା, ନାରୀନେତ୍ରୀ ମୋନାଲିସା ଦାସ, ଅଜୟ ବଳ, ଲିଙ୍ଗରାଜ ମୁଦୁଲି, ସୁବାସ ଦଲେଇ, ବିଜୟ ନାୟକ, ଦୀପକ ପରିଜା, ଛବିନ ନାୟକ, ରାଜେନ୍ଦ୍ର ସାମନ୍ତରାୟ, ଚିତ୍ତରଞ୍ଜନ ସାମଲ ଏବଂ ଜଗଜ୍ଜୀବନ ସାମଲଙ୍କ ସମେତ ବହୁ ସଂଖ୍ୟାରେ ପୁରାତନ ଛାତ୍ର ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ସାମଲଙ୍କ ସ୍ମୃତିଚାରଣ କରିଥିଲେ।

# ମହାନଦୀ ଜଳ ବିବାଦ: ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ‘ମହାନଦୀ ବଞ୍ଚାଅ ଆନ୍ଦୋଳନ’

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ମହାନଦୀରେ ଉପଲବ୍ଧ ଜଳରାଶିକୁ ନେଇ ଟ୍ରିବ୍ୟୁନାଲରେ ଦାଖଲ ହୋଇଥିବା ତଥ୍ୟ ଉପରେ ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛି ‘ମହାନଦୀ ବଞ୍ଚାଅ ଆନ୍ଦୋଳନ’। ଟ୍ରିବ୍ୟୁନାଲ୍ ନିକଟରେ ଦାଖଲ ହୋଇଥିବା ଏହି ତଥ୍ୟ ସତ୍ୟ ଉପରେ ଆଧାରିତ ନୁହେଁ ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପାଇଁ ମେ’ ୨୦ ତାରିଖ ସୁଦ୍ଧା ସମୟ ମାଗିଛନ୍ତି ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ। ଯଦି ନିର୍ଦ୍ଧାରିତ ସମୟ ସୁଦ୍ଧା ଆଲୋଚନା ପାଇଁ ସୁଯୋଗ ନ ମିଳେ, ତେବେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସାମ୍ନାରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରାଯିବ ବୋଲି ମୁଖପାତ୍ର ପ୍ରସନ୍ନ ବିଷୋୟୀ ଚେତାବନୀ ଦେଇଛନ୍ତି। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ଅନେକ ନଦୀବନ୍ଧ ପ୍ରକଳ୍ପ ନିର୍ମାଣ କରିଥିବାରୁ ଓଡ଼ିଶାରେ ବିଶେଷକରି ହୀରାକୁଦରେ ଜଳ ସଙ୍କଟ ଦେଖାଦେଉଛି ବୋଲି ନିଜେ ମୁଖ୍ୟମନ୍ତ୍ରୀ ପୂର୍ବରୁ ବିଧାନସଭାରେ ତଥ୍ୟ ରଖିଥିଲେ। ମାତ୍ର ଟ୍ରିବ୍ୟୁନାଲ ନିକଟରେ ଦିଆଯାଇଥିବା ତଥ୍ୟରୁ ମହାନଦୀରେ ଜଳାଭାବ ନାହିଁ ବୋଲି ପ୍ରତୀୟମାନ ହେଉଛି। ଏଭଳି ତ୍ରୁଟିପୂର୍ଣ୍ଣ ତଥ୍ୟ ଦେଇ ରାଜ୍ୟ ଓ ମହାନଦୀ ପ୍ରତି କରାଯାଉଥିବା ଅବିଚାରକୁ ସଂଗଠନ ଦୃଢ଼ ବିରୋଧ କରିବ ବୋଲି ସୂଚନା ଦିଆଯାଇଛି। ପରିସ୍ଥିତିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ ଆଲୋଚନା କରିବାକୁ ଦାବି ହୋଇଛି।

### ତିନିଦିନିଆ ଇଟିକିଲି ମିଟିକିଲି ଉତ୍ସବ ଉଦ୍‌ଘାଟିତ

# ପିଲାଙ୍କ କଣ୍ଠରେ କବିତା ଓ ପାଦରେ ନୃତ୍ୟର ଝଙ୍କାର




**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ପିଲାଙ୍କ ଅନୁଷ୍ଠାନ ଇଟିକିଲି ମିଟିକିଲିର ୩୧ତମ ଉତ୍ସବ ଅବସରରେ ତିନିଦିନିଆ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆଜି ଭୁବନେଶ୍ୱରସ୍ଥିତ ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଅଡ଼ିଟୋରିଅମ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପିଲାଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ଉପଯୁକ୍ତ ମଞ୍ଚରେ ସୁଯୋଗ ଦେଇ ଲୋକଲୋଚନକୁ ଆଣିବା ନିମନ୍ତେ ଦୀର୍ଘ ଏକତିରିଶ ବର୍ଷ ଧରି ଇଟିକିଲି ମିଟିକିଲି ଯେଉଁ ପ୍ରଚେଷ୍ଟା ଜାରି ରଖିଛି, ତାହା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଅନୁଷ୍ଠାନର ଉପ-ସଭାପତି ଚିତ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ରୟାଲ କଲେଜର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ବିଷ୍ଣୁମୋହନ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ପିଲାମାନଙ୍କର ପ୍ରତିଭା ବିକଶିତ ହେଲେ, ଆମ ରାଜ୍ୟର ସାହିତ୍ୟ, ନୃତ୍ୟ, ସଂଗୀତ, କଳା ଇତ୍ୟାଦି ଭବିଷ୍ୟତରେ ଅଧିକରୁ ଅଧିକ ସମୃଦ୍ଧ ହୋଇପାରିବ ବୋଲି ବକ୍ତବ୍ୟରେ କହିଥିଲେ।

ଅନୁଷ୍ଠାନର ସଚିବ ଶରତ କୁମାର ନାୟକ ନିଜ ବକ୍ତବ୍ୟରେ ଅଭିଭାବକମାନଙ୍କ ସହଯୋଗ ଓ ପିଲାମାନଙ୍କ ସମ୍ପୃକ୍ତି ଯୋଗୁ ଦୀର୍ଘବର୍ଷ ହେଲା ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ଅନୁଷ୍ଠିତ ହୋଇଆସୁଛି ବୋଲି ମତପ୍ରକାଶ କରିଥିଲେ। ଏହାପରେ ଆୟୋଜିତ ହୋଇଥିଲା ମୁଁ ବି ଜଣେ ପାଠକ, ଓଡ଼ିଆ ସମ୍ବାଦପାଠ ଓ ଓଡ଼ିଆ କବିତା ଆବୃତ୍ତି ପ୍ରତିଯୋଗିତା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସମ୍ବାଦିକ ତଥା ଶିଶୁ-ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ, ରାଜଧାନୀ ମହାବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପିକା ପ୍ରଜ୍ଞା ପ୍ରଧାନ, କବି ଓ ଲେଖିକା ସ୍ୱୟଂପ୍ରଭା ରଥ, ଶିଶୁ-ସାହିତ୍ୟିକା ତଥା କବି ଓ ଲେଖିକା କମଳିନୀ ମଲ୍ଲିକ ପ୍ରମୁଖ ବିଚାରକ ଭାବରେ ଯୋଗଦାନ କରି ଯୋଗ୍ୟ ଶିଶୁପ୍ରତିଭାମାନଙ୍କୁ ଚୟନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅପରାହ୍ଣରୁ ରାତ୍ରି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ଓଡ଼ିଶୀ, ଲୋକନୃତ୍ୟର ମନଛୁଆଁ କାର୍ଯ୍ୟକ୍ରମ ନାଦମ୍ବିକାର ପ୍ରଥମ ଭାଗ ଓ ଏକକ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା। ଅନୁଷ୍ଠାନର ସଭାପତି ଶରତ କୁମାର ଦାଶଙ୍କ ପୌରୋହିତ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀର ସହ-ସଚିବ ସଞ୍ଜୟ କୁମାର ଛୁଆଳସିଂହ ଅତିଥି ଭାବରେ ଯୋଗଦାନ କରି ପିଲାମାନଙ୍କ ଉଦ୍ଦେଶ୍ୟରେ ଓଡ଼ିଶୀ ନୃତ୍ୟର ମହତ୍ତ୍ୱ ବିଷୟରେ ବକ୍ତବ୍ୟ ରଖିଥିଲେ। ନୃତ୍ୟ ପ୍ରତିଯୋଗିତାରେ ଓଡ଼ିଶୀ ନୃତ୍ୟଗୁରୁ ଦେବବ୍ରତ ଦାସ, ଗୁରୁ ପୀତାମ୍ବର ବିଶ୍ୱାଳ ଓ ପ୍ରାଧ୍ୟାପକ ଜେନାମଣି ସଞ୍ଜିବ କୁମାର ପ୍ରମୁଖ ବିଚାରକ ଭାବରେ ଉପସ୍ଥିତ ରହି କୃତୀ ନୃତ୍ୟଶିଳ୍ପୀମାନଙ୍କୁ ଚୟନ କରିଥିଲେ। ଆଜିର ସମସ୍ତ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଦୁଇଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ତଥା ସମସ୍ତ କାର୍ଯ୍ୟକ୍ରମକୁ ସାଂସ୍କୃତିକ ସମ୍ପାଦିକା ଅନିତା ରଥ, ସଦସ୍ୟ ରଜନୀକାନ୍ତ ରାଉତ, ସବିତା ତ୍ରିପାଠୀ, ପ୍ରତ୍ୟୁଷିନୀ ମହାନ୍ତି, ଅନିତା ବେହେରା ଓ ପ୍ରିୟଦର୍ଶୀ ସୌମ୍ୟକାନ୍ତ ପ୍ରମୁଖ ପରିଚାଳନା କରିଥିଲେ। ଆଜି ରବିବାର କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ସକାଳ ଦଶଟାରୁ ରାତ୍ର ଦଶଟା ପର୍ଯ୍ୟନ୍ତ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ନାଦମ୍ବିକାର ଦ୍ୱିତୀୟ ଭାଗ ଓ ସଙ୍ଗୀତ ଭିତ୍ତିକ ନୃତ୍ୟ ସହ ଅନ୍ୟାନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଚିବ ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

# ଜେ.ଡି. ସେଣ୍ଟର୍ ଅଫ୍ ଆର୍ଟର ୨୯୦ତମ ‘ମିଟ୍ ଦ ଆର୍ଟିଷ୍ଟ୍’

**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ସ୍ଥାନୀୟ ନୟାପଲ୍ଲୀସ୍ଥିତ ଭି.ଆଇ.ପି କଲୋନୀର ଏ-୨୦ କାର୍ଯ୍ୟାଳୟ ପରିସରରେ ଜେ.ଡି. ସେଣ୍ଟର ଅଫ ଆର୍ଟ (ଜେ.ଡି.ସି.ଏ) ପକ୍ଷରୁ ୨୯୦ତମ ‘ମିଟ୍ ଦ ଆର୍ଟିଷ୍ଟ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ‘ସାର୍ବଜନୀନ ସ୍ଥାନମାନଙ୍କର ସୌନ୍ଦର୍ଯ୍ୟକରଣ’ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ସୁନାମଧନ୍ୟ ସ୍ଥାପତ୍ୟ ଶିଳ୍ପୀ ଶ୍ରୀମତୀ ଗାୟତ୍ରୀ ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇ ସାର୍ବଜନୀନ ବ୍ୟବହାର ଯୋଗ୍ୟ ଢାଞ୍ଚାର ସୌନ୍ଦର୍ଯ୍ୟକରଣ ଉପରେ ଆଲୋକପାତ କରିଥିଲେ। ସେ ନିଜ ବକ୍ତବ୍ୟରେ କହିଥିଲେ ଯେ ସରକାରୀ ଭବନ ଓ ସାର୍ବଜନୀନ ସ୍ଥାନଗୁଡ଼ିକ କେବଳ ଉପଯୋଗୀ ହେଲେ ହେବନାହିଁ, ସେଗୁଡ଼ିକ ସୁନ୍ଦର, ପରିବେଶମୁଖୀ ଏବଂ ସାଧାରଣ ଲୋକଙ୍କ ସୁବିଧା ଅନୁଯାୟୀ ହେବା ଆବଶ୍ୟକ। ଭାରତ ସରକାରଙ୍କ କେନ୍ଦ୍ରୀୟ ଲୋକନିର୍ମାଣ ବିଭାଗରେ ସ୍ଥାପତ୍ୟ ଶିଳ୍ପୀ ଭାବେ କାର୍ଯ୍ୟରତ ଶ୍ରୀମତୀ ହୋତା ପାୱାର ପଏଣ୍ଟ ମାଧ୍ୟମରେ ନିଜର ବିଭିନ୍ନ ଡିଜାଇନ ଓ ପରିକଳ୍ପନା ଉପସ୍ଥାପନ କରିଥିଲେ। ସେ ସ୍ଥାନୀୟ ସଂସ୍କୃତି ଓ ଆଧୁନିକ ସ୍ଥାପତ୍ୟ ଶୈଳୀର ମିଶ୍ରଣରେ ଶିକ୍ଷା ଅନୁଷ୍ଠାନ, ଚିକିତ୍ସାଳୟ ଓ ଅନ୍ୟାନ୍ୟ ସାର୍ବଜନୀନ ଭବନର ଉନ୍ନତିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜେ.ଡି.ସି.ଏ ଟ୍ରଷ୍ଟି ଶ୍ରୀ ଜଗଦାନନ୍ଦ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ବିଶିଷ୍ଟ ସ୍ଥାପତ୍ୟ ଶିଳ୍ପୀ ଶ୍ରୀ ଅକ୍ଷୟ କୁମାର ବେଉରିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସନ୍ଧ୍ୟାରେ ଅନେକ ବିଶିଷ୍ଟ ବ୍ୟକ୍ତି ଓ କଳାକାର ଉପସ୍ଥିତ ଥିଲେ। ଜେ.ଡି.ସି.ଏ ପକ୍ଷରୁ ପ୍ରସନ୍ନ କୁମାର ପଣ୍ଡା, ବିଶ୍ୱଜିତ ରାଉତ ଓ ବିକାଶ କୁମାର ଡାକୁଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଗତ ବହୁ ବର୍ଷ ଧରି ଜେ.ଡି.ସି.ଏ କଳା ଓ କଳାକାରମାନଙ୍କ ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି।

# ଇସ୍କନ୍ ମନ୍ଦିରରେ ‘ନୃତ୍ୟନିପୁଣା’ର ନୃତ୍ୟ ପରିବେଷଣ




**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ସ୍ଥାନୀୟ ଇସ୍କନ ମନ୍ଦିର ପକ୍ଷରୁ ଆୟୋଜିତ ପବିତ୍ର ଚନ୍ଦନ ମହୋତ୍ସବ ଅବସରରେ ଏକ ଭକ୍ତିମୟ ସାଂସ୍କୃତିକ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ‘ନୃତ୍ୟନିପୁଣା ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ’ର ଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ଶାସ୍ତ୍ରୀୟ ନୃତ୍ୟ ଓ ଭଜନ ଭିତ୍ତିକ ସଙ୍ଗୀତ ଉପସ୍ଥିତ ଶ୍ରଦ୍ଧାଳୁ ଓ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଛି। ଅନୁଷ୍ଠାନର ଗୁରୁ ଡକ୍ଟର ପ୍ରିୟଙ୍କା ମିଶ୍ରଙ୍କ ପ୍ରତ୍ୟକ୍ଷ ପ୍ରଶିକ୍ଷଣ ଏବଂ ପ୍ରତିମା ମିଶ୍ରଙ୍କ ସୁପରିଚାଳନାରେ ନୃତ୍ୟାଙ୍ଗନାମାନେ ଓଡ଼ିଶୀ ନୃତ୍ୟ, ମାହାରୀ ନୃତ୍ୟ, କଥକ ଏବଂ ଭଜନ ନୃତ୍ୟର ଚିତ୍ତାକର୍ଷକ କଳା ପ୍ରଦର୍ଶନ କରିଥିଲେ। ଏଥିସହିତ ଭଜନ ଭିତ୍ତିକ କଣ୍ଠ ସଙ୍ଗୀତ କାର୍ଯ୍ୟକ୍ରମକୁ ଆହୁରି ଆଧ୍ୟାତ୍ମିକ କରିତୋଳିଥିଲା। ଶିଳ୍ପୀମାନଙ୍କ ନିଖୁଣ ମୁଦ୍ରା ଓ ପରିବେଷଣ ଶୈଳୀକୁ ଦର୍ଶକମାନେ ଉଚ୍ଚ ପ୍ରଶଂସା କରିଥିଲେ, ଯାହା ଫଳରେ ମନ୍ଦିର ପ୍ରାଙ୍ଗଣ କରତାଳିରେ ପ୍ରକମ୍ପିତ ହୋଇଉଠିଥିଲା। ଏହି କାର୍ଯ୍ୟକ୍ରମରେ ଅର୍ଚ୍ଚିତା, ଆଶ୍ରିୟା, ଅଂଶିତା, ବିଦୁସ୍ମିତା, ତ୍ରିଶା, ସ୍ନେହାଶ୍ରୀ, ଜାହ୍ନବୀ, କିର୍ତିକା, ପ୍ରତ୍ୟାଶା, ନନ୍ଦିକା, ସାଇରାମ୍, ଲିଶ୍ନା, ସୌରଶ୍ରୀ ଏବଂ ଐତିହ୍ୟ ପ୍ରମୁଖ ନୃତ୍ୟଶିଳ୍ପୀମାନେ ନିଜର କଳା ପ୍ରଦର୍ଶନ କରି ସାଂସ୍କୃତିକ ସନ୍ଧ୍ୟାର ଶୋଭା ବଢ଼ାଇଥିଲେ। ମହାପ୍ରଭୁଙ୍କ ଏହି ପବିତ୍ର ଚନ୍ଦନ ଯାତ୍ରା ଅବସରରେ କଳାକାରମାନଙ୍କର ଏହି ନିଷ୍ଠାପର ପ୍ରୟାସ ଉଭୟ ଭକ୍ତି ଓ କଳାର ଏକ ଅପୂର୍ବ ସମନ୍ୱୟ ସୃଷ୍ଟି କରିଥିଲା।

# ‘ମନଗହନର ଭିତିରି କଥା’ ପୁସ୍ତକ ଲୋକାର୍ପିତ



**ଭୁବନେଶ୍ୱର,କଟକ,୯।୫/ଏନ୍ଏନ୍ଏସ୍:** ଶିକ୍ଷାବିତ୍ ପ୍ରଭାତ କୁମାର କରଙ୍କ ରଚିତ ବ୍ୟଙ୍ଗ ରସାତ୍ମକ ପୁସ୍ତକ ‘ମନଗହନର ଭିତିରି କଥା’ ଲୋକାର୍ପଣ ଉତ୍ସବ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସିପ୍ରା କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟଅତିଥି, ଡ଼ଃ ପ୍ରଫୁଲ୍ଲ କୁମାର ଦାଶ ସମ୍ମାନିତ ଅତିଥି, ଜ୍ଞାନ ହୋତା ମୁଖ୍ୟବକ୍ତା, କୁନା ତ୍ରିପାଠୀ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡ଼ଃ. ଦେବାଶିଷ ମହାପାତ୍ର ପୁସ୍ତକ ସମୀକ୍ଷା କରିଥିଲେ। ପ୍ରଭାତ କୁମାର କର ପେସାରେ ଜଣେ ଶିକ୍ଷାବିତ୍, ପ୍ରାକ୍ତନ ଅଧ୍ୟକ୍ଷ ଥିଲେ ମଧ୍ୟ ନିଶାରେ ଜଣେ ଏକନିଷ୍ଠ ସାରସ୍ୱତ ସାଧକ ରୂପେ ବେଶ୍ ପରିଚିତ। ନିଜର ଅବସର ସମୟ ସାହିତ୍ୟ ସାଧନାରେ ବିନିଯୋଗ କରୁଥିଲେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ନିଜସ୍ୱ ବ୍ୟଙ୍ଗ କବିତାର ଶ୍ରୋତା ମୀରା କରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଇଂ ସୁଶାନ୍ତ ବଳ ଇଂରାଜୀରେ ଭାଷାନ୍ତର ପାଠ କରିଥିଲେ। ଅଭିରାମ ଖୁଣ୍ଟିଆ ଭଜନ ପରିବେଷଣ କରିଥିଲେ। ପ୍ରଦୀପ କୁମାର କର, ଅବନୀ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଶୋକ କୁମାର ଦାଶ ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ୍ ଦେଇଥିଲେ।

### ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଭାବ ବିନିମୟ ସଭା

# ‘ପାରିବାରିକ ବ୍ୟବସ୍ଥା ସୁଦୃଢ଼ ହେଲେ ସମାଜ ଋଦ୍ଧିମନ୍ତ ହେବ’




**ଭୁବନେଶ୍ୱର,୯।୫/ଏନ୍ଏନ୍ଏସ୍:** ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଭୁବନେଶ୍ୱରଠାରେ ଏକ ଭାବ ବିନିମୟ ସଭା ଅନୁଷ୍ଠିତ ହୋଇଯାଇଛି। ‘ଆମ ପରିବାର - ଗତକାଲି, ଆଜି ଓ ଆସନ୍ତାକାଲି’ ଶୀର୍ଷକ ଏହି ସଭାରେ ଅନୁଷ୍ଠାନର ସଭାପତି ସଜ୍ଜନ ଶର୍ମା ଅଧ୍ୟକ୍ଷତା କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବ ପ୍ରାନ୍ତ କୁଟୁମ୍ବ ପ୍ରବୋଧନ ପ୍ରମୁଖ ବୈକୁଣ୍ଠ ନାଥ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆମ ପାରିବାରିକ ବ୍ୟବସ୍ଥା ଉପରେ ବିଷଦ ଆଲୋଚନା କରିଥିଲେ।

ମୁଖ୍ୟଅତିଥି ଶ୍ରୀ ସାହୁ ନିଜ ବକ୍ତବ୍ୟରେ କହିଥିଲେ ଯେ ପାରିବାରିକ ବ୍ୟବସ୍ଥା ଯେତେ ସୁଦୃଢ଼ ହେବ ସମାଜ ସେତେ ଋଦ୍ଧିମନ୍ତ ହେବ। ଯଦିଓ ବର୍ତ୍ତମାନ ସମୟରେ ପାରିବାରିକ ବ୍ୟବସ୍ଥାରେ କ୍ରମଶଃ ଅବକ୍ଷୟ ବଢ଼ିବାରେ ଲାଗିଛି, ତଥାପି ଏହାର ସଂସ୍କାର ପାଇଁ ବିଭିନ୍ନ ଅନୁଷ୍ଠାନ କାର୍ଯ୍ୟ ଜାରି ରଖିଛନ୍ତି। ଭାଷା, ଭୂଷା, ଭଜନ, ଭୋଜନ, ଭବନ ଓ ଭ୍ରମଣ ଦ୍ୱାରା ଆମ ସମାଜ ତଥା ପରିବାର ଉନ୍ନତି ଦିଗରେ ଅଗ୍ରସର ହୋଇପାରିବ। ଏଥିପାଇଁ ପରିବାରରେ ସ୍ନାନ, ଧ୍ୟାନ ଓ ବ୍ୟାୟାମକୁ ଅଧିକ ଗୁରୁତ୍ୱ ଦେବା ଏକାନ୍ତ ପ୍ରୟୋଜନ ବୋଲି ସେ ମତବ୍ୟକ୍ତ କରିଥିଲେ। ନୟାପଲ୍ଲୀ ସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ସାମ୍ବାଦିକ ଓ ଲେଖକ ଦିଲ୍ଲୀପରାଜ ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଆଲୋଚନାରେ ସମାଜସେବୀ ଡଃ ସିକ୍ତା ପତି, ଡାକ୍ତର ପ୍ରତାପ ପାଣି, କବି ମନୋରଞ୍ଜନ ଷଡଙ୍ଗୀ, ସାହିତ୍ୟିକ ସାଧୁଚରଣ ବେହେରା, ପରିବେଶବିତ୍ ଡଃ ହାଡ଼ିବନ୍ଧୁ ପାଣିଗ୍ରାହୀ, ଡଃ ପଦ୍ମଲୋଚନ ଦାଶ, ବ୍ରହ୍ମାନନ୍ଦ ଓଝା, ତ୍ରିଗୁଣ ଦାସ ମହାପାତ୍ର, ସୁଜିତ ଦାସ, ଭବାନୀ ପ୍ରସାଦ ମିଶ୍ର, ଶିଶିର ସାହୁ, ଲଡୁକିଶୋର ପାତ୍ର, ଜଗନ୍ନାଥ ଚାଟାର୍ଜୀ, ସୁଶାନ୍ତ କୁମାର ପାଣି, ରାମଚନ୍ଦ୍ର ଦୀକ୍ଷିତ, ଲକ୍ଷ୍ମଣ ପାଳ ସଉରେ, ସୁରେଶ କୁମାର ସାହୁ ଏବଂ ସ୍ୱାଗତିକା ଧଳ ପ୍ରମୁଖ ଅଂଶଗ୍ରହଣ କରି ନିଜ ନିଜର ସୁଚିନ୍ତିତ ମତ ପ୍ରଦାନ କରିଥିଲେ।

## ଦୀର୍ଘ ବର୍ଷ ପରେ ଚନ୍ଦନ ଯାତ୍ରା, ଚାପ ଖେଳିଲେ ଚାରି ଠାକୁର



**ଦଶପଲ୍ଲା,୯।୫/ଏନ୍ଏନ୍ଏସ୍:** ଦୀର୍ଘବର୍ଷ ପରେ ଦଶପଲ୍ଲା ଦେବୋତ୍ତର ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ଚନ୍ଦନଯାତ୍ରା। ଦଶପଲ୍ଲାର ଚାରି ଠାକୁର ରାଧାକାନ୍ତ,ଗୋପିନାଥ, ନିଳକଣ୍ଠେଶ୍ୱର ଓ କିଶୋରେଶ୍ୱର ଚାପ ଖେଳିଛନ୍ତି। ଚାରି ଠାକୁରଙ୍କ ଚଳନ୍ତି ପ୍ରତିମାଙ୍କୁ ବହୁ ଆଡମ୍ବର ଆକାରରେ ଏକ ଶୋଭାଯାତ୍ରାରେ ଅଣାଯାଇଥିଲା। ଏହି ଶୋଭାଯାତ୍ରା ସ୍ଥାନୀୟ ବାବୁବସା ସାଗର ପୋଖରୀ ଠାରେ ପହଞ୍ଚିବା ପରେ ଠାରଙ୍କୁ ଡଙ୍ଗାରେ ବସାଯାଇ ଚାପ ଖେଳାଯାଇଥିଲା। ସନ୍ଧ୍ୟା ସମୟ ରେ ଠାକୁରଙ୍କ ଚନ୍ଦନ ଲାଗି ପୂଜାର୍ଚ୍ଚନା କରାଯିବା ପରେ ବିଭିନ୍ନ ସ୍ଥାନରେ ଠାକୁରଙ୍କୁ ଭୋଗଲାଗି କରାଯିବା ସହ ପୂଜାର୍ଚ୍ଚନା କରାଯାଇଥିଲା। ଶେଷରେ ପୁଣି ଚାରି ଠାକୁରଙ୍କ ଚାପ ଖେଳ ଅନୁଷ୍ଠିତ ହେବାପରେ ଠାକୁର ନିଜ ମନ୍ଦିରକୁ ପ୍ରସ୍ଥାନ କରିଥିଲେ। ଏ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକଙ୍କ ସହ ପୋଲିସ ଓ ଦମକଳ ବାହିନୀ ଉପସ୍ଥିତ ଥିବା ବେଳେ ଶେଷରେ ଦୀର୍ଘଦିନ ପରେ ଏହି ଚନ୍ଦନଯାତ୍ରା ଉତ୍ସବ ପାଳନ କରାଯାଉଥିବାରୁ ଏହାକୁ ଦେଖିବା ପାଇଁ ବହୁ ଜନସମାଗମ ହୋଇଥିଲା।

## ଷ୍ଟ୍ରୀଟ୍ ଲାଇଟ୍ ଅଚଳ: ମରାମତି ଦାବି



**ନୟାହାଟ,୯।୫/ଏନ୍ଏନ୍ଏସ୍:** ଗାଁ ଗହଳିରେ ଆଲୋକର ବେବସ୍ଥା ପାଇଁ ପଞ୍ଚାୟତମାନଙ୍କ ପକ୍ଷରୁ ଆଲୋକର ବ୍ୟବସ୍ଥା କରାଯିବା ପାଇଁ ଖୁଣ୍ଟମାନଙ୍କରେ ଷ୍ଟ୍ରୀଟ୍ ଲାଇଟ୍ ଲଗାଯିବା କଥା। ମାତ୍ର ଲାଇଟ୍ ନଥାଇ ଲକ୍ଷ ଲକ୍ଷ ଟଙ୍କା ବିଲ୍ ହେବା ବଉଲାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ କମଳକାନ୍ତ କୁଅଁର ପ୍ରକାଶ କରିଛନ୍ତି। ନୟାହାଟ ଫାଣ୍ଡି ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତର ୧୨ଗୋଟି ଗ୍ରାମରେ ଷ୍ଟ୍ରୀଟ୍ ଲାଇଟ୍ ଖୁଣ୍ଟରେ ଭଙ୍ଗାରୁଜା ଅବସ୍ଥାରେ ଝୁଲୁଥିବା ବେଳେ ଲୋକମାନେ ଅନ୍ଧାର ରାତିରେ ଯାତାୟତ କରିଥାନ୍ତି। ଲାଇଟ୍‌ଗୁଡ଼ିକୁ ମରାମତି ପାଇଁ ପଞ୍ଚାୟତ ପକ୍ଷରୁ ପଦକ୍ଷେପ ନିଆଯାଉ ନଥିବାବେଳେ ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ଚଲୁ ହେବା ପୂର୍ବତନ ସରପଞ୍ଚ କମଳକାନ୍ତ କୁଅଁର ପ୍ରକାଶ କରିବା ସହ ଘଟଣାର ତଦନ୍ତ ଦାବି କରିଛନ୍ତି।

## ସାକ୍ଷୀଗୋପୀନାଥଙ୍କ ଭଉଁରୀ ଯାତ୍ରା

**ସାକ୍ଷୀଗୋପାଳ,୯।୫/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ସାକ୍ଷୀଗୋପାଳର ପ୍ରସିଦ୍ଧ ବୈଷ୍ଣବ କ୍ଷେତ୍ର ସାକ୍ଷୀଗୋପାଳ ମନ୍ଦିରରେ ପ୍ରଭୁ ସାକ୍ଷୀଗୋପୀନାଥଙ୍କ ଭଉଁରୀ ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରେ ଦ୍ୱାର ଉଦ୍‌ଘୋଚନ, ମଙ୍ଗଳ ଆଳତୀ, ମର୍ଦ୍ଦନ ଅବକାଶ, ବେଶ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ, ବୀରକେଶରୀ ବଲ୍ଲଭ, ଚନ୍ଦନ ବେଶ, ଆଲଟ ଲାଗି ଓ ଚନ୍ଦନ ବେଢ଼ା ପରେ ପଣା ଭୋଗ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଚଳନ୍ତି ପ୍ରତିମା ଶ୍ରୀ ଶ୍ରୀ ମଦନମୋହନ ଦେବ ବିମାନକୁ ବିଜେ କରି ଚନ୍ଦନ ପୁଷ୍କରିଣୀକୁ ଚାପ ଖେଳିବା ନିମନ୍ତେ ଯାଇଥିଲେ। ଅପରାହ୍ନରେ ଦିନ ଚାପ ଅନୁଷ୍ଠିତ ହୋଇଥିଲା। ଦିନ ଚାପରେ ତିନି ଘେରା ଓ ପୁଷ୍କରିଣୀର ପ୍ରତ୍ୟେକ କୋଣରେ ୭ ଘେରା ଭଉଁରୀ ଖେଳିଥିଲେ। ସେହିପରି ରାତି ଚାପରେ ପୁଷ୍କରିଣୀରେ ୭ଘେରା ଓ ପ୍ରତ୍ୟେକ କୋଣରେ ୨୧ଘେରା ଭଉଁରୀ ଅନୁଷ୍ଠିତ ହୋଇଥିଲା। ଚନ୍ଦନ ମଣ୍ଡପରେ ଠାକୁରଙ୍କ ନୀତିକାନ୍ତି ଓ ଫଙ୍କି ଭୋଗ ସମ୍ପନ୍ନ ପରେ ଠାକୁର ବିମାନରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସାକ୍ଷୀଗୋପାଳ ମନ୍ଦିର ସେବାୟତ, ମନ୍ଦିର ପ୍ରଶାସକ ତଥା ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସହିତ ମନ୍ଦିର ପରିଦର୍ଶକ, କର୍ମଚାରୀ ପ୍ରମୁଖଙ୍କ ସହଯୋଗରେ ଯାତ୍ରା ଅନୁଷ୍ଠିତ ହୋଇଥିଲା।

## ମୃତ ରାଜେଶକୁ ନ୍ୟାୟ ଦାବିରେ ୫ ଘଣ୍ଟା ରାସ୍ତାରୋକ



**ବାଲିପାଟଣା,୯।୫/ଏନ୍ଏନ୍ଏସ୍:** ଗତକାଲି ଅପରାହ୍ନ ରେ ବୀଭତ୍ସ ଭାବେ ହତ୍ୟା କରାଯାଇଥିବା ଅଠାନ୍ତର ଗ୍ରାମର ରାକେଶ ଦାସକୁ ନ୍ୟାୟ ଦାବି କରି ଆଜି ପୂର୍ବାହ୍ନରେ ଅଠାନ୍ତର ଛକଠାରେ ରାସ୍ତାରୋକ ହୋଇଯାଇଛି। ମୃତକଙ୍କ ମାଆ ପ୍ରଭାସିନୀ, ଦାଦା ପ୍ରକାଶ, ଖୁଡି ଲକ୍ଷ୍ମୀପ୍ରିୟା ଙ୍କ ସହିତ ମହିଳା ସଂଗଠନର କର୍ମକର୍ତ୍ତା, ବଜରଙ୍ଗ ଦଳର କର୍ମୀ, ସାମାଜିକ କର୍ମୀ ଓ ଶହ ଶହ ସ୍ଥାନୀୟ ଜନ ସାଧାରଣ ରାସ୍ତା ଉପରେ ବସିରହିଥିଲେ। ଏହା ସହିତ ଆରମ୍ଭ ହୋଇଥିବା ରାସ୍ତା ଅବରୋଧ ମଝିରେ ମଝିରେ ହିଂସାର ରୂପ ନେଇ ପୋଲିସକୁ ଲୋକେ ନାକେଦମ୍ କରିଥିଲେ। ସ୍ଥାନୀୟ ବିଧାୟକ ନବକିଶୋର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରି ମୃତକ ପରିବାରକୁ ଆମ ସଂଗଠନର ସଭାପତି ଚନ୍ଦନ ପାତ୍ରଙ୍କ ତରଫରୁ ୩ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପୋଲିସ ବିଭାଗ ପକ୍ଷରୁ ୫୦ହଜାର ଟଙ୍କା ଏବଂ ରେଡକ୍ରସ ପାଣ୍ଠିରୁ ଅତିରିକ୍ତ ତହସିଲଦାର ସୌରଭ କୁମାର ବଡୁ ୨୦ହଜାର ଟଙ୍କା ପ୍ରଦାନ କରିଥିଲେ। ବହୁ କସରତ ପରେ ଅପରାହ୍ନ ପ୍ରାୟ ୩ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନ ପ୍ରତ୍ୟାହୃତ ହେବାପରେ ମୃତଦେହ ପୋଲିସ ହେପାଜତରେ ଗାଁଆରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

### ଖୋର୍ଦ୍ଧା ଜିଲ୍ଲା କାରାଗାରର ଶୋଚନୀୟ ଅବସ୍ଥା

# ୪ କୋଠରୀରେ ୩୩୮ ବିଚାରାଧୀନ କଏଦୀ

**ଖୋର୍ଦ୍ଧା,୯।୫/ଏନ୍ଏନ୍ଏସ୍:** ଖୋର୍ଦ୍ଧା ପୌରପରିଷଦ ମଧ୍ୟ ଭାଗରେ ଅବସ୍ଥିତ ଜିଲ୍ଲା କାରାଗାର। ଇଂରେଜମାନେ ଏହି କାରାଗାରକୁ ୧ଏକର ୩୨୫ ଡିସିମିଲ ଜମି ଉପରେ ନିର୍ମାଣ କରିଥିଲେ। ଗୃହ ବିଭାଗ ପକ୍ଷରୁ ଉପ କାରାଗାରକୁ ଜିଲ୍ଲା କାରାଗାରରେ ମାନ୍ୟତା ପ୍ରଦାନ କରିଛନ୍ତି। ସେହି ତୁଳନାରେ ଅପରାଧ ଓ ଅପରାଧୀ ସଂଖ୍ୟା ବୃଦ୍ଧି ପାଉଛି। ସେହିକ୍ରମେ ଏଠାରେ ଅନ୍ତେବାସୀ ସଂଖ୍ୟା ବଢ଼ିବାକୁ ଲାଗିଛି। ଜିଲ୍ଲା କାରାଗାର ମାନ୍ୟତା

**ଜେଲ୍ ସ୍ଥାନାନ୍ତର ନିମନ୍ତେ ଜମି ଚିହ୍ନଟ**

**ରାଜସ୍ୱ ବିଭାଗର ଆନ୍ତରିକତା ଅଭାବ**

**୨୫୮ ସ୍ଥାନରେ ରହୁଛନ୍ତି ୩୩୮ କଏଦୀ**




ମିଳିବା ପରେ ଅନ୍ତେବାସୀ ସଂଖ୍ୟା ବୃଦ୍ଧି କରି ଗୃହ ବିଭାଗ ୫୭ ରୁ ୨୫୮ କରି ତାଙ୍କ କାର୍ଯ୍ୟ ସାରି ଦେଇଛନ୍ତି। ତେବେ ଏହି କାରାଗାରରେ ଆଜିକା ଦିନରେ ୩୩୮ ଜଣ ଅନ୍ତେବାସୀ ବିଚାରାଧୀନ ଅବସ୍ଥାରେ ରହିଥିବା ବେଳେ ଏହାର ଭିତ୍ତିପ୍ରସ୍ତର ନିମନ୍ତେ କାହାର ଚିନ୍ତା ନଥିବା ଭଳି ମନେ ହେଉଛି। ଏଠି ପ୍ରଶାସନିକ ଅବହେଳାରୁ କାରାଗାର ଅନ୍ୟତ୍ର ସ୍ଥାନାନ୍ତର ହେବାରେ ବାଧକ ସାଜିଛି। ତେବେ ବିଗତ କିଛି ବର୍ଷ ଧରି ଜିଲ୍ଲା କାରାଗାରରେ ଧଳାଜହର ମାମଲା ହେଉ କି ଗଞ୍ଜେଇ ମାମଲାରେ ୫୦ ପ୍ରତିଶତ ଅନ୍ତେବାସୀ ବିଚାରାଧୀନ ଭାବରେ ରହିଥିବା ବେଳେ ୫୦ରୁ ଅଧିକ ହତ୍ୟା ମାମଲାରେ ବିଚାର ଧୀନ ଭାବରେ ରହିଥିବା କାରାଗାର ଅଧିକାରୀଙ୍କ ସୂଚନାରୁ ପ୍ରକାଶ ପାଇଛି। ଯାହାକୁ ନେଇ କାରାଗାର କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ାଇ ଦେଇଛି। ଏହି କାରାଗାରରେ ବିଚାରାଧୀନ କଏଦୀମାନଙ୍କୁ ରଖିବା ନିମନ୍ତେ ଦୁଇ ମହଲା ବିଶିଷ୍ଟ ଚାରୋଟି କୋଠରୀ ନିର୍ମାଣ ହୋଇଥିବାବେଳେ ଏହାର କ୍ଷମତା ମାତ୍ର ୨୫୮ କଏଦୀଙ୍କ ନିମନ୍ତେ ଉଦ୍ଦିଷ୍ଟ। କିନ୍ତୁ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏହା ସାଙ୍ଗକୁ ଜମି ଚିହ୍ନଟ ହେବା ଓ ପରବର୍ତ୍ତୀ ସମୟରେ ଜେଲ୍ ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର ହୋଇସାରିଥିଲା। କିନ୍ତୁ ଦୁଃଖର ବିଷୟ ଜିଲ୍ଲା ପ୍ରଶାସନର ରାଜସ୍ୱ ବିଭାଗର ଅବହେଳା ଯୋଗୁଁ କାରାଗାର ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବା ବିଭିନ୍ନ ସୂତ୍ରରୁ ପ୍ରକାଶ ପାଉଛି। ଖୋର୍ଦ୍ଧା ସହର ମଧ୍ୟରେ ଉପ-କାରାଗାରକୁ ସରକାର ଜିଲ୍ଲା କାରାଗାରରେ ପରିଣତ କରିଛନ୍ତି ସତ କିନ୍ତୁ ଏଠାରେ କଏଦୀ ମାନେ କିପରି ରହୁଛନ୍ତି, ସେମାନଙ୍କ ନିମନ୍ତେ ଆବଶ୍ୟକ କୋଠରୀ ରହିଛି କି ନାହିଁ ତାହା ଜାଣି ମଧ୍ୟ ନ ଜାଣିବା ଭଳି ଅଭିନୟ କରୁଥିବା ମନେ ହେଉଛି। ୧୯୩୧ ମସିହାରେ ସ୍ଥାପିତ ଏହି କାରାଗାରରେ ଅନେକ ସ୍ୱାଧୀନତା ସଂଗ୍ରାମୀ ସଜା କାଟିଥିବା ବେଳେ ପଣ୍ଡିତ ଗୋପବନ୍ଧୁ ଦାସ ବନ୍ଦୀ ଜୀବନ କାଟିଥିବା ଇତିହାସ ପୃଷ୍ଠାରେ ଦେଖିବାକୁ ମିଳୁଛି। ତେବେ ଉପକାରାଗାର ଜିଲ୍ଲା କାରାଗାରରେ ପରିଣତ ହୋଇଥିଲେ ମଧ୍ୟ ଏହାର ରୂପରେଖ ବଦଳିବା ତ ଦୂରର କଥା ମୌଳିକ ସୁବିଧାର ସମାଧାନ ମଧ୍ୟ କରାଯାଉନାହିଁ।

ଜିଲ୍ଲା ପ୍ରଶାସନ ପକ୍ଷରୁ ହେଉ କିମ୍ବା ସରକାରୀ ଗୃହ ବିଭାଗ ସ୍ତରରେ ପରିବର୍ତ୍ତନ କରିବା ପାଇଁ ଆନ୍ତରିକତା ରଖୁନଥିବା ସାଧାରଣରେ ଅଭିଯୋଗ ହେଉଛି। ଚାରି କୋଠରୀ ମଧ୍ୟରେ ୩୩୮ କଏଦୀ ଜୀବନଯାପନ କରୁଥିବା ବେଳେ ୫୦ରୁ ଅଧିକ କଏଦୀ ହତ୍ୟା ପରି ସଙ୍ଗୀନ ମାମଲାରେ ବିଚାରାଧୀନ ରହିଛନ୍ତି। ୧୫୦ରୁ ଅଧିକ କଏଦୀ ନିଶା କାରବାର ପରି ସଙ୍ଗୀନ ମାମଲାରେ ବିଚାରାଧୀନ ରହିଛନ୍ତି। ଏମାନଙ୍କ ମଧ୍ୟରେ ୧୭ଜଣ ମହିଳା କଏଦୀ ମଧ୍ୟ ରହିଥିବା ଅଧିକାରୀଙ୍କ ସୂଚନାରୁ ଜଣାପଡ଼ିଛି। ଏଠି ପ୍ରଶ୍ନ ଉଠୁଛି ଏତେ କଏଦୀ ଚାରି କୋଠରୀ ମଧ୍ୟରେ ରହିଥିବା ବେଳେ ହାର୍ଡକୋର୍ କ୍ରିମିନାଲ୍ କଏଦୀଙ୍କ ମଧ୍ୟରେ ସାଧାରଣ କଏଦୀ କାଳ କାଟୁଥିବା ବେଳେ କେତେବେଳେ ଯେ କ'ଣ ଅଘଟଣ ନ ଘଟିବ ତାହା ସହଜରେ କହି ହେବନାହିଁ। ଯଦିଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଓ ସରକାରୀସ୍ତରରେ ଖୋର୍ଦ୍ଧା ସହର ମଧ୍ୟରେ ସଂକୀର୍ଣ୍ଣ ସ୍ଥାନରେ ରହିଥିବା ଜିଲ୍ଲା କାରାଗାରକୁ ସ୍ଥାନାନ୍ତର କରିବା ନିମନ୍ତେ ଜମି ଚିହ୍ନଟ କରିଛନ୍ତି ତେବେ ରାଜସ୍ୱ ବିଭାଗର ଆନ୍ତରିକତା ଅଭାବ ହେଉ କିମ୍ବା ଅସାଧୁ ପଣିଆ ଲାଗି ଆଜି ଜିଲ୍ଲା କାରାଗାର ସ୍ଥାନାନ୍ତରିତ ହେବାରୁ ବଞ୍ଚିତ ରହିଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଦାବି ଉଠୁଛି ଯେ କୌଣସି ଅଘଟଣ ହେବା ପୂର୍ବରୁ ଜିଲ୍ଲା ପ୍ରଶାସନର ରାଜସ୍ୱ ବିଭାଗ ଓ ସରକାରୀ ନେତା ଏହାକୁ ଗୁରୁତ୍ୱ ଭାବରେ ଗ୍ରହଣ କରିବା ସହିତ ଖୋର୍ଦ୍ଧା ଜିଲ୍ଲା କାରାଗାର କିପରି ପ୍ରସ୍ତାବିତ ସ୍ଥାନରେ ଯଥାଶୀଘ୍ର ନିର୍ମାଣ ହୋଇପାରିବ ସେଥିପ୍ରତି ଧ୍ୟାନଦେବା ପାଇଁ ଅନୁରୋଧ ହୋଇଛି।

## ବୀଣାପାଣି ଷ୍ଟଡି ସର୍କଲ୍ ପକ୍ଷରୁ ଗୁରୁ ପବିତ୍ର ମୋହନ ଶିକ୍ଷା ସମ୍ମାନ



**ବୟାଳିଶମୌଜା,୯।୫/ଏନ୍ଏନ୍ଏସ୍:** ଅଗ୍ରଣୀ ଶିକ୍ଷାନୁଷ୍ଠାନ 'ବୀଣାପାଣି ଷ୍ଟଡି ସର୍କଲ୍' କୂଳସରିଚୁଆଁ, ୪୨ ମୌଜା ଚଳିତ ବର୍ଷ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଛି। ଷ୍ଟଡି ସର୍କଲର ୫୧ଜଣ ବିଦ୍ୟାର୍ଥୀ ଶିକ୍ଷାଲାଭ କରୁଥିବା ବେଳେ ସମସ୍ତେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ଶିକ୍ଷାନୁଷ୍ଠାନର ନାମ ଅଗ୍ରସର କରାଇଛନ୍ତି। ସଫଳ ବିଦ୍ୟାର୍ଥୀ ବର୍ଗ ହେଲେ ପ୍ରତ୍ୟୁଷ ଜେନା ମୋଟ ୬୦୦ ମାର୍କରୁ ୫୫୪ ନମ୍ବର ରଖି ଏ-୧ ଗ୍ରେଡ ରଖି ବାରଙ୍ଗ ବ୍ଲକ ଟପ୍ପର, ସମୃଦ୍ଧି ମହାପାତ୍ର ଏ-୧ ଗ୍ରେଡ଼ ରଖି ମୌଜାସ୍ତରୀୟ ତୃତୀୟ ଟପ୍ପର, ଧୃତିଦୀପ ମହାନ୍ତି ଏ-୧ ଗ୍ରେଡ଼, ଏ-୨ ଗ୍ରେଡରେ ପ୍ରଜ୍ଞା ପ୍ରିୟଦର୍ଶିନୀ ମୂଳିଆ, ଆଶୁତୋଷ ସାସମଲ, ସ୍ମୃତି ରଞ୍ଜନ ଦଳେଇ, ସାଇସ୍ମୃତି ରାଉଳ, ଇନ୍ଦିରା ପ୍ରିୟଦର୍ଶିନୀ ରାଉତ୍ରା, ପ୍ରୀତିପ୍ରିୟା ଭୋଇ, ବି-୧ ଗ୍ରେଡରେ କ୍ରିଷ୍ଣା ସାହୁ, ସାନ୍‌ଭି ଶ୍ରୀୟା ନାୟକ, ସ୍ୱାଭିମାନ ମହାପାତ୍ର, ସିପ୍ରା ବାରିକ, ଅମୀୟ ମୂଳିଆ, ବି-୨ ଗ୍ରେଡ଼ରେ ୨୦ଜଣ, ଶତକଡ଼ା ୫୦ ରୁ ଉର୍ଦ୍ଧ ନମ୍ବରରେ ୧୪ ଜଣ, ଶତକଡ଼ା ୪୦ରୁ ଉର୍ଦ୍ଧ ନମ୍ବରରେ ୩ ଜଣ ଉତ୍ତୀର୍ଣ୍ଣ ହୋଇଥିବା ନେଇ ଅଧ୍ୟକ୍ଷ ଯୁବ ସମାଜସେବୀ ତଥା ଶିକ୍ଷାବିତ୍ ସତ୍ୟଜିତ ପ୍ରଧାନ ପ୍ରକାଶ କରିବା ସହ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଶିକ୍ଷାନୁଷ୍ଠାନଟି ଦିବଙ୍ଗତ ଗୁରୁ ତଥା ଆଦର୍ଶ ଶିକ୍ଷକ କଳାକାର ପବିତ୍ର ମୋହନ ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠା ଲାଭକରି ଦୀର୍ଘ ପାଞ୍ଚ ଦଶନ୍ଧି ହେବ ଶିକ୍ଷାଦାନ ସେବା କରିଆସୁଛି।

## ଆଦର୍ଶ ଥାନା ପକ୍ଷରୁ ସାଇବର୍ ସଚେତନତା



**ଓଡ଼ଗାଁ,୯।୫/ଏନ୍ଏନ୍ଏସ୍:** ଅନେକ ବ୍ୟକ୍ତି ଆଜିବି ଅଧିକ ଲୋଭର ବଶବର୍ତ୍ତୀ ହୋଇ ସାଇବର ଠକ ଜାଲରେ ପଡ଼ି ସର୍ବସ୍ୱ ହରାଉଛନ୍ତି। ଏସବୁ ଠାରୁ ଦୂରେଇ ରହିବା ପାଇଁ ଓଡ଼ଗାଁ ଆଦର୍ଶ ଥାନା ପକ୍ଷରୁ ସଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଥାନା ପରିସରରେ ଆଇଆଇସି ସତ୍ୟନାରାୟଣ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଦ୍ୱାରା ଆବାସି ମାଧ୍ୟମରେ ମହିଳା ଓ ଶିଶୁ ଶୋଷଣ ଏବଂ ଆଇନଗତ ଦିଗ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲ। ବରିଷ୍ଠ ଆଇନଜୀବୀ ଇନ୍ଦୁଭୂଷଣ ମିଶ୍ର,ସରକାରୀ ଆଇନଜୀବୀ ମନୋଜ ପଟ୍ଟନାୟକ ଓ ବରିଷ୍ଠ ସାମ୍ବାଦିକ ବନ୍ଧୁମାନେ ଯୋଗଦେଇ ଅଂଶଗ୍ରହଣ କରିଥିବା ୩୦ରୁ ଉର୍ଦ୍ଧ୍ୱ ନାବାଳିକାଙ୍କୁ ନିଜ ସୁରକ୍ଷା ନିମିତ୍ତ ଶିକ୍ଷଣୀୟ ବକ୍ତବ୍ୟ ରଖିଥିଲେ। ଅଜଣା ଫୋନ୍ କଲ୍‌ଠାରୁ ଦୂରେଇ ରହିବା ଓ ମୋବାଇଲ୍‌କୁ ଓଟିପି, ମେସଜ୍ ଆସିଲେ କାହାରିକୁ ସେୟାର ନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅଙ୍ଗନବାଡ଼ି କର୍ମୀ ଓ ସୁପରଭାଇଜର ଏଥିରେ ଅଂଶଗ୍ରହଣ କରିଥିବାବେଳେ କାର୍ଯ୍ୟକ୍ରମକୁ ଓଡଗାଁ ଆଦର୍ଶ ଥାନା ସବ୍‌ଇନ୍ସପେକ୍ଟର ଚକ୍ରଧର ସିଂଙ୍କ ସମେତ ଏଏସ୍ଆଇ ଟିଟୁବାଳା ବେହେରା, ମନୋରଞ୍ଜନ ଦେହୁରୀ ଓ ସମସ୍ତ ପୁଲିସ କର୍ମଚାରୀ ସହଯୋଗ କରିଥିବା ଜଣାପଡ଼ିଛି।

## ନାରାୟଣ ହାଇସ୍କୁଲ୍ ଦଳକୁ ମୁଖ୍ୟମନ୍ତ୍ରୀ ଫୁଟବଲ୍ ଟ୍ରଫି

**ଶରଣକୁଳ,୯।୫/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ନାରାୟଣ ଉଚ୍ଚ ବିଦ୍ୟାଳୟ ଶରଣକୁଳ ଫୁଟବଲ ଦଳ ଏହି ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରି ମୁଖ୍ୟମନ୍ତ୍ରୀ ଟ୍ରଫି ହାସଲ କରିଛି। ନୟାଗଡ଼ ପୋଲିସ ପଡିଆରେ ଏପ୍ରିଲ ୨୪ତାରିଖରୁ ଅନୁଷ୍ଠିତ ହୋଇଥିବା ଏହି ଫୁଟବଲ୍ ପ୍ରତିଯୋଗିତାରେ ଜିଲ୍ଲାର ଆଠଗୋଟି ବ୍ଲକ୍‌ରୁ ୧୦ଟି ଦଳ ଯୋଗଦେଇଥିଲେ। ଦୀର୍ଘ ପନ୍ଦର ଦିନ ଧରି ଦଳଗୁଡିକ ମଧ୍ୟରେ ପ୍ରତିଯୋଗିତା ହେବା ପରେ ଶୁକ୍ରବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ପାଞ୍ଚ ରାଉଣ୍ଡ ଖେଳ ଜିତି ନାରାୟଣ ଉଚ୍ଚ ବିଦ୍ୟାଳୟ ଶରଣକୁଳ ଓ ଆର.ସି ହାଇ ସ୍କୁଲ ଖଣ୍ଡପଡା ଫାଇନାଲରେ ପ୍ରବେଶ କରିଥିଲେ। ଏଥିରେ ୨-୦ ଗୋଲରେ ନାରାୟଣ ହାଇସ୍କୁଲ ଦଳ ଆର.ସି. ହାଇସ୍କୁଲ ଦଳକୁ ହରାଇଥିଲା। ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ମୁଖ୍ୟମନ୍ତ୍ରୀ ଟ୍ରଫି ପ୍ରଦାନ କରିଥିଲେ। ଶନିବାର ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ରଶ୍ମିରଞ୍ଜନ ମିଶ୍ର, ଖେଲୋ ଇଣ୍ଡିଆ କୋଚ ସୁଶାନ୍ତ ଜେନା, କ୍ରୀଡ଼ା ଶିକ୍ଷକ ଦାମୋଦର ସାହୁ, ଶିକ୍ଷକ ପ୍ରଶାନ୍ତ ଦାଶ, ସୁଜିତ ସେନାପତିଙ୍କ ଦ୍ୱାରା ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କ୍ୟାନ୍ସର୍ ସଚେତନତା ବୈଠକ

**ମାହାଙ୍ଗା,୯।୫/ଏନ୍ଏନ୍ଏସ୍:** ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଏଚ୍‌ସିଜି ପଣ୍ଡାଙ୍କ ମିଳିତ ଆନୁକୂଲ୍ୟରେ ଏକ କ୍ୟାନ୍ସର୍ ସଚେତନତା ବୈଠକ ସ୍ୱାସ୍ଥ୍ୟକେନ୍ଦ୍ରର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଚ୍‌ସିଜି ପଣ୍ଡାର ରେଡିଏସନ ବିଭାଗର ମୁଖ୍ୟ ଡାକ୍ତର ରଞ୍ଜିତ କର ଯୋଗଦେଇ ବିଭିନ୍ନ ପ୍ରକାର କ୍ୟାନସର ଲକ୍ଷଣ, ପ୍ରତିଷେଧକ ଓ ଚିକିତ୍ସା ସଂପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷିକା ଡାକ୍ତର ତନୁସ୍ମିତା ବିଷ୍ଣାଣି, ଡାକ୍ତର ଲଲାଟେନ୍ଦୁ ସାହୁ, ଡାକ୍ତର ଉଷାରାଣୀ ବିଶ୍ୱାଳ, ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସୁଧାଂଶୁ ଦାଶ, ସ୍ୱାସ୍ଥ୍ୟ ପରିଦର୍ଶକ ଗୋବିନ୍ଦ ଚନ୍ଦ୍ର ବସ୍ତିଆ, ବିତ୍ତ ପରିଚାଳକ ବିପିନ ଜେନାଙ୍କ ସମେତ ସେବିକା, ମହିଳା ସ୍ୱାସ୍ଥ୍ୟକର୍ମୀ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀ ଉପସ୍ଥିତ ଥିଲେ।

## ଶ୍ରୀ ନୀଳମାଧବଙ୍କ ଚନ୍ଦନ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଝୁମିଲେ ଦର୍ଶକ

**କଣ୍ଟିଲୋ,୯।୫/ଏନ୍ଏନ୍ଏସ୍:** ଚଳିତବର୍ଷ ମାଘମେଳା ମହୋତ୍ସବ ହୋଇପାରିନଥିବା ଯୋଗୁ ପ୍ରଥମକରି ଶ୍ରୀ ନୀଳମାଧବଙ୍କ ଚନ୍ଦନ ମହୋତ୍ସବ ଆରମ୍ଭ ହୋଇଛି। ଏହା ତିନିଦିନ ଧରି ରବିବାର ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟେ ଶ୍ରୀଜିଉଙ୍କ ଚନ୍ଦନମଣ୍ଡପ ନିକଟରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହେଉଛି। ସୂଚନାରୁ ପ୍ରକାଶ ଯେ, ଚଳିତବର୍ଷ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଲାଷ ଓ ସ୍ଥାନୀୟ ବିଜେପି ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ଖଣ୍ଡପଡ଼ାର ଯୁବ ବିଧାୟକ ତଥା ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଦ୍ୱାରା ଉଦ୍ଘାଟନ ସରିବା ପରେ ପ୍ରଥମ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି ଓ ସାଥୀ କଳାକାରମାନେ ଉଚ୍ଚକୋଟିର ଭଜନ ପରିବେଷଣ କରି ଦର୍ଶକଙ୍କୁ ମୁଗ୍ଧ କରିଦେଇଛନ୍ତି। ପ୍ରଥମଥର ପାଇଁ ଶ୍ରୀଜିଉମାନଙ୍କ ରାତ୍ର ଚାପ ଓ ସାଜସଜ୍ଜା ଆଲୋକୀକରଣକୁ ହଜାର ହଜାର ଭକ୍ତ ଆନନ୍ଦ ଉଲ୍ଲାସ ମନରେ ଉପଭୋଗ କରୁଥିବା ଦେଖିବାକୁ ମିଳିଛି। ଆସନ୍ତାକାଲି ୨୧ ଚାପ ଭଉଁରୀ ଉତ୍ସବ ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀ ରବୀନ୍ଦ୍ର କୁମାର ମହାପାତ୍ର ନିଜ ଟିମ୍ ସହ ଭଜନ ପରିବେଷଣ କରିବାର କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି। ଶ୍ରୀଜିଉମାନଙ୍କ ଚନ୍ଦନ ଚାପ ଓ ମହୋତ୍ସବ ଉପଭୋଗ କରିବାକୁ ଉପସ୍ଥିତ ଥିବା ହଜାର ହଜାର ଦର୍ଶକମାନଙ୍କ



କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର ଓ ସାଥି କଳାକାରମାନେ ଭଜନ ପରିବେଷଣ କରିଥିଲେ। ସେହିପରି ଆଜି ଶନିବାର ଦ୍ୱିତୀୟ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶଙ୍କ ନେତୃତ୍ୱରେ ଆବଶ୍ୟକୀୟ ଷ୍ଟାଫ୍ ମୁତୟନ ହୋଇଛନ୍ତି।

### ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ଘଟଣା

## ବିଡିଓ, ବ୍ୟାଙ୍କ ମ୍ୟାନେଜର ଓ ସିଡିପିଓଙ୍କୁ ନୋଟିସ୍

**ଟାଙ୍ଗୀ,୯।୫/ଏନ୍ଏନ୍ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଉଚ୍ଚପଦା ପଞ୍ଚାୟତ ଦମକା ମା'ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀର ୪ଜଣ ସଭ୍ୟାଙ୍କୁ ଅବଗତ ନ କରି ଗ୍ରୁପ୍‌ରୁ ବାହାର କରିବା ପରେ ଟାଙ୍ଗୀ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ବ୍ୟାଙ୍କମିତ୍ର ସୀମାରାଣୀ ରାୟ ତଞ୍ଚକତା କରି ୧୦ଲକ୍ଷ ଟଙ୍କା ଋଣ ନେଇ ନୂଆ ୪ଜଣ ସଭ୍ୟାଙ୍କୁ ଗ୍ରୁପ୍‌ରେ ସାମିଲ୍ କରି ଋଣ ପ୍ରଦାନ କରାଯାଇଥିଲା। ସଦସ୍ୟା ସିଲୁଲତା ଜେନା, ସେହ୍ନଲତା ବାରିକ, ଟୁନି ବେହେରା, ପ୍ରେମଲତା ବାରିକ ବିପିଏମ ପ୍ରମୋଦିନୀ ବେହେରାଙ୍କ ନିକଟରେ ଏ ନେଇ ଅଭିଯୋଗ କରିଥିଲେ। ହେଲେ ବିପିଏମ୍ ମ୍ୟାଡମ୍ ସମସ୍ୟା ସମାଧାନ କରିବା ବଦଳରେ ଅନ୍ୟ ଉପରିସ୍ଥ ଅଧିକାରୀଙ୍କ ଆଗରେ ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ୪ ତାରିଖରେ ଟାଙ୍ଗୀ ଥାନାରେ ଅଭିଯୋଗ କରାଯାଇଥିଲ। ଅଭିଯୋଗ ଭିତ୍ତିକରି ଥାନା ଅଧିକାରୀ ଡ଼ ବିକାଶ କୁମାର ସେଠି ବିଡ଼ିଓ ଏନ୍ଏମ୍ ରାଜଲକ୍ଷ୍ମୀ ଓଝା, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ମ୍ୟାନେଜର, ସିଡ଼ିପିଓ ମିଶନ ଶକ୍ତି ସଙ୍ଗୀତା ପାଢ଼ୀଙ୍କୁ ନୋଟିସ କରିଥିବା ବେଳେ ୭ଦିନ ମଧ୍ୟରେ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ଅପରପକ୍ଷେ ବ୍ୟାଙ୍କମିତ୍ରଙ୍କ ନାମରେ ଅନେକ ଅଭିଯୋଗ ଆସୁଥିବାବେଳେ ବିପିଏମ୍ ସବୁ ଜାଣି ଅନ୍ୟ ମୁଣ୍ଡରେ ଅଠା ବୋଲି ଖସିବାର ବାଟ ରଖିଥାନ୍ତି ବୋଲି ଅଭିଯୋଗ ହେଉଛି। ତେବେ ଏ ନେଇ ବିଡିଓ ବ୍ୟାଙ୍କମିତ୍ରଙ୍କ ବିରୋଧରେ କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ମଣିଷ ଓ ପରିବେଶର ନିଚ୍ଛକ ଚିତ୍ର ପ୍ରଦର୍ଶିତ



**ନୟାଗଡ଼,୯।୫/ଏନ୍ଏନ୍ଏସ୍:** ସ୍ଥାନୀୟ ପଠାଣି ସାମନ୍ତ ସଂସ୍କୃତି ଭବନଠାରେ ଅନୁଷ୍ଠିତ 'ମଞ୍ଚାୟନ ନାଟକ ମହୋତ୍ସବ-୨୦୨୬'ର ପ୍ରଥମ ସନ୍ଧ୍ୟାରେ ଭୁବନେଶ୍ୱରର ଅଗ୍ରଣୀ ନାଟ୍ୟ ସଂସ୍ଥା 'ବାଗଦେବୀ ଲିଟେରେଚର ଟ୍ରଷ୍ଟ' ପକ୍ଷରୁ ନାଟକ 'ଓଡ଼ଶ' ମଞ୍ଚସ୍ଥ ହୋଇଯାଇଛି। ମେ' ୯ ତାରିଖ ସନ୍ଧ୍ୟାରେ ପରିବେଷିତ ଏହି ନାଟକଟି ସମାଜର ବିଭିନ୍ନ ଦିଗ ଓ ମଣିଷର ଚରିତ୍ରକୁ ଏକ ଭିନ୍ନ ଦୃଷ୍ଟିକୋଣରୁ ଉପସ୍ଥାପନ କରି ଦର୍ଶକଙ୍କ ମନ ଜିଣିପାରିଛି। ନାଟକଟିର ମୂଳ ଭାବଧାରା ପୃଥିବୀରେ ସମସ୍ତଙ୍କର କିଛି ନା କିଛି ଭୂମିକା ରହିଛି' ଉପରେ ଆଧାରିତ। ଛୋଟ ହେଲେ ମଧ୍ୟ ଓଡ଼ଶର ଜୀବନ ଅଛି, ସେ ମଣିଷ ପରି ଖାଏ, ବୁଲେ ଏବଂ ତା'ର ମଧ୍ୟ ସଂସାର ଅଛି। ନାଟକରେ ଓଡ଼ଶ ଓ ମଣିଷ ମଧ୍ୟରେ ଥିବା ତୁଳନାତ୍ମକ ଚିତ୍ରକୁ ଅତି ନିଖୁଣ ଭାବେ ଦର୍ଶାଯାଇଛି। ମଣିଷର ରକ୍ତ ଶୋଷି ଓଡ଼ଶ ପେଟ ପୁରାଇଥାଏ, କିନ୍ତୁ ପେଟ ପୁରିଗଲେ ସେ ଆଉ କାହାରି କ୍ଷତି କରେ ନାହିଁ। ଅପରପକ୍ଷରେ, ମଣିଷର ଅହରହ ଭୋକ ଖାଦ୍ୟ, ସମ୍ମାନ ଏବଂ ଅହଂକାରର ବଶବର୍ତ୍ତୀ ହୋଇ ସେ କିଭଳି ନିଜକୁ ଗଢ଼ିଥାଏ, ତାହା ଏହି ନାଟକର ମୁଖ୍ୟ ଆକର୍ଷଣ ଥିଲା। ନାଟ୍ୟକାର ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ଦ୍ୱାରା ରଚିତ ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ ପବିତ୍ର ମହାନ୍ତି। ମଞ୍ଚରେ ଡ. ମମତା ତ୍ରିପାଠୀ, ଦୀପାଞ୍ଜଳି ମହାନ୍ତି, ପବିତ୍ର ମହାନ୍ତି, ସୁନୀଲ ପଟ୍ଟନାୟକ, ରାକେଶ ମହାନ୍ତି, ସୁନୀଲ ନାୟକ ଓ ସନ୍ତୋଷ ରାଉଳ ପ୍ରମୁଖ ନିଜର ଚମତ୍କାର ଅଭିନୟ ପ୍ରଦର୍ଶନ କରିଥିଲେ। ନାଟକର ସଙ୍ଗୀତ ନିର୍ଦ୍ଦେଶନା ପ୍ରତାପ ରାଉତ ଦେଇଥିବା ବେଳେ ଆଲୋକ ସମ୍ପାଦନା ଅଜିତ ବିଶ୍ୱାଳ କରିଥିଲେ। ସେହିପରି ରୂପସଜ୍ଜା ଓ ପୋଷାକରେ 'ମାମା ଚିତ୍ରାଳୟ' ଏବଂ ମଞ୍ଚ ସଜ୍ଜାରେ 'ତ୍ରିମୂର୍ତ୍ତି' ଗ୍ରୁପ୍ ସହଯୋଗ କରିଥିଲେ। ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଇଂ ଦୁଷ୍ମନ୍ତ ସ୍ୱାଇଁ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ନିରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ନାଟକର ରଚୟିତା ଶରତ ଆଚାର୍ଯ୍ୟ, ଉପ ସଭାପତି ସୁରେନ୍ଦ୍ର ସାହୁ, ସଂଯୋଜକ କାମାକ୍ଷା ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କବି ଗୋପୀନାଥ ସେଠି ମଞ୍ଚ ପରିଚାଳନା କରିଥିଲେ। ନୟାଗଡ଼ର ଶତାଧିକ ନାଟ୍ୟପ୍ରେମୀ ଉପସ୍ଥିତ ରହି ନାଟକଟିକୁ ଉପଭୋଗ କରିଥିଲେ।

ନିତି ଭାରତୀ

କ୍ରୋଧ ଅଧିକ କ୍ରୋଧକୁ ଏବଂ କ୍ଷମା ଓ ପ୍ରେମ ଅଧିକ କ୍ଷମା ଓ ପ୍ରେମକୁ ବହନ କରି ଆଣିଥାଏ । - ମହାବୀର ଜୈନ

# କ୍ଷୁଦ୍ର, କିନ୍ତୁ ଗୌଣ ନୁହେଁ



ନିରଞ୍ଜନ ସାହୁ

ଛୋଟ ଛୋଟ ପ୍ରାଣୀମାନଙ୍କୁ ବଡ଼ମାନଙ୍କର ଦୌରାତ୍ମ୍ୟ ସହିବାକୁ ପଡ଼ିଥାଏ । ସେମାନଙ୍କର କ୍ଷୁଦ୍ର ଶାରୀରିକ ଗଠନ ଏକ ଆଜନ୍ମ ତାଚ୍ଛଲ୍ୟକୁ ଅପେକ୍ଷା କରି ରହିଥାଏ । ଅନେକ ଧରି ନେଇ ଥାଆନ୍ତି ଯେ ସେମାନେ କେବଳ ଶାରୀରିକ ଭାବରେ ଦୁର୍ବଳ ନୁହନ୍ତି, ସେମାନେ ମାନସିକ ଅସ୍ଥିରତା ଭୋଗୁଥାଇ ପାରନ୍ତି କିମ୍ବା ସେମାନଙ୍କ ପ୍ରତିରୋଧ କରିବାର ଶକ୍ତି ହୁଏତ କମ୍ । ସେମାନେ କାଳେ ପ୍ରତିବାଦ କରି ପାରିବେ ନାହିଁ । ପ୍ରତିରୋଧ ତ ଦୂରର କଥା; ସେମାନଙ୍କ ପ୍ରତି ଏଇ ମନୋଭାବ କ’ଣ ସତରେ ସ୍ପୃହଣୀୟ !

ଅନେକ ସମୟରେ ବିଶେଷତ୍ୱ ବିହୀନ ସେଇଭଳି କେହି କିଛି କାମରେ ହାତ ଦେଲେ ଅନ୍ୟମାନଙ୍କର ଲଘୁ ମନ୍ତବ୍ୟ ବାହାରି ପଡ଼େ- ‘ବଡ଼ମାନେ ଗଲେ ଫସର ଫାଟି/ ସାନ ଆସିଗଲେ ବେସର ବାଟି ।’ ସେମାନେ କାମ କରିବା ଆଗରୁ ଅନ୍ୟମାନେ ଉପସଂହାର ଟାଣି ଦିଅନ୍ତି । କାମ ଶେଷ ହେବା ପର୍ଯ୍ୟନ୍ତ ତାଙ୍କୁ ସମୟ ଦିଅନ୍ତି ନାହିଁ ।

ଏଇଭଳି କ୍ଷୁଦ୍ର ମାଛଟିଏ ଦଣ୍ଡିକିରି- ସେ କୁଆଡ଼େ ଅଳ୍ପ ବା ଗଣ୍ଡୁଷ ମାତ୍ର ଜଳରେ ଫରଫର ହୁଏ ବୋଲି ପଣ୍ଡିତଙ୍କ ଆଖିକୁ ଦିଶିଗଲା, ତେଣୁ ତା’ର ଫୁଟାଣିକୁ ପ୍ରଚାର କରା ହେଲା ଶ୍ଳୋକ ମାଧ୍ୟମରେ ଯେ ‘ଅଗାଧ ଜଳସଞ୍ଚାରି ରୋହିତୋ ନୈବ ଗର୍ବିତ, ଗଣ୍ଡୁଷ ଜଳ ମାତ୍ରେଣ ସଫରୀ ଫର୍ଫରାୟତେ ।’ ଗଭୀର ଜଳରେ ରହୁଥିବା ମାଛମାନେ, ଅର୍ଥାତ୍ ବଡ଼ ବଡ଼ ମାଛମାନେ ହେଲେ ରୋହିତ, ରୋହିତ ଅର୍ଥ କ’ଣ ବୋଲି ପଚାରିଲେ ଶତକଡ଼ା ନବେ କହିବେ ରୋହି ମାଛ, ମାତ୍ର ଏହା ଭୁଲ୍ । ବାସ୍ତବରେ ବଡ଼ ମାଛମାନେ ରୋହିତ । ବଡ଼ ମାଛ ଅଳ୍ପ ଜଳରେ ରହିବା ସମ୍ଭବ ନୁହେଁ । ସେ ଗଭୀର ଜଳରେ ରହିବା ଏକମାତ୍ର ବାସ୍ତବତା । ଯେହେତୁ ତାଙ୍କର ଖାଦ୍ୟ ପାଇଁ ତାଙ୍କୁ ବହୁ ଅଞ୍ଚଳ ଭ୍ରମଣ କରିବାକୁ ହେବ ଏବଂ ଶାରୀରିକ ବିଶାଳତା ହେତୁ ସେ ଚଳୁଏ ପାଣିରେ କେମନ୍ତ ବା ରହନ୍ତେ ? ତିମି କ’ଣ ଗଭୀର ସମୁଦ୍ର ଛଡ଼ା ଅନ୍ୟ କେଉଁଠି ରହି ପାରିବ ? ଅଗଭୀର ସମୁଦ୍ରକୁ ସେ କଦବା ଆସିବାର ଅର୍ଥ ହେଲା ତା’ର ମୃତ୍ୟୁ ଯୋଗ । ଅଳ୍ପ ପାଣିରେ କେଉଁଠି ଦୁଇ ଚାରିଟା ଦଣ୍ଡିକିରି ଶ୍ଳୋକକାରଙ୍କ ଆଖିରେ ପଡ଼ିଗଲେ ଯେ ସେମାନେ ହୁଏତ ତାଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଟିକିଏ ଘେରା କାଟି ନେଇଥିବେ ଆଉ ସେଇଥିରେ ପଣ୍ଡିତ ଆମର ବିଚରା ଟିକି ମାଛଟିକୁ ବି ଛାଡ଼ିଲେନି ଦି’ପଦ ତା ନାଁରେ ନ ଛପେଇ ।

ଦୁର୍ବଳମାନଙ୍କ ଉପରେ କେବଳ ସବଳର ଅତ୍ୟାଚାର ହୁଏନି, ଦୁର୍ବଳମାନଙ୍କ ପ୍ରତି ଇତିହାସକାରମାନେ ପକ୍ଷପାତୀ । ସାହିତ୍ୟିକମାନେ ବି କେତେବେଳେ ତାଙ୍କ ପ୍ରତି ବିମୁଖ । ବାପାମାନେ ପୁଅମାନଙ୍କୁ ଉପଦେଶ ଦେବେ, ତମେ ସବୁ ବିରାଟ ଲକ୍ଷ୍ୟ ସାଧନ କର, ମାନେ ସେମାନେ ଯେଉଁ ଲକ୍ଷ୍ୟରେ ନିଜେ ପହଞ୍ଚି ପାରିଲେନି, ସେଇଭଳି ସହଜରେ ପହଞ୍ଚି ହେଉ ନଥିବା କାମରେ ତାଙ୍କୁ ଛାଡ଼ିଦେବେ । ତା’ହେଲେ ଯାଇକି ସିନା ବୁଢ଼ା କାଳରେ ତାଙ୍କୁ ସଁପି ହେବ- ତମେଗୁଡ଼ାକ କୁଳାଙ୍ଗାର ହେଲ, କେଉଁ କୂଳରେ ଲାଗିଲନି !

ଆଜି ଦୁନିଆ ସାରା ଯେତେ ଦୌଡ଼ ଲାଗିଛି, ସବୁ ବଡ଼ କିଛି କରି ଦେଖେଇବା ପାଇଁ । କ’ଣ ନା- ପୁଅ ଆଇଏଏସ୍ ପ୍ରିପେୟାର କରୁଛି । ତାକୁ ଗୋଟାଏ ବଡ଼ ଚାକିରି ମିଳିବ । ସେ ଗୋଟାଏ ସିଂହାସନ ଉପରେ ବସିବ । ଲମ୍ବା ଗାଡ଼ି ଚଢ଼ିବ । ତାକୁ ମିଳିବ ବଡ଼ କୋଠି । ତା’ ଚାରି ପଟରେ ବଗିଚାରେ ଫୁଲଫଳ ଲୋଟୁଥିବ । ପୋଖରୀରେ ମାଛ ଭର୍ତ୍ତି ହୋଇଥିବେ । ପିଅନ ଚାକରବାକର ଆଜ୍ଞାକୁ ଅନେଇ ବସିଥିବେ । ସମସ୍ତଙ୍କର ଚିନ୍ତା ଏଇମିତି ଏକ ଆଡ଼ମ୍ବରପୂର୍ଣ୍ଣ ଜୀବନର ଅନ୍ୱେଷଣ- ଯେଉଁଠି ଅନେଶ୍ୱତ ରାଣୀ ଥିବେ; ପାଟ ପୀତାମ୍ବରୀରେ ମହଲ ପୂରି ଉଠୁଥିବ, ମହଲରୁ ଶୁଭୁଥିବ ସାମ୍ରାଜ୍ୟର ଝଲକ୍ । କେହି ସାଧାରଣ ହେବାକୁ ଚାହାନ୍ତି ନାହିଁ । ସ୍ୱାଭାବିକ ଭାବରେ ବଢ଼ିବାକୁ, ବଞ୍ଚିବାକୁ, ନିଜର ଜୀବନ ପର୍ବରେ ଆଗେଇବାକୁ ପ୍ରସ୍ତୁତ ନୁହନ୍ତି । କେହି ବଡ଼ ସ୍ୱପ୍ନ ଦେଖିବା ଭୁଲ୍ କଥା ନୁହେଁ । ହେଲେ ସ୍ୱପ୍ନ ଦେଖିବା ବେଳେ ନିଜର ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା କ’ଣ ଜରୁରୀ ନୁହେଁ ? ନିଜର ସାମର୍ଥ୍ୟ, ନିଜର ସୀମାକୁ ନିଜେ କଳିବା କ’ଣ ଆବଶ୍ୟକ ନୁହେଁ ? ବର୍ଷକରେ ଲକ୍ଷ ଲକ୍ଷ ପିଲା ଯାଉଛନ୍ତି, କୋଟାରେ ପ୍ରସ୍ତୁତ ହେଉଛନ୍ତି ଆଇଆଇଟି ଏଣ୍ଟ୍ରାନ୍ସରେ ସଫଳ ହେବା ପାଇଁ । ସେମାନେ ନିଜର ସ୍ୱପ୍ନକୁ ସାକାର କରିବାକୁ ଯାଉ ନାହାନ୍ତି, ବରଂ ଯାଉଛନ୍ତି ସେମାନଙ୍କର ବାପାମାନଙ୍କର ସ୍ୱପ୍ନ ପୂରଣ ପାଇଁ । ସେଇଥିପାଇଁ ବର୍ଷକର ପାଠ ସରି ନଥିବା ବେଳେ ଅନେକ ପିଲା ମୃତ୍ୟୁର ଦ୍ୱାର ଖୋଜି ନେଉଛନ୍ତି ।

ନିଜ ଭିତରେ ହୀନମନ୍ୟତା ସୃଷ୍ଟି ନହେଉ । ଦୁନିଆରେ ଏମିତି କିଛି କାମ ନାହିଁ, ଯାହାକୁ ଗଭୀର ଶ୍ରଦ୍ଧାରେ କରାଯାଇ ପାରିବ ନାହିଁ । ବରଂ ସେଥିରେ କର୍ମର ମହତ୍ତ୍ୱ ବଢ଼ିବ । ଆଜିକାଲି ଶାରୀରିକ ଶ୍ରମ କରିବାକୁ ଆମେ ଏକ ଗୌଣ କର୍ମ ବୋଲି ଧରି ନେଲେଣି । ସେଗୁଡ଼ାକ କାଳେ ପାଠ ପଢୁଆଙ୍କ ପୋର୍ଟଫୋଲିଓ ଭିତରେ ଯାଉନି- ଏଇ ମାନସିକତା ଆମ ଦେଶକୁ ବିପଦ ଆଡ଼କୁ ଠେଲି ନେଉଛି । ନିଜ କାମ ନିଜେ କରିବା କେବେ ବି ଏକ ଦୁର୍ବଳତା ନୁହେଁ । ଏକଥା କ’ଣ ଆଉ କେହି କହି ଆମକୁ ବୁଝେଇ ପାରିବ, ଯେ ପର୍ଯ୍ୟନ୍ତ ତାକୁ ଆମେ ନିଜେ ହୃଦୟଙ୍ଗମ ନ କରିଛନ୍ତି ?

ପୁରାଣ ଓଲଟେଇଲେ, ଇତିହାସ ଖୋଜିଲେ ଆମେ ବହୁତ ଉଦାହରଣ ପାଇବା, ଯେତେବେଳେ କାହାକୁ ନା କାହାକୁ ନୀଚ ଦେଖେଇବାର ଚେଷ୍ଟା କରାଯାଇଥିଲା; ତାକୁ ବଡ଼ ଲୋକଙ୍କ ସାଙ୍ଗରେ ମିଶିବାକୁ, ତାଙ୍କର ପିଲାଙ୍କ ସହିତ ସେ ପଢ଼ିବାକୁ ବାରଣ କରାଯାଇଥିଲା । ମାତ୍ର ତା’ର ଦୃଢ଼ ମନୋବଳ ତାକୁ ନେଇ କେଉଁଠି ପହଞ୍ଚେଇଲା, ସେକଥା କ’ଣ କାହାକୁ ଅଜଣା ! ସେ ହେଉ ଏକଲବ୍ୟ ଅବା ହୁଅନ୍ତୁ ଆମ୍ବେଦକର । ସିଏ କ’ଣ ଊଣାରେ ଦିନେ ଜୀବନ ଆରମ୍ଭ କରିଥିଲା ବୋଲି ଦୁଃଖକୁ ବହିକି ଚାଲିବ ! ମାତ୍ର ଆଜି ବି ଅନେକ କାହାଣୀ ଘଟୁଛି, ଯେତେବେଳେ ବହୁ ପ୍ରତିଭାଙ୍କୁ ବାଟ ଓଗଳା ଯାଉଛି । ତାଙ୍କର ବାପ ଅଜା ପଢ଼ି ନଥିଲେ, ସେ କ’ଣ ପଣ୍ଡିତ ପାଲଟି ଯିବେ ବୋଲି ତାଙ୍କୁ ଥଟ୍ଟା କରାଯାଉଛି । ଚାର୍ଲସ୍ ଡାରଓ୍ୱିନ୍ ତାଙ୍କର ବିଖ୍ୟାତ ପ୍ରବନ୍ଧ ‘ଦ ଅରିଜିନ୍ ଅଫ୍ ସ୍ପେସିଜ୍’ ଲେଖୁଥିଲେ । କ୍ରମେ ସେଇଥିରୁ ଉଦ୍ଭବ ହେଲା ବିବର୍ତ୍ତନର ସୂତ୍ର; କୁହାଗଲା- ‘ସର୍ଭାଇଭାଲ ଅଫ୍ ଦ ଫିଟେଷ୍ଟ’; ଯିଏ ସବଳ ଆଉ ସୁଯୋଗ୍ୟ, ସେ ହିଁ ବଞ୍ଚିବ । ତା’ହେଲେ ଖାଲି ବଳଶାଳୀ, ବିତ୍ତଶାଳୀମାନେ ଜିଇଁ ରହିବେ ଆଉ ଦୁର୍ବଳିଆମାନେ, ଅଳ୍ପ ପାଠୁଆମାନେ, ନିର୍ବୁଦ୍ଧିଆମାନେ ସବୁ କ’ଣ ବଳି ପଡ଼ିବେ ? କାହିଁ ସେମିତି ତ ହୁଏନା ସଚରାଚର ! ବରଂ ବଡ଼ ବଡ଼ ମହୀରୁହମାନେ ଉପୁଡ଼ି ପଡ଼ନ୍ତି ବତାସରେ, ଆଉ ଘାସର ଖାତିର ନଥାଏ କେଉଁ ଅଣଚାଶ ପବନର କୋପକୁ । ଏକଦା ସବୁଠୁ ବଡ଼ ପ୍ରଜାତିର ପ୍ରାଣୀ ବୋଲାଉ ଥିବା ଡାଇନୋସର ସେଇ ବିବର୍ତ୍ତନର ଧାରାରେ ଲୋପ ପାଇଗଲେ, ମାତ୍ର ପାତିମାଙ୍କଡ଼, ପିମ୍ପୁଡ଼ି ଆଉ ଅସରପାମାନେ ବଞ୍ଚିଛନ୍ତି ।

ପୃଥିବୀର ବିଶାଳତା- ବ୍ରହ୍ମାଣ୍ଡର ଅନନ୍ତ ବ୍ୟାପ୍ତି ଭିତରେ ବଡ଼ ରହିବେ, ସାନ ରହିବେ- ଆପଣା ଆପଣା ସ୍ଥାନରେ । ଯଦିଓ ବଡ଼ ବଡ଼ ରୋହି, ଭାକୁରମାନେ ଛୋଟ ଛୋଟ ଦଣ୍ଡିକିରି, ଜହ୍ଲା ଓ ମହୁରାଳୀମାନଙ୍କ ସହିତ ଝଗଡ଼ା କରନ୍ତି ନାହିଁ, ସେମାନଙ୍କୁ ଟକ୍‌ଟାକ୍ ଗିଳି ପକାନ୍ତି; ମାତ୍ର ସୃଷ୍ଟିର ବୈଚିତ୍ର୍ୟ ହେଲା ଯେ ଦଣ୍ଡିକିରି ବଂଶ ଲୋପ ପାଏନି, ଅର୍ଥାତ୍ ସମସ୍ତଙ୍କ ପାଇଁ ସ୍ଥାନ ଅଛି ଏଇ ବିଶାଳ ସଂସାରରେ । ଯଦି ବଳଶାଳୀ, ବିତ୍ତଶାଳୀମାନେ ଭାବୁଥାନ୍ତି ଯେ ସେମାନେ କ୍ଷମତା ପ୍ରୟୋଗ କରି ସାନମାନଙ୍କୁ ଧ୍ୱଂସ କରିଦେବେ, ସେମାନେ କେବଳ ଭୁଲ୍ ହିଁ ଭାବୁଛନ୍ତି । ଏବେ ତ ସବୁଠାରୁ ଶକ୍ତିଶାଳୀ ବୋଲାଉ ଥିବା ଦେଶର ଗଣତାନ୍ତ୍ରିକ ପଦ୍ଧତିରେ ଜିତିଥିବା, ମାତ୍ର ନିଜକୁ ସମ୍ରାଟ ଭାବରେ ଦାବି କରୁଥିବା ଶାସକ ଘୋଷଣା କରୁଥିଲେ- ରାତି ପାହିଲା ବେଳକୁ ସେ ହଜାର ହଜାର ବର୍ଷର ଏକ ସଭ୍ୟତାକୁ, ଏକ ସଂସ୍କୃତିକୁ ଧ୍ୱଂସ କରିଦେବେ ! ଜୀବନରେ ବହୁତ ବଡ଼ ବଡ଼ କୀର୍ତ୍ତି କରିବାକୁ ଚାହୁଁଥିବା ବହୁ ଲୋକ ଏମିତି ନିଜକୁ ପାଗଳ ସଜାନ୍ତି, ଆଉ ଶେଷରେ ମହାକାଳ ବକ୍ଷରେ ଏକ ସଇତାନ ଭାବରେ ଆଲୋଚିତ ହୁଅନ୍ତି । ଗୋଟିଏ ସଭ୍ୟତା, ଗୋଟିଏ ସଂସ୍କୃତି ଖାଲି ଇମାରତ ନୁହେଁ । ସେ ବୋମା ମାଡ଼ରେ ଧ୍ୱଂସ ହୋଇଯିବ; ତା’ର ସମସ୍ତ ପରିଚୟ କାଳ କାଳକୁ ବିଲୀନ ହୋଇଯିବ !

ଦଣ୍ଡିକିରିମାନେ ବଞ୍ଚିଥାନ୍ତୁ । ସେମାନେ ବଞ୍ଚିବା ବି ଜରୁରୀ । ଦେହରେ କ୍ୟାଲସିୟମ୍ ଅଭାବ କେବଳ ସେଇମାନେ ପୂରଣ କରି ପାରିବେ । ଯେତେ ବଡ଼ ମାଛ ହେଲେ ବି ତାଙ୍କ ଦ୍ୱାରା ତାହା ସମ୍ଭବ ହେବନି । ପ୍ରତ୍ୟେକଙ୍କ ନିକଟରେ ଯେ କିଛି ବିଶେଷତ୍ୱ ରହିଛି- ତାହା ବୁଝିବା ଦରକାର । ଆମକୁ ଅଲୋଡ଼ା ଲାଗୁଥିବା ଅନେକ କ୍ଷୁଦ୍ରାତିକ୍ଷୁଦ୍ର ବସ୍ତୁ ଓ ଜୀବଜନ୍ତୁ ଅଛନ୍ତି, ଯାହାଙ୍କର ଉପକାରିତା ରହିଛି କେଉଁଠି ନା କେଉଁଠି । ଜଡ଼ଠାରୁ ଚେତନ ଯାଏଁ ସବୁଠି ଦିବ୍ୟସତ୍ତାର ଅବସ୍ଥାନ । କାହାକୁ ନ୍ୟୂନ କହି ତା’ର ଅବମୂଲ୍ୟାୟନ କରିବା ବିଧାତାଙ୍କ ବିଚାରର ବିରୋଧାଭାସ ହୋଇପାରେ ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ, ମତାମତ ବ୍ୟକ୍ତିଗତ ।)**

**ମୋ: ୯୪୩୮୪୮୨୯୧୧**

# ‘ଶ୍ରଦ୍ଧାରୁ ଶ୍ରାଦ୍ଧ’- ନିଆରା ଏକ ଅନୁଭୂତି



ଡକ୍ଟର ରାଜେନ୍ଦ୍ର ନାରାୟଣ ଦାସ

‘ଯେଉଁମାନେ ବିଦେଶରେ ରହୁଛନ୍ତି, ସେମାନେ ତ ଶ୍ରାଦ୍ଧ ଦିନକୁ ପ୍ରାୟ ଭୁଲି ଗଲେଣି । କିନ୍ତୁ ମୋଟ ଉପରେ କହିବାକୁ ଗଲେ, ଆଜିକାଲି ପିତାମାତାଙ୍କର ମୃତ୍ୟୁ ପରବର୍ତ୍ତୀ କର୍ମ କରିବା ପାଇଁ କେତେକ କ୍ଷେତ୍ରରେ ଆଗ୍ରହର ଅଭାବ ପରିଲକ୍ଷିତ ହେଉଛି । ଅର୍ଥାତ୍ ଏଇସବୁ କର୍ମ କରିବା ପାଇଁ ଶ୍ରଦ୍ଧା ରହୁନାହିଁ’ (ନିତିଦିନ, ପ୍ରବନ୍ଧ: ‘ଶ୍ରାଦ୍ଧ ମାହାତ୍ମ୍ୟ’, ତା ୨୨.୦୧.୨୦୨୬ ରିଖ, ଲେଖକ: ଅଲେଖ ଚନ୍ଦ୍ର ମିଶ୍ର) । ଲେଖକଙ୍କର ଏହି ମନ୍ତବ୍ୟଟି ମୋ ମନକୁ ଆନ୍ଦୋଳିତ କରିଥିଲା । ତା’ର ଫଳଶ୍ରୁତି ହେଉଛି ଏଇ ପ୍ରବନ୍ଧ ।

ମନସ୍ତତ୍ତ୍ୱବିତ୍ ଓ ସମାଜବିଜ୍ଞାନୀଙ୍କ ମତରେ, ଏ ପୃଥିବୀ ପ୍ରତି ୨୫ ବର୍ଷରେ ଏକ ଆଖିଦୃଶିଆ ପରିବର୍ତ୍ତନର ଅବସ୍ଥା ଓ ବ୍ୟବସ୍ଥା ସୃଷ୍ଟି କରିଥାଏ । ତେଣୁ ୨୫ ବର୍ଷ ତଳର ଚଳଣି, ରୁଚି ଇତ୍ୟାଦି ଆଜିକାଲିର ଚଳଣିଠାରୁ ଢେର ଭିନ୍ନ ଓ ଫରକ ବୋଲି ବାରିହୋଇ ପଡ଼େ । ତେଣୁ ୨୧ ବର୍ଷରୁ ଅଧିକ ହୋଇ ଯାଇଥିବା ଜଣେ ବ୍ୟକ୍ତି ନିଜକୁ ଉପରିସ୍ଥ ସମାଜ ଓ ପରିବର୍ତ୍ତନ ସହିତ ଖାପ୍ ଖୁଆଇ ପାରେ ନାହିଁ । ପରିବର୍ତ୍ତନ ନାମକ ବାଲି ଝଡ଼ରେ ଆଜିକାଲି ପାରିବାରିକ ବ୍ୟବସ୍ଥା ଓଲଟପାଲଟ ହୋଇ ଗଲାଣି । ଆଗ ପରି ଆଉ ନାହିଁ । ଟଙ୍କା ପଇସାରେ ଜୀବନ ମାପୁଥିବା ଆଜିର ଏଇ ଉଦ୍ଭଟ ସଂସ୍କୃତିରେ ଏବେ ଆମ ଦେଶ ଜର୍ଜରିତ, କଳୁଷିତ, ପୀଡ଼ିତ ଓ ଆକ୍ରାନ୍ତ । ଏପରି ପରିସ୍ଥିତିରେ ଯେଉଁମାନେ ବିଦେଶରେ ରହୁଛନ୍ତି, ସେଇ ପ୍ରବାସୀମାନଙ୍କୁ ‘ଏକ ଶ୍ରେଣୀଭୁକ୍ତ’ କରିବା ମୋ ମତରେ ସେମାନଙ୍କ ପ୍ରତି ଅନ୍ୟାୟ ହେବ । କାରଣ ପରିବର୍ତ୍ତନଶୀଳ ଦୁନିଆରେ ପରିବର୍ତ୍ତନ ହିଁ ଅପରିବର୍ତ୍ତିତ ନିୟମ । ଏ ବିଷୟରେ ବିସ୍ତୃତ ଆଲୋଚନା ଏଇ ପ୍ରବନ୍ଧର ଲକ୍ଷ୍ୟ ନୁହେଁ ।

ବର୍ତ୍ତମାନ ମୂଳ ପ୍ରସଙ୍ଗକୁ ଆସିବା । ଗତ ବର୍ଷ ଡିସେମ୍ବର ୯ ତାରିଖରେ ମୋର ଜଣେ ଭିଣୋଇଙ୍କର ଆକସ୍ମିକ ବିୟୋଗ ହୁଏ । ମାସେ ପୂରିନାହିଁ, ଏଇ ବର୍ଷ ୧୩ ଜାନୁଆରୀ ଦିନ ଆଉ ଜଣେ ଭିଣୋଇଙ୍କର ସେହିପରି ଆକସ୍ମିକ ବିୟୋଗ ହୁଏ । ଏଇ ଦୁଇ ଭିଣୋଇଙ୍କର ପୁଅ ଦୁଇଜଣ ବିଦେଶରେ ସ୍ଥାୟୀ ବାସିନ୍ଦା । ଜଣେ ବ୍ରିଟେନ୍‌ରେ ଡାକ୍ତର (ଡାକ୍ତର ସଞ୍ଜିତ୍ ଦାସ) ଓ ଆର ଜଣକ (ରାୟେନ ମହାନ୍ତି) ଆମେରିକାରେ କମ୍ପ୍ୟୁଟର ଇଞ୍ଜିନିୟର ଭାବରେ କାର୍ଯ୍ୟରତ । ଉଭୟ ଦୀର୍ଘ ୨୦ ବର୍ଷ ଧରି ସେଠାରେ ସପରିବାର ‘ପ୍ରବାସୀ ଓଡ଼ିଆ’ ଭାବରେ ଜୀବନଯାପନ କରୁଛନ୍ତି । ସୁବିଧା ଦେଖି ୨/୩ ବର୍ଷରେ ଥରେ ବୁଲିବାକୁ ଓଡ଼ିଶା ଆସନ୍ତି ।

ଯେତେବେଳେ ଦେଶରୁ କେଉଁ ଆତ୍ମୀୟସ୍ୱଜନଙ୍କ ଚାଲିଯିବାର ଖବର ଆସେ, ସେତେବେଳେ ପ୍ରବାସୀମାନଙ୍କ ପାଦ ତଳୁ ପୃଥିବୀ ଖସିଯାଏ । ସଞ୍ଜିତ୍ ତାଙ୍କ ପିତା ଇଞ୍ଜିନିୟର ମଧୁସୂଦନ ଦାସଙ୍କର ଆକସ୍ମିକ ମୃତ୍ୟୁ ଖବର ପାଇ ଦୁଇ ଦିନ ଭିତରେ ତୁରନ୍ତ ଭୁବନେଶ୍ୱର ଆସି ସ୍ୱର୍ଗଦ୍ୱାରରେ ପିତାଙ୍କର ଶେଷକାର୍ଯ୍ୟ କରିଥିଲେ । ରାୟେନ ତାଙ୍କ ପିତା ଇଞ୍ଜିନିୟର ନିକୁଞ୍ଜ କୁମାର ମହାନ୍ତିଙ୍କ ମୃତ୍ୟୁ ବେଳକୁ ସୌଭାଗ୍ୟବଶତଃ ଭାରତରେ ଥିଲେ । ଶୁଦ୍ଧିକର୍ମ ପାଇଁ ଯାହାକିଛି ଲୌକିକ କର୍ମ ଏଇ ଦୁଇ ଭାଇ ସବୁ କିଛି ନୀତି ନିୟମ ଅନୁସାରେ ପାଳନ କରିଥିଲେ, ଯାହାକି ସେମାନଙ୍କର ଆତ୍ମୀୟସ୍ୱଜନଙ୍କୁ ଚକିତ କରି ଦେଇଥିଲା । ଏଇ ଦୁଇଟି ଭାତ ହାଣ୍ଡିରୁ ଦୁଇଟି ଦୃଷ୍ଟାନ୍ତ ମାତ୍ର । ଏପରି ବ୍ୟତିକ୍ରମ ପ୍ରବାସରେ ବାସ କରୁଥିବା ଓଡ଼ିଆମାନଙ୍କ ଭିତରେ ନିଶ୍ଚୟ ମିଳିବେ । ପ୍ରବାସୀମାନଙ୍କୁ ଏକ ଶ୍ରେଣୀଭୁକ୍ତ କରିବା ସେମାନଙ୍କ ପ୍ରତି ଅନ୍ୟାୟ ହେବ ।

ଦୀର୍ଘ ବର୍ଷ ଧରି କାନାଡ଼ାରେ ରହୁଥିବା ପ୍ରଫେସର ଲାଲୁ ମାନସିଂହଙ୍କ ଉକ୍ତି ଏହି ପରିପ୍ରେକ୍ଷୀରେ ବିଶେଷ ଗୁରୁତ୍ୱପୂର୍ଣ୍ଣ । ସେ କୁହନ୍ତି- ‘ମୁଁ ଯେ କାନାଡ଼ାରେ ରହିବାକୁ ସ୍ଥିର କଲି, ବ୍ୟକ୍ତିଗତ ଭାବରେ ତାହା ମୋ ପାଇଁ ଏକ କଠୋର ଦଣ୍ଡ ପରି । ମୁଁ ଥିଲି ବଡ଼ ନାତି ଆଉ ସମସ୍ତଙ୍କ ନୟନ ପିତୁଳା । ପିଲାଦିନେ ମୋର ଅଜା, ମାମୁ ଓ ମାଇଁଙ୍କଠାରୁ ମଧ୍ୟ ଯଥେଷ୍ଟ ସ୍ନେହ ଆଦର ପାଇଥିଲି । ମୋ ଜୀବନର ପ୍ରତିଟି ଅଗ୍ରଗାମୀ ପଦକ୍ଷେପରେ ସବୁବେଳେ ସେମାନଙ୍କ ଇଚ୍ଛା, ଆନନ୍ଦ ଆଉ ଆତ୍ମାଭିମାନ ମୋ ନିଜ ଅପେକ୍ଷା ଅଧିକ ଗୁରୁତ୍ୱ ପାଉଥିଲା । ଏ ମାନସିକତାର ଆଉ ଗୋଟିଏ ଅଜଣା ଅଙ୍ଗ ବା ସଂଗୋପିତ ସମୀକରଣ ଥିଲା, ଯଦି ମୁଁ ଭାରତରେ ଗୋଟିଏ ଭଲ ପଦବୀରେ ଅବସ୍ଥାପିତ ହୁଏ, ଆମର ବୃହତ୍ତର ପରିବାର ପାଇଁ ମୁଁ ଅଧିକ ଉପଯୋଗୀ ହୋଇ ପାରିବି’ (ଓଡ଼ିଶା ସୋସାଇଟି ଅଫ୍ ଆମେରିକା ମୁଖପତ୍ର, ଜୁଲାଇ ୧୯୯୪) ।

ପ୍ରବନ୍ଧର ଶେଷ ପର୍ଯ୍ୟାୟରେ ଗୋଟିଏ କଥା ଉଲ୍ଲେଖ କରିବାକୁ କୁଣ୍ଠାବୋଧ କରୁନାହିଁ । ଭବିଷ୍ୟତରେ ପ୍ରବାସରେ ବାସ କରୁଥିବା ଓଡ଼ିଆମାନଙ୍କ ପିଲାମାନଙ୍କ ପାଇଁ ଓଡ଼ିଶା ଖାଲି ଗୋଟାଏ ନାଆଁ- କେଉଁ ଏକ ସୁଦୂରର ମୁଲକ; ଯେଉଁଠିକୁ ସେମାନେ କେବେ ହୁଏତ ଠିକ୍ ସଞ୍ଜିତ୍ ଓ ରାୟେନଙ୍କ ଭଳି କୌଣସି ଛୁଟିରେ ବୁଲିଯାଇ ପାରନ୍ତି । ସେମାନଙ୍କର ପିଲାମାନେ ନୂଆ ପିଢ଼ିର ଆମର ଝିଆରୀ ପୁତୁରା ବା ଅନ୍ୟ ସମ୍ପର୍କୀୟ ଭାଇ ଭଉଣୀମାନଙ୍କ ସହିତ ଆବେଗିତ ଭାବରେ ଜଡ଼ିତ ନୁହନ୍ତି । ପ୍ରବାସୀମାନଙ୍କର ବାପା ବୋଉ ଓ ଅନ୍ୟାନ୍ୟ ବନ୍ଧୁବାନ୍ଧବଙ୍କ ମୃତ୍ୟୁ ପରେ ସେମାନଙ୍କର ସମ୍ପର୍କ ମଧ୍ୟ ନିଜ ଜନ୍ମଭୂମିରୁ ତୁଟିଯିବ ।

ଓଡ଼ିଆମାନେ ବିଦେଶରେ ବ୍ୟବସ୍ଥିତ ହେଲା ପରେ ଓଡ଼ିଶାକୁ ଏବଂ ଓଡ଼ିଶାରେ ଥିବା ନିଜର ଆତ୍ମୀୟମାନଙ୍କୁ ଭୁଲି ଯାଉଛନ୍ତି କି ? ୨୦୦୨ ମସିହାରେ ହୋଇଥିବା ଜନମତ ସର୍ବେକ୍ଷଣରୁ ଜଣାପଡ଼େ ଯେ ଏହି ଓଡ଼ିଆମାନେ ବାପା ମା’ ବଞ୍ଚିଥିବା ଯାଏଁ ଓଡ଼ିଶା ସହିତ କିଛି କିଛି ସମ୍ବନ୍ଧ ବା ସଂପର୍କ ରଖୁଛନ୍ତି । ମାତ୍ର ବାପା-ମାଆଙ୍କ ଅନ୍ତେ ସେ ବନ୍ଧନ ଶିଥିଳ ହୋଇ ପ୍ରାୟ ଥିବା ନଥିବା ପରି ଅବସ୍ଥାକୁ ଚାଲି ଆସୁଛି ।

**ଗିଲ୍‌ବାଖ୍ ଷ୍ଟ୍ରାସେ ୯୫ଇ,**
**୪୧୪୬୬ ନଏସ୍, ଜର୍ମାନୀ**
drrajendradas.germany
@gmail.com

# ଚିତ୍ରିତ ସମୟର ରୂପକାର କବି ବୈକୁଣ୍ଠନାଥ



ବିରଜା ରାଉତରାୟ

ଯେଉଁଠି ଭାବ ପରିତୃପ୍ତିର ଏକ ଅନନ୍ୟ ଉପଲବ୍ଧିରେ ମଗ୍ନ ପାଲଟେ, ସେଇଠୁ ଆରମ୍ଭ ହୁଏ କବି ବୈକୁଣ୍ଠନାଥଙ୍କ କାବ୍ୟଯାତ୍ରା । ଦୀର୍ଘ, ପୁଣି ନିରବଧି । ପାହାଡ଼ି ଝରଣାର ମନ୍ଦ୍ର ମଧୁର ନାଦ ଧରି ଗତିଶୀଳ ହୁଏ ତାଙ୍କ କବିତାର ଆତ୍ମପୁରୁଷ । ନିଷ୍ପାପ କିଶୋରର ଆଖିରେ ପ୍ରତ୍ୟକ୍ଷ କରୁଥିବା ଚାରି ପାଖର ବର୍ଣ୍ଣିଳ ଘୁମନ୍ତ ପୃଥିବୀ । କେବେ ସାବଜା ଶାଢ଼ିର ପଣତ ମେଲି ତୃଷିତ କବିକୁ ଆପ୍ଲୁତ କରେ ତ ପୁଣି କେବେ ଦିଗ୍‌ବଳୟର ବିସ୍ତାରିତ ରହସ୍ୟ ପଟ୍ଟଳ ଭିତରକୁ ଟାଣିନିଏ କବି ଦୃଷ୍ଟିର ଦୁଇ ପାଦକୁ । କେବେ କେବେ କାବ୍ୟିକ ବିସ୍ମୟ ପାଲଟି ଇନ୍ଦ୍ରଧନୁର ଚିତ୍ରିତ ଛଟାରେ ଓହ୍ଲାଇ ଆସିଥାନ୍ତି ତାଙ୍କ କବିତାକୁ ।

ହଁ, ସୂଚାଇ ଦିଆଯାଇପାରେ ଯେ ଆଲୋଚ୍ୟ କବି ‘ଜୀବନ ପାତ୍ର ମୋ ଭରିଛ କେତେମତେ...’ ଅମର ପଙ୍‌କ୍ତିର ରହସ୍ୟବାଦୀ କବି ବୈକୁଣ୍ଠନାଥ ପଟ୍ଟନାୟକ ନୁହନ୍ତି । ଇଏ ମାଟିର ମହକ ଧରି ସବୁଜ ପାହାଡ଼ ପର୍ବତ ଉପରେ ନୀଳ ଅଭିସାର ରଚିଥିବା ଛବିଳ ଆକାଶର କବି ବୈକୁଣ୍ଠନାଥ ସାହୁ । ତତ୍କାଳୀନ ଅବିଭକ୍ତ କଟକ ଜିଲ୍ଲା ଓ ସମ୍ପ୍ରତି କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଆଳିର ମାନପୁର-ଭୂଇଁପୁର ଗ୍ରାମରେ ୧୨ ମେ’, ୧୯୪୮ ମସିହାରେ ତାଙ୍କର ଜନ୍ମ । ଓଡ଼ିଶା ପ୍ରଶାସନିକ ସେବାରେ ଦୀର୍ଘ ବର୍ଷର କାର୍ଯ୍ୟକାଳ ଏହି ନୈସର୍ଗିକ ଭୂଖଣ୍ଡର ବିଭିନ୍ନ କୋଣ ଅନୁକୋଣରେ ତାଙ୍କୁ କର୍ମ ଦାୟରେ ଅବସ୍ଥାପିତ କରିଛି । ଏହି ବିରତ ଓ ଅବିରତର ଭ୍ରମଣ ତାଙ୍କ ଯାଯାବର ନେତ୍ରରେ ରୋପି ଦେଇଛି କବିପଣର ଉନ୍ମୁଖତା ।

ସମକାଳୀନ ଓଡ଼ିଆ ସାହିତ୍ୟରେ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ ତାଙ୍କର କାବ୍ୟଯାତ୍ରା, ଏକ ସ୍ୱକୀୟ ବିଶିଷ୍ଟତାରେ ଋଦ୍ଧିମନ୍ତ । ବିଶେଷକରି ବୃତ୍ତିର ଦାୟରେ ତାଙ୍କର ଓଡ଼ିଶାର ବିଭିନ୍ନ କାର୍ଯ୍ୟକ୍ଷେତ୍ରକୁ ସ୍ଥାନାନ୍ତରଣ ପରୋକ୍ଷରେ ତାଙ୍କ ମଧ୍ୟରେ ଲୁକ୍କାୟିତ ଥିବା କବି ସତ୍ତାକୁ ଯେତିକି ଉନ୍ମୁଖ, ସେତିକି ମାର୍ଜିତ କରି ତୋଳିଛି ।

ବ୍ୟକ୍ତି ବୈକୁଣ୍ଠନାଥରୁ ସେ ରୂପାନ୍ତରିତ ହୋଇଛନ୍ତି ଜଣେ ପରିବ୍ରାଜକ କବି ଭାବରେ । ତାଙ୍କ କବିତାର କ୍ୟାନ୍‌ଭାସ୍ ଆଙ୍କିଛି ରୂପଶ୍ରୀ ଚିଲିକା ହ୍ରଦ, ଭବାନୀପାଟଣାର ନିଛାଟିଆ ରାସ୍ତା, ସୁଲେଇପାଟର ଲଳିତ ନିର୍ଜନ ରୂପ, ସୋନପୁରର ତେଲ ନଦୀ, ସାଲୁର ଘାଟିର ଅନ୍ତରଙ୍ଗ ଅନୁଭବ, ପୁଣି ମାଲକାନଗିରିର ସ୍ନେହ ଆଞ୍ଜୁଳାରେ ଭାବମୟ ମଞ୍ଜୁଳ ସମୟ । ପୁଣି ତାଙ୍କ କାବ୍ୟ ପରିଧି ମଧ୍ୟକୁ ଭୀମକୁଣ୍ଡ, ବାଙ୍ଗିରିପୋଷି, ଟିକାବାଲି, ଫଲ୍‌ସ୍ ପଏଣ୍ଟ, ନୃସିଂହନାଥ, ହୀରାକୁଦ, ଶିମିଳିପାଳ ଓ ରେଢ଼ାଖୋଲ ପରି ସ୍ଥାନୀୟ ଭୂଗୋଳସବୁ ଚିତ୍ରିତ ଲଳିତ ରୂପରାଶିରେ ଆତ୍ମପ୍ରକାଶ କରିଛନ୍ତି । ପାରିପାର୍ଶ୍ୱିକ ପୃଥିବୀର ଅନୁପମ ଉପଲବ୍ଧି, ପୁଣି ଅନ୍ୱେଷାରୁ ଆତ୍ମଲୀନତା ଯାଏଁ କବି ବୈକୁଣ୍ଠନାଥଙ୍କ କବିତାର ବିବିଧତା । ଅପରୂପ ପ୍ରକୃତିର ବିମୁଗ୍ଧ ସାକ୍ଷୀ ରୂପେ ତାଙ୍କ ପ୍ରକୃତିମନସ୍କ କବିତାଗୁଡ଼ିକ କେବେ ନୈସର୍ଗିକ ପ୍ରକୃତିର ବଂଶୀ ଧ୍ୱନିରେ ଚଞ୍ଚଳ ହରିଣୀ ପରି ତଟସ୍ଥ, ପୁଣି କେବେ ଜଙ୍ଗଲୀ ଝରଣାର କାଚକେନ୍ଦୁ ପିଠିରେ ନୀଳ ଆକାଶର ରୂପ ରସରେ ବିମ୍ବିତ ।





ସମକାଳୀନ ଓଡ଼ିଆ କବିତାର ମୁଖ୍ୟ ଧାରାରେ ଦୀର୍ଘ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ସକ୍ରିୟ ରହି ନିଜର ପୃଥକ୍ ସୃଜନ ସ୍ୱାକ୍ଷର ଆଙ୍କିବାରେ ସମର୍ଥ ହୋଇଛନ୍ତି କବି ବୈକୁଣ୍ଠନାଥ ସାହୁ । ତାଙ୍କ କାବ୍ୟ ଉନ୍ମେଷର ସ୍ଫୁରଣ ଯଦିଓ ଆଦ୍ୟ ଜୀବନର, କିନ୍ତୁ ‘ସତ୍ୟପାଠ’ ରୂପରେ ୧୯୭୯ ମସିହାରେ ପ୍ରଥମ କବିତା ସଙ୍କଳନ ଆତ୍ମପ୍ରକାଶ କରେ । ଏହି ନାମ ହିଁ ସୂଚିତ କରେ କବିତା ତାଙ୍କ ଦୃଷ୍ଟିରେଏକ ଅଙ୍ଗୀକାରବଦ୍ଧ ଜୀବନର ଆତ୍ମକଥନ । ଜୀବନର ସୂକ୍ଷ୍ମ ଉପଲବ୍ଧିର ରୂପାୟନ ନିମନ୍ତେ ଏକ ଉତ୍କୃଷ୍ଟ ବାଙ୍‌ମୟତାର ମାର୍ଗ ।

ପ୍ରଥମ କବିତା ସଂକଳନ ‘ସତ୍ୟପାଠ’ରେ ସନ୍ନିବେଶିତ ପ୍ରଥମ କବିତା ହିଁ ସୂଚାଇ ଦିଏ ତାଙ୍କ ଜୀବନବାଦୀ ଆଭିମୁଖ୍ୟ, ଯାହାର ଉଦାହରଣ- ‘ମତେ ହାତ ଧରି ବାଟ କଢ଼େଇ ନେଇଯାଅ ସେଇ ରାଜ୍ୟକୁ/ ମୁଁ ସାଙ୍ଗରେ ନେବି ସୁଖର କେତୋଟି ପାଖୁଡ଼ା/ ସାବଲୀଳ ଜୀବନ କାବ୍ୟରୁ କେତକ ପୃଷ୍ଠା/ ତେଲ, ଲୁଣ ଓ ସବୁଜ ସମ୍ଭାରରୁ କିଛି... ।’

କବି ବୈକୁଣ୍ଠନାଥଙ୍କ କବିତାଗୁଡ଼ିକରେ ସମୟର ପାଦଚିହ୍ନ ତା’ର କମନୀୟ କାବ୍ୟିକ ସୌଷ୍ଠବରେ ପ୍ରତିଫଳିତ ହୋଇଥାନ୍ତି । ତାଙ୍କ ଦୃଷ୍ଟିରେ ଦୁଃଖ, ଲୁହ, ସ୍ୱପ୍ନଭଙ୍ଗ ଓ ଦିଗହରା ଯାତ୍ରା ପଥର ଅଭିଯାତ୍ରୀ ମଣିଷ । କିନ୍ତୁ ସକଳ ନିଦାଘମୟ ଜ୍ୱଳନ ମଧ୍ୟରେ ସୁଦ୍ଧା ଓଠରେ ହସର ମୁଦ୍ରାଙ୍କ, ସ୍ୱପ୍ନର ଗଭାରେ ବର୍ଣ୍ଣିଳ ଇନ୍ଦ୍ରଧନୁର ଛଟାକୁ ଖୋସି, ଦରଦୀ ଦୁଃଖୀର ହୃଦୟରେ ଅନାବିଳ କୋଳାଗ୍ରତର ଛାପକୁ ଛାଡ଼ି ମୁଗ୍ଧ ନୀଳିମାମୟ ସମୟର ଆକାଶରେ ବିଭୋର ହେବାର କବିପଣରେ ଥାଏ କବିତା, ଯାହାର ସଚିତ୍ର ମୁଦ୍ରାଙ୍କ ତାଙ୍କର ଗୋଟିଏ ପରେ ଗୋଟିଏ କବିତାର ଆତ୍ମପ୍ରକାଶ ସହ ପ୍ରସ୍ଫୁଟିତ ହୋଇଉଠେ ।

ମନେ ରଖିବାକୁ ହେବ, ଯାଯାବରର ଅସ୍ଥିର ପାଦଚିହ୍ନ ପରି କବି ବୈକୁଣ୍ଠନାଥଙ୍କ ବୃତ୍ତିର ଘୂର୍ଣ୍ଣନ । କେବେ ରାଜଗାଙ୍ଗପୁର ତ କେବେ ଶିମିଳିପାଳ, କେବେ ବୀର ସୁରେନ୍ଦ୍ର ସାଏର ଗାଁ ଖିଣ୍ଡା ତ କେବେ ରାଉରକେଲାର ବିର୍ସା ମୁଣ୍ଡା । ସବୁଠି ଶବ୍ଦଚିତ୍ରର ଝୋଟି ପରି ତାଙ୍କ ମନ ପୃଷ୍ଠାରେ ଲୋଟି ପଡ଼ିଛି ଚଞ୍ଚଳ ସମୟର ପ୍ରତିବିମ୍ବିତ ଛାଇର ଧାଡ଼ି । ସେଇ କବି କେବେ ଆଳି ପିଙ୍ଗଳାରେ ସୂର୍ଯ୍ୟୋଦୟ ଦେଖି ପ୍ରଶ୍ନ ପଚାରେ, ପୁଣି ‘କନ୍ଧମାଳ’ରେ ସମୟର ବହମାନ ଅସ୍ତିତ୍ୱକୁ ସଂଶୟଭରା ଆଖିରେ ଚାହିଁ ପଚାରେ, ‘ସମୟ ଏପରି ବିଭୋର ତା ପଦଯାତ୍ରାରେ/ କେତେବେଳେ ଛାଡ଼ି ଆସିଲାଣି/ ତାରକା ଖଚିତ ମନମୁଣ୍ଡା, ଶଗଡ଼ା ଓ/ ତେଲ ନଦୀର ପୋଲ ଉପରେ/ ଜହ୍ନ ପଖଳା ଏକ ନିରୀହ ବସୁନ୍ଧରା !’

ସେହିପରି ବୈକୁଣ୍ଠନାଥଙ୍କ ଆଉ ଏକ ସଫଳ କାବ୍ୟକୃତି ‘ମୁଁ ଖଣ୍ଡେ ଭାସମାନ ମେଘ’, ଯେଉଁଥିରେ ଚିରନ୍ତନ କବିଙ୍କ ନାନ୍ଦନିକ ଚେତନା ଏକ ଭାସମାନ ମେଘ ପରି ଚିତ୍ରିତ ଧରଣୀର ମୂର୍ଚ୍ଛନା ସହ ସମାନ୍ତରାଳରେ ଗତି କରେ । ତାଙ୍କ ଭାଷାରେ, ‘ମୁଁ ଖଣ୍ଡେ ଭାସମାନ ମେଘ/ ଆକାଶରେ ମୋର କି କାମ ?/ ପଛରେ ଛାଡ଼ି ଆସିଛି ବସୁଧାର ସକଳ ସମ୍ପର୍କ ।/ ଆଗରେ ମୋ ସକଳସର ମାୟା, ଦୁଷ୍ଟ ରାତି/ ମଧୁର ମଧାହ୍ନ ପୁଣି ଗୋଧୂଳିର ବର୍ଣ୍ଣବିଭା/ ନଦୀ ଆଉ ନୌକାର ସଂଗୀତ ।’

କବିଙ୍କ ଅବିରତ ଯାତ୍ରା ଯେତିକି ଯେତିକି ମାଇଲଖୁଣ୍ଟକୁ ଅତିକ୍ରମ କରେ, ସେତିକି ସେତିକି ଜୀବନର ଅର୍ଥମୟତା ଓ ସମୟର ପୂର୍ଣ୍ଣଗର୍ଭତା ମଧ୍ୟରେ ମନୋନିବେଶ କରି ବିବର୍ତ୍ତିତ କାଳ ଖଣ୍ଡର ଜୀବନ ଦୋହାକୁ ସର୍ଜନା କରି ଚାଲେ । କବିତା କ୍ରମଶଃ ଜୀବନଚର୍ଯ୍ୟାର ପ୍ରବୁଦ୍ଧ ଚାରଣ ସଙ୍ଗୀତ ପାଲଟେ । ଦିନ, ମାସ, ବର୍ଷ, ଯୁଗ ଏବଂ ସମୟର ନିରନ୍ତର ପରିକ୍ରମଣ ମଧ୍ୟରେ ଏକ ସମୁଜ୍ଜ୍ୱଳ ସ୍ୱପ୍ନ ବୃତ୍ତାନ୍ତ ପରି ପ୍ରକଟିତ ହୋଇଉଠେ । ସେହି ସାର ଉପଲବ୍ଧି ‘ତାରିଖ ବଦଳି ଯାଏ’ କବିତାର ଅନ୍ତିମ ଚରଣର ଦୁଇ ପାଦରେ ଏକ ଜୀବନବାଦୀ କବିର ପ୍ରତିବଦ୍ଧତାକୁ ଦୋହରାଇ ଗାଇ ଉଠେ, ‘ଗୋଟିଏ ହାତରେ ମୋ ଅପମାନଭରା ଦୁଃସମୟ/ ଅନ୍ୟ ହାତରେ ସ୍ୱପ୍ନ ଝଲମଲ, ଦୃପ୍ତ ସୁସମୟ ।’

**ମାଧପୁର, କେନ୍ଦ୍ରାପଡ଼ା**
**ମୋ: ୯୬୫୮୮୧୦୨୪୪**

# ଖରାଦିନର ଖୁସି



ଧ୍ରୁବ ଚରଣ ଘିବେଲା



ବସନ୍ତ ନ ଯାଉଣୁ କେବେ କେବେ କେଉଁ ବର୍ଷ ଆଗୁଆ ଧସେଇ ପ୍ରବେଶ କରିଥାଏ ଗ୍ରୀଷ୍ମ ଏ ଧରା ପୃଷ୍ଠକୁ । ଚଇତରେ ବି ନିଦାଘ ଗ୍ରୀଷ୍ମ ଦେଖାଇ ଥାଏ ତା’ର ରୌଦ୍ର ରୂପ । ବସନ୍ତର ସୁନ୍ଦର ସୁଷମାକୁ ଧ୍ୱସ୍ତ ବିଧ୍ୱସ୍ତ କରି ପକାଏ ପ୍ରଚଣ୍ଡ ରୌଦ୍ରତାପ । ମଳୟ ବି ଗୁମ୍‌ସୁମ୍ ହୋଇଯାଏ । କୋଇଲି ବି ମୁହଁ ଲୁଚେଇ ରହେ ନିରବି ଯାଇ । ସୂର୍ଯ୍ୟ ଉଇଁ ଆସିଲା ପରେ ପରେ ଖରା ତା’ର ବଳ ଦେଖାଇବା ଆରମ୍ଭ କରିଦିଏ ଚଇତ ସକାଳେ । ସକାଳର ବିଷମ ସ୍ଥିତିରୁ ଅନୁମାନ କରିହୁଏ ଦିନ ବେଳେ ଖରା ସିଝାଇବ, ଆଉ ସିଝିବ ଖରାରେ କେମିତି ସମଗ୍ର ଜନଜୀବନ । ଝାଉଁଳିବେ ଗଛଲତା, ବୃକ୍ଷରାଜି । ଖରାରେ ହେବେ ଭାଜି । ଖରାରେ ଧରା ସାଜେ କଢ଼େଇ । ଖରାକୁ ଦେଖି ସ୍କୁଲସବୁ ହୁଏ ଆଗୁଆ (ଖରା)ଛୁଟି । ଦିନବେଳେ ଖରାରେ କାମ କରିବା ଉପରେ ରୋକ୍ ଲାଗେ । ଯାନବାହନରେ ଖରାବେଳେ ଯାତ୍ରା ପାଇଁ ବାରଣ କରାଯାଏ । ସରକାରୀ କଟକଣା ବି ଜାରି ହୁଏ । ସକାଳୁଆ ସରକାରୀ ଦପ୍ତର ଚାଲେ । ସୂର୍ଯ୍ୟ ବି ଜାରି କରେ ଅଘୋଷିତ କର୍ଫ୍ୟୁ ଓ ରାସ୍ତାଘାଟ ଛିନା ହୁଏ । ବିଶେଷ କାମ ନଥିଲେ ଘର ଭିତରୁ ପଦାକୁ ଗୋଡ଼ କାଢ଼ିବା ବି ଅନୁଚିତ । ଘର ଭିତରେ ଛାତ ଛାଇ ତଳେ ଆରାମରେ ବସି ରହିବା ଭଲ । ଦେହରେ ପଙ୍ଖା ପବନ ବାଜୁଥିଲେ ଆହୁରି ଭଲ ଲାଗେ । ବିଜୁଳି ଚାଲିଗଲେ ହାତ ପଙ୍ଖା ଘୂରେଇ ଗରମ ତାତିରୁ ସାମାନ୍ୟ ତ୍ରାହି ପାଇଁ ଉପଯୋଜନ କରନ୍ତି ପିଲାଛୁଆ, ବୁଢ଼ା ସଭିଏଁ ।

ଖରାଦିନେ ଗରମ ତାତି ଅନୁଭବ ଭିତରେ ବି ଖୁସି ସାଉଁଟିବା ଧାରାରେ ରୁହନ୍ତି ଅନେକ । କିଏ ତାତିରୁ ମୁକୁଳିବା ପାଇଁ ବହୁ ଥର ଗାଧୋଇଥାନ୍ତି । ଖରା ଦିନରେ ନଈ ଗାଧୁଆର ନିଆରା ଅନୁଭବଜନିତ ମଜା ନଈକୂଳବାସୀ ବେଶି ଜାଣନ୍ତି । ନଈ ଗାଧୁଆ ମଜାଳିଆ ବି । ତହିଁରୁ ଖୁସି ସାଉଁଟି ହୁଏ । ପାଣି ଭିତରୁ ଉଠି ଆସିବାକୁ ଇଚ୍ଛା ହୁଏନି । ଗାଧୋଇ ସାରି ଦହି ପଖାଳ ଖାଇବା ସୁଖକର ଯେତିକି ମନେହୁଏ, ସେତିକି ମଜାଳିଆ ମଧ୍ୟ ଥାଏ ଖରାଦିନିଆ ପଖାଳଖିଆ । ରୁଚି ନେଇ କିଏ ବାସି ପଖାଳପ୍ରିୟ ଥାଆନ୍ତି ତ କିଏ ତବତ ତୋରାଣି ରଙ୍କୁଣା ଥାଆନ୍ତି । ପଖାଳ ସାଙ୍ଗକୁ କଟା ପିଆଜ, କଟା ଲେମ୍ବୁ, କଷି କାକୁଡ଼ି, ଶାଗ ଖରଡ଼ା, ଆଳୁ ଭଜା, ଶୁଖୁଆ ପୋଡ଼ା ବା ଭଜା ଆଦି ଥିଲେ ପଖାଳଖିଆ ମଜା ମନମତାଣିଆ ରହେ । କିଏ ପୁଣି ପଖାଳ ସହିତ ତେନ୍ତୁଳି ଖଟା ଖାଇବାକୁ ପସନ୍ଦ କରନ୍ତି । ଆମ୍ବ ଚଟଣି ଥିଲେ ଆହୁରି ଜମିଥାଏ ପଖାଳଖିଆ । ତେବେ ପଖାଳଖିଆ ବେଶ୍ ତୃପ୍ତିକର ଲାଗେ । ଯେମିତି ପଖାଳ ହେଇଥାଉ ବାସି କି ସଜ, ତାହା ପାଟିକୁ ସୁଆଦିଆ । ପେଟକୁ ବଢ଼ିଆ । ଖରାବେଳେ ପଖାଳ ଖାଇଲେ ନିଦୁଆ ନିଦୁଆ ବି ଲାଗେ । ଖରାଦିନେ ପଖାଳଖିଆ ଖୁସିର ପଟାନ୍ତର ନାହିଁ । ପାଚିଲା ଆମ୍ବ ବି ପଖାଳ ସହିତ ଖାଇବାରେ ମଜା ସୁଖ ଥାଏ ।

ଖରାଦିନ ସକାଳେ ଓ ଅପରାହ୍ନରେ ଦହି ସରବତ, ଲେମ୍ବୁ ସରବତ ପିଇବାକୁ ଖୁବ୍ ଭଲ ଲାଗେ । ବିଭିନ୍ନ ପ୍ରକାର ପଣା ପିଇବାରେ ଆଦର ତଥା ଆଗ୍ରହ ଅନେକ ରଖିଥାନ୍ତି । ଏସବୁ ପିଇବା ଯୋଗୁଁ ଗରମ ତାତି କମ୍ ଜଣାପଡ଼େ । ଲସି ସରବତ ଆଉ ପଣା ପିଇଲେ ଖରାଦିନେ ଖୁସି ଲାଗେ । ଶାନ୍ତି ଓ ଆରାମ ମିଳେ । ବାଟରେ ଗଲା ବେଳେ ଆଖୁରସ ପିଇ ବାଟୋଇ ତା’ର ମଜା ନିଅନ୍ତି । କଟା ତରଭୁଜ ଖାଇ ବାଟୋଇ କେଉଁଠି ଖୁସି ଅନୁଭବ କରନ୍ତି । ତରଭୁଜ ପଣାର ସୁଆଦ ବି ଖୁସି ଦିଏ । ଖରା ସମୟରେ ବଡ଼ମାନଙ୍କଠୁ ଗପ ଶୁଣି ସାନ ସାନ ପିଲା ଖୁବ୍ ଖୁସି ଅନୁଭବ କରିଥାନ୍ତି । ଗପ କହିଲା ବେଳେ ଜେଜେ ସର୍ତ୍ତ ବି ରଖନ୍ତି- ମୁଁ ଗପ କହୁଥିବି, ତୁମେ ସବୁ ହୁଁ ମାରୁଥିବ । ତେବେ ସିନା ଗପ କହିବାକୁ ମୋତେ ବି ଖୁସି ଲାଗିବ । ଖରାଦିନେ ଗଛ ଚାରା ଲଗାଯିବା ଚାହି । ପରିବେଶର ସୁରକ୍ଷା ପାଇଁ ଗଛର ବିକଳ୍ପ ନାହିଁ । ଗଛ ଚାରା ଲଗାଯିବା ସହିତ ସେସବୁକୁ ଜଗାଇବା ଦରକାର । ଚାରା ମୂଳରେ ପାଣି ଦେଲେ ଖୁସିରେ ଜାଗେ । ଚାରାଗୁଡ଼ିକର ଦେଖାରଖା ସହିତ ଉପଯୁକ୍ତ ଆଦର ଯତ୍ନ କରାଗଲେ ଚାରାଠି ଜାଗିବାର ସ୍ପୃହା ବି ଜାଗେ । ଧୀରେ ଧୀରେ ଚାରା ବଢ଼ି ଗଛ ହୁଏ । ବର୍ଷାଦିନ ଆସିଗଲେ ଆପେ ପାଣି ପାଏ । ବର୍ଷା ଓ ବର୍ଷା ଛୁଆଁରେ ଗଛ ଦେହରେ ଶିହରଣ ଜାଗେ । ଗଛ ଦେହରେ ସବୁଜ ସବୁଜିମା ଭରିଯାଇ ଆହୁରି ଖୁସି/ ସୁଖ ପାଇଥାଏ ଗଛ ।

ବୟସ୍କମାନେ ଅଳସ ଅପରାହ୍ନରେ ତାସ୍ ଖେଳରୁ ଅନେକ ମଜା ଖୁସି ସାଉଁଟିଥାନ୍ତି । ଖରାଦିନେ ଆଇପିଏଲ୍‌ରୁ ବେଶ୍ ମଜା ଉଠାଇଥାନ୍ତି କ୍ରିକେଟପ୍ରେମୀ । ନିଜ ପସନ୍ଦର ଦଳ ଖେଳୁଥିଲେ ଖେଳ ଦେଖାରେ ମଜ୍ଜି ରୁହନ୍ତି । ବେଶି ଖୁସି ହୁଅନ୍ତି ନିଜ ପସନ୍ଦର ଦଳ ଜିତିଗଲେ । କ୍ରିକେଟ ଖେଳି ଖେଳାଳି ଅଜସ୍ର ଟଙ୍କା ରୋଜଗାର କରନ୍ତି । ହେଲେ ଦର୍ଶକ ପାଆନ୍ତି ଖୁସି । ପ୍ରିୟ ଖେଳାଳି ଚଉକା ଛକା ମାରିଲେ ହଜାର ହଜାର ସମର୍ଥକଙ୍କ ତାଳି ମାଡ଼ରେ କ୍ରିକେଟ ପଡ଼ିଆ ଉଚ୍ଛୁଳି ଉଠେ । କ୍ରିକେଟ ଜୁଆ ଖେଳି କିଏ ଜିତି ଟଙ୍କା ପାଇ ଖୁସି ହୁଏ ତ କିଏ ପୁଣି ବାଜି ହାରିଯାଇ ଗୁଡ଼ାଏ ଟଙ୍କା ହରାଇ ମନ ମାରି ରହେ କିଛିଦିନ । ମୋଟାମୋଟି ଭାବେ ଖରା ଦୁଃଖ ଦେଉଥିଲେ ବି ଖରାଦିନିଆ ଛୋଟ ଛୋଟ ଖୁସି ବି ଅନେକ ସନ୍ତୋଷ ଆଣି ଦେଇଥାଏ ବ୍ୟକ୍ତି ଜୀବନରେ । ଖରା ଯେତେ ନିଦାଘ ନିର୍ମମ ହେଲେ ବି ବର୍ଷା ଆଣି ଜଗତରେ ଭରି ଦେଇଥାଏ ଆନନ୍ଦ । ଚାଷୀ ହୁଏ ଖୁସି ଚାଷ କାମକୁ ଆଗେଇ ନେବା ପାଇଁ । ତେବେ ଖରାଦିନର ଖୁସି କାହା ପାଇଁ ଥାଏ କେମିତି ।

**ବଉଦରାଜ, ଜି- ବୌଦ୍ଧ**
**ମୋ: ୯୪୩୭୪୭୮୪୬୬**

ନିତିଦିନ NITIDIN
ପଶ୍ଚିମ ଓଡ଼ିଶା
ଗ

# ବିବାହ ଭୋଜି ଖାଇ ଝାଡ଼ାବାନ୍ତି: ୮୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

## ସ୍ଥିତି ଅନୁଧ୍ୟାନ ପାଇଁ ପହଞ୍ଚିଲା ଡାକ୍ତରୀ ଦଳ

**ପାଟଣାଗଡ଼,୯।୫/ଏନ୍ଏନ୍ଏସ୍:** ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ବର୍ଡ଼ିଆ ଗାଁରେ ବାହାଭୋଜି ଖାଇ ୮୦ରୁ ଅଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଖବର ମିଳିଛି। ଆକ୍ରାନ୍ତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ପାଇଁ ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ରେଫର୍ କରାଯାଇଛି।

ସୂଚନା ଅନୁଯାୟୀ, ଦୁଇ ଦିନ ତଳେ ଗ୍ରାମରେ ଏକ ବିବାହ ଭୋଜି ଅନୁଷ୍ଠିତ ହୋଇଥିଲା। ଏହି ଭୋଜି ଖାଇବା ପରେ ପ୍ରଥମେ ପ୍ରାୟ ୪୦ ଜଣ ବ୍ୟକ୍ତି ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇ ଘରକୁ ପଠାଇ ଦିଆଯାଇଥିଲା। ମାତ୍ର ଶୁକ୍ରବାର ପୁଣି ଅଧିକ ସଂଖ୍ୟକ ଲୋକ ଆକ୍ରାନ୍ତ ହେବାରୁ



ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗାଁରେ ପହଞ୍ଚି ୪୦ରୁ ଅଧିକ ନୂତନ ରୋଗୀଙ୍କୁ ଚିକିତ୍ସା କରିଛନ୍ତି। ଏହି ଡାକ୍ତରୀ ଦଳରେ ଡାକ୍ତର ରଶ୍ମିତା ବେହେରା, ଡାକ୍ତର ଗୀତାଞ୍ଜଳୀ ପାତ୍ର, ଫାର୍ମାସିଷ୍ଟ ନିରାକାର ବାରିକ, ଗଗନ ପଣ୍ଡା, ଏଏନଏମ ଚନ୍ଦ୍ରକାନ୍ତି ବରିହା ଏବଂ କାଦମ୍ବିନୀ ପୁରୋହିତ ପ୍ରମୁଖ ସାମିଲ ଥିଲେ। ଏଥିସହ ଆଶା କର୍ମୀ ଓ ଅଙ୍ଗନବାଡ଼ି କର୍ମୀମାନେ ଚିକିତ୍ସା କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିଥିଲେ। ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ସୁରଜ ଦୀପ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ବିବାହ ଭୋଜି ଖାଇବା ପରେ ଲୋକେ ଖାଦ୍ୟ ବିଷାକ୍ତ କାରଣରୁ ଆକ୍ରାନ୍ତ ହୋଇଥିଲେ। ଡାକ୍ତରୀ ଦଳ ଗାଁକୁ ଯାଇ ଦିନସାରା ଚିକିତ୍ସା ଯୋଗାଇ ଦେଇଛନ୍ତି ଏବଂ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି।

# ଦୂରତା ସୂଚକାଙ୍କ ଫଳକରେ ଭୁଲ୍ ତଥ୍ୟ, ଯାତ୍ରୀ ହୀନସ୍ତା

**ବୌଦ୍ଧ,୯।୫/ଏନ୍ଏନ୍ଏସ୍:** ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ପୂର୍ତ୍ତ ବିଭାଗ ପକ୍ଷରୁ ଲଗାଯାଇଥିବା ଦୂରତା ସୂଚକାଙ୍କ ଫଳକରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। ଭୁଲ ତଥ୍ୟ ଯୋଗୁଁ ଯାତ୍ରୀମାନେ ବାରମ୍ବାର ହୀନସ୍ତାର ସମ୍ମୁଖୀନ ହେଉଥିବା ବେଳେ ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗର ଏଭଳି କାର୍ଯ୍ୟଶୈଳୀ ଓ ଚରମ ଅବହେଳା ଏବେ ପ୍ରଶ୍ନଘେରରେ।

ଜିଲ୍ଲାର ପ୍ରମୁଖ ଏନ୍ଏସି ଛକ ବା ବାଘଗୁଡ଼ା ଛକରେ ସ୍ଥାପିତ ସୂଚକାଙ୍କ ଫଳକରେ ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର ଦିଗ ଭୁଲ ଦର୍ଶାଯାଇଛି। ଫଳରେ ଅନେକ ଯାତ୍ରୀ ଏହି ସୂଚନାକୁ ଅନୁସରଣ କରି ଭୁଲ ରାସ୍ତାରେ ଯାଇ





ଅସୁବିଧାରେ ପଡୁଛନ୍ତି। ସେହିପରି ମର୍ଯ୍ୟାକୁଦ ଛକ ବା ପଞ୍ଚାୟତ କଲେଜ ଛକରେ ଥିବା ଫଳକର ଉଭୟ ପାର୍ଶ୍ୱରେ 'ଧଳପୁର - ୨୬ କିଲୋମିଟର' ଏବଂ 'ଆଠମଲ୍ଲିକ - ୩୪ କିଲୋମିଟର' ଲେଖାଥିବାରୁ ଗାଡ଼ି ଚାଳକ ଦ୍ୱନ୍ଦ୍ୱରେ ପଡୁଛନ୍ତି। ସାଧାରଣରେ ପ୍ରଶ୍ନ ଉଠେ, ଫଳକ ଲଗାଯିବା ପୂର୍ବରୁ ପୂର୍ତ୍ତ ବିଭାଗ ଅଧିକାରୀମାନେ ଯାଞ୍ଚ କରୁଛନ୍ତି କି ନାହିଁ? ସମ୍ପୂର୍ଣ୍ଣ କାର୍ଯ୍ୟକୁ ଠିକା ସଂସ୍ଥା ଉପରେ ଛାଡ଼ି ଦିଆଯିବା ଓ ତଦାରଖର ଅଭାବ ଏହି ତ୍ରୁଟିର ମୂଳ କାରଣ ବୋଲି ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ପୂର୍ବରୁ ଧଳପୁର-ଆଠମଲ୍ଲିକ ମହାନଦୀ ସେତୁ ନିକଟରେ ଥିବା ଭୁଲ ସୂଚକାଙ୍କ ଫଳକ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ବିଭାଗ ତାହାକୁ ସଂଶୋଧନ କରିଥିଲା। ଏହି ତ୍ରୁଟିପୂର୍ଣ୍ଣ ଫଳକଗୁଡ଼ିକ କେବେ ସଂଶୋଧନ ହେଉଛି ଏବଂ ଆଗାମୀ ଦିନରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ କାର୍ଯ୍ୟର ସଠିକତା ପାଇଁ କି ପଦକ୍ଷେପ ନେଉଛନ୍ତି, ତାହା ଦେଖିବାକୁ ବାକି ରହିଲା।

## କିଶୋରୀ ସଚେତନତା କାର୍ଯ୍ୟକ୍ରମ

# ସାଇବର ଅପରାଧରୁ ବର୍ତ୍ତିବାକୁ ପରାମର୍ଶ



**ଟିଟିଲାଗଡ଼,୯।୫/ଏନ୍ଏନ୍ଏସ୍:** ଡିଜିଟାଲ ପ୍ଲାଟଫର୍ମରେ ଶିଶୁମାନଙ୍କୁ ସୁରକ୍ଷିତ ରଖିବା ଏବଂ ସେମାନଙ୍କୁ ସାଇବର ବିପଦରୁ ରକ୍ଷା କରିବା ଉଦ୍ଦେଶ୍ୟରେ ଆଜି ଟିଟିଲାଗଡ଼ ଥାନା ପରିସରରେ ଏକ କିଶୋରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପୁଲିସ ଓ ୟୁନିସେଫ୍‌ର ମିଳିତ ପଦକ୍ଷେପ ସ୍ୱରୂପ ଆଭାସୀ (ଭର୍ଚୁଆଲ) ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କିଶୋରୀମାନଙ୍କୁ ଡିଜିଟାଲ ନିରାପତ୍ତା ସମ୍ପର୍କରେ ଗୁରୁମନ୍ତ୍ର ଦିଆଯାଇଛି।

ଏହି ଅବସରରେ ପୁଲିସ ଡିଜି ଆଭାସୀ ମାଧ୍ୟମରେ କିଶୋରୀମାନଙ୍କୁ ଉଦ୍‌ବୋଧନ ଦେଇ ଇଣ୍ଟରନେଟ୍ ବ୍ୟବହାର ସମୟରେ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ବିଶେଷକରି ଅଜଣା ଲିଙ୍କ୍ କୁ ବାରଣ କରିବା, ଫେସବୁକ୍ ଓ ଇନଷ୍ଟାଗ୍ରାମ ଭଳି ସାମାଜିକ ଗଣମାଧ୍ୟମରେ ଅଜଣା ବ୍ୟକ୍ତିଙ୍କ ସହ ବନ୍ଧୁତା ସ୍ଥାପନ ନକରିବା, ଅନଲାଇନରେ ସାମଗ୍ରୀ କ୍ରୟ ନକରିବା, ଅନଲାଇନ ଗେମ୍ ନଖେଳିବା ଏବଂ ଅଜଣା ଆପ୍ ଡାଉନଲୋଡ୍ ନକରିବାକୁ ସେ କହିଥିଲେ। ଏହାଛଡ଼ା ନିଜର ଗୋପନୀୟ ତଥ୍ୟ ଅନ୍ୟକୁ ସେୟାର ନକରି କିପରି ସାଇବର ନିର୍ଯାତନାରୁ ବର୍ତ୍ତିହେବ, ସେ ନେଇ ବିସ୍ତୃତ ଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଏସଡିପିଓ ଯଶୋବନ୍ତ ନାରାୟଣ ପ୍ରଧାନୀ, ଥାନାଧିକାରୀ ମନୋଜ ମୁଣ୍ଡା, ଏସଆଇ କିରଣ ଜାନି, ପ୍ରଦୀପ ଦୁରିଆ, କାର୍ତ୍ତିକ ପ୍ରଧାନ, ସୁକନ୍ୟା ରାଉତ, ସଞ୍ଜୀବ ପାଣିଗ୍ରାହୀ ଏବଂ ମନୋଜ ବିଶି ପ୍ରମୁଖ ଉପସ୍ଥିତ ରହି କିଶୋରୀମାନଙ୍କ ବିଭିନ୍ନ ପ୍ରଶ୍ନର ସମାଧାନ କରିଥିଲେ। ଏଥିରେ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ, ବିଭିନ୍ନ ମହିଳା ସଂଗଠନର କର୍ମକର୍ତ୍ତା ଓ ଯୁବତୀମାନେ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ।

# କୋରଡ଼ା ରଜିତା ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ

**ରାୟଗଡ଼ା,୯।୫/ଏନ୍ଏନ୍ଏସ୍:** ଭାରତୀୟ ଜନତା ପାର୍ଟି (ବିଜେପି) ମହିଳା ମୋର୍ଚ୍ଚାର ଜିଲ୍ଲା ସଭାନେତ୍ରୀଙ୍କ ନାମ ଘୋଷଣା କରାଯାଇଛି। ଏନେଇ ରାଜ୍ୟ ବିଜେପି ମିଡ଼ିଆ ସେଲ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ରାୟଗଡ଼ାର ଜଣାଶୁଣା ନାରୀନେତ୍ରୀ କୋରଡ଼ା ରଜିତାଙ୍କୁ ଜିଲ୍ଲା ମହିଳା ମୋର୍ଚ୍ଚାର ନୂତନ ସଭାନେତ୍ରୀ ଭାବେ ଗୁରୁ ଦାୟିତ୍ୱ ଅର୍ପଣ କରାଯାଇଛି। ରଜିତାଙ୍କ ନାମ ଘୋଷଣା ହେବା ପରେ ଜିଲ୍ଲା ବିଜେପି ଶିବିରରେ ଉତ୍ସାହ ପ୍ରକାଶ ପାଇଛି। ବିଜେପି ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ବରିଷ୍ଠ ନେତା କାଳୀରାମ ମାଝି, ଶିବଶଙ୍କର ଉଲାକା, ବସନ୍ତ ଉଲାକା, ଶିବ ପଟ୍ଟନାୟକ, ଏସଡିସି ଅଧ୍ୟକ୍ଷ ବିଦ୍ୟାଧର ଶବର ଏବଂ ଉପାଧ୍ୟକ୍ଷା ମଞ୍ଜୁଳା ମିଣିଆକାଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ନୂତନ ସଭାନେତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ



ଜଣାଇଛନ୍ତି। ଆଗାମୀ ଦିନରେ ରଜିତାଙ୍କ ନେତୃତ୍ୱରେ ଜିଲ୍ଲାରେ ମହିଳା ମୋର୍ଚ୍ଚା ଆହୁରି ସଂଗଠିତ ଓ ଶକ୍ତିଶାଳୀ ହେବ ବୋଲି ଆଶା ପ୍ରକାଶ କରାଯାଇଛି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

**ମାଲକାନଗିରି,୯।୫/ଏନ୍ଏନ୍ଏସ୍:** ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା 'ମିଶନ ଯନ୍ତ୍ରୀ' ଅଭିଯାନ ମାଧ୍ୟମରେ ଯନ୍ତ୍ରୀ ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ଭାବେ ଗଢ଼ିତୋଳିବା ପାଇଁ ପ୍ରକ୍ରିୟା ଜୋରଦାର ହୋଇଛି। ଏହି କ୍ରମରେ ଆଜି ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଯନ୍ତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ 'ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ' ଶିବିର ସଫଳତାର ସହ ସମ୍ପନ୍ନ ହୋଇଯାଇଛି।

ଜିଲ୍ଲାପାଳଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପଞ୍ଚାୟତର ପ୍ରତିଟି ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଶତପ୍ରତିଶତ ସରକାରୀ ଯୋଜନା ପହଞ୍ଚାଇବା। ଜିଲ୍ଲା ପ୍ରଶାସନର ମୁଖ୍ୟ ଭାବେ ଜିଲ୍ଲାପାଳ ଏହି ଅଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶ ପାଇଁ ଏକ ସ୍ୱତନ୍ତ୍ର ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ, ଡିଏମଓ ଡ଼ା. ନିହାର ରଞ୍ଜନ ପ୍ରହରାଜ, ଚିତ୍ରକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତା କୁମାର, ବ୍ଲକ୍ ଶିକ୍ଷା ଅଧିକାରୀ, ସିଡ଼ିପିଓ, ଯନ୍ତ୍ରୀ ସରପଞ୍ଚ, ସମସ୍ତ ୱାର୍ଡ଼ ସଭ୍ୟ ଏବଂ ବ୍ଲକ୍ ସଂସଦ ପ୍ରତିନିଧିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସରକାରୀ ସେବାକୁ ଲୋକଙ୍କ ଦ୍ୱାରଦେଶରେ ପହଞ୍ଚାଇବା ପାଇଁ ଆୟୋଜିତ ଏହି ଶିବିରରେ ମୋଟ ୧୫୪ ଜଣ ହିତାଧିକାରୀ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୮୩ ଜଣଙ୍କୁ ସାମାଜିକ ସୁରକ୍ଷା ଭତ୍ତା (ପେନସନ) ପ୍ରଦାନ କରାଯାଇଥିବା ବେଳେ ୨୪ ଜଣ ଚଳନ ଅକ୍ଷମତା, ୧୩ ଜଣ ବୌଦ୍ଧିକ ଅକ୍ଷମତା, ୧୨ ଜଣ ଦୃଷ୍ଟିହୀନ ଏବଂ ୨୨ ଜଣ ଶ୍ରବଣ ଓ ବାକ୍ ଅକ୍ଷମତା ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ସହାୟତା ଯୋଗାଇ ଦିଆଯାଇଛି। ପ୍ରତିଟି ମୁହଁରେ ହସ ଏବଂ ସଶକ୍ତୀକରଣର ଏହି ପ୍ରୟାସ ଜାରି ରହିବ। ଗୋଟିଏ ବି ଯୋଗ୍ୟ ହିତାଧିକାରୀ ଯେପରି ସରକାରୀ ସୁବିଧାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି ଏହି ଅବସରରେ ପ୍ରକାଶ ପାଇଛି।

# ବୋଲେରୋକୁ ପିଟିଲା ଟ୍ରକ୍, ବର୍ତ୍ତିଲେ ୧୦ ଯାତ୍ରୀ

**ଭବାନୀପାଟଣା,୯।୫/ଏନ୍ଏନ୍ଏସ୍:** କେସିଙ୍ଗା ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ବୋରିଆ ନିକଟରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଦ୍ରୁତଗାମୀ ଟ୍ରକ ବୋଲେରୋକୁ ପଛପଟୁ ଧକ୍କା ଦେବା ଫଳରେ ଗାଡ଼ିଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ତେବେ ସୌଭାଗ୍ୟବଶତଃ ଗାଡ଼ିରେ ଥିବା ମହିଳା ଓ ଶିଶୁଙ୍କ ସମେତ ୧୦ ଜଣ ଯାତ୍ରୀ ଏକ ବଡ଼ ବିପଦରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି।



ସୂଚନା ଅନୁଯାୟୀ, ଟିଟିଲାଗଡ଼ ବ୍ଲକ ତେତେଲଖୁଣ୍ଟିରୁ ଏକ ପରିବାର ବୋଲେରୋ ଯୋଗେ ଭବାନୀପାଟଣା ବ୍ଲକ ମାଡିଙ୍ଗକୁ ଏକ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଯାଉଥିଲେ। ରେତ ନଦୀ ପାର୍ଶ୍ୱରେ ରାସ୍ତା ନିର୍ମାଣ କରୁଥିବା ଠିକା ସଂସ୍ଥା ପକ୍ଷରୁ ଗତ ରାତିରେ ହଠାତ ଏକ ସ୍ପିଡ଼୍ ବ୍ରେକର ନିର୍ମାଣ କରାଯାଇଥିଲା। ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଆଗରେ ଯାଉଥିବା ଏକ ଟ୍ରକ ସ୍ପିଡ୍ ବ୍ରେକର୍ ଦେଖି ହଠାତ ବ୍ରେକ ମାରିଥିଲା। ତାହା ପଛରେ ଥିବା ବୋଲେରୋ ମଧ୍ୟ ବ୍ରେକ୍ ମାରି ଅଟକି ଯାଇଥିବା ବେଳେ ବୋଲେରୋ ପଛରେ ଆସୁଥିବା ଅନ୍ୟ ଏକ ଟ୍ରକ ନିୟନ୍ତ୍ରଣ ହରାଇ ବୋଲେରୋକୁ ପଛପଟୁ ପ୍ରବଳ ଧକ୍କା ଦେଇଥିଲା। ଧକ୍କା ଯୋଗୁଁ ବୋଲେରୋଟି ରାସ୍ତା ମଝିରେ ଓଲଟି ପଡ଼ିଥିଲା ଏବଂ ଗାଡ଼ିର କାଚ ସବୁ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଯାତ୍ରୀମାନେ ସାମାନ୍ୟ ଆହତ ହୋଇଥିବା ବେଳେ ଗାଡ଼ିର ପ୍ରବଳ କ୍ଷତି ହୋଇଛି। ଯଦି ଟ୍ରକଟି ଅଧିକ ବେଗରେ ଥାନ୍ତା, ତେବେ ବୋଲେରୋଟି ୧୦ ଫୁଟ ତଳକୁ ଖସି ପଡ଼ିଥାନ୍ତା କିମ୍ବା ଟ୍ରକଟି ତା' ଉପରେ ମାଡ଼ି ଯାଇଥାନ୍ତା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ ପ୍ରକାଶ କରିଛନ୍ତି। ରାଜପଥରେ ସ୍ପିଡ୍ ବ୍ରେକର ନିର୍ମାଣ ହୋଇଥିଲେ ମଧ୍ୟ ସେଠାରେ କୌଣସି ସତର୍କତା ସୂଚନା ବୋର୍ଡ ନଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଗାଡ଼ି ଚାଳକମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କେସିଙ୍ଗା ଜାତୀୟ ରାଜପଥ ଅଧିକ୍ଷଣ ଯନ୍ତ୍ରୀ ତପନ ମହାଲିକଙ୍କୁ ପଚାରିବାରୁ ସେ କୌଣସି ସ୍ପଷ୍ଟ ଉତ୍ତର ଦେଇପାରି ନଥିଲେ। 'ମୁଁ ଏସଡିଓଙ୍କୁ ପଠାଉଛି, ସେ ଘଟଣା କ'ଣ ହୋଇଛି ଦେଖିବେ' ବୋଲି ସେ କହିଥିଲେ। ଜାତୀୟ ରାଜପଥ ବିଭାଗର ଏଭଳି ଖାମଖିଆଲ ମନୋଭାବ ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ସାଧାରଣରେ ଅଭିଯୋଗ ହୋଇଛି।

## ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ୩୫ ହଜାରରୁ ଊର୍ଦ୍ଧ୍ୱ ମାମଲାର ସମାଧାନ

**ନବରଙ୍ଗପୁର,୯।୫/ଏନ୍ଏନ୍ଏସ୍:** ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଜିଲ୍ଲା କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ଅଦାଲତ ପରିଚାଳିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗର ବକେୟା ମାମଲାର ସମାଧାନ କରାଯାଇଛି। ପରିବାର ବିଚାର ବିଭାଗୀୟ ଜଜ ଲିଲିପ୍ସା ପସାୟତ ୧୦ଟି ପାରିବାରିକ ବିବାଦ ମାମଲାର ସମାଧାନ କରିଥିବା ବେଳେ ବରିଷ୍ଠ ଦେୱାନୀ ଜଜ୍ ଅନୁସ୍ମୃତି ଚୌଧୁରୀ ଗୋଟିଏ କେସ୍‌ର ଫଇସଲା କରି ୫୧,୦୦୦ ଟଙ୍କା କ୍ଷତିପୂରଣ ଆଦାୟ କରିଛନ୍ତି। ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୌମ୍ୟ ଶଙ୍କର ମହନ୍ତ ୨ଟି ଫୌଜଦାରୀ ମକଦ୍ଦମାର ଫଇସଲା କରି ୪,୦୯,୦୦୦ ଟଙ୍କା ଜୋରିମାନା ଆଦାୟ କରିଛନ୍ତି। ଲୋକ ଅଦାଲତରେ ସର୍ବମୋଟ ୫୮ଟି କୋର୍ଟ କେସ୍ ଏବଂ ୩୪,୯୬୮ଟି ରାଜସ୍ୱ ମାମଲାର ଫଇସଲା କରାଯାଇ ମୋଟ ୩୮,୧୬,୭୧୦ ଟଙ୍କା ରାଜସ୍ୱ ଆଦାୟ ହୋଇଛି। ବ୍ୟାଙ୍କର ୯ଟି ପ୍ରାକ୍ ମକଦ୍ଦମାରୁ ୩,୪୪,୭୦୦ ଏବଂ ଟିପିଏସଓଡ଼ିଏଲ୍‌ର ୨୨ଟି ପ୍ରାକ୍ ମକଦ୍ଦମାରୁ ୨,୧୪,୭୯୬ ଟଙ୍କା ବକେୟା ଋଣ ଆଦାୟ କରାଯାଇଛି। ଅତିରିକ୍ତ ଜିଲ୍ଲା ଜଜ ବିଷ୍ଣୁ ପ୍ରସାଦ ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୀମା ତ୍ରିପାଠୀ ଏବଂ ଜିଲ୍ଲା କୋର୍ଟ ରେଜିଷ୍ଟ୍ରାର ଶାଶ୍ୱତୀ ମିଶ୍ର ଯୋଗ ଦେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ସାଇ ଅଭିସ୍ମା ଗୋଛାୟତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋର୍ଟର ଆଇନଜୀବୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ

# କିଶୋରୀଙ୍କୁ ସାଇବର୍ ସୁରକ୍ଷାର ଗୁରୁମନ୍ତ୍ର




**ରେଢ଼ାଖୋଲ,୯।୫/ଏନ୍ଏନ୍ଏସ୍:** କିଶୋର କିଶୋରୀଙ୍କ ପାଇଁ ଡିଜିଟାଲ୍ ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ ଏବଂ ଶିଶୁ ସୁରକ୍ଷା ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ଓଡ଼ିଶା ପୁଲିସ ଓ ୟୁନିସେଫ୍‌ର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ ଶୁକ୍ରବାର ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ରେଢ଼ାଖୋଲ ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ କିଶୋରୀ ବାଳିକା ଏବଂ ଅଙ୍ଗନବାଡ଼ି କର୍ମୀ ଯୋଗ ଦେଇଥିଲେ। ଥାନା ଅଧିକାରୀ ସନୟ କୁମାର ନାଏକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଥାନାରେ ବାଳିକାମାନଙ୍କ ସୁରକ୍ଷା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ପୁଲିସ ପ୍ରତି ମନରେ କୌଣସି ପ୍ରକାର ଭୟ ନରଖି ଅସଦାଚରଣ କିମ୍ବା କୌଣସି ଅପ୍ରୀତିକର ପରିସ୍ଥିତିରେ ନିର୍ଭୟରେ ଥାନାକୁ ଆସି ଜଣାଇବା ପାଇଁ ସେ କିଶୋରୀମାନଙ୍କୁ ଅନୁରୋଧ କରିଥିଲେ। ରାଜ୍ୟ ସ୍ତରରୁ ସିଧାସଳଖ ଅନଲାଇନରେ ଯୋଡ଼ି ହୋଇ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) କିଶୋରୀମାନଙ୍କୁ ସାଇବର ସିକ୍ୟୁରିଟି ଓ ଅନଲାଇନ ସୁରକ୍ଷା ସମ୍ବନ୍ଧୀୟ ସୂଚନା ଦେବା ସହ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ କିଶୋରୀମାନେ ସାଇବର ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ସଚେତନତା ସୃଷ୍ଟିକାରୀ ଭିଡିଓ ଦେଖିଥିଲେ। ରେଢ଼ାଖୋଲ ଥାନା ଏଏସ୍‌ଆଇ ବିଭୁତି ଭୂଷଣ ପ୍ରଧାନ କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ରେଢ଼ାଖୋଲ ସିଡିପିଓ ଆରତୀ ମିଶ୍ର କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ। ଏହି ଅଭିନବ ପ୍ରୟାସ ଦ୍ୱାରା ଯୁବ ପିଢ଼ି ଓ ପୁଲିସ ମଧ୍ୟରେ ସମ୍ପର୍କ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

# ବୃଦ୍ଧ ଦମ୍ପତିଙ୍କୁ ଜୀବନରୁ ମାରିଦେବାକୁ ବାପ-ପୁଅଙ୍କ ଧମକ୍

**ରେଢ଼ାଖୋଲ,୯।୫/ଏନ୍ଏନ୍ଏସ୍:** ସମ୍ବଲପୁର ଏକ ବୃଦ୍ଧ ଦମ୍ପତି ମରଣ ଭୟରେ ଦିନ କାଟୁଛନ୍ତି। କୁଶାପାଲି ଗ୍ରାମର ସୁରମଣି ସାହୁ (୫୭) ଓ ତାଙ୍କ ପତ୍ନୀ ତାରାବତି ସାହୁଙ୍କୁ ପଡ଼ୋଶୀ ରମେଶ ସାହୁ ଓ ତାଙ୍କ ପୁଅ ରାମଚନ୍ଦ୍ର ସାହୁ ବାରମ୍ବାର ଆକ୍ରମଣ ସହ ଜୀବନରୁ ମାରିଦେବାକୁ ଧମକ ଦେଇ ଆସୁଥିଲେ ହେଁ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଗତ ନଭେମ୍ବର ୭ ତାରିଖରେ ବଗିଚା ଫସଲକୁ ନେଇ ରାମଚନ୍ଦ୍ର ସୁରମଣିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ପୁଲିସ ମାମଲା ରୁଜୁ କରି ରାମଚନ୍ଦ୍ରଙ୍କୁ ଗିରଫ କରିଥିଲା। ମାତ୍ର ଜେଲରୁ ଜାମିନରେ ଆସିବା ପରେ ରାମଚନ୍ଦ୍ର ଓ ତାଙ୍କ ବାପା ରମେଶ ମିଶି ପୁରୁଣା କେସ୍ ଉଠାଇଦେବା ପାଇଁ ବୃଦ୍ଧ ଦମ୍ପତିଙ୍କୁ କ୍ରମାଗତ ଭାବେ ଗାଳିଗୁଲଜ ଓ ଧମକଚମକ ଦେଇ ଆସୁଛନ୍ତି। ଗତ ଏପ୍ରିଲ ୧୦ ତାରିଖରେ



ତାରାବତି ଘରେ ଏକାକୀ ଥିବାବେଳେ ବାପ-ପୁଅ ତାଙ୍କୁ ଅଭଦ୍ର ଭାଷାରେ ଗାଳି

- ତିନିଥର ଅଭିଯୋଗ ପରେ ବି ପୁଲିସ ଚୁପ୍
- ଏସ୍‌ଡିପିଓଙ୍କ ନିର୍ଦ୍ଦେଶକୁ ବେଖାତିର୍
- ଭୟରେ ପରିବାର

ଦେବା ସହ ଟଣାଓଟରା କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଏପ୍ରିଲ ୧୧ରେ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସେହିପରି ଏପ୍ରିଲ ୨୫ ଓ ପୁଣି ମେ' ୮ ତାରିଖରେ ସୁରମଣି ନିଜ ବଗିଚାରେ କାମ କରୁଥିବା ବେଳେ ରମେଶ ସାହୁ ଏକ ଶାବଳ ଧରି ତାଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ଏତେସବୁ ଘଟଣା ପରେ ମଧ୍ୟ ରେଢ଼ାଖୋଲ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ପୁଲିସ୍‌ର ନିଷ୍କ୍ରିୟତାରେ ଅତିଷ୍ଠ ହୋଇ ଦମ୍ପତି ଗତ ୨୩ ତାରିଖରେ ରେଢ଼ାଖୋଲ ଏସଡିପିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସଡିପିଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପୁଲିସ ଚୁପ୍ ରହିଛି। ଅଭିଯୁକ୍ତମାନେ ଗାଁ ଦାଣ୍ଡରେ ନିର୍ଭୟରେ ବୁଲୁଥିବା ବେଳେ ବୃଦ୍ଧ ଦମ୍ପତି ନିଜ ଜୀବନ ପ୍ରତି ବିପଦ ଥିବା ପ୍ରକାଶ କରିଛନ୍ତି। ପୁଲିସ ଉପରୁ ସାଧାରଣ ଲୋକଙ୍କ ଭରସା ତୁଟି ଯାଉଥିବା ବେଳେ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପରିବାର ପକ୍ଷରୁ ଦାବି କରାଯାଇଛି।

# ଯୁବକଙ୍କ ଉନ୍ମତ୍ତକାଣ୍ଡ: ବ୍ଲେଡ୍‌ରେ ନିଜ ଦେହକୁ କାଟିଲେ

**ଓଡ଼ଗାଁ,୯।୫/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ ଅଧିନ ପଞ୍ଚିରିଡ଼ା ମାନପୁର ଗ୍ରାମର ଜନୈକ ଯୁବକଙ୍କ ଉନ୍ମଦ କାଣ୍ଡ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ପଞ୍ଚିରିଡ଼ା ଗାଁକୁ ଜଣେ ଫେରିବାଲା କିଛି ଜିନିଷ ଧରି ବିକ୍ରି କରିବାକୁ ଆସିଥିଲେ। ସେ ଗାଁର ମନୋରଞ୍ଜନ ସେଠୀ (୩୨)ଙ୍କ ଘର ଆଗରେ ବାଇକ୍ ରଖି ବେପାର କରୁଥିଲେ। କିନ୍ତୁ ଏହା ମନୋରଞ୍ଜନଙ୍କ ଦେହରେ ଯାଇନଥିଲା। ସେ ଫେରିବାଲା ସହିତ ପାଟିତୁଣ୍ଡ କରି ତଡ଼ିଦେବାରୁ ସେ ଚାଲି ଯାଇଥିଲେ। ଏତିକିରେ ତାଙ୍କ ରାଗ ଶାନ୍ତ ହୋଇନଥିଲା। ଫେରିବାଲା ସାହି ସାହି ବୁଲି ବିକ୍ରି କରି ଫେରୁଥିବା ସମୟରେ ମନ୍ଦିର ସାମ୍ନାରେ ତାଙ୍କୁ ଅଟକାଇ ପୁଣି ଝଗଡ଼ା କରିଥିଲା। ସ୍ଥାନୀୟ ଲୋକମାନେ ପହଞ୍ଚି ମନୋରଞ୍ଜନଙ୍କୁ ବୁଝାସୁଝା କରି ଘରକୁ ଆଣିଥିଲେ। ଏହାର କିଛି ସମୟପରେ ମନୋରଞ୍ଜନ ଏକ ବ୍ଲେଡ଼ ଧରି ନିଜ ଦେହର ବିଭିନ୍ନ ସ୍ଥାନକୁ କାଟି ପକାଇଥିଲେ। ଶରୀରର ହାତ, ଛାତି, ବେକ, ମୁହଁ କାଟି ଦେବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏହାଦେଖି ଗାଁର ରିପନ ପଣ୍ଡା ଓ ଅନ୍ୟ ଯୁବକମାନେ ମିଶି ତାଙ୍କୁ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।



# ମହାବିଦ୍ୟାଳୟରେ ବିଶ୍ୱ ରେଡ୍‌କ୍ରସ୍ ଦିବସ

**ଖୋର୍ଦ୍ଧା,୯।୫/ଏନ୍‌ଏନ୍‌ଏସ୍:** ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମୈତ୍ରୀ ଭବନ ପରିସରରେ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ପୂର୍ଣ୍ଣିମା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗଦେଇ ରେଡ଼କ୍ରସକୁ ନେଇ ତାଙ୍କର ଅନୁଭୂତି ବଖାଣିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସୁବୋଧ ଜଗଦେବ ରେଡ଼କ୍ରସ ସମ୍ବନ୍ଧରେ ଏକ ତଥ୍ୟ ଭିତ୍ତିକ ଦୀକ୍ଷାନ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ କଟକ ରେଡ଼କ୍ରସର ଗବେଷକ ଡକ୍ଟର ଏସ.କେ କଲାମୁଲ୍ଲା ସାହେବ ଯୋଗଦେଇ ବିଶ୍ୱରେ ରେଡ଼କ୍ରସର ଭୂମିକା ଏବଂ ରେଡ଼କ୍ରସର ସ୍ୱେଚ୍ଛାସେବୀ ଓ ସେବିକା ମାନଙ୍କ ନିସ୍ୱାର୍ଥ ସେବା ମନୋଭାବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଖୋର୍ଦ୍ଧା ଜିଲ୍ଲାର ଆବାହକ ପ୍ରଫେସର ପ୍ରଫୁଲ୍ଲ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମଞ୍ଚାସୀନ ଅତିଥିମାନେ ରେଡ଼କ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ବିଜେଡି ସାଧାରଣ ସମ୍ପାଦକ ମନୋନୀତ



**ବାରଙ୍ଗ,୯।୫/ଏନ୍‌ଏନ୍‌ଏସ୍:** ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଭାବେ ରଘୁନାଥପୁର ଗ୍ରାମର ଗାନ୍ଧିବାଦୀ ନେତା ପ୍ରତାପ ଚନ୍ଦ୍ର ରାଉତ ମନୋନୀତ ହୋଇଛନ୍ତି। ଶ୍ରୀ ରାଉତ ପୂର୍ବରୁ ବାରଙ୍ଗ କୁଞ୍ଜ ବିହାରୀ ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି, ରଘୁନାଥପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ, ବରିମୁଣ୍ଡ ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ଭାବେ ଦଳୀୟ ସଂଗଠନକୁ ମଜଭୁତ କରିବାରେ ବଡ଼ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ନେତୃତ୍ୱରେ ସମଗ୍ର ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ସମେତ ଦାଢା, ରଘୁନାଥପୁର, କଲ୍ୟାଣପୁର, ବରିମୁଣ୍ଡ,ଇଞ୍ଚଣା ଆଦି ୫ପଞ୍ଚାୟତ ଜନସାଧାରଣ ଓ ଛାତ୍ର ମହିଳା ସକ୍ରିୟ ହୋଇଥିଲେ। ଶ୍ରୀ ରାଉତଙ୍କ ନିଯୁକ୍ତି ପରେ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ବିଜେଡି ମହଲରେ ବେଶ ଉତ୍ସାହିତ ଥିବାବେଳେ ଦଳ ଆହୁରି ସଂଗଠିତ ଓ ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ସେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦଳର ଆଭିମୁଖ୍ୟ ସେବା ଓ ସଂଗ୍ରାମକୁ ପାଥେୟ କରି ମହିଳା ଓ ଯୁବ ପିଢିଙ୍କୁ ସୁସଂଗଠିତ କରି ଦଳକୁ ଆଗେଇ ନେବା ପାଇଁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଆଇନଜୀବୀଙ୍କ ବିୟୋଗରେ ଶୋକ



**ମାହାଙ୍ଗା,୯।୫/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଂଚାୟତ ସ୍ଥିତ ମୂଳବସନ୍ତ ଗ୍ରାମର ଆଇନଜିବୀ କଳ୍ପତରୁ ରାଉତ(୬୩)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ, ମିଷ୍ଟ ଭାଷୀ, ସମାଜସେବୀ ଓ ଆଇନଜୀବୀ ଭାବେ ବେଶ ପରିଚିତ ଥିଲେ। ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଥିବାବେଳେ ପୁତ୍ର ଚଣ୍ଡୀପ୍ରସାଦ ମୁଖାଗ୍ନୀ ଦେଇଥିଲେ। ଶବଦାହ ସମୟରେ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର କର, ପୂର୍ବତନ ପ୍ରଧାନଶିକ୍ଷକ, ବିନୋଦ ବିହାରୀ ମିଶ୍ର, ସୌମେନ୍ଦ କର, ରବୀନ୍ଦ୍ର ସେଠୀ, ଉମେଶ ସାହୁ, ରଞ୍ଜନ ବଳବନ୍ତରାୟ, ସରୋଜ ପରିଡା, ସଚିନ୍ଦ୍ର ବାରିକ, ମାଧବାନନ୍ଦ ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକଟ କରିଛନ୍ତି।

# ପ୍ରାକ୍ତନ ପ୍ରଧାନଶିକ୍ଷକଙ୍କ ବିୟୋଗରେ ଶୋକ



**ମାହାଙ୍ଗା,୯।୫/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ପଲ୍ଲିସାହି ପଞ୍ଚାୟତ ସ୍ଥିତ ଗୋପାଳପୁର ଗ୍ରାମର ବିଶିଷ୍ଟ ପରିବେଶବିତ ତଥା ପ୍ରାକ୍ତନ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ରାଉତ(୭୩)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଛାତ୍ରବତ୍ସଳ, ଆଦର୍ଶ ଶିକ୍ଷକ ଓ ପରିବେଶବିତ ଭାବେ ବେଶ ଜଣାଶୁଣା ଥିଲେ। ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଥିବାବେଳେ ପୁତ୍ର ମୃତ୍ୟୁଞ୍ଜୟ ମୁଖାଗ୍ନି ଦେଇଥିଲେ। ଶବଦାହ ସମୟରେ ରଶ୍ମିରଞ୍ଜନ ରାଉତ, ପ୍ରଶାନ୍ତ ରାଉତ, ସତ୍ୟରଞ୍ଜନ ରାଉତ, ଭାଗ୍ୟଧର ରାଉତଙ୍କ ସମେତ ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ପ୍ରଶାସିନକ ଅଧିକାରୀ ଉପେନ୍ଦ୍ରନାଥ ବେହେରା, ଅନିଲ ସାମଲ, ପ୍ରାକ୍ତନ ଆୟକର ଆୟୁକ୍ତ ଶୋଭନ କର, ଇଂ ସହଦେବ ଖଟୁଆ, କଂଗ୍ରେସନେତା ସେକ୍ ମସୁଦ ଅଲି, ସ୍ମୃତିସଂସଦର ସଭାପତି ଉପେନ୍ଦ୍ରନାଥ ରଣା, ପ୍ରାକ୍ତନ ଅଧକ୍ଷ ଯୁଧିଷ୍ଠିର ଖଟୁଆ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି।

# ସାଲେପୁର ବ୍ଲକ୍ ବିଜେଡିର ସାଙ୍ଗଠନିକ ବୈଠକ

**ସାଲେପୁର,୯।୫/ଏନ୍‌ଏନ୍‌ଏସ୍:** ସାଲେପୁର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ମଧୁସୂଦନ ମଣ୍ଡପ ପରିସରରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ଅଧକ୍ଷତାରେ ଆହୁତ ସାଙ୍ଗଠନିକ ବୈଠକରେ ସମସ୍ତ ପଞ୍ଚାୟତର ବିଜେଡି ସଭାପତି, ଦଳୀୟ ସମର୍ଥିତ ଲୋକପ୍ରତିନିଧି ଓ ଛାମୁଆ କର୍ମୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ପ୍ରତି ପଞ୍ଚାୟତରେ ୱାର୍ଡ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ସହିତ ପ୍ରତି ପରିବାର ସହ ଦଳୀୟ କର୍ମୀ ଯୋଡି ହେବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ୱାର୍ଡ ସ୍ତରରେ ହୋଇଥିବା ବିକାଶ କାର୍ଯ୍ୟ ଓ ହେବାକୁ ଥିବା ଉନ୍ନୟନ କାର୍ଯ୍ୟକୁ କରାଯିବା ପାଇଁ ପଞ୍ଚାୟତ କମିଟିରେ ଆଲୋଚନା କରି ବିଧାୟକଙ୍କ ଦୃଷ୍ଟିକୁ ଆଣିବାକୁ କହିଥିଲେ। ଖୁବ୍‌ଶୀଘ୍ର ପଞ୍ଚାୟତ ସ୍ତରରେ ରହିଥିବା ବିଜେଡିର ଯୁବ, ଛାତ୍ର ଓ ମହିଳା କମିଟିର ବୈଠକ କରିବାକୁ ପରାମର୍ଶ ଦେଇଥିଲେ। ଆସନ୍ତା ଜୁନ ମାସ ସୁଦ୍ଧା ପ୍ରତି ପଞ୍ଚାୟତ କର୍ମୀ ସମ୍ମିଳନୀ କରାଯିବ ବୋଲି ପ୍ରକାଶ କରିଥିଲେ। ବୈଠକରେ ସାଲେପୁର ପଞ୍ଚାୟତ ସମିତି ଅଧକ୍ଷ ରାମଚନ୍ଦ୍ର ଭୋଇ, ବ୍ଲକ ବିଜେଡି ସଭାପତି ଅନନ୍ତ ଚରଣ ପ୍ରଧାନ, ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ଦାଶ, ରମେଶ ଜେନା, ନବକିଶୋର କର, ଚିତ୍ତରଞ୍ଜନ ମହାନ୍ତି, ଜଗବନ୍ଧୁ ଶତପଥୀ, ବ୍ଲକ ଯୁବ ବିଜେଡି ସଭାପତି ସଞ୍ଜିତ ଦାଶ, ଗଗନ ମିଶ୍ର, ଯୁବନେତା ବିରଞ୍ଚି ନାରାୟଣ କର, ଗୁଲରେଜ ଅଲ୍ଲୀ, ବିଧୁଭୂଷଣ ସ୍ୱାଇଁ, ଛାତ୍ର ନେତା କମଳା ପ୍ରସାଦ ସେଠୀ, ରାଜେଶ ସାହୁ, ସମିମ ଅକ୍ତର, ହରିହର ବେହେରା, ସରପଞ୍ଚ ସଞ୍ଜୟ କୁମାର ବେହୁରା, ପବିତ୍ର ସାମଲ, ପ୍ରଭାତ ପାତ୍ର, ସୁଧାଂଶୁବାଳା ଜେନା, ଜ୍ଞାନରଞ୍ଜନ ପଟ୍ଟନାୟକ, ଦୁର୍ଯ୍ୟୋଧନ ଦାସ, ପ୍ରକାଶଦୀପ ନାୟକ, ଦିଲ୍ଲୀପ ସ୍ୱାଇଁ, ସୌମ୍ୟରଞ୍ଜନ ମଲ୍ଲ, ପ୍ରଦୀପ୍ତ ଜେନା, ପ୍ରଫୁଲ୍ଲ ଓଝା ପ୍ରମୁଖଙ୍କ ସମେତ ଶତାଧିକ ଛାମୁଆ କର୍ମୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଲୋକଅଦାଲତରେ ୬୨ ମାମଲାର ସମାଧାନ

**ଆଠଗଡ଼,୯।୫/ଏନ୍‌ଏନ୍‌ଏସ୍:** ତାଲୁକା ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ଅଦାଲତ ପରିସରରେ କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରା ବିଚାରପତି ରାଜକୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ୬୨ ଗୋଟି ମାମଲାର ସମାଧାନ କରାଯାଇଥିବାର ଜଣାଯାଏ। ଅଧକ୍ଷ ଶ୍ରୀ ଦାସ ନିଜର ଅଦାଲତରେ ଦୁଇଗୋଟି ମୋଟରଯାନ ମାମଲାର ବିଚାର କରି ୧୫ ଲକ୍ଷ ୭୦ହଜାର ଟଙ୍କାର ଜୋରିମନା ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ସିଭିଲର ବରିଷ୍ଠ ବିଚାରପତି ବିବତା ଦାସ ୨ ଗୋଟି ବୈବାହିକ ଏବଂ ୩ ଗୋଟି ଦେୱାନୀ ମାମଲାର ସାମଧାନ କରିଥିବାବେଳେ ଏସ୍‌ଡିଜିଏମ୍ ନିରୋଜ କୁମାର ଦାସ ୫୧ ଫୌଜଦାରୀ ମାମଲାର ସମାଧାନ ଏବଂ ଜେଏମ୍‌ଏଫ୍‌ସି ସ୍ମୃତିପ୍ରଜ୍ଞା ତନୟା ନିଜ ଅଦାଲତରେ ୪ଗୋଟି ମାମଲାର ଏଭଳି ମୋଟ ୬୨ ମାମଲା ସମାଧାନ କରାଯାଇଛି। ଏହାସହିତ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ତହସିଲଦାର କୁଞ୍ଜବିହାରୀ ଜେନା, ସହକାରୀ ଜିଲ୍ଲାପାଳ ମାନସରଞ୍ଜନ ବେହେରା ପ୍ରମୁଖ ସାର୍ଟିଫିକେଟ ମାମଲା ସମାଧାନ କରିଥିଲେ।

# ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ

**ଓଡ଼ଗାଁ,୯।୫/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ତାଲୁକ୍ ଆଇନ ସେବା ପ୍ରାଧିକରଣ ଆନୁକୁଲ୍ୟରେ ଶନିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ମାମଲା ଗୁଡ଼ିକ ଅପୋଷ ଆଲୋଚନା ମାଧ୍ୟମରେ ସମାଧାନ କରାଯାଇଥିଲା। ଅର୍ଥ କାରବାର ସଂପକିର୍ତ ୨୫୭ଟି ମାମଲା ମଧ୍ୟରୁ ୨୦ ଜଣଙ୍କ ଠାରୁ ମୋଟ ୧୧ଲକ୍ଷ ୩୧ ହଜାର ୮୫୦ ଟଙ୍କା ଆଦାୟ ହୋଇଥିବାବେଳେ ୨ଟି ବୈବାହିକ ମାମଲାର ବିଚାର କରାଯାଇଛି। ୨ଟି ଫୌଜଦାରୀ ମାମଲାର ସମାଧାନ ହୋଇପାରିନଥିବା ବେଳେ ବ୍ୟାଙ୍କ ସଂପର୍କିତ ଗୋଟିଏ ମାମଲାର ଆପୋଷ ସମାଧାନ କରାଯାଇଛି। ମୋଟର ଯାନ ସଂପର୍କିତ ୭ଟି ମାମଲାର ସମାଧାନ ହୋଇନଥିବା ବେଳେ ୫୦ଟି ଜମିଜମା ସଂପର୍କିତ ମାମଲାର ସମାଧାନ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଓଡ଼ଗାଁ ତାଲୁକ୍ ଆଇନ ସେବା ପ୍ରାଧିକରଣ ସଚିବ ତଥା ଓଡ଼ଗାଁ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସଂଘମିତ୍ରା ଶର୍ମା, ଦେୱାନି ବିଭାଗ ବିଚାରପତି ରାଜେନ୍ଦ୍ର କୁମାର ଦାଶ, ଗ୍ରାମ ନ୍ୟାୟାଳୟ ବିଚାରପତି ସୌମ୍ୟାଶ୍ରୀ ମହାପାତ୍ର ଓ ଦେୱାନି (କନିଷ୍ଠ) ବିଭାଗ ବିଚାରପତି ପ୍ରେରଣାଶ୍ରୀ ଦେଓ ଉପସ୍ଥିତ ରହି ମାମଲା ଗୁଡିକ ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଓଡ଼ଗାଁ ତାଲୁକ୍ ଆଇନସେବା ପ୍ରାଧିକରଣ ସଚିବ ତଥା ଓଡ଼ଗାଁ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସଂଘମିତ୍ରା ଶର୍ମା, ଦେୱାନି (ବରିଷ୍ଠ) ବିଭାଗ ବିଚାରପତି ଜନ୍ମେଜୟ ଦାସ, ଗ୍ରାମନ୍ୟାୟାଳୟ ବିଚାରପତି ସୌମ୍ୟାଶ୍ରୀ ମହାପାତ୍ର ଓ ଦେୱାନି(କନିଷ୍ଠ) ବିଭାଗ ବିଚାରପତି ପ୍ରେରଣାଶ୍ରୀ ଦେଓ ଉପସ୍ଥିତ ରହି ମାମଲା ଗୁଡିକ ପରିଚାଳନା କରିଥିଲେ। ଉକ୍ତ ଲୋକ ଅଦାଲତରେ ବରିଷ୍ଠ ଆଇନଜୀବୀ ଇନ୍ଦୁଭୂଷଣ ମିଶ୍ର, ସୁବାସ ଚନ୍ଦ୍ର ପାତ୍ର, ପ୍ରମୋଦ କୁମାର ବିଶ୍ୱାଳ, ସରକାରୀ ଓକିଲ ମନୋଜ କୁମାର ପଟ୍ଟନାୟକ, କିଶୋର ଚନ୍ଦ୍ର ସାହୁ,ପାଣୁ ଚରଣ ବେହେରା, ବାର୍ ଆସୋସିଏସନ୍ ସଭାପତି ସୁଶାନ୍ତ କୁମାର ମିଶ୍ର, ସମ୍ପାଦକ ଚିରଞ୍ଜିବୀ ଦାସ, ଚିତ୍ତରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିବାବେଳେ ବିଭିନ୍ନ ବ୍ୟାଙ୍କର କର୍ମଚାରୀମାନେ ସହଯୋଗ କରିଥିବା ଜଣାପଡ଼ିଛି।

# ୨ୟ ବାର୍ଷିକ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ

**ବୟାଳିଶମୌଜା,୯।୫/ଏନ୍‌ଏନ୍‌ଏସ୍:** କଟକ ସଦର ବୟାଳିଶମୌଜା ସାଂସ୍କୃତିକ ମହୋତ୍ସବ କମିଟି ପକ୍ଷରୁ କଳପଡା ପଞ୍ଚାୟତ ଅନ୍ତର୍ଗତ ଦହିଗାଁ ସ୍ଥିତ ଶ୍ରୀରାମ ଲୀଳା ମଣ୍ଡପ ପାର୍ଶ୍ୱ ପଡିଆ ଠାରେ ୨ୟ ବାର୍ଷିକ ୪୨ମୌଜା ସାଂସ୍କୃତିକ ମହୋତ୍ସବ ଓ ମୀନା ବଜାର ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ମୁଖ୍ୟ ଅତିଥି ଭାବେ କଟକ ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରୀ ଦିଲ୍ଲୀପ କୁମାର ଜେନା ସାଂସ୍କୃତିକ ମଞ୍ଚରେ ଫିତା କାଟି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଡ଼ଃ ଚିତ୍ତରଞ୍ଜନ ବେହେରା ବୈଠକରେ ଅଧକ୍ଷତା କରିଥିଲେ। ସାମାଜିକ ମହୋତ୍ସବର ଜଣେ ଶୁଭେଚ୍ଛୁ, ସାମାଜିକ କର୍ମୀ ତଥା କଳାକାର କାହ୍ନୁ ଚରଣ ପତିଙ୍କ ଅକାଳ ବିୟୋଗରେ ସଭାରେ ଦୁଇ ମିନିଟ ନୀରବ ପ୍ରାଥନା କରାଯାଇଥିଲା। ୪୨ମୌଜା ଅଂଚଳର ବରପୁତ୍ର ମାନଙ୍କୁ ସ୍ମରଣ କରି ଏହି ମାଟି, କଳା, ସଂସ୍କୃତି ଓ ସାହିତ୍ୟ ପାଇଁ ସେମାନେ ଚିର ନମସ୍ୟ। ଏଣୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଯୋଡିବା ପାଇଁ ୪୨ମୌଜା ସାଂସ୍କୃତିକ ମହୋତ୍ସବ କମିଟି ତାର କ୍ଷୁଦ୍ର ପ୍ରୟାସ ଜାରି ରଖିବ ବୋଲି ମୁଖ୍ୟ ଅତିଥି ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରୀ ଦିଲ୍ଲୀପ କୁମାର ଜେନା ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ୪୨ମୌଜା ଶାନ୍ତି କମିଟିର ଉପ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ସାଂସ୍କୃତିକ ମହୋତ୍ସବ କମିଟିର ଉପ ସଭାପତି ଅଧ୍ୟାପକ ପ୍ରଫୁଲ୍ଲ କୁମାର ଦାସ ଓ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସରସ୍ୱତୀ କଳା ପରିଷଦର ଅଧକ୍ଷ ଅଶୋକ କୁମାର ପଟ୍ଟନାୟକ, ବିଜେପିର ଉପ ପ୍ରଭାରୀ ପ୍ରବେଶ ରାଉତ, ଅମିତାଭ ବିଶ୍ୱାଳ, ବିଶିଷ୍ଟ କବି ଅଶୋକ କୁମାର ପତି, ଉମାକାନ୍ତ ନନ୍ଦ, ବିଳାସ ଚନ୍ଦ୍ର ବେହେରା, ଦହିଗାଁ ଗ୍ରାମ ମୁରବୀ ସନ୍ତୋଷ କୁମାର ପଣ୍ଡା, ରବୀନ୍ଦ୍ର ପତି, ପ୍ରସନ୍ନ ପତି, ଉପଦେଷ୍ଟା ସିଦ୍ଧେଶ୍ୱର ପତି, ସମ୍ପାଦକ ଦୁର୍ଗାପ୍ରସାଦ ପତି, କୋଷାଧକ୍ଷ ସୁଶାନ୍ତ ସ୍ୱାଇଁ, ବିକ୍ରମ କିଶୋର ପତି, କୃଷ୍ଣ ଚନ୍ଦ୍ର ପତି, ବୃନ୍ଦାବନ ପତି, ବିଶ୍ୱଜିତ ପତି ପ୍ରମୁଖ ଯୋଗଦେଇଥିଲେ। ଗୋପାଳପୁର ନୃତ୍ୟଶିଳ୍ପୀ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସର୍ବଶେଷରେ ସାଂସ୍କୃତିକ ମହୋତ୍ସବର ସଭାପତି ସମାଜସେବୀ ସନ୍ତୋଷ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।


**Block Development Office, Lakhanpur**

**Tender Call Notice**

19001/56/2627

No. 1282 Date : 07.05.2026

The Block Development Officer, Lakhanpur invites percentage rate basis Tender for **1.** Construction / improvement of 30 nos of road projects at different GPs **2.** Renovation / Improvement of 11 nos of Pond / tank / kata at different GPs **3.** Const of Addl class room at Govt High School, Pipilikani under Lakhanpur Block. The bid documents will be downloaded website www.jharsuguda.odisha.gov.in from Dt.07.05.2026 to Dt.20.05.2026 at 5.00 PM during the office hour and receipt of the bid documents starts from Dt. 07.05.2026 to Dt.21.05.2026 up to 1.00 P.M. on all working days in the office of the Block Development Officer, Lakhanpur. The bid will be opened on dt.22.05.2026 at 09.00 A.M. Intending Valid B,C & D class contractors may visit district website of Jharsuguda www.jharsuguda.odisha.gov.in for detail information.

Sd/- Block Development Officer, Lakhanpur

OIPR-19001/19143/1/26-27/0001


# କୋଣାର୍କ ପୋଷ୍ଟ ଅଫିସ ସମ୍ମୁଖରୁ ଜବରଦଖଲ ଉଚ୍ଛେଦ



**କୋଣାର୍କ,୯।୫/ଏନ୍‌ଏନ୍‌ଏସ୍:** ଶନିବାର ଅପରାହ୍ଣ ରେ କୋଣାର୍କ ମେଡ଼ିକାଲ ଛକ ନିକଟସ୍ଥ ପୋଷ୍ଟ ଅଫିସ ପାଚେରୀ କୁ ଅବରୋଧ କରି ଦୀର୍ଘ ବର୍ଷ ହେବ ୧୨ ଉର୍ଦ୍ଧ୍ୱ ବ୍ୟବସାୟୀ ନିଜର କ୍ୟାବିନ ପକାଇ ଅସ୍ଥାୟୀ ବ୍ୟବସାୟ କରୁଥିଲାବେଳେ ଆଜି କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ୟୁମ୍ନ ଜେନା ଓ ଗୋପ ଅତିରିକ୍ତ ତହସିଲଦାର ସତ୍ୟଜିତ ନାୟକ କୋଣାର୍କ ଥାନା ବରିଷ୍ଠ ଅଫିସ କେଦାର ଚନ୍ଦ୍ର ଡୋରାଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ସହ ଉକ୍ତ ୧୯ଟି ଦୋକାନକୁ ଭାଙ୍ଗି ଜବରଦଖଲ ହଟାଇଥିଲେ।

ନିଜର ବ୍ୟବସାୟ ହରାଇ ବ୍ୟବସାୟୀମାନେ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ କୋଣାର୍କ ଏନଏସି ପକ୍ଷରୁ ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ଭେଣ୍ଡିଂ ଜୋନ୍ କରି ସ୍ଥାୟୀ ଭାବେ ଥଇଥାନ କରିବାକୁ ଦାବି କରିଛନ୍ତି। ତେବେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପୂର୍ବରୁ ନୋଟିସ୍ ଦିଆଯାଇଥିବା ସତ୍ତ୍ୱେ ସେମାନେ ନ ହଟିବାରୁ ବାଧହୋଇ ସେମାନଙ୍କୁ ଆଜି ଜବରଦସ୍ତ ହଟାଇ ଦିଆଗଲା ବୋଲି କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଜେନା ପ୍ରକାଶ କରିଛନ୍ତି।

# ସାଂସଦ ସମ୍ବିତ୍ ପାତ୍ରଙ୍କୁ କୁରାଳରେ ସମ୍ବର୍ଦ୍ଧନା

**ଓଡ଼ଗାଁ,୯।୫/ଏନ୍‌ଏନ୍‌ଏସ୍:** ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ତଥା ପୁରୀ ଲୋକସଭା ସଂସଦ ଡ.ସମ୍ବିତ ପାତ୍ର ଶୁକ୍ରବାର ଅପରାହ୍ନରେ ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଗ୍ରସ୍ତରେ ଆସି ସମସ୍ତ କର୍ମୀ ମାନଙ୍କୁ ଭେଟି ଗ୍ରାମର ଉନ୍ନତି ସମ୍ପର୍କେ ଆଲୋଚନା କରିଥିଲେ। କର୍ମୀମାନେ ମଧ ଡ. ପାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ପରେ ସଂସଦ ଚଣ୍ଡିଛକ ଓ ଗାଆଁ ଭିତରେ ବୁଲି



ଗ୍ରାମବାସୀଙ୍କ ସହିତ। ଆଲୋଚନା କରିଥିଲେ। ଏହି ଗ୍ରସ୍ତ ସମୟରେ କୁରାଳ ଡାକ୍ତରଖାନାରେ ଡାକ୍ତର ସମସ୍ୟାନେଇ କର୍ମୀମାନେ ଡ.ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମରେ କୁରାଳ ବିଜେପି ସଭାପତି ସତ୍ୟବ୍ରତ ପ୍ରଧାନ, ମଣ୍ଡଳ ସଭାପତି ପ୍ରଭାକର ବେହେରା, ମଣ୍ଡଳ ପ୍ରତିନିଧି ମାଧବ ସାହୁ, ବୁଥ ସଭାପତି ପ୍ରଶାନ୍ତ ଦାସ, ସରୋଜ କୁମାର ଡାକୁଆ, ଭରତ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ ଓ ଦଣ୍ଡପାଣି ଖଟେଇଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।


**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM, BERHAMPUR**

E-mail : eerw_gm1@yahoo.co.in

*********

25001/95/2627

**Government of Odisha e-Procurement Notice**

**Bid Identification No. Online Tender // 03 // SERWDG-I//2026-27**

Letter No. 3075 // RWDG-I/BAM// Date : 30.04.2026

| | | | |
|---|---|---|---|
| 1. | Name of the work | : | Building works |
| 2. | Estimated cost | : | Rs. 80.91 Lakhs to 81.03 Lakhs |
| 3. | Period of Completion | : | 09 (Nine) Calendar Months as shown in Column No.06 of Annexure |
| 4. | Date & time of availability of bid documents in the portal | : | From 12.05.2026 at 11.00 AM to 29.05.2026 up to 6.00 PM |
| 5. | Last date / time for receipt of bids in the portal | : | 29.05.2026 up to 6.00 PM |
| 6. | Name and address of the officer inviting bid | : | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in

Sd/- Executive Engineer
R.W. Division-I, Ganjam

OIPR-25001/25085/1/26-27/0003


# ପ୍ରଧାନଶିକ୍ଷକଙ୍କ ସ୍ମୃତିସଭା

**ଅସ୍ତରଙ୍ଗ,୯।୫/ଏନ୍‌ଏନ୍‌ଏସ୍:** କାକଟପୁର ଅଞ୍ଚଳର ତଥା କୁରୁଜଙ୍ଗା ଗ୍ରାମର ଶିକ୍ଷାବିତ, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ସାଧୁ ଚରଣ ସାହୁଙ୍କ ଦ୍ୱାଦଶହ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ମୃତିସଭାରେ କାକଟପୁର ନିର୍ବାଚନ ମଣ୍ଡଳୀର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ସାଂସଦ ପ୍ରତିନିଧି କୈଳାଶ ଚନ୍ଦ୍ର ନାୟକ, ବରିଷ୍ଠ ନେତା ସତ୍ୟବ୍ରତ ପାତ୍ର, ବିଚିତ୍ରା ନନ୍ଦ ଦାଶ, ଆଇନଜୀବୀ ପ୍ରଫୁଲ୍ଲ ନାୟକ, କାକଟପୁର ବ୍ଲକ କଂଗ୍ରେସ ସଭାପତି ଅବଧୁତ ସ୍ୱାଇଁ, ଯଶୋବନ୍ତ ନାରାୟଣ ମହାନ୍ତି, ଅମରେଶ୍ୱର ନାୟକ, ନଳିନୀ କାନ୍ତ ଦୀକ୍ଷିତ, ଅରକ୍ଷିତ କାଣ୍ଡି, ବିପିନି ବିହାରୀ ମହାନ୍ତି, କୋଣାର୍କ, ଗୋପ, ନିମାପଡା, ବାଜପୁର,ଅସ୍ତରଙ୍ଗ, କାକଟପୁର ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ପୁରାତନ ଛାତ୍ର, ଛାତ୍ରୀ ଓ ସାରଙ୍କୁ ଭଲ ପାଉଥିବା ଆଖପାଖ ଅଞ୍ଚଳରୁ ହଜାର ହଜାର ଜନସାଧାରଣ ବରିଷ୍ଠ ବ୍ୟକ୍ତିମାନେ ଯୋଗଦେଇ ତାଙ୍କର ଗୁଣାବଳୀ ଆଲୋକପାତ କରିଥିଲେ। ପୁତ୍ର ସ୍ୱରାଜ୍ୟ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବା ବେଳେ ସତ୍ୟନାରାୟଣ ୟୁଥ କ୍ଲବ ସଭ୍ୟମାନେ ସହଯୋଗ କରିଥିଲେ।

# ସିଭିଲ୍ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକଅଦାଲତ

**ଅସ୍ତରଙ୍ଗ,୯।୫/ଏନ୍‌ଏନ୍‌ଏସ୍:** ଅସ୍ତରଙ୍ଗ ସିଭିଲ୍ କୋର୍ଟ ପରିସରରେ ଶନିବାର ଦିନ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜେଏମ୍‌ଏଫ୍‌ସି, ଅସ୍ତରଙ୍ଗ ବିଚାରପତି ସୁଧାବାଇ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଏହି ଅଦାଲତରେ ବିଭିନ୍ନ ପ୍ରକାରର ମୋଟ ୨୧ଟି ମାମଲାର ଆପୋଷ ସମାଧାନ କରାଯାଇଥିବା ବେଳେ ତନ୍ମଧ୍ୟରୁ ସିଭିଲ୍ ମାମଲା ୨ଟି, ବ୍ୟାଙ୍କ ସମ୍ବନ୍ଧୀୟ ଚେକ୍ ବାଉନ୍ସ କେସ ୧ଟି, ଅନ୍ୟାନ୍ୟ ମାମଲା ୧୮ଟି ଫଇସଲା କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଇନଜୀବୀ ତ୍ରୈଲୋକ୍ୟନାଥ ମଲ୍ଲିକ, ସମୀର କୁମାର ବାରିକ ପରିଚାଳନା କରିଥିବା ବେଳେ ବେଞ୍ଚ କ୍ଲର୍କ ହିମାଂଶୁ ଶେଖର ମଲ୍ଲିକ, ସିନିୟର ଟାଇପିଷ୍ଟ ଉମେଶ ପ୍ରଧାନ ଏବଂ ପ୍ରୋସେସ୍ ସର୍ଭର ମାନସ କୁମାର ସେନାପତି ପ୍ରମୁଖ ସହଯୋଗ କରିଥିଲେ। ଦୀର୍ଘଦିନରୁ ପଡ଼ି ରହିଥିବା ମାମଲାଗୁଡ଼ିକର ସହଜ ଏବଂ ଶୀଘ୍ର ସମାଧାନ ହୋଇପାରିଥିବାରୁ ସ୍ଥାନୀୟ ଜନସାଧାରଣ ସନ୍ତୋଷ ପ୍ରକାଶ କରିଛନ୍ତି।

# ସତ୍ୟବାଦୀ ଥାନାରେ ସଚେତନତା

**ସାକ୍ଷୀଗୋପାଳ,୯।୫/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ପୋଲିସ ଓ ଜନତା ତଥା ସୂତନ୍ତ ଭାବେ ଜୁଭେନାଇଲଙ୍କ ମଧ୍ୟରେ ରହୁଥିବା ଦୂରତାକୁ ଦୂର କରିବା ନେଇ ଶୁକ୍ରବାର ସତ୍ୟବାଦୀ ଥାନା ପରିସରରେ ସଚେତନତା ଧର୍ମୀ କାର୍ଯ୍ୟକ୍ରମ 'ଜୁଭେନ୍ତିକା' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକ ପ୍ରେସମିଟ କରି ଗଣମାଧ୍ୟମକୁ ପୁରୀ ଏସପି ପ୍ରତୀକ ସିଂ କହିଥିଲେ ଆଜି ସମଗ୍ର ରାଜ୍ୟରେ ପୋଲିସ ପ୍ରଶାସନ ପକ୍ଷରୁ ଶୁଭାରମ୍ଭ ହେବାକୁ ଜୁଭେନ୍ତିକା ସିଡବ୍ଲୁପିଓ ଆଉଟରିଚ ଉଇଥ କିଶୋରସେନା କାର୍ଯ୍ୟକ୍ରମ ସମ୍ପର୍କରେ କିଭଳି ସଫଳ ହେବାସହ ପୋଲିସ ପ୍ରଶାସନ ଜନସାଧାରଣଙ୍କ ସହିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ପର୍କ ଯୋଡ଼ିବାର ଆଉ ଏକ ପାହାଚ ବୋଲି କହିଛନ୍ତି। ପ୍ରତି ଥାନା ଅଧୀନରେ ଥିବା ୫ଟି ଅଙ୍ଗନବାଡି କେନ୍ଦ୍ରର କର୍ମୀଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


8001/68/2627

**OFFICE OF THE DIVISIONAL FOREST OFFICER, BRAHMAPUR DIVISION**

At-Courtpeta, Brahmapur-760004, Tel. /FAX-0680-2281354, Mob-7653908594, E-mail-dfo.berhampur@odisha.gov.in

**No. 02 /01F-/2026,**
**Dated, Brahmapur the 30th April 2026**

**Tender Call Notice for Supply of Fertilizer, Liquid Urea & Granular Insecticides etc.**

Tenders are invited from reputed Registered Dealer / Manufacturer / Individuals for supply of good quality Fertilizer & Granular Insecticides etc. for use in the Plantations to be taken up in Brahmapur Forest Division, under various schemes during the current financial year 2026-27. The tender application is available in the website of **odishaforest.in/ ganjam.nic.in/**. The Technical bids shall be opened at 03.00 P.M. on 26 .05.2026.

The Financial bids shall be opened after evaluation of the technical bids by the Tender Selection Committee. Final selection of the bidder shall be done based on the quality and cost of the materials. The undersigned reserves the right to reject any or all tender without assigning any reasons thereof.

Sd/- Divisional Forest Officer
Brahmapur Division

OIPR-8001/8116/1/26-27/0001

# ମୃତ ଶ୍ରମିକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି

**କଟକ,୯।୫/ଏନ୍ଏନ୍ଏସ୍:** କଟକ ସ୍ଥିତ ବୋର୍ଡ ଅଫ୍ ରେଭିନ୍ୟୁ କୋଠା ନିର୍ମାଣ ସମୟରେ ଘଟିଥିବା ଅଭାବନୀୟ ଘଟଣାରେ ଜଣେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଗତ ୮ ତାରିଖ ଦିନ କୋଠା ଉପରୁ ଖସିପଡ଼ି ପଶ୍ଚିମବଙ୍ଗର ଶ୍ରମିକ ଆମିନୁଲ ଇସଲାମଙ୍କ ମୃତ୍ୟୁ ଘଟିଥିବା ବେଳେ ଏଥିପାଇଁ ଠିକା ସଂସ୍ଥାର ବେପରୁଆ ମନୋଭାବକୁ ଦାୟୀ କରାଯାଇଛି । ଠିକା ସଂସ୍ଥାଗୁଡ଼ିକ ନିରାପତ୍ତା ଉପକରଣ ବ୍ୟବହାର କ୍ଷେତ୍ରରେ ନିୟମକୁ ସମ୍ପୂର୍ଣ୍ଣ ଭାବେ ବେଖାତିର କରୁଥିବା ଏବଂ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ କାର୍ଯ୍ୟ ଅବଧି ନିୟମ ପାଳନ କରୁ ନଥିବାରୁ ଏଭଳି ଦୁର୍ଘଟଣା ଘଟୁଛି । କଟକରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଥାଇ ମଧ୍ୟ ସଂସ୍ଥାଗୁଡ଼ିକ ଆଇନ ଉଲ୍ଲଂଘନ କରି କାମ କରୁଥିବା ବେଳେ ଶ୍ରମ ବିଭାଗ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ପ୍ରୋତ୍ସାହନ ଦେଉଥିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ଅଭିଯୋଗ ହୋଇଛି । ଏହି ଦୁଃଖଦ ଘଟଣାରେ ମୃତ ଶ୍ରମିକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଏଆଇଟିୟୁସି ପକ୍ଷରୁ କଟକ ଜିଲ୍ଲା ସଭାପତି ଖଗେଶ୍ୱର ସେଠୀ ଏବଂ ସମ୍ପାଦକ ରାଜକିଶୋର ମଲ୍ଲିକ ଘଟଣାର ତୀବ୍ର ନିନ୍ଦା କରିଛନ୍ତି । ମୃତ ଶ୍ରମିକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି । ଏଥିସହ ସମସ୍ତ ନିର୍ମାଣ କାର୍ଯ୍ୟ ସମୟରେ ପ୍ରତିରକ୍ଷା ଓ ନିରାପତ୍ତା ଉପକରଣ ବ୍ୟବହାର ନିୟମକୁ କଡ଼ାକଡ଼ି ପାଳନ କରିବା ଏବଂ ଖରା ଦିନେ ଦିନ ୧୧ଟା ପରେ ଶ୍ରମିକଙ୍କୁ କାମରେ ନ ଲଗାଇବା ପାଇଁ ସଂଗଠନ ପକ୍ଷରୁ ସରକାର ଓ ଠିକା ସଂସ୍ଥା ନିକଟରେ ଦାବି କରାଯାଇଛି ।

# ଚାଉଳିଆଗଞ୍ଜରେ ପାନୀୟଜଳ ସଙ୍କଟ

**କଟକ,୯।୫/ଏନ୍ଏନ୍ଏସ୍:** କଟକ ମହାନଗର ନିଗମର ୪୨ନଂ ୱାର୍ଡର ଅର୍ଦ୍ଧାଧିକ ଅଞ୍ଚଳରେ ତିନିଦିନ ହେଲା ପାନୀୟ ଜଳ ସମସ୍ୟା ଦେଖାଦେଇଛି । ବିଶେଷକରି ଚାଉଳିଆଗଞ୍ଜ ଅଞ୍ଚଳରେ ଏହି ସମସ୍ୟା ଅଧିକ ରହିଛି । ୱାଟ୍‌କୋ ପକ୍ଷରୁ ଘରକୁ ଯୋଗାଇ ଦିଆଯାଇଥିବା ପାଇପରେ କାଁଭାଁ କମ୍ ପରିମାଣର ପାଣି ଆସୁଛି । ପମ୍ପ କର୍ମଚାରୀଙ୍କୁ ପଚାରିବାରୁ ଷଷ୍ଠ ବାଟାଲିୟନର ଦ୍ୱିତୀୟ କ୍ୟାମ୍ପସ ପରିସରରେ ତିଆରି ହୋଇଥିବା ଟାଙ୍କିରୁ ପାଣି ଯୋଗାଣ ଆରମ୍ଭ କରାଯାଇଛି । ସେଠାରୁ ଚାବି ମାଧ୍ୟମରେ ନିୟନ୍ତ୍ରଣ କରାଯାଇ ପାଣି ଯୋଗାଣ ହେଉଛି । ଫଳରେ ଚାପ କମିଯାଉଥିବାରୁ ଏପରି ସମସ୍ୟା ଦେଖାଦେଇଛି । ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କିଛି ସମସ୍ୟା ସମାଧାନ ହେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ପେଟାନାଳ ସଫେଇ ତଦାରଖ କଲେ ବିଧାୟିକା

**କଟକ,୯।୫/ଏନ୍ଏନ୍ଏସ୍:** ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଆଜି ପେଟାନାଳ ଗ୍ରାଉଣ୍ଡ ଜିରୋ ପରିଦର୍ଶନ କରି ସେଠାରେ ଚାଲିଥିବା ସଫେଇ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସେ ୱାଟକୋ ଡ୍ରେନେଜ ବିଭାଗର ଅଧିକାରୀମାନଙ୍କ ସହିତ ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ । ପେଟାନାଳ ପୁନରୁଦ୍ଧାର ପାଇଁ ଆବଶ୍ୟକୀୟ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ବେଳେ ଯଥାଶୀଘ୍ର ବାକି ଥିବା ସମସ୍ତ କାର୍ଯ୍ୟ ଆରମ୍ଭ କରାଯାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରାଯିବ ବୋଲି ବିଧାୟିକା ସୂଚନା ଦେଇଛନ୍ତି । ସିଡିଏ ଏବଂ ବିଡାନାସୀ ଅଞ୍ଚଳର ବାସିନ୍ଦାଙ୍କ ପାଇଁ ଏକ ନୂତନ ଜୀବନଧାରା ସଦୃଶ ହେବ । ଏହା ଦ୍ୱାରା ଅଞ୍ଚଳର ପରିବେଶରେ ଉନ୍ନତି ଆସିବା ସହିତ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାରର ନୂତନ ସୁଯୋଗ ମଧ୍ୟ ସୃଷ୍ଟି ହେବ ବୋଲି ସେ ମତପ୍ରକାଶ କରିଛନ୍ତି ।ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା, ଶୈଳବାଳା ଜେନା, ନିତ୍ୟାନନ୍ଦ ରାଉତରାୟ, ଜିତେନ୍ଦ୍ର ନାୟକ, ସତ୍ୟଶ୍ରୀ ବେହେରା, ଦିଲ୍ଲୀପ ମହାନ୍ତି, ସୁରଜିତ ସାହୁ, ଶୋନୁ ସ୍ୱାଇଁ, ସେକ ବାବାଯାନୀ ଓ ଅନିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



# କଂଗ୍ରେସର ବିଶାଳ 'ନାରୀ ନ୍ୟାୟ ମଶାଲ୍ ଶୋଭାଯାତ୍ରା'

**କଟକ,୯।୫/ଏନ୍ଏନ୍ଏସ୍:** ମହିଳା ସଂରକ୍ଷଣ ବିଲ୍‌କୁ ନେଇ ବିଜେପି କରୁଥିବା ଅପପ୍ରଚାରର ଜବାବ ଦେବା ପାଇଁ କଟକ ନଗର କଂଗ୍ରେସ ପକ୍ଷରୁ ଏକ ବିଶାଳ 'ନାରୀ ନ୍ୟାୟ ମଶାଲ ଶୋଭାଯାତ୍ରା' ଅନୁଷ୍ଠିତ ହୋଇଯାଇଛି । କଟକ ବାରବାଟୀ ନିର୍ବାଚନ ମଣ୍ଡଳୀର ସ୍ୱରାଜ ଆଶ୍ରମଠାରୁ ବାହାରିଥିବା ଏହି ଶୋଭାଯାତ୍ରା ସହର ପରିକ୍ରମା କରି ନୟାସଡ଼କ ଛକରେ ପହଞ୍ଚିଥିଲା । ସେଠାରେ କଟକ ନଗର କଂଗ୍ରେସ ସଭାପତି ସାନ୍ତାୟନ୍ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କଟକ ବାରବାଟୀଠାରେ ନୂତନ କଂଗ୍ରେସ କାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିସହ ବିଶ୍ୱଜିତ୍ ମହାନ୍ତିଙ୍କ ସମର୍ଥନରେ ବହୁ ବିଜେଡି ଓ ବିଜେପି କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ ।

ସଭାରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ଦାସ, ପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି, ସୋନାଲି ସାହୁ, ପ୍ରାକ୍ତନ ବିଧାୟକ ରବି ମଲ୍ଲିକ ଏବଂ ସୁରେଶ ମହାପାତ୍ର ପ୍ରମୁଖ ଉଦବୋଧନ ଦେଇଥିଲେ । ବକ୍ତାମାନେ କହିଥିଲେ ଯେ କଂଗ୍ରେସ ସବୁବେଳେ ମହିଳାଙ୍କୁ ଅଗ୍ରାଧିକାର ଦେଇଛି । ଦେଶକୁ ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ପ୍ରଥମ ମହିଳା ରାଷ୍ଟ୍ରପତି ପ୍ରତିଭା ସିଂହ ପାଟିଲ, ପ୍ରଥମ ବାଚସ୍ପତି ମୀରା କୁମାର ଏବଂ ଓଡ଼ିଶାକୁ ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ କଂଗ୍ରେସ ଦଳ ହିଁ ଦେଇଛି । ଜନଗଣନା ଓ ଜାତିଗତ ଜନଗଣନା ନକରି ବିଜେପି ଅବୈଧ ଭାବେ ମହିଳା ସଂରକ୍ଷଣ ବିଲ୍ ଆଣି ଭୋଟ୍ ପାଇଁ ଅପପ୍ରଚାର କରୁଛି ବୋଲି ନେତାମାନେ ଅଭିଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ ସଭାପତି ବିପ୍ଳବ ଶିଳାଦିତ୍ୟ, କର୍ପୋରେଟର ସନ୍ତୋଷ ଭୋଳ, ଜେ. କାମେଶ୍ୱର ରାଓ, ଶୁଭାଶିଷ ପଟ୍ଟନାୟକ, ଜନାର୍ଦ୍ଦନ ପରିଡ଼ା, ବଟକୃଷ୍ଣ ସାହୁ, ବିଶ୍ୱଜିତ୍ ଦାସ, ପିସିସି ମୁଖପାତ୍ର ଅଶୋକ ସ୍ୱାଇଁ, ଅମ୍ରିତା ଦାସ, ବିଶ୍ୱନାଥ ଶତପଥୀ, ନିର୍ମଳ ସ୍ୱାଇଁ, ପ୍ରଦୀପ ପ୍ରଧାନ, ପ୍ରଶାନ୍ତ ଭୋଇ, ସେକ୍ ଜାଫର, ଶିତିକଣ୍ଠ ମହାନ୍ତି, ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ପ୍ରଶାନ୍ତ ବେହେରା, ବିପନ ପଶାୟତ, ଉତ୍ତମ ବେହେରା, ଅଲେଖ ଚନ୍ଦ୍ର ବେହେରା, ଗ୍ୟାନେସୁ ନାୟକ, ଗୋକୁଳ ସିହ୍ନା, ଜଗନ୍ନାଥ ପଟ୍ଟନାୟକ ଏବଂ ତୃପ୍ତି ଦାସ ପ୍ରମୁଖ ସାମିଲ ହୋଇଥିଲେ । ମଶାଲ ଯାତ୍ରାକୁ ହରିଶଙ୍କର ରାଉତ୍ ସଞ୍ଚାଳିତ କରିଥିବା ବେଳେ ଜଗନ୍ନାଥ ସାହୁ ଓ ମାନସ ପରିଡ଼ା ସଭା ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ସମସ୍ତ ବ୍ଲକର ନେତୃବୃନ୍ଦ ଯୋଗ ଦେଇଥିଲେ । ଶେଷରେ ବରିଷ୍ଠ ନେତା ବିଶ୍ୱଜିତ୍ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

**ରାଷ୍ଟ୍ରୀୟ ଲୋକ ଅଦାଲତ**

# ୧୧୧୮୨ ମାମଲାର ଫଇସଲା

**କଟକ,୯।୫/ଏନ୍ଏନ୍ଏସ୍:** କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ କଟକ ଜିଲ୍ଲା ଓ ଦୌରାଜଜ୍ କୋର୍ଟ ପରିସର ଏବଂ ତାଲୁକ ସ୍ତରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ବହୁ ସଂଖ୍ୟକ ଲୋକ ଯୋଗଦାନ କରି ଲୋକ ଅଦାଲତ ମାଧ୍ୟମରେ ସେମାନଙ୍କର ମୋକଦ୍ଦମାଗୁଡ଼ିକର ଫଏସଲା କରାଇଥିଲେ । କଟକ ଜିଲ୍ଲା ଓ ଦୌରାଜଜ୍ ତଥା କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ମାନସ ରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲା କୋର୍ଟର ସମସ୍ତ ବିଚାରପତି ନିଜ ନିଜ କୋର୍ଟରେ ଥିବା ମୋକଦ୍ଦମାର ଫଏସଲା କରାଇଥିଲେ । ଏହି ଲୋକ ଅଦାଲତରେ ମୋଟ ୩୦୦୨୨ ମୋକଦ୍ଦମାରୁ ସମୁଦାୟ ୧୧୧୮୨ଟି ମୋକଦ୍ଦମାର ଫଇସଲା କରାଯାଇଥିଲା ଏବଂ ୨୦,୧୧,୬୫,୬୫୫ଟଙ୍କା ଜରିମାନା ଓ ଅନୁକମ୍ପାମୂଳକ ରାଶି ସ୍ଥିର ହୋଇଥିଲା । ମୋଟର ଯାନ ଦୁର୍ଘଟଣା ଜନିତ ମୋକଦ୍ଦମା, ପାରିବାରିକ ସମସ୍ୟା, ଜମି ଅଗ୍ରହଣ, ବିଦ୍ୟୁତ୍ ଅଧିନିୟମ ଜନିତ ମୋକଦ୍ଦମା, ଚେକ୍ ବାଉନ୍ସ୍, ରାଜସ୍ୱ ଏବଂ ପ୍ରାକ୍ ବିବାଦୀୟ ଜନିତ ମୋକଦ୍ଦମା ଯଥା ରଫାଦଫା ଯୋଗ୍ୟ ଟ୍ରାଫିକ ଚାଲାଣ ଓ ଟଙ୍କା ଉଦ୍ଧାର ମାମଲା ଇତ୍ୟାଦିର ଫଇସଲା କରାଯାଇଥିଲା । ଏହି ଲୋକ ଅଦାଲତକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଜଗଦିଶ୍ ଚନ୍ଦ୍ର ଜେନା, ପରିଚାଳନା କରିଥିଲେ ।

# ତ୍ରିନାଥ ମନ୍ଦିରର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



**କଟକ,୯।୫/ଏନ୍ଏନ୍ଏସ୍:** କଟକ ସହରର ଅନ୍ୟତମ ପବିତ୍ର ଧର୍ମାନୁଷ୍ଠାନ ତିନିକୋଣିଆ ବଗିଚା ସ୍ଥିତ ଶ୍ରୀ ତ୍ରିନାଥ ମନ୍ଦିରର ପୁନଃରୁଦ୍ଧାର କାର୍ଯ୍ୟ ପାଇଁ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ବିଧାୟିକା ସୋଫିଆ ଫିର୍ଦ୍ଦୋଷଙ୍କ ଉନ୍ନୟନ ପାଣ୍ଠି ସହାୟତାରେ ଏହି ମନ୍ଦିରର ସମସ୍ତ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବ । ଏହି ନୂତନ ପ୍ରକଳ୍ପ ଦ୍ୱାରା ମନ୍ଦିର ବେଢ଼ାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହିତ ଶ୍ରଦ୍ଧାଳୁମାନଙ୍କ ପାଇଁ ସୁରୁଖୁରୁରେ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ଏକ ସୁନ୍ଦର ବାତାବରଣ ସୃଷ୍ଟି ହୋଇପାରିବ । ଏହି ଅବସରରେ ବିଧାୟିକା କହିଛନ୍ତି ଯେ ଜନସାଧାରଣଙ୍କ ସେବା ଓ ଭକ୍ତଙ୍କ ସୁବିଧା ପାଇଁ ସେ ସର୍ବଦା ଚେଷ୍ଟା ଜାରି ରଖିଛନ୍ତି । ଖୁବ୍ ଶୀଘ୍ର ଏହି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଏକ ନୂତନ ରୂପରେ ମନ୍ଦିର ଉଦ୍‌ଘାଟନ ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି । କାର୍ଯ୍ୟକ୍ରମରେ ମନ୍ଦିର କମିଟିର କର୍ମକର୍ତ୍ତା ଓ ଅଞ୍ଚଳବାସୀ ଉପସ୍ଥିତ ରହି ଏହି ଉନ୍ନୟନମୂଳକ କାର୍ଯ୍ୟକୁ ସ୍ୱାଗତ କରିଥିଲେ ।

# ରାମ ବାହାଦୁରଙ୍କୁ ମିଳିଲା ହୁଇଲ୍ ଚେୟାର

**କଟକ,୯।୫/ଏନ୍ଏନ୍ଏସ୍:** କଟକ କଲ୍ୟାଣୀ ନଗର ଅଞ୍ଚଳର ଜଣେ ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କଟକ ମହାନଗର ନିଗମ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି । କଲ୍ୟାଣୀ ନଗରସ୍ଥିତ ସାଇ ମନ୍ଦିର ଲେନର ବାସିନ୍ଦା ରାମ ବାହାଦୁର ଶାରୀରିକ ଅକ୍ଷମତା ଯୋଗୁଁ ଯାତାୟାତ ପାଇଁ ଦୀର୍ଘ ଦିନ ଧରି ବହୁ ଅସୁବିଧାର ସମ୍ମୁଖୀନ ହୋଇଆସୁଥିଲେ । ଏ ସମ୍ପର୍କରେ ସୂଚନା ପାଇବା ପରେ ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନାଙ୍କ ସ୍ୱତନ୍ତ୍ର ଉଦ୍ୟମରେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ରାମ ବାହାଦୁରଙ୍କୁ ଏକ ହୁଇଲ୍ ଚେୟାର ପ୍ରଦାନ କରାଯାଇଛି । ଏହି ସହାୟତା ମିଳିବା ପରେ ତାଙ୍କର ଚଳପ୍ରଚଳ ସହଜ ହୋଇପାରିବ । ପ୍ରଶାସନ ଓ କର୍ପୋରେଟରଙ୍କ ଏହି ମାନବିକତାପୂର୍ଣ୍ଣ କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦାମାନେ ସାଧୁବାଦ ଜଣାଇଛନ୍ତି ।

# କଟକ ସଦର ବ୍ଲକ କଂଗ୍ରେସର ପ୍ରସ୍ତୁତି ବୈଠକ



**କଟକ,୯।୫/ଏନ୍ଏନ୍ଏସ୍:** ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ତତ୍ତ୍ୱାବଧାନରେ ବିସ୍ଥାପିତ ପରିବାରଙ୍କୁ ନ୍ୟାୟ ଦେବା ଦାବିରେ ପାରାଦୀପର ଢ଼ିଙ୍କିଆଠାରୁ ଏକ ପଦଯାତ୍ରା ଭୁବନେଶ୍ୱରର ରାଜ୍ୟ ରାଜଭବନ ଅଭିମୁଖେ ଆସୁଥିବା ବେଳେ ଏହା କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଞ୍ଚଳକୁ ଆସନ୍ତା ୧୧ ଓ ୧୨ ତାରିଖ ଦିନ ଅତିକ୍ରମ କରିବ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବିରିବାଟିଠାରେ ସଦର ବ୍ଲକ କଂଗ୍ରେସ ସଭାପତି ସୀତାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସ ଓ କଟକ ସଦର ନିର୍ବାଚନ ମଣ୍ଡଳୀ ନେତା ରାମଚନ୍ଦ୍ର ଗୋଛାୟତ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବୈଠକରେ କଟକ ସଦର ବ୍ଲକର ବରିଷ୍ଠ କର୍ମୀ ଯୁଗଳ ବେହେରା, ଶରତ ଚନ୍ଦ୍ର ଦାସ, ଶ୍ରୀକାନ୍ତ ବେହେରା, ଦିଲ୍ଲୀପ ବାରିକ, ଶରତ ଚନ୍ଦ୍ର ସ୍ୱାଇଁ, ପ୍ରଦୀପ କୁମାର ସାହୁ, ଉଗ୍ରସେନ ଭୂୟାଁ, ନିରଞ୍ଜନ ଲେଙ୍କା, ଶରତ ଚନ୍ଦ୍ର ସାହୁ, ସଞ୍ଜୟ ପରିଡ଼ା, ଦୀପ୍ତି ରଞ୍ଜନ ଲେଙ୍କା, ସ୍ମୃତି ରଞ୍ଜନ ମହନ୍ତ, ଆଲୋକ କୁମାର ଜେନା, ପ୍ରତାପ ମଲ୍ଲିକ, ଋଷି କାଣ୍ଡୀ, ନିହାର ରଞ୍ଜନ ନନ୍ଦ, ପ୍ରଦ୍ୟୁମ୍ନ ଓଝା ଓ କରାମତ ଖାଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବିଜୁ ପଟ୍ଟନାୟକ ପାର୍କ ସମ୍ମୁଖରୁ ବ୍ୟାରିକେଡ୍ ହଟାଇବାକୁ ଦାବି

**କଟକ,୯।୫/ଏନ୍ଏନ୍ଏସ୍:** ସିଡିଏ ସେକ୍ଟର-୧୧ ବାଲିଘାଟଠାରୁ ମଧୁ ସେତୁ ପର୍ଯ୍ୟନ୍ତ ରାସ୍ତାକୁ ଆବାସିକ ଅଞ୍ଚଳ ଘୋଷଣା କରି ବେଆଇନ୍ ବ୍ୟାରିକେଡ୍ ହଟାଇବାକୁ ଦାବି ହୋଇଛି । ବ୍ୟାରିକେଡ୍ ଯୋଗୁ ସ୍ଥାନୀୟ ବାସିନ୍ଦା ଆମ ବସ ଭଳି ସେବାରୁ ବଞ୍ଚିତ ହେଉଛନ୍ତି । ଏହାର ପ୍ରତିବାଦରେ ବିଜୁ ପଟ୍ଟନାୟକ ପାର୍କ ସମ୍ମୁଖରେ ମର୍କତନଗର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଥିଲା । ଏଥିରେ ଲକ୍ଷ୍ମୀନାରାୟଣ ଦାସ ଏଥିରେ ସଭାପତିତ୍ୱ କରିଥିଲେ । ଉକ୍ତ ରାସ୍ତାରେ ଆମ ବସ୍ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ଭାରୀଯାନ ଚଳାଚଳ ପ୍ରତିବନ୍ଧିତ ବୋଲି ସୂଚିତ କରିବା ସତ୍ତ୍ୱେ ଆମବସ୍ ଉକ୍ତ ରାସ୍ତାରେ ଚଳାଚଳ କରି ପାରୁନାହିଁ । ତେଣୁ ତୁରନ୍ତ ବ୍ୟାରିକେଡ୍ ହଟାଇବାକୁ ଦାବି କରାଯାଇଥିଲା । ମନୋଜ କୁମାର ପତି, ଆଶୁତୋଷ ପରିଡ଼ା, ଗୌତମ କୁମାର ପଣ୍ଡା, ଦ୍ୱାରିକାନାଥ ମହାନ୍ତି, ଡ. ଜ୍ଞାନ ଶର୍ମା, ଜୟଶଙ୍କର ମହାରଣା, ଖଗେଶ୍ୱର ସେଠୀ, ବିଶ୍ୱଜିତ ମହାନ୍ତି, ଡଲି ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଦୁଇଦିନ ମଧ୍ୟରେ ବ୍ୟାରିକେଡ୍ ହଟାନଗଲେ ପୁଣି ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି ।

# ଜିଲ୍ଲା ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ହେଲେ ମଧୁସ୍ମିତା



**କଟକ,୯।୫/ଏନ୍ଏନ୍ଏସ୍:** ରାଜ୍ୟ ବିଜେପି ପକ୍ଷରୁ ୩୭ଟି ସାଂଗଠନିକ ଜିଲ୍ଲା ପାଇଁ ମହିଳା ମୋର୍ଚ୍ଚା ସଭାନେତ୍ରୀଙ୍କ ନାମ ଘୋଷଣା କରାଯାଇଥିଲା ବେଳେକଟକ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ମଧୁସ୍ମିତା ପ୍ରଧାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ମଧୁସ୍ମିତା ଜଣେ ପ୍ରକାଶିକା ଓ ବିଜେପିର ସଂଗଠନମୁଖୀ କାର୍ଯ୍ୟକର୍ତ୍ତା ଅଟନ୍ତି । ଛାତ୍ରୀ ଜୀବନରୁ ସେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ବିଭିନ୍ନ ଦାୟିତ୍ୱରେ ଥିଲା ବେଳେ ଇମର୍ତ୍ତ ଦେବୀ ମହାବିଦ୍ୟାଳୟରେ ଦୁଇ ଥର ସଭାନେତ୍ରୀ ଭାବେ ନିର୍ବାଚିତ ହୋଇଥିଲେ । ଏହି ଦାୟିତ୍ୱ ମିଳିଥିବାରୁ ସେ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଚାଉଳିଆଗଞ୍ଜରେ ମାଗଣା ସ୍ୱାସ୍ଥ୍ୟ ଶିବିର



**କଟକ,୯।୫/ଏନ୍ଏନ୍ଏସ୍:** ୪୨ ନମ୍ବର ୱାର୍ଡ ଅନ୍ତର୍ଗତ ଚାଉଳିଆଗଞ୍ଜ ସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ ରବିବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ଡାକ୍ତର ଦୀପକ କୁମାର ସାହୁଙ୍କ ନେତୃତ୍ୱରେ ଏବଂ ମୋକିମ ଫାଉଣ୍ଡେସନର ସହାୟତାରେ ଏହି ସେବା ମୂଳକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି । ଏହି ଶିବିରରେ ସ୍ତ୍ରୀ ରୋଗ, ମେଡିସିନ, ଅସ୍ଥିଶଲ୍ୟ ଏବଂ ଚକ୍ଷୁ ରୋଗର ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ୱାର୍ଡବାସୀଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ । ଏଥିସହିତ ରୋଗୀମାନଙ୍କର ରକ୍ତଚାପ (ବ୍ଲଡ ପ୍ରେସର), ଡାଇବେଟିସ୍, ଇସିଜି ଏବଂ ଫୁସଫୁସ ରୋଗର ପରୀକ୍ଷା ବିନା ମୂଲ୍ୟରେ କରାଯାଇଥିଲା । ଶିବିରରେ ଡାକ୍ତର ନୟିମା ତାଜିନ, ୱାର୍ଡର ବରିଷ୍ଠ ମୁରବୀ ବିଜୟ କୁମାର ସାହୁ, ଅଧିକାରୀ ପ୍ରଦୀପ କୁମାର ସାହୁ, କଟୁଆଳ ଦୀପକ କୁମାର ସାହୁ, ମହେନ୍ଦ୍ର ସାହୁ, ଅରକ୍ଷିତ ସାହୁ, ବିଭୁଦତ୍ତ ସେନାପତି, ବଂଶୀଧର ପୃଷ୍ଟି, ଯୁବ ସମାଜସେବୀ ସୁକାନ୍ତ ସାହାଣୀ ଏବଂ ଅକ୍ଷୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଏହି ମାଗଣା ଚିକିତ୍ସା ସେବାର ସୁଯୋଗ ନେଇଥିବା ଜଣାପଡ଼ିଛି ।

# ବାଙ୍କୀର ସମସ୍ତ କମିଟି ଭାଙ୍ଗିଲା ବିଜେଡି

**କଟକ,୯।୫/ଏନ୍ଏନ୍ଏସ୍:** କଟକ ଜିଲ୍ଲା ଅନ୍ତର୍ଗତ ବାଙ୍କୀ ନିର୍ବାଚନ ମଣ୍ଡଳୀରୁ ଜିଲ୍ଲା ବିଜେଡିକୁ ପ୍ରତିନିଧିତ୍ୱ କରୁଥିବା ସମସ୍ତ ଜିଲ୍ଲା ପଦାଧିକାରୀଙ୍କୁ ଜିଲ୍ଲା କମିଟିରୁ ବାଦ୍ ଦିଆଯାଇଛି । ଏଥି ସହିତ ବାଙ୍କୀ ନିର୍ବାଚନ ମଣ୍ଡଳୀର ସମସ୍ତ ବ୍ଲକ,ଏନ୍ଏସିର ବିଜେଡି କମିଟିକୁ ଭାଙ୍ଗି ଦିଆଯାଇଛି ।

ଖୁବ୍ ଶୀଘ୍ର ଏହି କମିଟି ଗୁଡ଼ିକର ପୁନର୍ଗଠନ କରାଯିବ ବୋଲି କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହ ଏକ ଲିଖିତ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି ।

**ଶ୍ରୀକ୍ଷେତ୍ରରେ ଭଉଁରୀ ଯାତ୍ରା**

# ନରେନ୍ଦ୍ର ପୁଷ୍କରିଣୀରେ ୮୪ ଘେରା ଭ୍ରମିଲେ ମହାପ୍ରଭୁ

**ପୁରୀ,୯।୫/ଏନ୍ଏନ୍ଏସ୍:** ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ବାହାର ଚନ୍ଦନ ଯାତ୍ରାର ଅନ୍ତିମ ତଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ବ 'ପବିତ୍ର ଭଉଁରୀ ଯାତ୍ରା' ଆଜି ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି । ଶ୍ରୀମନ୍ଦିରରୁ ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ ସାରା ସହର ଆଜି ହରିବୋଲ ଓ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଉଠିଥିଲା । ଏହି ଅବସରରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାମାନେ ନରେନ୍ଦ୍ର ପୁଷ୍କରିଣୀର ଶୀତଳ ଜଳରାଶିରେ ନୌବିହାର କରିବା ସହ ଝୁଲି ଝୁଲି ଯାଉଥିବା ବେଳେ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ- ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀନୀଳକଣ୍ଠେଶ୍ୱର, ଶ୍ରୀଜମ୍ବେଶ୍ୱର, ଶ୍ରୀକପାଳମୋଚନ ଓ ଶ୍ରୀଲୋକନାଥ ମଧ୍ୟ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ନରେନ୍ଦ୍ର ପୁଷ୍କରିଣୀରେ ପହଞ୍ଚି ମହାପ୍ରଭୁ ଓ ପଞ୍ଚୁପାଣ୍ଡବ ନନ୍ଦା ଓ ଭଦ୍ରା ଚାପରେ ଆରୋହଣ କରିଥିଲେ । ସାଧାରଣ ଦିନମାନଙ୍କରେ ରାତ୍ର ଚାପରେ ୩ ଘେରା ପରିକ୍ରମା ହେଉଥିବା ବେଳେ ଆଜି ଭଉଁରୀ



ଭକ୍ତମାନଙ୍କୁ ଭାବବିହ୍ୱଳ କରିଥିଲେ ।

ଭଉଁରୀ ତିଥିର ଅନ୍ୟତମ ବିଶେଷତ୍ୱ ହେଉଛି ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଚାଲିଥିବା ରଥ ନିର୍ମାଣ ଅନୁକୂଳର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ । ଆଜି ରଥଖଳାରେ ତିନି ରଥ- ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନର ଚକ- ଅଖ ଡେରା ନୀତି ସମ୍ପୂର୍ଣ୍ଣ ହୋଇଛି । ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଚକ ଓ ଗୋଟିଏ ଅଖ ସଂଯୋଗ କରାଯାଇ ରଥ ନିର୍ମାଣର ଗତିକୁ ଆଗକୁ ବଢ଼ାଯାଇଛି । ମହାପ୍ରଭୁଙ୍କ ବିଜେ ପ୍ରତିମା ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ସଙ୍ଗରେ ଧରି ମଣିବିମାନରେ ବିଜେ ହୋଇ ଶ୍ରୀମନ୍ଦିରରୁ ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଯାତ୍ରା କରିଥିଲେ । ତାଙ୍କ ସାଙ୍ଗରେ ବଳରାମ ଓ କୃଷ୍ଣ ପାଲିଙ୍କିରେ ତିଥିରେ ଠାକୁରମାନେ ୨୧ ଘେରା ଜଳକ୍ରୀଡ଼ା କରିଥିଲେ । ପୁଷ୍କରିଣୀର ଚାରି କୋଣରେ ୨୧ ଲେଖାଏଁ ସମୁଦାୟ ୮୪ ଘେରା ଭ୍ରମଣ କରିବା ପଛରେ ଏକ ଗଭୀର ଆଧ୍ୟାତ୍ମିକ ସଙ୍କେତ ରହିଛି । ବିଶ୍ୱାସ କରାଯାଏ ଯେ, ମଣିଷ ୮୪ ଲକ୍ଷ ଯୋନି ଭ୍ରମଣ କରିବା ପରେ ମାନବ ଜନ୍ମ ପାଇଥାଏ । ପୁରୀ ସହରରେ ଅତ୍ୟଧିକ ଭକ୍ତଙ୍କ ସମାଗମ ହୋଇଥିବାରୁ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଆସନ୍ତାକାଲି ୨୧ତମ ଦିବସରେ ମହାପ୍ରଭୁଙ୍କ ହଳଦୀ ପାଣି ନୀତି ସମ୍ପନ୍ନ ହେବା ସହ ଏହି ପ୍ରସିଦ୍ଧ ବାହାର ଚନ୍ଦନ ଯାତ୍ରାର ସାଙ୍ଗ ହେବ । ମହାପ୍ରଭୁଙ୍କ ଏହି ଦିବ୍ୟଲୀଳା ଦେଖି ଶ୍ରଦ୍ଧାଳୁମାନେ ନିଜକୁ କୃତାର୍ଥ ମଣିଥିଲେ ।

## ସାତ ପଞ୍ଚାୟତର ଛାମୁଆ କର୍ମୀଙ୍କ ବୈଠକ

**ଖୋର୍ଦ୍ଧା,୯।୫/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ବ୍ଲକ ଜଟଣୀ ନିର୍ବାଚନ ମଣ୍ଡଳୀ ନିଆଳ ଖେଳପଡ଼ିଆ ଠାରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜୁ ଜନତା ଦଳର ସଂଗଠନ ପୁନଃପ୍ରତିଷ୍ଠା କରିବା ପାଇଁ ସାତ ପଞ୍ଚାୟତର ୨୦ଜଣ ଲେଖାଏଁ ଛାମୁଆ କର୍ମୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ସେମାନଙ୍କର ପଞ୍ଚାୟତ ସମସ୍ୟା ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟଙ୍କ ପାଖରେ ଉପସ୍ଥାପନା କରିଥିଲେ । ବିଧାୟକ ପ୍ରତ୍ୟେକ ପଞ୍ଚାୟତର ଯେଉଁସବୁ ସମସ୍ୟା ରହିଛି ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସର୍ବଶେଷରେ ୭ ପଞ୍ଚାୟତର ବିଧାୟକଙ୍କ ପ୍ରତିନିଧି ରଜନୀକାନ୍ତ ପଟନାୟକଙ୍କୁ ଏହି ବୈଠକ କରାଇଥିବାରୁ ମଲ୍ଲିପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ନିତିଦିନ NITIDIN

## ପ୍ରଥମ ପୃଷ୍ଠାରୁ

### ରାଜା ସୁବ୍ରମଣି ନୂଆ ...

ଅନୀଲ ଚୌହ୍ୱାନଙ୍କ କାର୍ଯ୍ୟକାଳ ଆସନ୍ତା ୩୦ରେ ଶେଷ ହେଉଛି । ସୁବ୍ରମଣି ବର୍ତ୍ତମାନ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟର ସାମରିକ ପରାମର୍ଶଦାତା ଅଛନ୍ତି । ପୂର୍ବରୁ ସେ ସେନା ଉପାଧ୍ୟକ୍ଷ ଥିଲେ । ୨୦୨୪ ପର୍ଯ୍ୟନ୍ତ କେନ୍ଦ୍ରୀୟ କମାଣ୍ଡର ଜେନେରାଲ ଅଫିସ୍ ର କମାଣ୍ଡିଂ-ଇନ୍-ଚିଫ୍ ବି ସେ ଥିଲେ । ପୁଣେ ଏନଡିଏ ଓ ପରେ ଡେରାଡୁନ୍ ଇଣ୍ଡିଆନ୍ ମିଲିଟାରୀ ଏକାଡେମୀରୁ ପାସ୍ ହୋଇଛନ୍ତି ଲେଫ୍ଟନାଣ୍ଟ ଜେନେରାଲ୍ ଏନ୍.ଏସ୍ ରାଜା ସୁବ୍ରମଣି । ୧୯୮୫ରେ ଗରୱାଲ୍ ରାଇଫଲସରେ ଯୋଗ ଦେଇଥିଲେ । ଲକ୍ଷ୍ନୌରେ ସେଣ୍ଟ୍ରାଲ୍ ଆର୍ମି କମାଣ୍ଡର ଭାବେ ଦୀର୍ଘ ଦିନର ଅଭିଜ୍ଞତା ରହିଛି । ଉତ୍ତର ଭାରତ ଓ ସୀମାବର୍ତ୍ତୀ ଅଞ୍ଚଳରେ ସୁରକ୍ଷା, ଗୁଇନ୍ଦା ଏବଂ ଅପରେସନର ଅଦ୍ଭୁତ ଦକ୍ଷତା ରହିଛି ଲେଫ୍ଟନାଣ୍ଟ ଜେନେରାଲ୍ ସୁବ୍ରମଣିଙ୍କ ପାଖରେ ।

### ପୃଥକ୍ ଦୁର୍ଘଟଣାରେ ...

କୋଲନରା ବ୍ଲକ ତାଣ୍ଡିପୁରରୁ ଧାମୁଣିପଙ୍ଗା ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯାଉଥିଲାବେଳେ ଏହି ଦୁର୍ଘଟଣା ଘଟିଥିଲା । ପୁଲିସ ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ ହେଁ ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ତେବେ ଦୁର୍ଘଟଣା ଘଟାଇ କାର୍‌ଟି ସେଠାରୁ ଫେରାର ହୋଇଯାଉଥିଲେ ହେଁ ଚକା ପମ୍ପଚର୍ ହେବା କାରଣରୁ ଅଟକି ଯାଇଥିଲା । ତେବେ କାର୍ ଚାଳକ ଓ ବସିଥିବା ଅନ୍ୟଜଣେ ସେଠାରେ କାର୍ ଛାଡ଼ି ଫେରାର ହୋଇଯାଇଥିଲେ । ପୁଲିସ ଘଟଣାର ତଦନ୍ତ କରୁଛି । ଅନ୍ୟପକ୍ଷରେ ମାଲକାନଗିରି ଜିଲ୍ଲାର ମାଥିଲି ଥାନା ସମ୍ମୁଖରେ ଆଜି ଘଟିଥିବା ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ବାପା ଓ ପୁଅଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉ ୪ ଜଣ ଗୁରୁତର ଆହତ ହୋଇ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାୟୀ କୋରାପୁଟର ଏକ ପରିବାର ବିବାହ ପାଇଁ ନିର୍ବନ୍ଧ କାମରେ ମାଲକାନଗିରି ଯାଇଥିଲେ । ଫେରିବାବେଳେ ଦ୍ରୁତଗତିରେ କାର୍‌ଟି ମାଥିଲି ଥାନା ସମ୍ମୁଖରେ ରାସ୍ତା କଡ଼ରେ ଠିଆ ହୋଇଥିବା ଗୋରୁ ବୋଝେଇ ଟ୍ରକ୍‌କୁ ଧକ୍କା ଦେଇଥିଲା । ଧକ୍କାର ତୀବ୍ରତା ଏତେ ଅଧିକ ଥିଲା ଯେ ଗାଡ଼ିର ସାମ୍ନା ଭାଗ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିଲା । ଅଗ୍ନିଶମ ବିଭାଗର କର୍ମଚାରୀ ଏବଂ ସ୍ଥାନୀୟ ପୁଲିସ ପହଞ୍ଚି କାରର ବିଭିନ୍ନ ଅଂଶକୁ କଟର ସାହାଯ୍ୟରେ କାଟି ଆହତଙ୍କୁ ଉଦ୍ଧାର କରିଥିଲେ । ସେମାନଙ୍କୁ ମାଥିଲି ଉପକଣ୍ଠ ଡାକ୍ତରଖାନାକୁ ପଠାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବାପା ପ. ଚିଣ୍ଟୁ ଓ ୧୧ମାସର ପୁଅଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଅନ୍ୟ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ପ୍ରାଥମିକ ଭାବେ ଗାଡ଼ି ନିୟନ୍ତ୍ରଣ ହରାଇବା ଫଳରେ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି ।

### କ୍ରିଷ୍ଣା ସ୍ୱାମୀନାଥନ୍ ...

ଭାବେ ବେଶ୍ ଜଣାଶୁଣା । ଆଧୁନିକ ଯୁଦ୍ଧ କୌଶଳରେ ତାଙ୍କର ପାରଦର୍ଶିତା ନୌସେନାକୁ ଆହୁରି ଶକ୍ତିଶାଳୀ କରିବ ବୋଲି ଆଶା କରାଯାଉଛି । ୧୯୮୭ ମସିହାରେ ନ୍ୟାସନାଲ ଡିଫେନ୍ସ ଏକାଡେମୀରୁ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପରେ ସେ ଭାରତୀୟ ନୌସେନାରେ ଯୋଗ ଦେଇଥିଲେ । ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ସେ ନୌସେନାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସଫଳତାର ସହ କାର୍ଯ୍ୟ କରିଛନ୍ତି । ଜଏଣ୍ଟ ସର୍ଭିସେସ୍ କମାଣ୍ଡ ଏବଂ ଷ୍ଟାଫ୍ କଲେଜ ଏବଂ ଯୁକ୍ତରାଷ୍ଟ୍ରର ନୌସେନା ଯୁଦ୍ଧ କଲେଜରେ ମଧ୍ୟ ଯୋଗଦାନ କରିଛନ୍ତି । ସେ କଲେଜ ଅଫ୍ ନୌସେନା ସହିତ ଜଡ଼ିତ ଅଛନ୍ତି । ନୌସେନା ମୁଖ୍ୟ ଭାବେ ଭାଇସ୍ ଆଡମିରାଲ ସ୍ୱାମୀନାଥଙ୍କ ଉପରେ ଭାରତୀୟ ସାମୁଦ୍ରିକ ସୀମା ସୁରକ୍ଷା ଏବଂ ନୌସେନାର ଆଧୁନିକୀକରଣ କରିବାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିବ ।

### କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ...

ନୀତି ଆପଣାଇବାକୁ ନିର୍ଦ୍ଦେଶ ଦେବା ସହ ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନହୁଏ, ସେଥିପାଇଁ ପୁଲିସ ଡିଜି ଶ୍ରୀ ଖୁରାନିଆଙ୍କୁ ସତର୍କ ଓ ସଜାଗ ରହିବା ପାଇଁ ମୁଖ୍ୟମନ୍ତ୍ରୀ ତାଗିଦ୍ କରିଛନ୍ତି । ସେହିପରି ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ପାଇଁ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୁଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଶ୍ରୀ ଆର.ପି. କୋଚ୍ଛେ, ଅତିରିକ୍ତ ମହାନିର୍ଦ୍ଦେଶକ ଆଇନ ଶୃଙ୍ଖଳା ସଞ୍ଜୟ କୁମାର, ଏ.ଡି.ଜି କ୍ରାଇମବ୍ରାଞ୍ଚ୍ ବିନୟତୋଷ ମିଶ୍ର, ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହ ଏବଂ ଡିସିପି ଜଗମୋହନ ମୀନା ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ବାଲିଅନ୍ତାରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟିପିଟି ହତ୍ୟା ମାମଲାରେ ଗିରଫ ସଂଖ୍ୟା ୧୧ରେ ପହଞ୍ଚିଛି । ପୂର୍ବରୁ ୫ ଜଣ ଗିରଫ ହୋଇଥିବା ବେଳେ ଶନିବାର ଆଉ ୬ ଜଣଙ୍କୁ ପୁଲିସ ଗିରଫ କରିଛି । ତେବେ ଏହି ଗିରଫ ସଂଖ୍ୟା ଆହୁରି ବଢ଼ିପାରେ । ଘଟଣାସ୍ଥଳର ଆଖପାଖ ଗାଁଗୁଡ଼ିକୁ ଗିରଫଦାରୀ ଭୟ ଘାରିଛି । ପୁରୁଷମାନେ ଘର ଛାଡ଼ି କେଉଁଆଡ଼େ ଫେରାର୍ ହୋଇଯାଇଛନ୍ତି । ସେପଟେ ସିସିଟିଭି ଭିଡିଓ ଆଧାରରେ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ବାଲିଅନ୍ତା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି । ଡିସିପିଙ୍କ ସୂଚନା ଅନୁସାରେ ବାଲିଅନ୍ତା ଥାନାରେ ଦୁଇଟି ପୃଥକ ପୃଥକ ଏତଲା କରାଯାଇଛି । ଗୋଟେ ଏତଲା ଯୁବକଙ୍କ ବାପା ଦେଇଥିବା ବେଳେ ଅନ୍ୟ ଏକ ଏତଲା ଅସଦାଚରଣ ଶିକାର ହୋଇଥିବା ଯୁବତୀଙ୍କ ପକ୍ଷରୁ କରାଯାଇଛି । ମୃତ ଯୁବକଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଯେଉଁ ମାନେ ଯୁବକଙ୍କୁ ମାଡ଼ ମାରିଛନ୍ତି ଭିଡିଓ ଗୁଡ଼ିକ ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ।

### ୧୧ରୁ ପୁଣି ଭିତର ...

ମାର୍ଗଦର୍ଶିକା ଅନୁଯାୟୀ କରୁଛୁ । ମହାପ୍ରଭୁଙ୍କ କୃପାରୁ ସବୁ କିଛି ଠିକରେ ଚାଲିଛି । ଆଗାମୀ କାର୍ଯ୍ୟ ମଧ୍ୟ ଭଲରେ ହେବ । ପରେ ଆଉ କେଉଁ ଦିନ ଗଣତି ମଣତି କାର୍ଯ୍ୟ କରାଯିବ ସେନେଇ ସୂଚନା ଦିଆଯିବ ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି । ଏପ୍ରିଲ୍ ୧୪ ତାରିଖରୁ ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ ଆରମ୍ଭ କରାଯାଇ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଅଳଙ୍କାରର ଗଣତି କାର୍ଯ୍ୟ ଶେଷ ହୋଇଛି । ରତ୍ନ ଅଳଙ୍କାର ଗଣତି ମଣତି ସମୟରେ ଶ୍ରୀମନ୍ଦିରର ବଣିଆ ସେବକ, ରତ୍ନ ବିଶାରଦ ଏବଂ ଆରବିଆଇ ଅଧିକାରୀ ଉପସ୍ଥିତ ରହୁଛନ୍ତି । ସିସିଟିଭି ସର୍ଭିଲାନ୍ସ ମଧ୍ୟରେ ସମସ୍ତ ଗଣତି ମଣତି କାର୍ଯ୍ୟ କରାଯିବା ସହ ରତ୍ନ ଅଳଙ୍କାରର ସମ୍ପୂର୍ଣ୍ଣ ଭିଡିଓ ଗ୍ରାଫି ଏବଂ ଫଟୋଗ୍ରାଫି କରାଯାଉଛି । ସେହିପରି ଗଣତି ମଣତି ସମୟରେ ଭକ୍ତମାନେ ବାହାର କାଠ ନିକଟରୁ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା କରାଯାଇଛି ।

### ଚାଲିଗଲା ୩ ଜୀବନ ...

ପରେ ଓଭରବ୍ରିଜ ଉପରେ ଟ୍ରାଫିକ ଜାମ୍ ହୋଇଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ଯାତାୟାତ ଠପ୍ ରହିଥିଲା । ଟ୍ରାଫିକ ପୁଲିସ ଭିଡ ନିୟନ୍ତ୍ରଣ କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ତେବେ ଖବର ଲେଖା ସୁଦ୍ଧା ମୃତକମାନଙ୍କ ପରିଚୟ ମିଳି ପାରି ନାହିଁ ।

### ବିଜୟ ହେବେ ନୂଆ ...

ଆସିଥିବା ନିର୍ବାଚନ ଫଳାଫଳରେ ବିଜୟଙ୍କ ଦଳ (ଟିଭିକେ) କୁ ସର୍ବାଧିକ ୧୦୮ଟି ଆସନ ମିଳିଥିଲା, ଯାହା ବହୁମତଠାରୁ ୧୦ଟି କମ୍ ଥିଲା । ଏହାକୁ ନେଇ ଟିଭିକେ ସରକାର ଗଠନ କରିବା ନକରିପାରିବା ନେଇ ବଡ଼ ସଂଶୟ ସୃଷ୍ଟି ହୋଇଥିଲା । ତେବେ ଆଜି ବିଳମ୍ବିତ ରାତି ସୁଦ୍ଧା ସବୁକିଛି ସ୍ପଷ୍ଟ ହୋଇଯାଇଛି । ତେବେ ଗତ ୪ ତାରିଖରେ ନିର୍ବାଚନ ଫଳାଫଳ ସାମ୍ନାକୁ ଆସିବା ପର ଠାରୁ ଆଜି ମଧ୍ୟରେ ବିଜୟ ଚାରି ଚାରି ଥର ରାଜ୍ୟପାଳଙ୍କୁ ସାକ୍ଷାତ କରିଥିଲେ । ଦୀର୍ଘ ୬୦ ବର୍ଷ ଧରି ତାମିଲନାଡୁ ରାଜନୀତିରେ ପ୍ରାଧାନ୍ୟ ବିସ୍ତାର କରିଆସିଥିବା ଡିଏମ୍‌କେ ଏବଂ ଏଆଇଏଡିଏମ୍‌କେ ଭଳି ଶକ୍ତିଶାଳୀ ଦଳକୁ ପ୍ରତିହତ କରି ମାତ୍ର ୨ ବର୍ଷ ତଳେ ଗଠନ ହୋଇଥିବା ‘ଟିଭିକେ’ ଆସନ୍ତା କାଲି ଠାରୁ ତାମିଲନାଡୁର ନୂଆ ଭାଗ୍ୟବିଧାତା ସାଜିବାକୁ ଯାଉଛି ।

### ପଶ୍ଚିମବଙ୍ଗରେ ଶୁଭେନ୍ଦୁ ...

ତା’ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୧୫ ବର୍ଷର ଶାସନ ପରେ, ଏହା ପ୍ରଥମ ଥର ଯେ ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟି ନିଜର ସରକାର ଗଢ଼ିଛି । ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱରେ ଏହି ନୂଆ ସରକାର ବଙ୍ଗଳାରେ ‘ସୋନାର ବାଂଲା’ ଗଠନର ସଂକଳ୍ପ ନେଇ କାମ ଆରମ୍ଭ କରିବ ବୋଲି ବିଜେପି ନେତାମାନେ ମତବ୍ୟକ୍ତ କରିଛନ୍ତି ।

# ଜିଲ୍ଲା କୋର୍ଟରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ



**ନୟାଗଡ଼,୯।୫/ଏନ୍‌ଏନ୍‌ଏସ୍:** ଜାତୀୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଅଜନ୍ତା ଷଡଙ୍ଗୀ ଓ ସଚିବ ଅଞ୍ଜଳି ମଚ୍ଛଖଣ୍ଡଙ୍କ ତତ୍ତ୍ୱାବଧାନରେ ଆଜି ନୟାଗଡ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ନୟାଗଡ ଜିଲ୍ଲାର ଉକ୍ତ ଲୋକ ଅଦାଲତରେ ୫୪ଟି ମୋଟର ଦୁର୍ଘଟଣାଜନିତ ମାମଲା ଫଇସଲ କରାଯାଇ କ୍ଷତିପୂରଣ ବାବଦକୁ ୨୪ଲକ୍ଷ ୬୦ହଜାର ଟଙ୍କା ପ୍ରଦାନ କରିବା ପାଇଁ ବୀମା କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ୧୩୭ଟି ଦେୱାନି କେସରୁ ୭୮ଟି ମାମଲା ଫଇସଲା କରାଯାଇଥିଲା । ଏନ୍‌ଆଇ. ଆକ୍ଟ କେସ ୯୮ ଟିରୁ ୬ ଟି ଫଇସଲା କରାଯାଇ ୧,୨୯,୫୦୦୦ ଟଙ୍କା ଆଦାୟ କରଯାଇଥିଲା ଏବଂ ବିବାହଜନିତ ୨୮ଟିରୁ ୧୩ଟି ମାମଲା, ଅନ୍ୟାନ୍ୟ ଫୌଜଦାରୀ ୩୯୯ଟିରୁ ୧୨୩ଟି ମାମଲା ଫଇସଲା କରାଯାଇଥିଲା । ବ୍ୟାଙ୍କରୁ ଋଣ ନେଇ ଋଣ ପରିଶୋଧ କରିନଥିବା ୩୪୦୦ଟି କେସରୁ ୧୧୮ଋଣ ଗ୍ରହିତାଙ୍କଠାରୁ ୩୦,୮୪,୨୪୧ ଟଙ୍କା ଦେବା ପାଇଁ ରାଜିନାମା ସ୍ୱାକ୍ଷରିତ କରାଯାଇଥିଲା । ସେହିପରି ୨୫୫୮ ଟି କେସରୁ ୭୦ଟି ରାଜସ୍ୱ ମାମଲା ଫଇସଲା କରାଯାଇ ୧୧,୧୭,୧୨୯ ଟଙ୍କା ଆଦାୟ କରାଯାଇଥିଲା ଏବଂ ଟ୍ରାଫିକ ଚାଲାଣ ବାବଦୀୟ ୧୧୭୪ଟି କେସରୁ ୧୧୫୫ଟି ମାମଲା ଫଇସଲା କରାଯାଇ ୪୩,୭୮,୧୯୫ ଟଙ୍କା ଆଦାୟ କରାଯାଇଥିଲା । ବିଦ୍ୟୁତ ସମ୍ବନ୍ଧୀୟ ୧ଟି ମାମଲା ଫଇସଲା କରାଯାଇ ୫୧,୨୨୪ ଟଙ୍କା ଆଦାୟ କରଯାଇଥିଲା । ଏହି ଲୋକଅଦାଲତରେ ଜିଲ୍ଲା ଓ ଦୌରାଜଜ ଅଜନ୍ତା ଷଡଙ୍ଗୀ, ପରିବାର ଅଦାଲତ ବିଚାରପତି ଡଃ ଇନ୍ଦୁ ଶର୍ମା, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରିଜା ରାୟ, ମୁଖ୍ୟ ନ୍ୟାୟିକ ଦଣ୍ଡାକାରୀ ମିସ୍ ଶ୍ରୀମୟୀ ଆଚାର୍ଯ୍ୟ, ବରିଷ୍ଠ ଦେୱାନି ଅଦାଲତ ବିଚାରପତି ମିସ ଅନ୍ନପୂର୍ଣ୍ଣା ଷଡ଼ଙ୍ଗୀ, ବରିଷ୍ଠ ଦେୱାନି ଅଦାଲତ ବିଚାରପତି ରବି ନାରାୟଣ ବେହେରା, ଉପଖଣ୍ଡ ଫୌଜଦାରୀ ବିଚାରପତି ସମାପିକା ସମଦର୍ଶିନୀ, ଜେଏମ୍‌ଏଫ୍‌ସି ଲଳିତା ପାତ୍ର ଏବଂ ସୁଶ୍ରିତା ମିଶ୍ର ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିବା ବେଳେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଚ୍ଛଖଣ୍ଡ, ବରିଷ୍ଠ ଦେୱାନି ବିଚାରପତି ତଥା ସହକାରୀ ଦୌରାଜଜ୍ ସ୍ୱୟଂ ପ୍ରଭା ଆଚାର୍ଯ୍ୟ ଏବଂ ରେଜିଷ୍ଟ୍ରାର ସୋନାଲୀ ସରିତା ପ୍ରମୁଖ ଉପସ୍ଥିତ ଥିଲେ ।

## ୟୁକୋ ବ୍ୟାଙ୍କରେ ଅବ୍ୟବସ୍ଥା, ଗ୍ରାହକ ଅସନ୍ତୁଷ୍ଟ

**କଣ୍ଟିଲୋ,୯।୫/ଏନ୍‌ଏନ୍‌ଏସ୍:** ଜଗନ୍ନାଥ ମହାପ୍ରଭୁଙ୍କ ଆଦିକ୍ଷେତ୍ର ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋଙ୍କ ପୂର୍ବ ପାର୍ଶ୍ୱ ମେଡିକାଲ ନିକଟସ୍ଥ ୟୁକୋ ବ୍ୟାଙ୍କରେ ବାରମ୍ବାର ଗ୍ରାହକ ମାନଙ୍କୁ ହଇରାଣ ଓ ହତାଶ କରାଯାଉଥିବା ଅଭିଯୋଗ ହୋଇଛି । ଏହାର ନିରପେକ୍ଷ ତଦନ୍ତ ପାଇଁ ଦାବି ହେଉଛି । ସୂଚନାରୁ ପ୍ରକାଶ ଯେ, ଜୟକୃଷ୍ଣ ମହାନ୍ତି ଓ ବିଜୟ କୁମାର ମହାନ୍ତି ତାଙ୍କର ସ୍ୱର୍ଗୀୟ ପିତା ଭରତ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିବର୍ଷ ନୀଳମାଧବ ବିଦ୍ୟାପୀଠର ମାଟ୍ରିକ ପରୀକ୍ଷାରେ ଯେଉଁ ଛାତ୍ର ସର୍ବୋଚ୍ଚ ନମ୍ବର ରଖିଥିବେ ତାଙ୍କୁ ଅଗଷ୍ଟ ୧୫ ତାରିଖରେ ସମ୍ମାନିତ କରିବା ସ୍ୱରୂପ ନଗଦ ୫ହଜାର ଟଙ୍କା ସହ ବିଦ୍ୟାଳୟର ସମସ୍ତ ଛାତ୍ରଙ୍କୁ ବିସ୍କୁଟ ଆଦି ପ୍ରଦାନ କରିଥାନ୍ତି । ପ୍ରତିବର୍ଷ ଏଥିପାଇଁ ପାଇଁ ପ୍ରାୟ ୨୦ହଜାର ଟଙ୍କାର ଆବଶ୍ୟକ ପଡୁଥିବା ଯୋଗୁ ଗତ ୨୦୨୫ ଅପ୍ରେଲ ୨୯ ତାରିଖରେ ୧ଲକ୍ଷ ୫୦ହଜାର ଟଙ୍କା ସ୍ଥାୟୀ ଜମା ଭାବେ ୟୁକୋ ବ୍ୟାଙ୍କରେ ରଖିଥିଲେ । ଶାଖା ପରିଚାଳକଙ୍କ ପରାମର୍ଶକ୍ରମେ ଏହାର ସୁପରିଚାଳନା ପାଇଁ ଏହି ସ୍ଥାୟୀ ଜମାର ମାସିକିଆ ସୁଧ ଗୋଟିଏ ଅଲଗା ଏସ୍‌ବି ଆକାଉଣ୍ଟରେ ଜମା କରିବାକୁ ନିଷ୍ପତ୍ତି ହୋଇଥିଲା । କିନ୍ତୁ ବ୍ୟାଙ୍କ ଅଧିକାରୀ ତାଙ୍କୁ ସୁହାଇଲା ଭଳି ମାସିକିଆ ସୁଧକୁ ସ୍ଥାୟୀ ଜମା ସହିତ ଡିପୋଜିଟ୍ କରିଚାଲିଛନ୍ତି । ଏପଟେ ଏସ୍‌ବି ଆକାଉଣ୍ଟକୁ ସୁଧ ଆସୁ ନାହିଁ । ଏ ନେଇ ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ବ୍ୟାଙ୍କ୍ କରିଥିବା ଭୁଲ୍‌କୁ ସଂଶୋଧନ କରିବାକୁ ଯେତେ ପ୍ରକାର ପ୍ରୟାସ କରାଯାଉଥିଲେ ମଧ୍ୟ ବ୍ୟାଙ୍କ୍ ଅଧିକାରୀ ମାନେ ଦିନ ପରେ ଦିନ ଗଡ଼େଇ ଗ୍ରାହକଙ୍କୁ ନିରାଶ କରୁଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସେହିଭଳି ଗତ ୨୦୧୯ ମସିହାରେ ପ୍ରଭୁ ଶ୍ରୀ ନୀଳମାଧବଙ୍କ ଶରଦ ରାସୋତ୍ସବ ଅନୁଷ୍ଠାନର ମୂଲ୍ୟବାନ୍ ସୁନା ରୂପା ଅଳଙ୍କାରଗୁଡ଼ିକୁ ଏହି ବ୍ୟାଙ୍କ୍‌ର ଲକରରେ ରଖିବା ସମୟେ ଅନୁଷ୍ଠାନ ତରଫରୁ ଯାହା ପରିଷ୍କାର ଭାବେ ଲିଖିତ ଆକାରରେ ଦିଆଯାଇଥିଲା ସେହି ଅନୁସାରେ ନ କରି ମନଇଚ୍ଛାରେ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଥିବାରୁ ଶ୍ରୀ ଜିଉଙ୍କ ୧୫ରୁ ୨୦ହଜାର ଟଙ୍କା କ୍ଷତି ହୋଇଥିବା ନଜିର ଅଛି । ତେଣୁ ୟୁକୋ ବ୍ୟାଙ୍କ କର୍ମଚାରୀଙ୍କ ଏଭଳି ମନ୍‌ମାନି କାର୍ଯ୍ୟକଳାପର ଦୃଷ୍ଟାନ୍ତମୂଳକ ତଦନ୍ତ କରିବା ପାଇଁ ଭୁବନେଶ୍ୱରସ୍ଥିତ ଜୋନାଲ ଅଧିକାରୀଙ୍କ ନିକଟରେ ସ୍ଥାନୀୟ ବୁଦ୍ଧିଜୀବୀ ତଥା ବ୍ୟାଙ୍କ ଗ୍ରାହକମାନେ ଦାବି କରିଛନ୍ତି ।

## ଲବଣ ସତ୍ୟାଗ୍ରହ ସ୍ମାରକୀ ସହିଦ ଦିବସ ପ୍ରସ୍ତୁତି



**ଅସ୍ତରଙ୍ଗ,୯।୫/ଏନ୍‌ଏନ୍‌ଏସ୍:** ଚଳିତ ମାସ ୨୧ ତାରିଖ ଦିନ ଅସ୍ତରଙ୍ଗର କୁହୁଡି ଠାରେ ପାଳିତ ହେବାକୁ ଥିବା ଲବଣ ସତ୍ୟାଗ୍ରହ ସ୍ମାରକୀ ସହିଦ ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ବ୍ଲକ ଅଧ୍ୟକ୍ଷା ଆରତି ନାୟକଙ୍କ ଅଧ୍ୟକ୍ଷତାରେ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ସସ୍ମିତା ବେହେରା ମେ ୨୧ ତାରିଖରେ କୁହୁଡିଠାରେ ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ । ପରେ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ଉପରେ ବିଶେଷ ଆଲୋଚନା କରିଥିଲେ । ରାଜ୍ୟର ବହୁ ନେତୃ ସ୍ଥାନୀୟ ବ୍ୟକ୍ତି ବିଶେଷ ଯୋଗଦାନ କରିବାର ସମ୍ଭାବନା ଥିବାରୁ ସମସ୍ତ ପ୍ରକାର କାର୍ଯ୍ୟକ୍ରମ ସୁଚାରୁ ରୂପେ ପାଳନ କରିବା ପାଇଁ ନିବେଦନ କରିଥିଲେ । ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ପର୍ଯ୍ୟଟନ, ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ତଦାରଖ କରିବେ ବୋଲି ନିଷ୍ପତ୍ତି ନିଆଯିବା ସହ ସଂଗ୍ରାମୀଙ୍କ ପ୍ରତି ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ରାମଧୂନ ଗାନ, ପତାକା ଉତ୍ତୋଳନ ଆଦି କାର୍ଯ୍ୟକ୍ରମ ରହିଛି । ସ୍ଥାନୀୟ ପୁଲିସ ତରଫରୁ ଶାନ୍ତିଶୃଙ୍ଖଳା ସହ ପାଟ୍ରୋଲିଂକୁ ମଧ୍ୟ ଆଗରେ ରଖାଯାଇଛି । ଏହି ବୈଠକରେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଡଃ ସଞ୍ଜୟ କୁମାର ପ୍ରଧାନ, ସିଡ଼ିପିଓ ଲୋଚନା ସେଠୀ, ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ମାମିନି ପରିଡା, ରାସ୍ତା ଓ ଗୃହ ନିର୍ମାଣ, ପାନୀୟ ଜଳ ଉଦ୍ୟାନ ବିଭାଗ ଅଧିକାରୀ, ଥାନା ଏଏସ୍‌ଆଇ ପ୍ରଶାନ୍ତ କୁମାର ସାମନ୍ତରାୟ, ଗଣମାଧ୍ୟମ ପ୍ରତିନିଧିମାନେ ଆଲୋଚନାରେ ଯୋଗଦେଇଥିଲେ ।

## ୫୯ତମ ବାର୍ଷିକ ଶାନ୍ତି ସମ୍ମିଳନୀ ଉଦ୍‌ଘାଟିତ



**ଖୋର୍ଦ୍ଧା,୯।୫/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଇଦଗାହ ପରିସରରେ ୫୯ତମ ବାର୍ଷିକ ଶାନ୍ତି ସମ୍ମିଳନୀ ଉଦ୍‌ଘାଟିତ ହୋଇଛି । ଏହି ସମ୍ମିଳନୀର ପ୍ରଥମ ଅଧିବେଶନରେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ସଭାପତି ସୈଫୁର ଅହମଦ ପୌରୋହିତ୍ୟ କରିଥିଲେ । ମଦିୟା ମୁସଲିମ ଧ୍ୱଜାରୋହଣ ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ପବିତ୍ର କୋରାନ ପାଠ ମୌଲାନା ନୁରୁଲ ହକ ଖାନ କରିଥିବା ବେଳେ ଏହାର ଓଡିଆ ଅନୁବାଦ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ଯୁବ ସଭାପତି ସୋଲେମାନ ଅହମଦ ପଢି ଶୁଣାଇଥିଲେ । ଉର୍ଦ୍ଦୁ ନଜମ ସଂଗୀତ ଇସରାଇଲ ଖାଁ ପରିବେଷଣ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଭୁବନେଶ୍ୱରର ମୌଲାନା ହଲିମ ଖାଁ ଈଶ୍ୱଙ୍କ ଅସ୍ତିତ୍ୱ ଓ ପ୍ରାଧନା ଗ୍ରହଣୀୟ ବିଷୟରେ ମତାମତ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଶିଶୁ ମନ୍ଦିର ସ୍କୁଲର ମୁଖ୍ୟ ଆୟୋଜକ ଗିରିଶ କୁମାର ମହାପାତ୍ର ଯୋଗଦେଇ ମାନବର କ୍ରମଗତ ବିକାଶ ଓ ସମୃଦ୍ଧି ବିଷୟରେ ମତାମତ ରଖିଥିଲେ । ଦ୍ୱିତୀୟ ବକ୍ତା ଭାବେ ସୁଙ୍ଗୁଡାର ମୌଲାନା ମକସୁଦ ଅଲ୍ଲି ଯୋଗଦେଇ ମହାପୁରୁଷ ମୁହମ୍ମଦଙ୍କ ଜୀବନ ଚରିତ୍ରରେ ପରିବାରଙ୍କ ସହ ଉତ୍ତମ ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ । ତୃତୀୟ ବକ୍ତାଭାବେ ମୌଲବି ମିର ସୁବହାନ ଅଲ୍ଲି ଇସଲାମୀୟ ନ୍ୟାୟପାଳିକା ବିଷୟରେ ଆଲୋକପାତ କରିଥିଲେ । ଶେଷରେ ବିଶ୍ୱଶାନ୍ତି ପାଇଁ ସାମୂହିକ ନିରବ ପ୍ରାର୍ଥନା କରାଯାଇଥିଲା । ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା କଟକ, ଢେଙ୍କାନାଳ, ଅନୁଗୁଳ, କେନ୍ଦ୍ରାପଡାର ସଭାପତି ମୌଲାନା ହାରୁନ ରସିଦ, ଅତିରିକ୍ତ ଇସଲାହ ଓ ଏରଶାଦର ମୁଖ୍ୟ ସଚିବ ଅତାଉଲ ମୁଜିବ ଲୋନ, କେନ୍ଦ୍ରୀୟ ଅହମଦିୟା ଓକଫେ ଜଦିଦ ବିଭାଗର ଉପସଚିବ ଟି. ଅବ୍ଦୁଲ ମୁଜିବ, କେରଙ୍ଗ ସଭାପତି ଓସିମ ଅହମଦ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ କେରଙ୍ଗର ମୌଲାନା ହଲିମ ଅହମଦ ପରିଚାଳନା କରିଥିଲେ ।

## ଔଷଧ ଦୋକାନକୁ ବୋମା ମାଡ଼ ଘଟଣାର ଆସାମୀ ଗିରଫ

**କୋଣାର୍କ,୯।୫/ଏନ୍‌ଏନ୍‌ଏସ୍:** ରାମଚଣ୍ଡୀ ଥାନା ଅଧିନ ଆଲଶଙ୍ଖା ଗ୍ରାମ ଠାରେ ଥିବା ଏକ ଔଷଧ ଦୋକାନ ଉପରେ ବୋମା ମାଡ଼ ସହ ହତ୍ୟା ଉଦ୍ୟମ ଘଟଣା ରେ ରାମଚଣ୍ଡୀ ପୋଲିସ ମୁଖ୍ୟ ଆସାମୀକୁ ଦୀର୍ଘ ୧୦ମାସ ପରେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଗିରଫ କରିଥିବା ଜଣାପଡିଛି । ସୂଚନାଥାଉ କି ଗତ ୨୦୨୫ ମସିହା ଜୁଲାଇ ମାସ ୯ ତାରିଖରେ ଆଲଶଙ୍ଖା ଗ୍ରାମ ଠାରେ ଥିବା ଏକ ଔଷଧ ଦୋକାନ ଉପରେ ବୋମାମାଡ କରିବା ସହିତ ଦୋକାନୀକୁ ହତ୍ୟା ଧମକ ଦେବା ଘଟଣାରେ ଔଷଧ ଦୋକାନୀ ପ୍ରଦୀପ କୁମାର ବିଶ୍ୱାଳଙ୍କ ଅଭିଯୋଗ ଆଧାରରେ ରାମଚଣ୍ଡୀ ଥାନା ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ କରି ଥିଲା । ଏହି ଘଟଣାରେ ରାମଚଣ୍ଡୀ ପୋଲିସ ତାର ସାଥୀ ରୁଷିପଡା ଗ୍ରାମର ସଂଜୟ ସ୍ୱାଇଁ(୩୦)କୁ ଗିରଫ କରି ଗତ ୨୦୨୫ ମସିହା ଡିସେମ୍ବର ମାସ ୯ ତାରିଖରେ କୋର୍ଟଚାଲାଣ କରିଥିଲା । ମାତ୍ର ମୁଖ୍ୟ ଅଭିଯୁକ୍ତ ବଡଗାଁ ଗ୍ରାମର ନିରଞ୍ଜନ ସାମନ୍ତରାୟ ଓରଫ୍ ଲିଟି ଦୀର୍ଘ ୧୦ ମାସରୁ ଉର୍ଦ୍ଧ୍ୱ ହେବଫେରାର୍ ହୋଇଯାଇଥିଲା । ମାତ୍ର ରାମଚଣ୍ଡୀ ଥାନାରେ ନୂତନଭାବେ ଯୋଗଦେଇଥିବା ଥାନାଧିକାରୀ ମମତା ବିଶ୍ୱାଳ ଘଟଣାକୁ ଗୁରୁତ୍ୱ ଦେଇ ଆସାମୀକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲେ । ଶୁକ୍ରବାର ବିଶେଷ ସୂତ୍ରରୁ ରାମଚଣ୍ଡୀ ଥାନା ଅଧିକାରୀ ଶ୍ରୀମତୀ ବିଶ୍ୱାଳ ଖବର ପାଇ ବୋମାମାଡ଼ ଘଟଣାର ମୁଖ୍ୟ ଅଭିଯୁକ୍ତ ନିରଞ୍ଜନ ସାମନ୍ତରାୟ ଓରଫ୍ ଲିଟିକୁ ନିଜ ଗ୍ରାମ ବଡଗାଁ ଆସିଥିବା ବେଳେ ଚଢ଼ଉକରି ଗିରଫ କରିବା ପରେ ଶନିବାର ପୂର୍ବାହ୍ନରେ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ୍ ପଠାଇ ଦିଆଯାଇଥିବା ରାମଚଣ୍ଡୀ ଥାନା ଅଧିକାରୀ ଶ୍ରୀମତୀ ବିଶ୍ୱାଳ ପ୍ରକାଶ କରିଛନ୍ତି ।

## ଦୁଇ ଛେଳି ଚୋର ଗିରଫ

**ବଳଙ୍ଗା,୯।୫/ଏନ୍‌ଏନ୍‌ଏସ୍:** ବଳଙ୍ଗା ଥାନା ଅନ୍ତର୍ଗତ ସମରେଇ ଶାସନ ଗ୍ରାମର କେନାଲ ବନ୍ଧରୁ ଅଭିଯୁକ୍ତ ଛେଳି ଚୋରି କରିବା ସମୟରେ ଗ୍ରାମବାସୀମାନେ ଉକ୍ତ ଚୋରଙ୍କୁ କାବୁ କରି ବଳଙ୍ଗା ପୋଲିସ ଜିମା ଦେଇଥିଲେ । ସୂଚନା ମୁତାବକ ପ୍ରତାପ କୁମାର ଦାଶ କରିଥିବା ଅଭିଯୋଗ ଅନୁଯାୟୀ ଗୁରୁବାର ଦିନ ୩ଟା ସମୟରେ ମୋର ବୋଉ ୭ଟି ମାଇଛେଳି ଓ ୩ଟି ଛୁଆ ଛେଳିଙ୍କୁ ନେଇ ଆମ୍ଭ ଗ୍ରାମର କେନାଲ ବନ୍ଧରେ ବାନ୍ଧି ଦେଇ ଆସିଥିଲା ।ପରେ ମୋର ବୋଉ ଜାଇ ଦେଖିଲା ବେଳକୁ ଦୁଇ ଜଣ ଦୁର୍ବୃତ୍ତ ଉକ୍ତ ଛେଳିଗୁଡ଼ିକୁ ବଡ଼ ବ୍ୟାଗ୍ ରେ ପୁରାଇ ଚୋରି କରି ନେଇଯାଇଥିବା ବେଳେ ମୋର ବୋଉ ଜରରେ ପାଟି କରି ମୋତେ ଡାକିବା ରେ ଘଟଣାସ୍ଥଳରେ ମୁ ପହଞ୍ଚି ଦେଖିଲା ବେଳକୁ ଗ୍ଲାମର ଗାଡ଼ି ଓଡି -୦୨- ସିଜେଡ୍- ୫୬୪୩ ଗାଡିଲୋଡ କରି ପଳାଇବା ପାଇଁ ଉଦ୍ୟମ କରିବାରେ ଗାଡ଼ିଟି ଷ୍ଟାଟ ନହେବାରୁ ମୁଁ ଏବଂ ଆମ୍ଭ ଗ୍ରାମର ଲୋକମାନେ ଚୋର ଦୁଇଜଣକୁ କାବୁ କରି ଥାନାରେ ଜଣାଇବାର ବଳଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଦୁଇ ଜଣକୁ ଗିରଫ କରି ଥାନାକୁ ନେଇଥିଲା । ଦୁଇ ଅଭିଯୁକ୍ତ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ଅଧୀନ ବୁଢାପଡ଼ା ଗ୍ରାମର ବାଲାଜୀ ବେହେରା(୫୫), ମାଗୁଣି ବେହେରା(୪୪)ଙ୍କୁ ଗିରଫ କରି କୋର୍ଟଚାଲାଣ ହୋଇଥିଲା । ଜାମିନ ନାମଞ୍ଜୁର ହେବାରୁ ଉପକାରାଗାରକୁ ପଠାଇ ଦିଆଯାଇଛି ।

## ବିଜେପିରେ ମିଶିଲେ ସରପଞ୍ଚ



**ନୟାହାଟ,୯।୫/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଇସାଣପୁର ପଞ୍ଚାୟତର ସରପଞ୍ଚ ବିନୋଦିନୀ ପାଳ ଓ ତାଙ୍କ ସ୍ୱାମୀ ବସନ୍ତ ପାଳ ଭୁବନେଶ୍ୱର ରାଜ୍ୟ ବିଜେପି କାର୍ଯ୍ୟାଳୟ ଠାରେ ଆନୁଷ୍ଠାନିକ ଭାବେ ଦଳରେ ମିଶିଛନ୍ତି । ଉକ୍ତ ମିଶ୍ରଣ ପର୍ବରେ ବିଜେପିର ରଜ୍ୟସଭାପତି ମନମୋହନ ସାମଲ ବସନ୍ତ ପାଳଙ୍କ ମୁଣ୍ଡରେ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ଜିଲ୍ଲା ସଭାପତି ଦେବେନ୍ଦ୍ର ତରାଇ ଓ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ଓ ଇସାଣପୁର ପଞ୍ଚାୟତର ପୂର୍ବତନ ସଭାପତି ଲିଙ୍ଗରାଜ ସ୍ୱାଇଁଙ୍କ ନେତୃତ୍ୱରେ ବସନ୍ତ ପାଳ ବିଜେପିରେ ଯୋଗଦେଇଥିଲେ । ଶ୍ରୀ ପାଳ ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶ ନୀତି କାର୍ଯ୍ୟଦକ୍ଷତାକୁ ଦୃଢ଼ ପ୍ରଶଂସା କରିବା ସହ ଦଳରେ ଯୋଗଦେଇଥିଲେ । ସରପଞ୍ଚ ବିନୋଦିନୀ ପାଳ ଇସାଣପୁର ପଞ୍ଚାୟତରେ ଦଳୀୟ ଭୋଟର୍ ବୃଦ୍ଧି କରିବା ସହିତ ଦଳ ପାଇଁ ନିଷ୍ଠାର ସହିତ କାମ କରିବେ ବୋଲି କହିଥିଲେ ।

## ଜୟଦେବ ନିର୍ବାଚନମଣ୍ଡଳୀରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତକୁ ନେଇ କଂଗ୍ରେସର ବିକ୍ଷୋଭ



**ବାଲିପାଟଣା,୯।୫/ଏନ୍‌ଏନ୍‌ଏସ୍:** ବିପର୍ଯ୍ୟସ୍ତ ଆଇଶୃଙ୍ଖଳା ବ୍ୟବସ୍ଥା ଓ ଅପରାଧ ଗୁଡ଼ିକ ରାଜ୍ୟ ସରକାର ଦଳୀୟ ଉତ୍ସବରେ ବ୍ୟସ୍ତ ରହିବା ଦୁର୍ଭାଗ୍ୟଜନକ ବିଷୟ । ଦୁଇ ଦିନ ଭିତରେ ଜୟଦେବ ନିର୍ବାଚନ ମଣ୍ଡଳୀରେ ଦୁଇ ଦୁଇଟି ନୃଶଂସ ହତ୍ୟାକାଣ୍ଡ ପୁରା ରାଜ୍ୟକୁ ସ୍ତବ୍ଧ କରି ଜାତୀୟ ସ୍ତରରେ ଓଡ଼ିଶା ନିନ୍ଦିତ ହେଉଛି । ଏହାର ପ୍ରତିବାଦରେ ବାଲିପାଟଣା ବ୍ଲକ କଂଗେସ ସଭାପତି ଶୈଳେନ୍ଦୁ ଦାଶ ଓ ବାଲିଅନ୍ତା ବ୍ଲକ କଂଗେସ ସଭାପତି ଜନ୍ମେଜୟ ସ୍ୱାଇଁଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହେବା ସହ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ଇସ୍ତଫା ଦାବି ସହ ପୋଲିସ୍ କମିଶନରଙ୍କ ବହିଷ୍କାର ଦାବି କରାଯାଇଥିଲା । ଆଜି ଶହ ଶହ କଂଗେସକର୍ମୀ ବାଲିପାଟଣା ଛକରୁ ବାହାରି ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ, ଜିଲ୍ଲା ମହିଳା କଂଗେସ ସଭାନେତ୍ରି ଅପସନା ବେଗମ୍ ଯୋଗଦେଇ ସରକାରଙ୍କ ବିଫଳତାକୁ ନିନ୍ଦାକରି ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ । ବରିଷ୍ଠ କଂଗେସ ନେତା ବେଣୁଧର ଭୋଇ, ରସାନନ୍ଦ ପରିଡ଼ା, ଜୟନ୍ତ ଭୋଇ, ବଟକୃଷ୍ଣ ରାଉତରାଏ, ଯୁବନେତା ତାପସ ସେଠୀଙ୍କ ସମେତଯୁବ କଂଗ୍ରେସ ସଭାପତି ନିହାର ରଞ୍ଜନ ନାଏକ, ସନ୍ତୋଷ ଭୋଲ, ଦିଲ୍ଲୀପ ସ୍ୱାଇଁ, ପୁଳିନ ମହାପାତ୍ର, ରମାକାନ୍ତ ସାହାଣୀ, ଶ୍ରୀଧର ସାହୁ, ବସନ୍ତ ପଣ୍ଡା ଉପସ୍ଥିତି ଥିଲେ ।

## ଦେହ ଦେଉଳ



ସ୍ମୃତି ରଞ୍ଜନ ତ୍ରିପାଠୀ

ତା’କୁ ମାଜିବୁନି କେବେ
କିଶୋରୀ ଛନ୍ଦର ତାଳେ ତାଳେ
ସରି ସରି ଯିବ ଭାବ
ସରୁଥିବ ଗୋଟିଏ ରାତିର
ଅସ୍ଥିର ତୁଳୀ
ସରି ଆସୁଥିବ କବିତା
ମୋଗଲ ମୀନାରର
କାନଭାସ ତଳେ ପଡୁଥିବ ପୂର୍ଣ୍ଣଚ୍ଛେଦ,
ଆଉ କୋଉ ରାଜାକାନ୍ଧରେ
ସମର୍ପିତ ହେଉଥିବ
ସମ୍ମୋହନର ପହିଲି ବାର୍ତ୍ତା
ଅମୁହାଁ ଦେଉଳରେ ଖଞ୍ଜା ସରିଥିବ
ସଞ୍ଜବତୀ
ହସୁଥିବ କଇଁ
କାହା ପ୍ରତାରଣାର ଛାଇ ଫାଙ୍କରେ ।

ନିଃଶ୍ୱାସକୁ ବୋଲକରା କରିବୁନି,
ସନ୍ଧିପତ୍ରରେ ଏ ଯାଏଁ ମୁଲଚାଲ ହେଇନି
ଦେହର
ମନ ଓଢଣାରେ ଏବେ ବି କାୟାରତ
ରାତି ଆଉ ରତି
ଭାଙ୍ଗିନି ଏଯାଏଁ
ମାଟି ପଲଙ୍କର ଗାଢ଼ ନିଦ ।

ଆଉ ଶଙ୍ଖୁଳେଇବୁନି ଆତିଥ୍ୟ
ଦେହକୁ ସଜାଡି ରଖିବୁ
ଶେଷ ବିଚ୍ଛେଦର ପରିଚୟ କରି,
ହୋଇପାରେ
ନୀରିହ ନୀରବତାର କାହାଣୀ ଆଲିଙ୍ଗନ
କରିପାରେ
ଘରମୁହାଁ ଅସ୍ତିତ୍ୱକୁ,
ସେ ଦେହ ଦେଉଳକୁ ।

ଖଣ୍ଡିଉଡା ଶାବକ ଏବେ
ନିଃସର୍ତ୍ତରେ ବାଢିଲେଣି
ଅଭିମାନର ସ୍ୱାକ୍ଷର,
ଏବେ ଖୋଜିବାକୁ ହେବ
ଦେହ ଦେଉଳର ସଂଜ୍ଞା
ନିବୁଜ, ନିଃସ୍ତେଜ
ସମୟର ଅଳନ୍ଧୁ ସାଥିରେ ।

ଆ ! ଫେରିଆ
ଘଡିର କାଚସ୍ତମ୍ଭ ବାହାରେ
ଏବେ ବି ବନ୍ଦ
ସେ ଦୋ ମୁହାଁ ଘଣ୍ଟା ମିନିଟର
ଟିକ୍ ଟିକ୍ ଖେଳ
ନୀରବରେ ଶଯ୍ୟା ପାରୁଥିବା ଗୋଟେ ପ୍ରହର,
ତୋ ପାଇଁ ବନ୍ଧା ଏ ଦେହ ,
ଦେଉଳ ଭିତରେ ଗୁଞ୍ଜନ ଈର୍ଷାର
ଦେଉଳ ଚାରିପଟେ
ଅଭିଯୋଗର ପାର୍ଶ୍ୱ ପ୍ରତିଛବି ପ୍ରେମର
ଆ ! ପୁଣି ଲୁହେଇ ଯିବା
ସମ୍ପର୍କର ଶେଷ ନଦୀ ତୀରେ
ଖାସ ତୋ ପାଇଁ ଅପେକ୍ଷାରତ
ଆଉଗୋଟେ ପ୍ରତୀକ୍ଷାର
ଦେହ ଦେଉଳ ।

**ଜଟଣୀ, ଖୋର୍ଦ୍ଧା**
**ମୋ-୯୪୩୮୩୧୫୩୮୧**



## ବୋଉ ପାଇଁ ଗପ





ସ୍ନିଗ୍ଧା ସାହୁ

**ରବିବାର ବିକାଶ ମାତୃ ଦିବସ ପାଳୁଛି ବୋଲି ମୋତେ ଡାକିଛି । ମାଆ ପାଇଁ ଗୋଟେ ଦିବସ କିଏ ବାହାର କଲା ? ଯିଏ ସ୍ରଷ୍ଟା ଯିଏ ସୃଷ୍ଟି ପ୍ରତି ନିଶ୍ୱାସ ତ ତାହାର । ତାକୁ ଏମିତି ଗୋଟିଏ ଦିନରେ ଆବଦ୍ଧ କରିବାର ସାମର୍ଥ୍ୟ କାହାର ଅଛି ?**

ଯେଉଁଠି ବୋଉ କଥା ଆସିଯାଏ ସେଇଠି ମୁଁ ଟିକେ ଅଧିକ ଭାବପ୍ରବଣ ହୋଇପଡ଼େ ।
ମନେପଡ଼ିଯାଏ ପିଲାଦିନ ।
ମୋତେ ସେତେବେଳେ ସାତ କି ଆଠ ବର୍ଷ ହେଇଥିଲା ବୋଉ ମୋତେ ଏକୁଟିଆ ଛାଡ଼ିଦେଇ ଚାଲିଗଲା । ସ୍ମୃତି ଝାପ୍ସା । ବେଳେବେଳେ କିଛି ଘଟଣା ମନେପଡ଼ିଲେ ରୁନ୍ଧି ହେଇଯାଏ ମୁଁ ।
ପୋଖରୀ ହୁଡ଼ାରୁ ବୋଉ ସୁନୁସୁନିଆ ଶାଗ ତୋଳି ଆଣେ । ଘଷି ଦି’ ଖଣ୍ଡ ଚୁଲିକୁ ପକେଇଦେଇ ଠୋପାଏ ତେଲରେ ସେଇ ଶାଗକୁ ଖରଡ଼ି ଦିଏ । ଚୁଲିରେ ନିଆଁଠୁ ଅଧିକ ଧୂଆଁ ଉଠୁଥାଏ । ପଖାଳ କଂସାଏ ବାଢ଼ି ଦେଇ ମୋତେ ଡାକ ପକାଏ । ମୁଁ ଯୋଉଠି ଖେଳୁଥିଲେ ବି ବୋଉର ଗୋଟାଏ ଡାକରେ ହାଜର ହେଇଯାଏ । ମୋ ଧୂଳି ଗୋଡ଼କୁ କାନିରେ ଝାଡ଼ି ଝୁଡ଼ି ଦେଇ ପିଢ଼ାରେ ବସେଇଦିଏ । ଗୋଟାଏ ହାତରେ ବିଞ୍ଚଣା ଧରି ଟିକେ ଟିକେ ବିଞ୍ଚୁଥାଏ, ଆର ହାତରେ ଭାତ ଗୁଣ୍ଡା କରି ମୋତେ ଖୋଇଦିଏ । ସତେ ଯେମିତି ବୋଉ ରାଇଜର ରାଜା ମୁଁ । ମଝିରେ ମଝିରେ ମୋ ମୁଣ୍ଡ ଆଉଁସି ଦେଇ କହେ, ‘ କୋଉ ଦିନ ବଡ଼ ହବୁ, ସାଇବ ହବୁ । ଲୋକେ କହିବେ ହେଇ ଦେଖ ଯମୁନା ପୁଅ ଯାଉଚି ।’
ଏତକ କହି କଂସାଏ ତୋରାଣି ମୋତେ ପିଏଇ ଦିଏ । ବୋଉ କଥା କିଛି ମୋ କାନରେ ପଶେନି । ତୋରାଣିରେ ମୋ ପେଟ ପୂରିଯାଏ । ତା’ପରେ ବୋଉ କ’ଣ ଖାଏ କେଜାଣି !! କଡ଼େଇରେ ତ’ ଶାଗ ନଥାଏ । ପଖାଳ କଂସା ପାଖରେ ଲୁଣ କାଠୁଆରେ ପିଆଜ ଦି’ ଖଣ୍ଡ ପଡ଼ିଥାଏ ।
ମୁଁ ପ୍ରବଳ ଦୁଷ୍ଟ ଥିଲି । ବୋଉ ମୋ କଳା ମଚମଚ ଦେହରେ ତେଲ ମାରି ଗାଧେଇ ଦିଏ । ମୁଣ୍ଡ କୁଣ୍ଡେଇ ଦେଇ ଚାଟଶାଳୀ ପଠାଏ । କପାଳର ଗୋଟାଏ ପାଖକୁ କଳା ଟୋପାଟାଏ ଲଗେଇଦେଇ ସିଲଟ ବ୍ୟାଗ୍‌ଟା କାନ୍ଧରେ ପକେଇଦେଇ ନେହୁରା ହେଇ କହେ, ‘ମୋ ଧନଟା ଲୋ, ମୋ ସୁନାଟା ଲୋ.. ଅବଧାନ କଥା ମାନିବୁ । ପଣିକିଆ ଘୋଷିବୁ । ନହେଲେ ବଡ଼ ହେଲେ ସାଇବ ହବୁ କେମିତି !’
ମୁଁ ଦର୍ପଣରେ ଯେତେବେଳେ ମୁହଁ ଦେଖେ ମୋତେ ସେ କଳା ଟୋପାଟା ଦିଶେନି । ଦିଶିବ ବା କିପରି !!
ମୋ ରଙ୍ଗ ଆଉ ତା’ ରଙ୍ଗ ଯେ ଏକା ।
ବୋଉ କହିବା କଥା ହେଲା ତା’ ଚନ୍ଦ୍ରମା ପରି ପୁଅକୁ ଦୃଷ୍ଟି ପଡ଼ିବନି । ସେତେବେଳେ ମୁଁ କିଛି ବୁଝିପାରୁ ନଥିଲି । ଏବେ ଭାବୁଛି ଚନ୍ଦ୍ରମା କ’ଣ ଏମିତି କଳା ଥାଆନ୍ତି ?
କାହିଁକି କେଜାଣି ସେତେବେଳେ ମୁଁ ମୋ ବୋଉ ଆଖିର ବ୍ୟାକୁଳତା ପଢ଼ି ପାରୁ ନଥିଲି ।
ବୋଉ କଥା ମାନି ମୁଁ ଚାଟଶାଳୀ ଯାଏ । କିଛି ବାଟ ଗଲା ପରେ ଗୋହିରି ପାଖରେ ପଛକୁ ଫେରି ଚାହେଁ । ବୋଉର ଧୋବ ଫରଫର ଶାଢ଼ୀ ଅଳପ ଅଳପ ଦିଶୁଥାଏ । ମୁଁ ଆଖି ପିଛୁଳାକେ ଯାଇଁ କୁଳିଆ ଅଜାର ଢିଙ୍କିଶାଳ ପଛପଟେ ଲୁଚିଯାଏ ।
ଦୁଇ ଦିନ ପରେ ବୋଉ ଜାଣିବାକୁ ପାଏ ଯେ ମୁଁ ଚାଟଶାଳୀ ନଯାଇ ଧୁନା ଦାଦା ଘର ପୋଖରୀରେ ମାଛ ଧରା ହେଉଥିଲା ସେଇଠି ବସି ବସି ଫେରିଛି । ସେବ ନାନୀ ଘର କଇଁଆ ଗଛର ଚଢ଼ି କଇଁଆ ଖାଇଛି । ଗୁରିଆ ଘର ତୋଟାରେ ପଶି କୋଳି ତୋଳିଛି । ପାଞ୍ଚଣ ଧରି ବୋଉ ମୋତେ ମାରିବାକୁ ଗୋଡ଼ାଏ । ମୁଁ ଖଳାରେ କୁଟା ଗଦା ପଛପଟେ ଲୁଚି ଯାଏ ହେଲେ ବୋଉ ଆଖିରୁ ବାଦ୍ ପଡ଼େନି । କାନ ଧରି ଟାଣି ଆଣେ ମୋତେ, ପାଞ୍ଚଣ ଉଠାଏ ମୋ ଉପରକୁ । ମାଡ ଡରରେ ମୋ ଆଖି ବୁଜି ହେଇଯାଏ । କିନ୍ତୁ ବୋଉ ମାରି ପାରେନି । ପାଞ୍ଚଣ ତଳେ ପକେଇ ଦେଇ ଖିନିମିନି ହେଇ କାନ୍ଦେ । କାନିରେ ମୋ ମୁହଁ ପୋଛିଦେଇ କହେ, ‘ କାଇଁ ଏମିତି ହଉଚୁ ରେ ଧନ ... ତୋ ବାପ ତ ଆମକୁ ଅଧା ବାଟରେ ଛାଡ଼ି ଚାଲିଗଲା । ତୁ ଯଦି ସବୁବେଳେ ଦୁଷ୍ଟ ହେବୁ ମୁଁ ତତେ ଛାଡ଼ି ପଳେଇବି । ଆଉ ଥିବି ଯେ ଖୋଇଦେବି, ଶୁଏଇଦେବି ।’
ବୋଉ ପାଟିରୁ ସେ କଥା ଗୁଡ଼ା ଶୁଣି ମୁଁ ଥରିଯାଏ । ବୋଉକୁ ଧରି ବଡ଼ ପାଟିରେ କାନ୍ଦେ । ବୋଉକୁ ହରେଇବାର କଥା ମୁଁ କାନରେ ଶୁଣି ପାରେନି । କଥା ଦିଏ ଯେ ଆଉ ଦୁଷ୍ଟ ହେବିନି ।
ରାତିରେ ବୋଉ ମୋତେ ଗପ କୁହେ । ବୁଢ଼ୀ ଅସୁରୁଣୀ, ରାଜାରାଣୀ କଥା, କଲୁରି ବେଣ୍ଟ ଗପ, ଅଗନା ଅଗନି ବନସ୍ତରେ ବ୍ରହ୍ମ ରାକ୍ଷସ ଗପ । ମୁଁ ବୋଉ କୋଳରେ ଜାକିଜୁକି ଶୋଇ ଗପ ଶୁଣୁଥାଏ । ବୋଉ କହୁ କହୁ କେତେବେଳେ ତା’ ଆଖି ଲାଗିଯାଏ ସେ ଶୋଇପଡେ । ମୁଁ ସେମିତି ମିଟିମିଟି କରି ଅନେଇଥାଏ । ମୋତେ ଲାଗେ ବୋଉ ହାତ ମୋ ଚାରିପଟେ ମେଘନାଦ ପାଚେରୀ । ଆଉ ବୋଉ କାନି ତଳେ ମୁଁ ସୁରକ୍ଷିତ । କୋଉ ରାକ୍ଷସ କି ଅସୁରୁଣୀ ମୋତେ ଛୁଇଁ ପାରିବେନି ।
ସେତେବେଳେ ମୋତେ ଆଠ ବର୍ଷ ହେଇଥାଏ । ଦିନେ ସ୍କୁଲ୍ ରୁ ଫେରି ମୁଁ ଦେଖିଲି ଆମ ଘର ଦୁଆର ମୁହଁରେ ସାଇ ସାରା ଲୋକ ଜମା ହେଇଛନ୍ତି । ମୁଁ ଭାବିଲି ରେବ ନାନୀ ଆସିଛି ବୋଧେ । ମୋ ବଡ଼ ପିଇସି ରେବ ନାନୀ । ସେ ଯେବେ ଆସେ ସମସ୍ତେ ତାକୁ ଦେଖାକରିବାକୁ ଆମ ଘରକୁ ଆସନ୍ତି । ମୁଁ ଭିଡ ଭାଙ୍ଗି ଭିତରକୁ ଗଲି । ଆମ ନୁଆଁଣିଆ ଚାଳ ତଳକୁ ଗୋଟାଏ ହେଂସ ଉପରେ ମୋ ବୋଉ ଶୋଇଛି । ଠିକ୍ ଯେମିତି ରାତିରେ ଗପ ଅଧାରୁ ଶୋଇପଡେ । ତା’ ପାଖରେ ସନିଆ ଦାଦା ଆଉ ଖୁଡି ବସି କାନ୍ଦୁଛନ୍ତି । ମୁଁ କିଛି ବୁଝିବା ଆଗରୁ ଲଥ୍ କରି ବୋଉ ଉପରେ ପଡ଼ିଗଲି । ବୋଉ କିନ୍ତୁ ଆଦୌ ଚମକି ପଡ଼ି ଉଠିଲାନି । ତା’ ଦେହ ଶୀତଳ ହେଇ ଯାଇଥିଲା । ମୁଁ କେତେ ଡାକିଲି, କେତେ ନେହୁରା ହେଲି, ବୋଉ ଆଉ ଉଠିଲାନି । ସେଦିନ ରାତିରେ ସନିଆ ଦାଦାଙ୍କୁ ପଚାରିଲି, ‘ବୋଉ କୋଉଦିନ ଆସିବ ? ମୁଁ ତା’ କଥା ମାନି ଆଉ କଇଁଆ ଗଛରେ ଚଢୁନି । ପଣିକିଆ ପଚିଶିକ ଯାଏଁ ମନେ ରଖିସାରିଲିଣି । ବୋଉ କାଇଁ ପଳେଇଲା ?’
ସେଦିନ ରାତିସାରା ସନିଆ ଦାଦାଙ୍କ ପାଖରେ ମୋତେ ଜମା ନିଦ ହେଲାନି । କେତେ କାନ୍ଦିଲି । ଫେରି ଆ ବୋଉ... ଫେରି ଆ...ବୋଲି କହିଲି । ବୋଉ ଆଉ ଆସିଲାନି... ।
ଥରେ ବାରିରେ କଙ୍କି ଧରିବାକୁ ଗୋଡ଼ାଇଥିଲି ବୋଲି ବୋଉ କହିଥିଲା, ‘କଙ୍କି ଧରଣ ମାଆ ମରଣ ।’ ସେଇଦିନୁ କଙ୍କି ଧରିବାକୁ କେବେ ସାହସ କରିନି । କାହିଁକି ତା’ହେଲେ ବୋଉ ମୋତେ ଛାଡ଼ି ଚାଲିଗଲା ।
ସେ ଗଲା ପରେ ମୋ ପୃଥିବୀଟା ଓଲଟ ପାଲଟ ହୋଇଗଲା । ଗୁଣ୍ଡାଏ ଭାତ ପାଇଁ ଅନେକ ସଂଘର୍ଷ କରିଛି । ଆଜି ଏୟାର କଣ୍ଡିସନ ରୁମ୍‌ରେ ଡାଇନିଂ ଟେବୁଲ୍ ଉପରେ ନଅ ତିଅଣ ଛଅ ଭଜା ପରଷା ହେଉଛି କିନ୍ତୁ ମନ ଲୋଡୁଛି ସେଇ ବିଞ୍ଚଣା ପବନ ଆଉ ବୋଉ ହାତରୁ ଗୁଣ୍ଡାଏ ପଖାଳ । ଯମୁନା ପୁଅ ଏବେ ସାଆବ ହେଇଯାଇଛି ସିନା କିନ୍ତୁ ତାକୁ ବୋଉ ଦରକାର କେବଳ ବୋଉ । ଦୁନିଆର ସବୁ ଚିଜ ବୋଉ ଆଗରେ ତୁଚ୍ଛ ।
ବୋଉ ଥିଲେ ଅଯୁତେ ସ୍ୱପ୍ନକୁ ଗଜୁରେଇବାର ସାମର୍ଥ୍ୟ ରଖିପାରେ ମନ । ମୋର କୁନି କୁନି ସ୍ୱପ୍ନ ମାନଙ୍କୁ ବୋଉ ତା ହାତ ବାକ୍ସରେ ସାଇତି ରଖିଥିଲା । ସେ ଚାଲିଗଲା ପରେ ସ୍ୱପ୍ନମାନେ ଲୁହ ହେଇ ଇଡି ଗଲେ ଯନ୍ତ୍ରଣାର ଚଟାଣରେ । ଯାହାର ବୋଉ ଅଛି ଦୁନିଆ ସାରାର ସୁଖ ତା’ ହାତ ମୁଠାରେ । ଏସବୁ ଆବେଗରେ ମୁଁ ସାରା ଜୀବନ ଜୁଡୁବୁଡୁ ହେଉଥିବା ବେଳେ ବୋଉ ପାଇଁ ଗୋଟିଏ ଦିବସ ପାଳନ ସହଜରେ ଗ୍ରହଣ କରିପାରୁନି । ବୋଉ ମୋ ପାଇଁ ଅତୀତର ଖୁସି, ବର୍ତ୍ତମାନର ଦୁଃଖ, ଭବିଷ୍ୟତର ଶୂନ୍ୟତା କେବଳ । ବୋଉ ଗପ ହୋଇଗଲା ପରେ ଲୁହ ହିଁ ଦିଏ ଖୁସି ଅପେକ୍ଷା । ମୁଁ ବଞ୍ଚିଥିବା ଯାଏଁ ଏମିତି ଲୋଡୁଥିବି, ଭାବପ୍ରବଣ ହେଉଥିବି, ଅସ୍ଥିର ହେଇ ତା ସ୍ମୃତିରେ ବଞ୍ଚିବା ଲାଗି ଚେଷ୍ଟା କରୁଥିବି ।

**କଟକ**

## [illegible]



ସ୍ମିତା ମହାପାତ୍ର

ମିନି, ମନମାରି ବସିଛି ଦ୍ୱିପହରୁ । ସଞ୍ଜହେଲେ ତା’ ବୋଉ ଆଗରେ ସବୁ କହିବ, ଅଭିଯୋଗର ଫର୍ଦ୍ଦ ଖୋଲିବ, ମନଭରି କାନ୍ଦିବ ଆଉ ଜିଦକରି ବୋଉସଙ୍ଗେ ଫେରିଯିବ । ବୋଉ ବିନା ଏଠି ତାକୁ ଆଦୌ ଭଲଲାଗୁନି । କେହି ତାକୁ ଆଦର କରୁନାହାନ୍ତି । ଦିନକୁ ଦୁଇଓଳି ପେଟପୂରା ଖାଇବାକୁ ଦେଉନାହାନ୍ତି । ତେବେ ସେ ଏଠି ରହିବ କାହିଁକି ? ଆଜି ବୋଉ ସାଙ୍ଗରେ ସେ ଯିବହିଁ ଯିବ । କିଛି ଶୁଣିବନି କି କାହାକଥା ମାନିବନି । ବାପା ତା’ର ଅଫିସରୁ ଫେରିବା ବେଳକୁ ସେ ବୋଉ ସହ ଯାଇସାରିଥିବ । ତେଣୁ ବାଟ ଓଗାଳିବାକୁବି ଆଉ କେହି ନଥିବେ । ସାନଭାଇ ମୁନ୍ନାର, ଦିଦିକୁ ଅଟକାଇବା ଭଳି ସେତେ ବୟସ ବି ହେଇନି । ସେ କିଛି ବୁଝିପାରିବନି । ନୂଆମା’ ତ କିଟି ପାର୍ଟିରେ ବ୍ୟସ୍ତ ଥିବେ, ତେଣୁ ତା’ ରାସ୍ତା ସଫା ।
ଆସନ୍ନ ସଂଧ୍ୟା । ଖୁବ ଜୋରରେ ପେଟ ମୋଡୁଛି ମିନିର । ବାପା ଅଫିସ ଗଲାପରେ ଓ ମୁନ୍ନା ଉଠିଲେ ଭାଇ ଭଉଣୀ ସାଙ୍ଗହେଇ ଜଳଖିଆ ଖାଇବ ବୋଲି ସବୁଦିନ ପରି ଆଜିବି କହିଥିଲେ ନୂଆମା’ ବାପାଙ୍କୁ ଶୁଣାଇ । କିନ୍ତୁ ମୁନ୍ନା ଓ ନୂଆମା’ ଖାଇବା ପରେ ଆଉ ପରଟା ବଳି ନଥିଲା ମିନି ପାଇଁ । ‘ଛ ସାତ ବର୍ଷର ଏଡ଼େ ଝିଅଟେ ହେଲୁଣି ଦ୍ୱିପହର ରୋଷେଇ ହେବାଯାଏ କଣ ରହିପାରିବୁନି କି ? ଏକାବେଳେ ଖାଇବୁ, ଯା’ ଘରଦ୍ୱାର ସଫା କରିଦେ’, କହିଥିଲେ ନୂଆ ମା’ । ଠିକ ବାରଟା ପାଖାପାଖି ହେବ, ମିନି କିନ୍ତୁ ଭୋକ ସମ୍ଭାଳି ନପାରି ନୂଆମା’ଙ୍କ ନଜର ଆଢୁଆଳରେ ମୁଡିଟିଣ ଖୋଲି ଦୁଇ ତିନି ମୁଠା ମୁଢି ପାଟିରେ ପୂରାଇ ବିକଳରେ ଢ଼ୋକି ଦେଉଦେଉ ପଡିଯାଇଛି ହାବୁଡ଼ରେ । ରଣଚଣ୍ଡୀ ରୂପ ଧାରଣକରି ପଛପଟୁ ମିନିର ଚୁଟି ମେଞ୍ଚାକ ଝିଙ୍କି ଏମିତି ଗୋଟେ ଗୋଇଠା ମାରିଛନ୍ତି ଯେ ସେ, ମିନି ବୋଉଲୋ ବୋଉଲୋ ରଡ଼ିଛାଡି ସିଧାଯାଇ ଛାତରେ ଲୁଚି ବସିଛିଯେ ଆସି ସଞ୍ଜ ହେଲାଣି । ଖୋଜିବାକୁ କି ପଚାରିବାକୁ କେହିନାହିଁ । ଭୋକଦାଉରୁ ପେଟମୋଡା ସହିତ ଭୀଷଣ ଭୟରୁ ଦେହଟାବି ତା’ର ଥରୁଛି ଓ ଖୁବ ତାତିଛି । ଅନ୍ଧାର ମାଡି ଆସିଲାରୁ ଲୁଚିବା ସ୍ଥାନରୁ ଉଠିଆସି ଖୋଲା ଛାତରୁ ଫୁଟିଲା ତାରାଙ୍କ ମେଳରେ ଖୋଜୁଛି ତା’ ବୋଉକୁ, ବାପା ଚିହ୍ନାଇ ଦେଇଥିବା ଆକାଶର ଏକ ନିର୍ଦ୍ଦିଷ୍ଟ ଦିଗକୁ ଅନାଇ । ଏଇଯେ, ଦେଖିପାରିଛି ବୋଧେ । ଇସାରା ଇସାରାରେ କଣ ଗୁଡିଏ ଗପି ଯାଉଛି ଅତି ଆପଣାର ବୋଉ ସହିତ । ଆଖିରୁ ତା’ର ଝରିଯାଉଛି ଧାରଧାର ଲୁହ । ନିରବଚ୍ଛିନ୍ନ ଭାବେ ଟେକିରଖିଛି ହାତ ଯୋଡ଼ାକ ଆକାଶକୁ । ପଛପଟୁ ମୁନ୍ନା ଆସି ‘ଦିଦି’ ବୋଲି ଡାକି କୁଣ୍ଢାଇ ପକାଉ ପକାଉ ଲଥ୍ କିନା ଅଜାଡ଼ି ହେଇପଡିଲା ମିନି, ସାନ ଭାଇ ଉପରେ, ଝଡ଼ରେ ଉପୁଡ଼ି ପଡୁଥିବା ଏକ ଶୀର୍ଣ୍ଣ ଥୁଣ୍ଟା ଗଛପ୍ରାୟ ।

**ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ, ସେକ୍ଟର-୬,**
**ରାଉରକେଲା,**
**ମୋ-୯୪୩୭୫୦୩୧୩୮**



## ନିୟମ



କମଳ କୁମାର ମହାନ୍ତି

ଦୁଃଖମାନେ ଧାଡ଼ିବାନ୍ଧି ଛିଡ଼ା ହୋଇଥାନ୍ତି
ସେମାନଙ୍କ ଜୁଳୁଜୁଳୁ ଚାହାଣିରେ
ଥାଏ ଅନେକ ଶଙ୍କା ଓ ସଂଶୟ
କାଳେ ବାଟ ଓଗାଳିବେ ‘ନିୟମ’ର ଫନ୍ଦି
ଭିତରେ ଶ୍ୱେନଦୃଷ୍ଟିର ପଇଁତରା
ବାହାରେ ନୈରାଶ୍ୟର ପଟୁଆର ଠିଆ ।

ଏଣେ ସମୟ ଅନବରତ ଲାଗିପଡ଼ିଛି
ଏଇ ଧାଡ଼ିମାନଙ୍କୁ ରୋକିଦେବାପାଇଁ
ଭରିଦେଇଛି କିଛି ଚଟୁଳ ଶବ୍ଦଚାତୁରୀ
ଅଥଚ ଧାଡ଼ି ଲମ୍ବିଯାଉଛି ଆହୁରି
ନିରାପତ୍ତାର ବ୍ୟୁହ ଭେଦକରି ପଶିଆସୁଛି
ଜଣେ ନିରକ୍ଷର ଗାଉଁଲି ମଣିଷ
ସମସ୍ତଙ୍କୁ ଚକିତ କରି କାନ୍ଧରେ ବୋହିଆଣିଛି
ଅଖାରେ ଢଙ୍କା ଗୋଟିଏ ମଣିଷ କଙ୍କାଳ ।

ବ୍ୟାଙ୍କ ଭିତରେ ଏମିତି ଅଜବ କଥା
ନାଟକର ଦୃଶ୍ୟପରି ଘଟିଯାଏ ଅକସ୍ମାତ
ବାବୁଙ୍କ ଉର୍ବର ମଗଜକୁ ତାବଦା କରି
ପଚାରିଲେ କହେ ସେ ମଣିଷଟା କହୁଛି
ମାଟିଖୋଳି ମୃତ ଭଉଣୀର କଙ୍କାଳ
ଆଣିଛି ପେଶ୍ କରିବାକୁ ପ୍ରମାଣ
ନଚେତ୍ ଭଉଣୀର ଜମାଖାତାରେ ଗଚ୍ଛିତ
ଧନରାଶି ବାଟମାରଣା ହେବ ଅକାରଣ !

ପ୍ରମାଣ ନଦେଲେ ଭଉଣୀ ବଳଦ ବିକି
ସାଇତିଥିବା ଗରିବର ଧନକୁ ଫାଙ୍କିଦେବେ
ବ୍ୟାଙ୍କ ବାବୁମାନେ ମିଳିମିଶି
ତେଣୁ ‘ନିୟମ’ର ଅନ୍ଧ ଆଖିରୁ
ପଟି ଖୋଲି ଦେଇଛି ଅପାଠୁଆ ମୂର୍ଖ ଆଜି ।

ପ୍ରତି ଦଶନ୍ଧିରେ ଜଣେ ଜଣେ ଆସନ୍ତି
ଜିତୁ ମୁଣ୍ଡା ଅବା ଦାନମାଝୀ ଏମିତି
କେବେ ପତ୍ନୀର ଶବ କାନ୍ଧେଇ
ଅବା କେବେ ଭଉଣୀର କଙ୍କାଳ ବୋହି
ଧାଡ଼ିରେ ଠିଆ ହୋଇଯାନ୍ତି

‘ନିୟମ’ ଆସି ଚୁପିଚୁପି
ସେମାନଙ୍କୁ ଓଳଗି କରୁଥାଏ
ସରମରେ ମୁଣ୍ଡ ନୁଆଇଁ ।

**ଆରସା, ତିହିଡ଼ି, ଭଦ୍ରକ**
**ମୋ -୯୪୩୯୦୪୭୨୮୩**

## ଝାପ୍ସାରେ ଝାପ୍ସାରେ...



ବିଜୟଲକ୍ଷ୍ମୀ ପାଣିଗ୍ରାହୀ

ନିଜ ସହିତ ନିଜର ଯୁଦ୍ଧ
କେଉଁ ସରୁଛି ଯେ...
ଶାନ୍ତିର ଚୌହଦୀରେ
ସ୍ୱପ୍ନର ମଲାଟ ଓଲଟାଇ
ମୁଁ ପରଖି ପାରନ୍ତି ତୁମକୁ
ବେଶ ନିକଟରୁ... ।

ମଳା ସମୟର ଛାଇରେ
ଯାହା ଦୃଶ୍ୟମାନ ହୁଏ
ତୁମ ସୃଜନ ମନସ୍କ ମୁହଁର ଝାପ୍ସା ରୂପ ।
ରାତ୍ରିରେ କାଳେ ମୁଁ ଘୁମେଇ ଯିବି
ସେଥିପାଇଁ ଆକାଶରେ ଜାଳୁଥାଅ
ନୂଆ ନୂଆ ଦୀପ
ବାଣ୍ଟୁଥାଅ ମୁଠା ମୁଠା
ଆତ୍ମୀୟତାର ଆଲୋକ
ଆଉ ମୁଁ ପାଲଟୁଥାଏ
ନିଳିମାରୁ ନଭ
ବାଉଁଶରୁ ବଂଶୀ
ଶିଳାରୁ ଶିଳ୍ପୀ
ଶବ୍ଦରୁ ସାହିତ୍ୟ
ଶଙ୍ଖ ଭିତରେ ସମୁଦ୍ର ।

ପଥରର ମସୃଣ ଛାତିରେ
କଣ୍ଟା ପିଟୁଥିବା ହାତୁଡ଼ିର
ଦୀର୍ଘଶ୍ୱାସ ପରି ତୁମେ
ପବନରେ ପାଲଟଣ ମୋ ବିଶ୍ୱାସରେ
ଅଥଚ
ସକାଳର ନରମ ଖରାରେ
ମୁହଁ ଲୁଚାଇ ଫେରୁଥିବା ଅନ୍ଧାର ପରି
ତମେ ଫେରିଯାଅ
ମୋ ପ୍ରତ୍ୟାଖ୍ୟାନରେ...
ଝଡ଼ ବହେନି
ବଙ୍ଗ ଭିଡ଼ ଜମେ
ଶୁଖିଲା ପତ୍ରର ମର୍ମରରେ
ଚିହିଙ୍କି ଉଠୁଥିବା
ତୁମ ଗୋପନ ସାନ୍ନିଧମାନଙ୍କର ।

ମୁଁ
ମୁଁ ହୋଇ ଥାଏ ବା ନଥାଏ
ଅଥଚ ତୁମେ ଥାଅ
ଝାପ୍ସାରେ ଝାପ୍ସାରେ... ।

**ଜୟପୁର, କୋରାପୁଟ**
**ମୋ- ୮୨୪୯୪୫୦୦୫୦**

## ନବପ୍ରକାଶ



**ଗୁରୁ ପଦ୍ମସମ୍ଭବ**
**ଲେଖକ-ମନୋଜ କୁମାର ମହାପାତ୍ର**
**ପ୍ରକାଶକ-ତୀରତରଙ୍ଗ, ଭୁବନେଶ୍ୱର**
**ମୂଲ୍ୟ-୨୫୦/-**

ବୌଦ୍ଧ ଜୀବନଦର୍ଶନ ଉପରେ ଯଦିଓ ଅନେକ ପୁସ୍ତକ ରଚନା କରାଯାଇଛି, ତାହା ଓଡ଼ିଆରେ ସେତେକିଛି ହୋଇଥିବା ଦୃଷ୍ଟାନ୍ତ ନାହିଁ । ଯେଉଁ କେତେଜଣ ବୁଦ୍ଧଧର୍ମ ଓ ତତ୍‌ଜନିତ ବିଭିନ୍ନ ଘଟଣାବଳୀ ଉପରେ ଲେଖନୀ ଚାଳନା କରିଛନ୍ତି, ସେମାନଙ୍କ ମଧ୍ୟରୁ ମନୋଜ କୁମାର ମହାପାତ୍ର ଅନ୍ୟତମ । ସେ ବୌଦ୍ଧ ଧର୍ମ ଉପରେ ଯେତିକି ଗପ, ଉପନ୍ୟାସ କି ସନ୍ଦର୍ଭ ପ୍ରସ୍ତୁତ କରିଛନ୍ତି, ତାହା ଓଡ଼ିଆ ସାହିତ୍ୟ ପାଇଁ ଦସ୍ତାବିଜ୍ ହୋଇ ରହିବ । ବୌଦ୍ଧ ଧର୍ମ, ବୁଦ୍ଧ ତଥା ଅନୁଗାମୀଙ୍କୁ ନେଇ ଅନେକ ଗଳ୍ପ ତଥା ଉପନ୍ୟାସ ସୃଷ୍ଟି କରିବା ପରେ ‘ଗୁରୁ ପଦ୍ମସମ୍ଭବ’ ସେମିତି ଏକ ଦୁର୍ମୂଲ୍ୟ ଉପନ୍ୟାସ । ଅନେକ ଅନାଲୋଚିତ କଥାକୁ ନେଇ ସେ ରଚନା କରିଥିବା ଏହି ପୁସ୍ତକରେ ଦ୍ୱିତୀୟ ବୁଦ୍ଧ ଭାବରେ ପୂଜିତ ଗୁରୁ ପଦ୍ମସମ୍ଭବ ଆଜିଯାଏ ତିବ୍ବତୀୟଙ୍କ ବିଶ୍ୱାସକୁ ଆଧାର କରି ଅଗ୍ରଗଣ୍ୟ ହୋଇ ରହିଆସିଛନ୍ତି । ଧର୍ମ ପ୍ରଚାର ତଥା ମହନୀୟତାକୁ ଧରି ରଖିଥିବା ପଦ୍ମସମ୍ଭବଙ୍କ ବାବଦରେ ଜାଣିବାର ଅବକାଶ ଓଡ଼ିଆ ସାହିତ୍ୟରେ ବିଶେଷ କିଛି ନଥିଲା । ଲେଖକ ଓଡ଼ିଆ ପାଠକଙ୍କ ରୁଚିକୁ ସମ୍ମାନ ଦେଇ ଯେଉଁ ସର୍ଜନା କରିଛନ୍ତି, ପାଠକାଦୃତି ଲାଭ କରିବ ।
କୌଣସି ଐତିହାସିକ ବିଷୟବସ୍ତୁକୁ ସାହିତ୍ୟର ରୂପ ଦେବାବେଳେ କିଛି ସ୍ଥାନ, କାଳ, ପାତ୍ର ସମାନ ରହିବା କିଛି ଭୁଲ ନୁହେଁ । କିଛି କାଳ୍ପନିକତାକୁ ସାହିତ୍ୟର ବି ପୁଟ ଦିଆଯାଇପାରେ । ଏହି ହିସାବରେ ଦେଖିଲେ ଉପନ୍ୟାସ ଯଦିଓ ସମ୍ପୂର୍ଣ୍ଣ ତଥ୍ୟଭିତ୍ତିକ କରାଯାଇନାହିଁ କିନ୍ତୁ ଯେଉଁସବୁ ବିଷୟବସ୍ତୁର ଅବତାରଣା କରାଯାଇଛି, ତାହା ମଧ୍ୟ ଅନେକ ଅଜଣା କଥାକୁ ନେଇ ଉପସ୍ଥାପିତ କରାଯାଇଛି । କେବଳ କାହାଣୀକୁ ନେଇ କଥାଶିଳ୍ପର ଚାତୁରୀ ଦେଖାଯାଇନାହିଁ ବରଂ ଅନାଲୋଚିତ ଅନେକ କଥା ଦର୍ଶାଯାଇଛି । ଉପନ୍ୟାସର ନିର୍ଯାସରୁ ଉଦ୍ଧୃତି କରାଯାଇପାରେ କିଛି କଥା, ଯେମିତିକି- ‘ଗୁରୁ ପଦ୍ମ ସମ୍ଭବ ବାରମ୍ବାର ଅବତୀର୍ଣ୍ଣ ହୁଅନ୍ତି । ଏପରିକି ଗୌତମ ବୁଦ୍ଧ ଯେତେବେଳେ ଏଧରାରେ ଆବିର୍ଭୂତ ହୋଇଥିଲେ, ସେତେବେଳେ ସେ ମଧ୍ୟ ଆଗମନ କରିଥିଲେ । ଯେଉଁ କଳ୍ପରେ ଶାକ୍ୟମୁନି ବୁଦ୍ଧ ଅବସ୍ଥାନ କରୁଥିଲେ, ସେହି ଅବଧିରେ ସେ ଭବିଷ୍ୟତବାଣୀ କରିଥିଲେ-ମୋର ପରିନିର୍ବାଣ ପରେ ପୁଣି ଜଣେ ମହାନ ବ୍ୟକ୍ତିଙ୍କର ଆବିର୍ଭାବ ଘଟିବ, ଯିଏ ମୋ ଅପେକ୍ଷା ଅଧିକ ଶକ୍ତିଶାଳୀ ହେବେ । ସପ୍ତମ-ଅଷ୍ଟମ ଶତାବ୍ଦୀରେ ବୁଦ୍ଧଙ୍କ ଭବିଷ୍ୟତବାଣୀ ସତ ହେଲା, ଗୁରୁ ପଦ୍ମସମ୍ଭବଙ୍କ ଆଗମନ ଘଟିଲା ।’
ଉପନ୍ୟାସଟି ଅନେକ ଜୀବନ ଦର୍ଶନକୁ ନେଇ ରଚନା କରାଯାଇଛି । ଜନ୍ମ-ମୃତ୍ୟୁ, ସତ୍ୟ-ମିଥ୍ୟା, ଦୁଃଖ-ସନ୍ତାପ...ଏମିତି ମଣିଷର ଜୀବନାବଳୀରେ କଣିକା ହୋଇ ରହିଥିବା ବୈରାଗ୍ୟ ବୈଚିତ୍ର୍ୟକୁ ନେଇ ଦର୍ଶନ ବୁଝିବା ବେଳେ ଏହି ଉପନ୍ୟାସ ଅନେକ କିଛି ବାଟ କଢ଼େଇ ନେଇଥାଏ । ଯାହା- ‘କରୁଣା ଓ ସତ୍ୟ ତୁମର ଚେତନାକୁ ଊର୍ଦ୍ଧ୍ୱକୁ ଉଠାଏ । ଘୃଣା ଓ ଲୋଭ ତୁମକୁ ନୀଚ ସ୍ତରକୁ ନେଇଆସେ । ସେଥିପାଇଁ ବୁଦ୍ଧ କହୁଥିଲେ, ମନ ହେଉଛି ସବୁକିଛି । ତୁମେ ଯାହା ଭାବ, ତାହା ହିଁ ହୁଏ ।’
ଶେଷରେ ଏତିକି କୁହାଯାଇପାରେ ଏହି ଉପନ୍ୟାସ ମାଧ୍ୟମରେ କୁହାଯାଇଥିବା ଭାରତୀୟ ଧାର୍ମିକ ଆଭିଜାତ୍ୟ ମଧ୍ୟରେ ବୌଦ୍ଧଧର୍ମ ଅନନ୍ୟ ଥିଲେ ବି କାଳକ୍ରମେ ଛୋଟ ଛୋଟ ଆବିଳତା ବୌଦ୍ଧ ଧର୍ମର ଗତିଶୀଳତାକୁ ଧ୍ୱଂସାଭିମୁଖୀ କରିଥିଲା । କିନ୍ତୁ ଯେଉଁ ବୌଦ୍ଧ ବିଚାରର ଅସ୍ମିତା ବିଶ୍ୱକୁ ଆଲୁଳାୟିତ କରିଥିଲା, ଆଜି ବି ଉଦବୁଦ୍ଧ ହେବାକୁ ସମସ୍ତେ ବାଧ୍ୟ । ଉପନ୍ୟାସଟି ଓଡ଼ିଆ ପାଠକଙ୍କ ପାଇଁ ଏକ ମହାର୍ଘ ଗ୍ରନ୍ଥ ହୋଇ ରହିବ ନିଶ୍ଚୟ ।

## ଆଜିର ମ୍ୟାଚ୍



ଚେନ୍ନାଇ ସୁପର କିଙ୍ଗସ୍ ବନାମ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ

ସମୟ: ଅପରାହ୍ଣ ୩.୩୦, ସ୍ଥାନ: ଚେନ୍ନାଇ

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ମୁମ୍ବାଇ ଇଣ୍ଡିଆନ୍ସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ରାୟପୁର

ନିତିଦିନ NITIDIN

### ଡୋପିଂ ନିୟମ ଉଲ୍ଲଂଘନ ପାଇଁ ଲାଗିଲା ବ୍ୟାନ୍

# ଜୁନ୍ ୨୬ ପର୍ଯ୍ୟନ୍ତ ଘରୋଇ ମ୍ୟାଚ୍ ଖେଳିପାରିବେନି ବିନେଶ



**ଜିନ୍ଦ, ୯।୫/ଏଜେନ୍ସି:** ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ଅଲିମ୍ପିଆନ୍ ରେସଲର ବିନେଶ ଫୋଗାଟ୍‌ଙ୍କ ଉପରେ ଜୁନ୍ ୨୬ ପର୍ଯ୍ୟନ୍ତ ଘରୋଇ ପ୍ରତିଯୋଗିତା ଖେଳିବା ଉପରେ ପ୍ରତିବନ୍ଧକ ଲଗାଇଛି। ଶୃଙ୍ଖଳାଗତ ଉଲ୍ଲଂଘନ ଏବଂ ଆଣ୍ଟି-ଡୋପିଂ ନିୟମ ଭଙ୍ଗ କରିଥିବା ଅଭିଯୋଗରେ ଡବ୍ଲ୍ୟୁଏଫ୍ଆଇ ଶନିବାର ଫୋଗାଟ୍‌ଙ୍କୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ତେବେ ଡବ୍ଲ୍ୟୁଏଫ୍ଆଇ ପକ୍ଷରୁ ଜାରି କରାଯାଇଥିବା ୧୫ ପୃଷ୍ଠାର ନୋଟିସ୍‌ରେ ଉଲ୍ଲେଖ କରାଯାଇଛି ଯେ, ବିନେଶ ଅବସରରୁ ଫେରିବା ପାଇଁ ୬ ମାସ ପୂର୍ବରୁ କୌଣସି ସୂଚନା ଦେଇନାହାନ୍ତି। ଏହାଦ୍ୱାରା ଡବ୍ଲ୍ୟୁଏଫ୍ଆଇ ସମ୍ବିଧାନ, ୟୁନାଇଟେଡ୍ ୱାର୍ଲ୍ଡ ରେସଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ନିୟମ ଏବଂ ଆଣ୍ଟି-ଡୋପିଂ ନିୟମାବଳୀର ଉଲ୍ଲଂଘନ ହୋଇଛି।

ମହାସଂଘ କହିଛି ଯେ ବିନେଶଙ୍କ ଏଭଳି ବ୍ୟବହାର ଯୋଗୁଁ ଭାରତୀୟ କୁସ୍ତିର ଭାବମୂର୍ତ୍ତି ଖରାପ ହୋଇଛି ଏବଂ ଜାତୀୟ ସ୍ତରରେ ଆମକୁ ଲଜ୍ଜିତ ହେବାକୁ ପଡ଼ିଛି। ଫଳରେ ଡବ୍ଲ୍ୟୁଏଫ୍ଆଇ, ବିନେଶଙ୍କୁ ଚାରିଟି ପ୍ରମୁଖ ଅଭିଯୋଗ ଉପରେ ଜବାବ ମାଗିବା ସହ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ, ସେନେଇ ପ୍ରଶ୍ନ କରିଛି। ସୂଚନାଯୋଗ୍ୟ ଯେ, ଅଗଷ୍ଟ ୨୦୨୪ରେ ପ୍ୟାରିସ୍ ଅଲିମ୍ପିକ୍ସ ସମୟରେ ଅଧିକ ଓଜନ ଯୋଗୁଁ ବିନେଶ ଫୋଗାଟ୍‌ଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। ସେହି ସମୟରେ ସେ କୁସ୍ତିରୁ ଅବସର ନେବାକୁ ଘୋଷଣା କରିଥିଲେ। ତେବେ କିଛି ଦିନ ପରେ ସେ ନିଜ ନିଷ୍ପତ୍ତି ବଦଳାଇ ପୁଣି ଖେଳ ପଡ଼ିଆକୁ ଫେରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ, ୧୮ ଡିସେମ୍ବର ୨୦୨୫ରେ ବେଙ୍ଗାଲୁରୁରେ ହୋଇଥିବା ଡୋପ୍ ଟେଷ୍ଟରେ ସାମିଲ ନ ହେବା କାରଣରୁ ଚଳିତ ମାସ ମେ ୪ ତାରିଖରେ ଇଣ୍ଟରନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଆଇଟିଏ) ମଧ୍ୟ ବିନେଶ ଫୋଗାଟ୍‌ଙ୍କୁ ନୋଟିସ୍ ଜାରି କରିଥିଲା।

ବିନେଶ ଫୋଗାଟ୍ ମେ ୩ ତାରିଖରେ ଡବ୍ଲ୍ୟୁଏଫ୍ଆଇର ପୂର୍ବତନ ଅଧ୍ୟକ୍ଷ ବ୍ରିଜଭୂଷଣ ଶରଣ ସିଂଙ୍କ ଉପରେ ପୁଣିଥରେ ଗମ୍ଭୀର ଅଭିଯୋଗ ଆଣିଥିଲେ। ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରି ବିନେଶ କହିଥିଲେ ଯେ, "ୟୁପିର ଗୋଣ୍ଡାରେ ମେ ୧୦ ରୁ ୧୨ ତାରିଖ ମଧ୍ୟରେ ସିନିୟର ଓପନ ରାଙ୍କିଂ କୁସ୍ତି ଟୁର୍ଣ୍ଣାମେଣ୍ଟ ହେଉଛି। ତେବେ ବ୍ରିଜଭୂଷଣ ଶରଣଙ୍କ ବିରୋଧରେ ଅଭିଯୋଗ କରିଥିବା ସେହି ୬ ଜଣ ପୀଡ଼ିତାଙ୍କ ମଧ୍ୟରେ ମୁଁ ମଧ୍ୟ ସାମିଲ ଅଛି। କୋର୍ଟରେ ମୋର ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ମଧ୍ୟ ଜାରି ରହିଛି। ତାଙ୍କ ଘର (ଗୋଣ୍ଡା) କୁ ଯାଇ ପ୍ରତିଯୋଗିତାରେ ଭାଗ ନେବା ମୋ ପାଇଁ କଷ୍ଟକର ହେବ। ମୁଁ ମୋର ଶତ ପ୍ରତିଶତ ଦେଇପାରିବି ବୋଲି ମୋର ମନେ ହେଉନାହିଁ। ଜଣେ ଝିଅ ପାଇଁ ଏହା ବହୁତ କଷ୍ଟକର।" ଏପରିକି ବିନେଶ ଏହା ମଧ୍ୟ କହିଥିଲେ ଯେ, ସେ ଏବଂ ତାଙ୍କ ଟିମ୍ ପ୍ରତିଯୋଗିତା ଲଢ଼ିବାକୁ ପ୍ରସ୍ତୁତ, କିନ୍ତୁ ଯଦି କାହା ସହ କିଛି ଖରାପ ଘଟେ, ତେବେ ଏଥିପାଇଁ ଭାରତ ସରକାର ଦାୟୀ ରହିବେ।

ସୂଚନାଯୋଗ୍ୟ ଯେ, ପ୍ରାୟ ୩ ବର୍ଷ ପୂର୍ବେ ବିନେଶ ବ୍ରିଜଭୂଷଣଙ୍କ ବିରୋଧରେ ମହିଳା ଖେଳାଳିଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଦିଲ୍ଲୀର ଯନ୍ତର-ମନ୍ତରଠାରେ ମହିଳା କୁସ୍ତିଯୋଦ୍ଧାମାନେ ବ୍ରିଜଭୂଷଣଙ୍କ ବିରୋଧରେ ଧାରଣା ମଧ୍ୟ ଦେଇଥିଲେ। ବିନେଶ ହରିଆଣାର ଜୁଲାନାରୁ କଂଗ୍ରେସ ବିଧାୟିକା ଅଛନ୍ତି। ବ୍ରିଜଭୂଷଣ ବିଜେପିର ପୂର୍ବତନ ସାଂସଦ ଏବଂ ବର୍ତ୍ତମାନ ତାଙ୍କର ଜଣେ ପୁଅ ୟୁପିରୁ ସାଂସଦ ଓ ଜଣେ ପୁଅ ବିଧାୟକ ଅଛନ୍ତି।

### ୭୭ ରନ୍‌ରେ ହାରିଲା ରାଜସ୍ଥାନ ରୟାଲ୍ସ

# ଗୁଜରାଟର କ୍ରମାଗତ ୪ର୍ଥ ବିଜୟ



**ଜୟପୁର, ୯।୫/ଏଜେନ୍ସି:** ଗୁଜରାଟ ଟାଇଟନ୍ସ ଶନିବାର ଆଇପିଏଲ୍‌ରେ କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଛି। ଦଳ ରାଜସ୍ଥାନ ରୟାଲ୍ସକୁ ୭୭ ରନ୍ ବ୍ୟବଧାନରେ ପରାସ୍ତ କରିଛି। ଜୟପୁରର ସୱାଇ ମାନସିଂହ ଷ୍ଟାଡିୟମରେ ରାଜସ୍ଥାନ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଗୁଜରାଟକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିବା, ରାଜସ୍ଥାନ ପାଇଁ ବଡ଼ ଭୁଲ୍ ପ୍ରମାଣିତ ହୋଇଛି। ବ୍ୟାଟିଂ କରିବାକୁ ପଡ଼ିଆକୁ ଓହ୍ଲାଇଥିବା ଗୁଜରାଟର ବ୍ୟାଟ୍ସମ୍ୟାନ୍‌ମାନେ ଚମତ୍କାର ଖେଳ ଖେଳିଥିଲେ।

ଦଳ ପକ୍ଷରୁ ଅଧିନାୟକ ଶୁଭମନ ଗିଲ୍ ଏବଂ ସାଇ ସୁଦର୍ଶନ ଚମତ୍କାର ଅର୍ଦ୍ଧଶତକ ହାସଲ କରିଥିଲେ। ଉଭୟ ପ୍ରଥମ ୱିକେଟ୍ ପାଇଁ ୧୧୮ ରନ୍‌ର ଭାଗିଦାରୀ କରିଥିଲେ ଯାହାକି ଦଳକୁ ଏକ ଭଲ୍ ସ୍କୋର ଛିଡା କରାଇବାରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥିଲା। ସାଇ ସୁଦର୍ଶନ ପ୍ରଥମ ୱିକେଟ୍ ଭାବେ ଆଉଟ୍ ହେବା ବେଳକୁ ଗୁଜରାଟର ସ୍କୋର ବୋର୍ଡରେ ୧୧୮ ରନ୍ ହୋଇସାରିଥିଲା। ସାଇ ସୁଦର୍ଶନ ୩୬ ବଲ୍‌ରୁ ୫୫ ରନ୍‌ର ଇନିଂସ ଖେଳିଥିଲେ। ଜୋସ୍ ବଟଲର୍ ଯଦିଓ ଆଜି ମାତ୍ର ୧୩ ରନ୍ କରିପାରିଥିଲେ ୱାଶିଂଟନ୍ ସୁନ୍ଦର କିନ୍ତୁ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ଗିଲ୍‌ଙ୍କ ସହ ମିଶି ଦଳୀୟ ସ୍କୋରକୁ ୧୮୫ରେ ପହଞ୍ଚାଇବାରେ ସହଯୋଗ କରିଥିଲେ। ସୁନ୍ଦର ୨୦ ବଲ୍‌ରୁ ୩୭ ରନ୍‌ର ଅପରାଜିତ ପାଳି ଖେଳିଥିଲେ। ସେହିପରି ଗିଲ୍ ୪୪ ବଲ୍‌ରୁ ୮୪ ରନ୍‌ର ଜବରଦସ୍ତ ଇନିଂସ ଖେଳି ଆଉଟ୍ ହୋଇଥିଲେ। ଫଳରେ ଦଳ ୨୦ ଓଭର ଶେଷ ସୁଦ୍ଧା ୪ ୱିକେଟ୍ ହରାଇ ୨୨୯ ରନ୍ ସଂଗ୍ରହ କରିବାରେ ସଫଳ ହୋଇଥିଲା। ରାଜସ୍ଥାନ ପକ୍ଷରୁ ବ୍ରିଜେଶ ଶର୍ମା ସର୍ବାଧିକ ୨ଟି ୱିକେଟ୍ ନେଇଥିବା ବେଳେ ଯଶରାଜ ପୁଞ୍ଜା ଏବଂ ରବୀନ୍ଦ୍ର ଜାଡେଜା ୧-୧ ଲେଖାଏ ୱିକେଟ୍ ଅକ୍ତିଆର୍ କରିଥିଲେ।

ଅନ୍ୟପକ୍ଷେ ୨୩୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ରାଜସ୍ଥାନ ରୟାଲ୍ସ କିନ୍ତୁ ପ୍ରଥମରୁ ହିଁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅଧିନାୟକ ଯଶସ୍ୱୀ ଜୟସୱାଲ୍ ମାତ୍ର ୩ ରନ୍ କରି ପାଭିଲିୟନ୍ ଫେରିଥିଲେ। ସେହିପରି ବୈଭବ ସୂର୍ଯ୍ୟବଂଶୀ ୧୬ ବଲ୍‌ରୁ ଦ୍ରୁତ ୩୬ ରନ୍ ସଂଗ୍ରହ କରିଥିଲେ ମଧ୍ୟ ଏହାକୁ ଏକ ବଡ଼ ଇନିଂସରେ ପରିଣତ କରିପାରିନଥିଲେ। ଧ୍ରୁବ ଜୁରେଲ ମଧ୍ୟ ମାତ୍ର ୨୬ ରନ୍ କରି ପାଭିଲିୟନ୍ ଫେରିଥିଲେ। ରବୀନ୍ଦ୍ର ଜାଡେଜା (୩୮ରନ୍)ଙ୍କୁ ବାଦ୍ ଦେଲେ ସିମରନ୍ ହିଟମାୟାରଙ୍କ ସମେତ ଅନ୍ୟ ବାକି ଖେଳାଳି ସେପରି ଆଖି ଦୃଶିଆ ଖେଳ ଖେଳିପାରିନଥିଲେ ଏବଂ ଜଣକ ପରେ ଜଣେ ଆଉଟ୍ ହୋଇ ପାଭିଲିୟନ୍ ଫେରିଥିଲେ। ଫଳରେ ୨୩୦ ରନ୍‌ର ପିଛା କରୁଥିବା ରାଜସ୍ଥାନ ରୟାଲ୍ସ ମାତ୍ର ୧୬.୩ ଓଭରରେ ୧୫୨ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ରାଜସ୍ଥାନ ପକ୍ଷରୁ କୌଣସି ବି ବ୍ୟାଟର ଅର୍ଦ୍ଧଶତକ ମାରିନପାରିବା ଦଳର ପ୍ରଶଂସକଙ୍କୁ ନିରାଶ କରିଥିଲା। ଗୁଜରାଟ ପକ୍ଷରୁ ରାଶିଦ ଖାନ୍ ମାତ୍ର ୩୩ ରନ୍ ଦେଇ ୪ଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ୍ ଅକ୍ତିଆର କରିଥିଲେ। ସେହିପରି ଜେସନ ହୋଲଡର ୩ଟି, କାଗିସୋ ରବାଡା ୨ଟି ଏବଂ ମହମ୍ମଦ ସିରାଜ ଗୋଟିଏ ୱିକେଟ୍ ନେଇଥିଲେ। ଆଜିର ମ୍ୟାଚ୍‌ରେ ଚମତ୍କାର ବୋଲିଂ କରି ପ୍ରତିପକ୍ଷ ରାଜସ୍ଥାନକୁ ବିପର୍ଯ୍ୟୟ ଆଡକୁ ଠେଲିଦେଇଥିବା ରାଶିଦ୍ ଖାନ୍‌ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି।

**ଗିଲ୍-ସୁଦର୍ଶନଙ୍କ ଅର୍ଦ୍ଧଶତକ; ରାଶିଦ୍‌ଙ୍କୁ ୪ ୱିକେଟ୍**

## ଦେଶ ବିଦେଶ

### ଆତଙ୍କବାଦୀ ଆକ୍ରମଣ ଆଶଙ୍କା

# ହାଇ ଆଲର୍ଟରେ ଦିଲ୍ଲୀ

**ନୂଆଦିଲ୍ଲୀ, ୯।୫/ଏଜେନ୍ସି:** ଦେଶର ଏକାଧିକ ଗୁଇନ୍ଦା ଏଜେନ୍ସିଗୁଡ଼ିକ ଦିଲ୍ଲୀରେ ଆତଙ୍କବାଦୀ ଆକ୍ରମଣ ନେଇ ଆଲର୍ଟ ଜାରି କରିଛନ୍ତି। ନ୍ୟୁଜ୍ ଏଜେନ୍ସି ପିଟିଆଇ ପକ୍ଷରୁ ମିଳିଥିବା ସୂଚନାନୁସାରେ ବିଜେପି ମୁଖ୍ୟାଳୟ ଏବଂ ଏହାର ଆଖପାଖରେ ଥିବା ସରକାରୀ କୋଠାଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏଜେନ୍ସିଗୁଡ଼ିକ ସନ୍ଦେହ କରୁଛନ୍ତି ଯେ, ଦୀନ ଦୟାଲ ଉପାଧ୍ୟାୟ ମାର୍ଗରେ ଥିବା କାର୍ଯ୍ୟାଳୟଗୁଡ଼ିକୁ ଆତ୍ମଘାତୀ ଆକ୍ରମଣ, କାର୍ ବ୍ଲାଷ୍ଟ, ଗୁଳିକାଣ୍ଡ କିମ୍ବା ଆଇଇଡି ଜରିଆରେ ଟାର୍ଗେଟ୍ କରାଯାଇପାରେ। କୌଣସି ବି ବିପଦକୁ ଏଡ଼ାଇବା ପାଇଁ ସୁରକ୍ଷା ବାହିନୀ ପକ୍ଷରୁ ନଜର ରଖାଯିବା ସହ ସତର୍କତାମୂଳକ ପଦକ୍ଷେପ ବୃଦ୍ଧି କରାଯାଇଛି। ପୁଲିସ୍ ଏବଂ ସୁରକ୍ଷା ବାହିନୀ ପକ୍ଷରୁ ଅଧିକ ଯବାନଙ୍କୁ ନିୟୋଜିତ କରାଯିବା ସହ ଚେକିଂ ଏବଂ ସିସିଟିଭି ଚେକିଂ ପ୍ରକ୍ରିୟାକୁ ବଢ଼ାଇ ଦିଆଯାଇଛି। ସନ୍ଦିଗ୍ଧ ଗତିବିଧି ଉପରେ ନଜର ରଖିବା ପାଇଁ ବ୍ୟାରିକେଡିଂ ଏବଂ ଗାଡ଼ିଗୁଡ଼ିକର ହଠାତ୍ ଚେକିଂ କରାଯାଉଛି। ସମ୍ଭାବ୍ୟ ବିପଦକୁ ରୋକିବା ପାଇଁ ସୁରକ୍ଷା ଏଜେନ୍ସିଗୁଡ଼ିକ ପରସ୍ପର ସହ ସମନ୍ୱୟ ରକ୍ଷା କରି କାମ କରୁଛନ୍ତି। ବୋମା ନିଷ୍କ୍ରିୟକାରୀ ଦଳ, ସ୍ନିଫର୍ ଡଗ୍ ୟୁନିଟ୍ ଏବଂ କୁଇକ୍ ରିଆକ୍ସନ ଟିମ୍‌କୁ ହାଇ ଆଲର୍ଟରେ ରଖାଯାଇଛି। ଦିଲ୍ଲୀ ଅଗ୍ନିଶମ ବାହିନୀକୁ ମଧ୍ୟ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ସନ୍ଦିଗ୍ଧ ଗତିବିଧି, ପରିତ୍ୟକ୍ତ ବସ୍ତୁ ଏବଂ ଠିଆ ହୋଇଥିବା ଗାଡ଼ିଗୁଡ଼ିକ ଉପରେ କଡ଼ା ନଜର ରଖିବାକୁ ପୁଲିସ୍‌କୁ କୁହାଯାଇଛି।

# ୪୧ ଟନ୍ କୋକେନ୍ ଜବତ, ୭୭ ଗିରଫ



**ମାଦ୍ରିଦ୍,୯।୫/ଏଜେନ୍ସି:** ସ୍ପେନ୍ ପୁଲିସ୍ ଟିମ୍ ଏକ ବଡ଼ ଧରଣର ଡ୍ରଗ୍ସ ର୍‌ୟାକେଟ୍‌ର ପର୍ଦ୍ଦାଫାସ କରିବାରେ ସଫଳ ହୋଇଛି। ସମୁଦ୍ରରେ ନିଶା କାରବାର ବିରୋଧରେ ଦୁଇଟି ବଡ଼ କାର୍ଯ୍ୟାନୁଷ୍ଠାନ କ୍ରମେ ସ୍ପାନିସ ପୁଲିସ୍ ମୋଟ୍ ୪୧ ଟନ୍ କୋକେନ ଜବତ କରିଛି। ଏହା ସ୍ପେନ ଇତିହାସରେ ସବୁଠାରୁ ବଡ଼ ପରିମାଣର ଡ୍ରଗ୍ସ ଜବତ ବୋଲି କୁହାଯାଉଛି। ଗୃହମନ୍ତ୍ରୀ ଫର୍ଣ୍ଣାଣ୍ଡୋ ଗ୍ରାଣ୍ଡେ-ମାରଲାସ୍କା କହିଛନ୍ତି ଯେ ଆଟଲାଣ୍ଟିକ ମହାସାଗରରେ କରାଯାଇଥିବା ଏହି ଦୁଇଟି ପ୍ରମୁଖ ଅପରେଶନ ନିଶା କାରବାର କରୁଥିବା ଡ୍ରଗ୍ସ ପ୍ରାଡେଲର ତଥା କିଙ୍ଗପିନ୍‌ଙ୍କୁ ଶକ୍ତ ଆଘାତ। ସେ ଅନ୍ତର୍ଜାତୀୟ ସଂଗଠିତ ଅପରାଧ ବିରୁଦ୍ଧରେ ନିଆଯାଇଥିବା ଦୃଢ଼ ଏବଂ ନିର୍ଣ୍ଣାୟକ ରଣନୈତିକ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଛନ୍ତି। ମାର୍ଲାସ୍କା ପ୍ରକାଶ କରିଛନ୍ତି ଯେ ଏହି ଦୁଇଟି ଅପରେସନ ସମୟରେ ୭୭ ଜଣଙ୍କୁ ଗିରଫ କରାଯାଇଥିଲା ଏବଂ ୪୧ ଟନ କୋକେନ ବ୍ୟତୀତ ୮.୫ଟନ ହାସିସ ମଧ୍ୟ ଉଦ୍ଧାର କରାଯାଇଥିଲା। ଏହା ବ୍ୟତୀତ, ପ୍ରାୟ କୋଡ଼ିଏଟି ଜାହାଜ, ଯାନବାହନ ଏବଂ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା। ଏହି ଡ୍ରଗ୍ସର କଳାବଜାର ମୂଲ୍ୟ ୮୧୨ ନିୟୁତ ୟୁରୋ (ପ୍ରାୟ ୯୦ ବିଲିୟନ ଟଙ୍କା) ଅତିକ୍ରମ କରିବ ବୋଲି ଆକଳନ କରାଯାଉଛି। ବିଶ୍ୱର ପ୍ରାୟ ସମସ୍ତ କୋକେନ ଦକ୍ଷିଣ ଆମେରିକାରେ ଉତ୍ପାଦିତ ହୁଏ। ଗିରଫ ଅଭିଯୁକ୍ତମାନଙ୍କ ପାଖରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଜାତୀୟ ଅଦାଲତ ଦ୍ୱାରା ଅଟକ ରଖାଯାଇଛି। ଏମାନଙ୍କ ବିପକ୍ଷରେ କୋର୍ଟରେ ମାମଲା ପରିଚାଳନା କରାଯିବା ସହ ଉଚିତ୍ ଦଣ୍ଡ ବିଧାନ କରାଯିବ ବୋଲି ସେ କହିଛନ୍ତି।

# ତେଲେଙ୍ଗାନାରେ ୧୫୩୫ କୋଟି ମୂଲ୍ୟର ରେଳ ଭିତ୍ତିଭୂମିର ହେବ ଲୋକାର୍ପଣ

**ହାଇଦ୍ରାବାଦ୍, ୯।୫/ଏଜେନ୍ସି:** ତେଲେଙ୍ଗାନାରେ କ୍ଷମତାକୁ ସୁଦୃଢ଼ କରିବା ଏବଂ ପ୍ରମୁଖ ରେଳ ରୁଟ୍‌କୁ ଡିକଞ୍ଜେଷ୍ଟ କରିବା ପାଇଁ ୧୧୮ କିଲୋମିଟର କାଜିପେଟ୍-ବିଜୟୱାଡା ମଲ୍ଟି-ଟ୍ରାକିଂ ପ୍ରକଳ୍ପ ଏବଂ କାଜିପେଟ୍ ରେଳ ଅନ୍ତର୍ଗତ ରେଳ ବାଇପାସ୍ ଭଳି ପ୍ରକଳ୍ପଗୁଡିକର ଆଜି ଲୋକାର୍ପଣ ହେବ। ପ୍ରଧାନମନ୍ତ୍ରୀ ତେଲେଙ୍ଗାନା ଗସ୍ତ ପରିପ୍ରେକ୍ଷୀରେ ପ୍ରାୟ ୧୫୩୫ କୋଟି ଟଙ୍କାର ଏହି ପ୍ରମୁଖ ରେଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ଏଥିରେ ୧୧୮ କିଲୋମିଟର ବିଭକ୍ତ କାଜିପେଟ୍-ବିଜୟୱାଡା ମଲ୍ଟି-ଟ୍ରାକିଂ ପ୍ରକଳ୍ପର ବହୁବିଧ ଅଂଶ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପ ବ୍ୟସ୍ତବହୁଳ ଗ୍ରାଣ୍ଡ ଟ୍ରଙ୍କ୍ କରିଡରରେ ଲାଇନ କ୍ଷମତା ବୃଦ୍ଧି କରିବ, ଦ୍ରୁତ ରେଳ ପରିଚାଳନାକୁ ସକ୍ଷମ କରିବ, ଭିଡ଼ ହ୍ରାସ କରିବ, ସମୟାନୁବର୍ତ୍ତିତାରେ ଉନ୍ନତି ଆଣିବ ଏବଂ ସମଗ୍ର ଅଞ୍ଚଳରେ ମାଲ ପରିବହନକୁ ବୃଦ୍ଧି କରିବ।

# ଆଜି ଯୋଗୀଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

### ବାଦ୍ ପଡ଼ିବେ କିଛି ବରିଷ୍ଠ, ୬ ନୂଆ ମୁହଁକୁ ସୁଯୋଗ



**ଲକ୍ଷ୍ନୌ, ୯।୫/ଏଜେନ୍ସି:** ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିଜ ମନ୍ତ୍ରିମଣ୍ଡଳକୁ ସମ୍ପ୍ରସାରଣ କରିବେ। ଆସନ୍ତା କାଲି ଅର୍ଥାତ୍ ରବିବାର ଦ୍ୱିତୀୟ ଥର ପାଇଁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବା ନେଇ ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଶନିବାର ସନ୍ଧ୍ୟାରେ ରାଜଭବନରେ ରାଜ୍ୟପାଳ ଆନନ୍ଦୀବେନ ପଟେଲଙ୍କୁ ଭେଟିଛନ୍ତି। ତେବେ ଯୋଗୀ ନିଜ ମନ୍ତ୍ରିମଣ୍ଡଳରେ ଏଥର ୫ରୁ ୬ ଜଣ ନୂଆ ମୁହଁଙ୍କୁ ମନ୍ତ୍ରୀ ଭାବେ ସାମିଲ କରିବାକୁ ଥିବା ବେଳେ ଅନ୍ୟପଟେ କିଛି ମନ୍ତ୍ରୀଙ୍କୁ ବାଦ୍ ମଧ୍ୟ ଦିଆଯାଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଏହାରି ମଧ୍ୟରେ ଦଳଗତ ସୂତ୍ରରୁ ମିଳିଥିବା ସୂଚନାନୁସାରେ ସମାଜବାଦୀ ପାର୍ଟି (ଏସ୍‌ପି)ରୁ ବିଦ୍ରୋହ କରି ବିଜେପିରେ ସାମିଲ ହୋଇଥିବା ବିଧାୟକ ମନୋଜ ପାଣ୍ଡେ ଏବଂ ପୂଜା ପାଲ୍‌ଙ୍କ ମନ୍ତ୍ରୀ ହେବା ପ୍ରାୟ ନିଶ୍ଚିତ। ଏମାନଙ୍କ ବ୍ୟତୀତ ନାପିତ (ନାଈ) ସମାଜରୁ ଏମ୍‌ଏଲ୍‌ସି ରାମଚନ୍ଦ୍ର ପ୍ରଧାନ ଏବଂ ବିଶ୍ୱକର୍ମା ସମାଜରୁ ବାରାଣସୀର ବିଜେପି ଏମ୍‌ଏଲ୍‌ସି ହଂସରାଜ ବିଶ୍ୱକର୍ମାଙ୍କୁ ମନ୍ତ୍ରୀ କରାଯାଇପାରେ। ଜାଟ୍ ସମାଜରୁ ପୂର୍ବତନ ପ୍ରଦେଶ ଅଧ୍ୟକ୍ଷ ଭୂପେନ୍ଦ୍ର ସିଂ ଚୌଧୁରୀଙ୍କୁ ମଧ୍ୟ ସ୍ଥାନ ମିଳିପାରେ। ସେହିପରି ବ୍ରାହ୍ମଣ ସମାଜରୁ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଶର୍ମା ଏବଂ ବିଜେପି ପ୍ରଦେଶ ସାଧାରଣ ସମ୍ପାଦକ ଗୋବିନ୍ଦ ନାରାୟଣ ଶୁକ୍ଳା ମଧ୍ୟ ମନ୍ତ୍ରୀ ପଦ ଦୌଡ଼ରେ ଅଛନ୍ତି। ଏମାନଙ୍କ ସହ କ୍ରିଷ୍ଣା ପାସୱାନଙ୍କୁ ମଧ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିପାରେ।

ପ୍ରକାଶ, ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ମିଶାଇ ମୋଟ ୫୪ ଜଣ ମନ୍ତ୍ରୀ ଅଛନ୍ତି। କିନ୍ତୁ ଆସନ ସଂଖ୍ୟା ଅନୁସାରେ ଆହୁରି ୬ ଜଣ ମନ୍ତ୍ରୀ ହୋଇପାରିବେ।

ଅନ୍ୟପକ୍ଷେ ଯୋଗୀ ସରକାରରେ କ୍ୟାବିନେଟ ମନ୍ତ୍ରୀ ବେବିରାଣୀ ମୌର୍ଯ୍ୟଙ୍କ ସମେତ ମୋଟ ୮ ଜଣ ମନ୍ତ୍ରୀ ଦଳିତ ବର୍ଗରୁ ଅଛନ୍ତି। ୟୁପି ବିଧାନସଭାରେ ମୋଟ ୮୬ଟି ଆସନ ସଂରକ୍ଷିତ ଅଛି, ଯେଉଁଥିରୁ ଏସ୍‌ସି ପାଇଁ ୮୪ ଏବଂ ଏସ୍‌ଟି ପାଇଁ ୨ଟି ଆସନ ରହିଛି। ଏଥିମଧ୍ୟରୁ ୬୭ ଜଣ ଦଳିତ ବିଧାୟକ ବିଜେପିର ଅଟନ୍ତି। ଦଳିତଙ୍କ ଅସନ୍ତୋଷ ଦୂର କରିବା ପାଇଁ ବିଜେପି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା ସହ 'ଡଃ ବି.ଆର. ଆମ୍ବେଦକର ମୂର୍ତ୍ତି ବିକାଶ ଯୋଜନା' ମଧ୍ୟ ଲାଗୁ କରିଛି। ବିଶେଷଜ୍ଞଙ୍କ ମତରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ଦଳିତ ବର୍ଗରୁ ଜଣେ କିମ୍ବା ଦୁଇଜଣଙ୍କୁ ମନ୍ତ୍ରୀ କରାଯାଇପାରେ। ସେହିପରି ୟୁପି ବିଧାନସଭାରେ ୫୧ ଜଣ ମହିଳା ବିଧାୟକ ଅଛନ୍ତି, ଯେଉଁଥିରେ ବିଜେପିର ୩୦, ଅପନା ଦଳ (ଏସ୍) ର ୪ ଏବଂ ଆରଏଲଡିର ଜଣେ ବିଧାୟକ ଅଛନ୍ତି। ବର୍ତ୍ତମାନ ଯୋଗୀ ସରକାରରେ ୫ ଜଣ ମହିଳା ମନ୍ତ୍ରୀ ଅଛନ୍ତି। ମହିଳା ସଂରକ୍ଷଣ ବିଲ୍ ସଂସଦରେ ପାସ୍ ହୋଇପାରିନଥିବା ବିଷୟକୁ ବିଜେପି ବିପକ୍ଷ ବିରୋଧରେ ଏକ ମୁଦ୍ଦା କରୁଛି। ଏଭଳି ସ୍ଥିତିରେ ମନ୍ତ୍ରିମଣ୍ଡଳରେ ମହିଳାଙ୍କ ସଂଖ୍ୟା ବଢ଼ାଇ ବିଜେପି ଏକ ବଡ଼ ସନ୍ଦେଶ ଦେବାକୁ ଚେଷ୍ଟା କରିପାରେ। ବ୍ରାହ୍ମଣଙ୍କ ଅସନ୍ତୋଷ ମଧ୍ୟ ଯୋଗୀ ସରକାର ପାଇଁ ସବୁଠାରୁ ବଡ଼ ଚିନ୍ତା ହୋଇ ରହିଛି। ସୁତରାଂ ନୂଆ ମନ୍ତ୍ରିମଣ୍ଡଳରେ ବ୍ରାହ୍ମଣ ବର୍ଗରୁ ୨ ମନ୍ତ୍ରୀ ଦେଖିବାକୁ ମିଳିପାରେ। ବର୍ତ୍ତମାନ ଡେପୁଟି ସିଏମ ବ୍ରଜେଶ ପାଠକଙ୍କ ସମେତ ୭ ଜଣ ବ୍ରାହ୍ମଣ ମନ୍ତ୍ରୀ ଅଛନ୍ତି। ଜିତିନ ପ୍ରସାଦ କେନ୍ଦ୍ର ମନ୍ତ୍ରୀ ହେବା ପରେ ଗୋଟିଏ ସ୍ଥାନ ଖାଲି ଅଛି।

# ରୁଷ୍ ଏବଂ ୟୁକ୍ରେନ୍ ମଧ୍ୟରେ ୩ଦିନିଆ ଅସ୍ତ୍ରବିରତି



**ୱାଶିଂଟନ, ୯।୫/ଏଜେନ୍ସି:** ରୁଷ୍-ୟୁକ୍ରେନ ଯୁଦ୍ଧରେ ୩ ଦିନିଆ ଅସ୍ତ୍ରବିରତି ଘୋଷଣା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ସେ ଏହାକୁ ଶାନ୍ତି ସ୍ଥାପନ ଦିଗରେ ବଡ଼ ପଦକ୍ଷେପ ଭାବେ ଅଭିହିତ କରିଛନ୍ତି। ଟ୍ରମ୍ପ ନିଜ ନିର୍ବାଚନ ପ୍ରଚାର ସମୟରୁ ହିଁ କହି ଆସୁଥିଲେ ଯେ ସେ କ୍ଷମତାକୁ ଆସିଲେ ରୁଷ୍-ୟୁକ୍ରେନ ଯୁଦ୍ଧକୁ ଅତି ଶୀଘ୍ର ବନ୍ଦ କରିବେ। ଏହି ଅସ୍ତ୍ରବିରତି ସେହି ଦିଗରେ ପ୍ରଥମ ବଡ଼ ପଦକ୍ଷେପ ବୋଲି କୁହାଯାଉଛି। ତେବେ ତାଙ୍କର ଏହି ନିଷ୍ପତ୍ତି ବିଶ୍ୱ ରାଜନୀତିରେ ଏକ ବଡ଼ ଆଲୋଡ଼ନ ସୃଷ୍ଟି କରିଛି। ହସ୍ତଗତ ହୋଇଥିବା ରିପୋର୍ଟ ଅନୁସାରେ ଏହି ୩ ଦିନିଆ ବିରତି ସମୟରେ ଉଭୟ ଦେଶର ପ୍ରତିନିଧିମାନେ ମଧ୍ୟସ୍ଥିଙ୍କ ଜରିଆରେ ଆଲୋଚନା କରି ଏକ ସ୍ଥାୟୀ ସମାଧାନ ବାହାର କରିବାକୁ ଚେଷ୍ଟା କରିବେ। ଯୁଦ୍ଧ ପ୍ରଭାବିତ ଅଞ୍ଚଳରେ ଫସି ରହିଥିବା ସାଧାରଣ ନାଗରିକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ଏବଂ ସେମାନଙ୍କ ପାଖରେ ଖାଦ୍ୟ ଓ ମେଡିକାଲ୍ ସହାୟତା ପହଞ୍ଚାଇବା ପାଇଁ ଏହି ସମୟକୁ ବ୍ୟବହାର କରାଯାଇପାରେ।

ଏହି ଅସ୍ତ୍ରବିରତି ମେ' ୯ରୁ ୧୧ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ଏହା ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଉଭୟ ପକ୍ଷ ଯୁଦ୍ଧ ବନ୍ଦ କରିବା ଏବଂ ଏକ ବଡ଼ ଧରଣର କଏଦୀ ଅଦଳବଦଳ ପାଇଁ ରାଜି ହୋଇଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍'ରେ ପ୍ରକାଶିତ ଏକ ବିବୃତ୍ତିରେ ଟ୍ରମ୍ପ କହିଛନ୍ତି ଯେ, ଏହି ଅସ୍ତ୍ରବିରତିରେ ଏକ ପ୍ରମୁଖ କଏଦୀ ଅଦଳବଦଳ ଅନ୍ତର୍ଭୁକ୍ତ ହେବ, ଯେଉଁଥିରେ ଉଭୟ ପକ୍ଷର ୧,୦୦୦୦ କଏଦୀଙ୍କ ଅଦଳବଦଳ ଅନ୍ତର୍ଭୁକ୍ତ। ଟ୍ରମ୍ପ ପୋଷ୍ଟରେ କହିଛନ୍ତି ଯେ ସେ ସିଧାସଳଖ ଅସ୍ତ୍ରବିରତି ପାଇଁ ଅନୁରୋଧ କରିଛନ୍ତି ଏବଂ ଏଥିରେ ରାଜି ହେବା ପାଇଁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସକିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ତେବେ ଏହି ଅସ୍ତ୍ରବିରତି ଯୋଗୁଁ ୟୁରୋପରେ ଥିବା ଉତ୍ତେଜନା କିଛି ମାତ୍ରାରେ ହ୍ରାସ ପାଇବାର ସମ୍ଭାବନା ସୃଷ୍ଟି ହୋଇଛି। ଯୁଦ୍ଧ ବନ୍ଦ ହେଲେ ଅଶୋଧିତ ତୈଳ (ଉତ୍କଳଙ୍କୟର ଢସକ୍ଷ) ଏବଂ ଗହମ ଭଳି ସାମଗ୍ରୀର ଦରବୃଦ୍ଧି ଉପରେ ରୋକ୍ ଲାଗିପାରେ, ଯାହା ବିଶ୍ୱ ବଜାର ପାଇଁ ଭଲ ସଙ୍କେତ। ଟ୍ରମ୍ପ କହିଛନ୍ତି ଯେ, 'ଏହି ଅସ୍ତ୍ରବିରତି କେବଳ ଆରମ୍ଭ ମାତ୍ର, ଲକ୍ଷ୍ୟ ହେଉଛି ଏକ ସ୍ଥାୟୀ ଶାନ୍ତି ଚୁକ୍ତି।

### ଇଡିର ବଡ଼ କାର୍ଯ୍ୟାନୁଷ୍ଠାନ

# ମନି ଲଣ୍ଡରିଂ ମାମଲାରେ ଆପ୍ ମନ୍ତ୍ରୀ ଗିରଫ



**ଚଣ୍ଡିଗଡ଼, ୯।୫/ଏଜେନ୍ସି:** କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ପଞ୍ଜାବର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସରକାରଙ୍କ ମନ୍ତ୍ରୀ ସଞ୍ଜୀବ ଆରୋରାଙ୍କୁ ମନି ଲଣ୍ଡରିଂ ମାମଲାରେ ଗିରଫ କରିଛି। ଶନିବାର ସକାଳେ ଚଢ଼ାଉ ସମୟରେ ସେ ଚଣ୍ଡିଗଡ଼ର ସେକ୍ଟର-୨ ସ୍ଥିତ ନିଜ ସରକାରୀ ବାସଭବନରେ ଥିଲେ। ଇଡି ଅଧିକାରୀ ତାଙ୍କୁ ଦୀର୍ଘ ୧୦ ଘଣ୍ଟା ଧରି ପଚରାଉଚରା କରିବା ପରେ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଚଣ୍ଡିଗଡ଼ ଏବଂ ହରିଆଣା ନମ୍ବର ବିଶିଷ୍ଟ ଗାଡ଼ିରେ ତାଙ୍କୁ ଦିଲ୍ଲୀ ନେଇଯାଇଛନ୍ତି। ଦିଲ୍ଲୀରେ ହିଁ ପଚରାଉଚରା କରାଯିବ ଏବଂ ଆଜି ରାତି ସେ ଇଡି ଲକଅପ୍‌ରେ କାଟିବେ ବୋଲି ସୂଚନା ମିଳିଛି। ତେବେ ତାଙ୍କର ଅନେକ ସମ୍ପତ୍ତିକୁ ଏପରିକି ଏକ ୧.୫ କୋଟି ଟଙ୍କା ମୂଲ୍ୟର କାର୍‌କୁ ମଧ୍ୟ ଇଡି ଆଟାଚ୍ କରିଛି। ଇଡି ଶନିବାର ସକାଳୁ ମନ୍ତ୍ରୀ ଆରୋରାଙ୍କ ଚଣ୍ଡିଗଡ଼ ବାସଭବନ ସମେତ ଦିଲ୍ଲୀ ଏବଂ ଗୁରୁଗ୍ରାମର ପ୍ରାୟ ୫ଟି ସ୍ଥାନରେ ଚଢ଼ାଉ କରିଥିଲା। ଇଡିର ସୂଚନା ଅନୁଯାୟୀ, ଆରୋରା ନିଜ ଫାର୍ମ ଜରିଆରେ ମୋବାଇଲ୍ କିଣାବିକା ନାମରେ ପ୍ରାୟ ୧୫୭.୧୨ କୋଟି ଟଙ୍କାର ଜାଲ୍ ବିକ୍ରି ଏବଂ ଶେଲ୍ କମ୍ପାନୀ ମାଧ୍ୟମରେ ବଡ଼ ଧରଣର ମନି ଲଣ୍ଡରିଂ କରିଛନ୍ତି। ଦୁବାଇରୁ ଭାରତକୁ ବେଆଇନ ଟଙ୍କା ଆଣିବା ପାଇଁ ଏହି ସାମଗ୍ରୀ ରପ୍ତାନିର ସାହାଯ୍ୟ ନିଆଯାଇଥିଲା। ଜାଲ୍ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ଏବଂ ଜିଏସ୍‌ଟି ରିଫଣ୍ଡ ପାଇବା ପାଇଁ ଦିଲ୍ଲୀର ଅସ୍ତିତ୍ୱ ନଥିବା କିଛି ଫାର୍ମରୁ ଜାଲ୍ ବିଲ୍ ପ୍ରସ୍ତୁତ କରାଯାଇଥିଲା, ଯାହାଦ୍ୱାରା ସରକାରୀ କୋଷାଗାରର କ୍ଷତି ହେବା ସହ ବ୍ୟକ୍ତିଗତ ଲାଭ କରାଯାଇଥିଲା। ସଞ୍ଜୀବ ଆରୋରା ଲୁଧିଆନାର ଶିଳ୍ପ କେନ୍ଦ୍ରର ଜଣେ ଶିଳ୍ପପତି ଯିଏ ଆମ୍ ଆଦମୀ ପାର୍ଟିର ପ୍ରମୁଖ ନେତାମାନଙ୍କ ମଧ୍ୟରୁ ଜଣେ ହୋଇପାରିଥିଲେ। ପଞ୍ଜାବ ରାଜନୀତିର ଦୃଶ୍ୟପଟରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। କର୍ପୋରେଟ ଜଗତରେ ସଫଳତା ହାସଲ କରିବା ପରେ, ସେ ରାଜନୀତିରେ ପ୍ରବେଶ କରିବା ପୂର୍ବରୁ ସମାଜ ସେବା ମାଧ୍ୟମରେ ଜନସାଧାରଣଙ୍କ ସହିତ ତାଙ୍କର ସମ୍ପର୍କକୁ ଆହୁରି ଗଭୀର କରିଥିଲେ। ସଞ୍ଜୀବ ଆରୋରାଙ୍କର ରପ୍ତାନି, ରିଅଲ ଇଷ୍ଟେଟ ଏବଂ ଫ୍ୟାଶନ କ୍ଷେତ୍ର ସହିତ ଦୀର୍ଘକାଳୀନ ସମ୍ପର୍କ ରହିଛି। ତାଙ୍କ ପରିବାରର ବ୍ୟବସାୟିକ ମୂଳ ବୟନ ଶିଳ୍ପରେ ରହିଛି, ଯାହା ସେ ବିଭିନ୍ନ କମ୍ପାନୀ ପୋର୍ଟଫୋଲିଓକୁ ଅନ୍ତର୍ଭୁକ୍ତ କରିବା ପାଇଁ ଉଲ୍ଲେଖନୀୟ ଭାବରେ ବିସ୍ତାର କରିଥିଲେ।

# ଆସନ୍ତା ସପ୍ତାହରେ ପୁଣି ଆମେରିକା-ଇରାନ୍ ଆଲୋଚନା !

### ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବା ଦାବିକୁ ପ୍ରତ୍ୟାଖ୍ୟାନ କଲା ତେହରାନ୍



**ତେହରାନ,ୱାଶିଂଟନ୍, ୯।୫/ଏଜେନ୍ସି:** ମଧ୍ୟପ୍ରାଚ୍ୟ ଯୁଦ୍ଧ ଆଶଙ୍କା ତଥା ଅସ୍ଥିରତାପୂର୍ଣ୍ଣ ବାତାବରଣ ମଧ୍ୟରେ ଏବେ ଆଉ ଥରେ ଏକ ସକାରାତ୍ମକ ସୂଚନା ସାମ୍ନାକୁ ଆସିଛି। ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ହ୍ରାସ କରିବା ପାଇଁ ଆସନ୍ତା ସପ୍ତାହରେ ପାକିସ୍ତାନର ରାଜଧାନୀ ଇସଲାମାବାଦ୍‌ରେ ପୁଣି ଥରେ ଆଲୋଚନା ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। 'ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ' ରିପୋର୍ଟ ଅନୁଯାୟୀ, ଉଭୟ ଦେଶ ମଧ୍ୟସ୍ଥିଙ୍କ ଜରିଆରେ ଏକ ଚୁକ୍ତିନାମା ଡ୍ରାଫ୍ଟ (ଖସଡ଼ା) ଉପରେ କାମ କରୁଛନ୍ତି, ଯାହାଦ୍ୱାରା ଏକ ମାସ ଧରି ଚାଲିବାକୁ ଥିବା ଆନୁଷ୍ଠାନିକ ବାର୍ତ୍ତା ପାଇଁ ପଥ ପରିଷ୍କାର ହୋଇପାରେ।

ରିପୋର୍ଟରେ କୁହାଯାଇଛି ଯେ, ଆମେରିକା ପକ୍ଷରୁ ପ୍ରସ୍ତାବିତ ୧୪-ପଏଣ୍ଟ ବିଶିଷ୍ଟ ଡ୍ରାଫ୍ଟରେ ଇରାନର ପରମାଣୁ କାର୍ଯ୍ୟକ୍ରମ, ହର୍ମୁଜ ପ୍ରଣାଳୀରେ ଉତ୍ତେଜନା ହ୍ରାସ କରିବା ଏବଂ ଇରାନ୍‌ର ସମୃଦ୍ଧ ୟୁରାନିୟମ୍ ଭଣ୍ଡାରକୁ ଅନ୍ୟ କୌଣସି ଦେଶକୁ ପଠାଇବା ଭଳି ପ୍ରସଙ୍ଗ ସାମିଲ ରହିଛି। ଅନ୍ୟପକ୍ଷେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି ଯେ, ତାଙ୍କୁ ଇରାନ ଠାରୁ ଏକ ଭଲ ଉତ୍ତର ମିଳିବାକୁ ଅପେକ୍ଷା ରହିଥିବା ବେଳେ ଖୁବ ଶୀଘ୍ର ଜବାବ ମିଳିବ ବୋଲି ଆଶା ଅଛି। ଯଦି ଆଲୋଚନା ଆଗକୁ ବଢ଼େ, ତେବେ ସିଜ୍‌ଫାୟାର୍ (ଅସ୍ତ୍ରବିରତି) ଅବଧିକୁ ଆହୁରି ବଢ଼ାଯାଇପାରିବ। ଟ୍ରମ୍ପ୍‌ଙ୍କ ଏପ୍ରକାର ସକାରାତ୍ମକ ଟିପ୍ପଣୀ ମଧ୍ୟରେ ଅଲ୍ ଜଜିରା' କିନ୍ତୁ ରିପୋର୍ଟ କରିଛି ଯେ, ଏହାରି ମଧ୍ୟରେ ଇରାନ୍ ସ୍ପଷ୍ଟ କରିସାରିଛି ଯେ ଏହା କୌଣସି ପରିସ୍ଥିତିରେ ମଧ୍ୟ ନିଜ ଆଣବିକ କାର୍ଯ୍ୟକ୍ରମ କିମ୍ବା ଉଚ୍ଚ ସମୃଦ୍ଧ ୟୁରାନିୟମ୍ ଉପରେ କୌଣସି ପ୍ରକାରର ବୁଝାମଣା କରିବ ନାହିଁ। ଏହାର ଅର୍ଥ ଆଗାମୀ ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ ପୂର୍ବ ୨ ଥର ଭଳି ବିଫଳ ହୋଇପାରେ।

ପାକିସ୍ତାନର ମଧ୍ୟସ୍ଥତାରେ ଇରାନ ଏବଂ ଆମେରିକା ମଧ୍ୟରେ ଏପ୍ରିଲ ୧୧-୧୨ ତାରିଖରେ ଇସଲାମାବାଦରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ହୋଇଥିଲା। ୨୧ ଘଣ୍ଟା ଧରି ଏହି ବାର୍ତ୍ତା ଚାଲିଥିଲେ ମଧ୍ୟ ଏହା ବିଫଳ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଏପ୍ରିଲ ୨୪ରେ ଇସଲାମାବାଦ୍‌ରେ ପହଞ୍ଚିଥିଲେ। କିନ୍ତୁ ରାଷ୍ଟ୍ରପତି ଟ୍ରମ୍ପ ନିଜର ଦୂତ ଷ୍ଟିଭ୍ ୱିଟକଫ୍ ଏବଂ ଜ୍ୱାଇଁ ଜେରେଡ୍ କୁଶନରଙ୍କ ପାକିସ୍ତାନ ଗସ୍ତକୁ ବାତିଲ କରିଦେଇଥିଲେ।

ଏସବୁ ମଧ୍ୟରେ ଇରାନ ଆମେରିକାକୁ ଚେତାବନୀ ଦେଇଛି ଯେ ଯଦି ଏହା ହର୍ମୁଜ ପ୍ରଣାଳୀରେ ପୁଣିଥରେ ହସ୍ତକ୍ଷେପ କରେ, ତେବେ ଏହି ଅଞ୍ଚଳରେ ପୁନର୍ବାର ଯୁଦ୍ଧ ଆରମ୍ଭ ହୋଇପାରେ। ଅନ୍ୟପକ୍ଷେ ୟୁଏସ୍ ସେଣ୍ଟ୍ରାଲ କମାଣ୍ଡ କହିଛି ଯେ, ସେମାନେ ୭୦ରୁ ଅଧିକ ଜାହାଜକୁ ଇରାନର ବନ୍ଦରକୁ ଯିବା କିମ୍ବା ସେଠାରୁ ବାହାରିବାରେ ରୋକିଛନ୍ତି। ଆମେରିକା ଅନୁଯାୟୀ, ଏହି ଜାହାଜଗୁଡ଼ିକରେ ୧୩ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ତେଲ ପରିବହନ କରିବାର କ୍ଷମତା ଥିଲା। ରିପୋର୍ଟ ଅନୁଯାୟୀ, ଉଭୟ ଦେଶ ୩୦ ଦିନ ପର୍ଯ୍ୟନ୍ତ ସଂଘର୍ଷ ବନ୍ଦ ରଖିବା ଏବଂ ବାଣିଜ୍ୟିକ ଜାହାଜ ପାଇଁ ହର୍ମୁଜ ପ୍ରଣାଳୀକୁ ଖୋଲିବା ପ୍ରସ୍ତାବ ଉପରେ ଆଲୋଚନା କରୁଛନ୍ତି। କିନ୍ତୁ ଆମେରିକାର ଦାବି ଅର୍ଥାତ୍ ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ଏବଂ ସମୃଦ୍ଧ ୟୁରାନିୟମ୍ ଏବେ ମଧ୍ୟ ସବୁଠାରୁ ବଡ଼ ବିବାଦ ହୋଇରହିଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra